- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-171 ◆BHUBANESWAR ◆TUESDAY ◆17 DECEMBER 2024 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୭୧ ◆ଭୁବନେଶ୍ୱର ◆ମଙ୍ଗଳବାର ◆୧୭ ଡିସେମ୍ବର ୨୦୨୪ ◆ପୃଷ୍ଠା-୧୪ ◆ଟ.୬.୦୦




୨୦୨୬ରେ
'ମର୍ଦ୍ଦାନୀ-୩'
▶ପୃଷ୍ଠା ୧୩ ଦେଖନ୍ତୁ...

# ୨୦୨୬ ଅକ୍ଟୋବର ସୁଦ୍ଧା ସରିବ ପୋଲାଭରମ ପ୍ରକଳ୍ପ

**ଓଡ଼ିଆ 'ଅସ୍ମିତା' ଭୂଲୁଣ୍ଠିତ; କେନ୍ଦ୍ରର ଭୂମିକା ସନ୍ଦେହଜନକ**

- ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଆତଙ୍କିତ ଅବସ୍ଥାରେ ମାଲକାନଗିରିବାସୀ
- ପ୍ରତିଷ୍ଠା ଦିବସ ପରେ ଲଢ଼େଇ ଶାଣିତ କରିବାକୁ ବିଜେଡିର ପ୍ରସ୍ତୁତି



■ **ଭୁବନେଶ୍ୱର, ୧୬।୧୨ (ସମିସ):** ପୋଲାଭରମ ପ୍ରକଳ୍ପ ନେଇ ସମଗ୍ର ରାଜ୍ୟରେ ବିରୋଧର ସ୍ୱର ଶାଣିତ ହେଉଥିବା ବେଳେ ଆଜି ଓଡ଼ିଶାର କଟା ଘା'ରେ ପୁଣି ଚୂନ ମାରିଛନ୍ତି ଆନ୍ଧ୍ର ସରକାର। ଓଡ଼ିଶାର ସବୁ ଉଦ୍‌ବେଗକୁ ବେଖାତିର୍ କରି ୨୦୨୬ ଅକ୍ଟୋବର ୨୬ ତାରିଖ ସୁଦ୍ଧା ପୋଲାଭରମ୍ ପ୍ରକଳ୍ପ ଶେଷ କରିବାକୁ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ସରକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ପ୍ରକଳ୍ପର ଡାୟାଫ୍ରାମ ୱାଲ ନିର୍ମାଣ କାର୍ଯ୍ୟ ୨୦୨୫ ଡିସେମ୍ବର ସୁଦ୍ଧା ଶେଷ କରାଯିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ଏହି ନିର୍ଦ୍ଦେଶ ଓ ନିଷ୍ପତ୍ତି ସମ୍ପର୍କରେ ତୁଣ୍ଡ ଖୋଲୁ ନାହାନ୍ତି ରାଜ୍ୟର ଡ଼ବଲ ଇଞ୍ଜିନ ସରକାର। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏର ସହଯୋଗୀ ହେଉଛି ଚନ୍ଦ୍ରବାବୁଙ୍କ ତେଲୁଗୁ ଦେଶମ ପାର୍ଟି। ଏହାବ୍ୟତୀତ କେନ୍ଦ୍ରରେ ବିଜେପି ଓ ରାଜ୍ୟରେ ବିଜେପି ସରକାର ଗଢ଼ିଛି। ପୋଲାଭରମ ପ୍ରସଙ୍ଗ ଓଡ଼ିଶାର ଅସ୍ମିତା ଉପରେ ପ୍ରଚଣ୍ଡ ପ୍ରହାର ବୋଲି ▶ପୃଷ୍ଠା-୭

# ପ୍ରବଳ ଜାଡ଼; ଆଜିଠୁ ୪ ଦିନ ଆଶ୍ୱସ୍ତି

**୧୧ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ**

**୧୭ରୁ ଶୀତ କମିବ, ୨୧ରୁ ପୁଣି ବଢ଼ିବ**

■ **ଭୁବନେଶ୍ୱର,୧୬।୧୨(ସମିସ):** ପ୍ରବଳ ଜାଡ଼ରେ ସମଗ୍ର ଓଡ଼ିଶା ଥରୁଥିବା ବେଳେ ୧୭ ତାରିଖ ପରଠାରୁ ରାଜ୍ୟବାସୀ ଏଥିରୁ ସାମାନ୍ୟ ଆଶ୍ୱସ୍ତି ପାଇବେ। ୧୭ ତାରିଖ ପରଠାରୁ ରାଜ୍ୟରେ ରାତି ତାପମାତ୍ରା ୩ରୁ ୫ ଡିଗ୍ରୀ ଯାଏଁ ବୃଦ୍ଧି ପାଇବ। ଯାହାଫଳରେ ରାଜ୍ୟବ୍ୟାପୀ ଶୀତ କମିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ରାଜ୍ୟରେ ଶୀତର ପ୍ରକୋପ ବୃଦ୍ଧି ପାଇଥିବା ବେଳେ ଲୋକେ ଜାଡ଼ରେ ଥରୁଛନ୍ତି। ରବିବାର ରାଜ୍ୟର ୧୧ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ▶ପୃଷ୍ଠା-୭

## ଶିମିଳିପାଳରେ ୧ ଡିଗ୍ରୀ



■ **ବାରିପଦା, ୧୬।୧୨(ସମିସ):** ରବିବାର ରାତିରେ ଶିମିଳିପାଳ ଅଭୟାରଣ୍ୟରେ ଚଳିତବର୍ଷର ସର୍ବନିମ୍ନ ତାପମାତ୍ରା ୧ ଡିଗ୍ରୀ ରେକର୍ଡ କରାଯାଇଛି। ଅଭୟାରଣ୍ୟର ଉପର-ବାରାହାକାମୁଡ଼ାରେ ପାରଦ ୧ ଡିଗ୍ରୀ ଛୁଇଁଥିବା ବେଳେ ଚହଲାରେ ୩ ଡିଗ୍ରୀ, ନଓଣାରେ ୪ ଡିଗ୍ରୀ, ▶ପୃଷ୍ଠା-୭

# ଡିସେମ୍ବରରେ ମିଳିବନାହିଁ ସୁଭଦ୍ରା ରାଶି

**ସହାୟତା ପାଇବା ନିମନ୍ତେ ବାୟୋମେଟ୍ରିକ୍ ବାଧ୍ୟତାମୂଳକ**

**ଇ-କେୱାଇସି ଓ ଯାଞ୍ଚ ସରିବା ପରେ ୪ର୍ଥ ପର୍ଯ୍ୟାୟ ସହାୟତା**

**୫୨ ଜନସେବା କେନ୍ଦ୍ର ବାଦ୍, ୧୪ ବିରୋଧରେ ଏତଲା**

ସୁଭଦ୍ରା

■ **ଭୁବନେଶ୍ୱର, ୧୬।୧୨ (ସମିସ):** ସୁଭଦ୍ରା ସହାୟତା ନିମନ୍ତେ ଆବେଦନ କରିଥିବା ମହିଳାଙ୍କୁ ତିନିଟି ପର୍ଯ୍ୟାୟରେ ଅର୍ଥରାଶି ପ୍ରଦାନ କରାଯାଇଛି। ମାତ୍ର ବଞ୍ଚିତ ହୋଇଥିବା ମହିଳାଙ୍କୁ ଡ଼ିସେମ୍ବରରେ ସହାୟତା ପ୍ରଦାନ ଘୋଷଣାରୁ ଓହରିଛନ୍ତି ସରକାର। ଇ-କେୱାଇସି ନ ସରିବା ପର୍ଯ୍ୟନ୍ତ ୪ର୍ଥ ପର୍ଯ୍ୟାୟ ସହାୟତା ରାଶି ବଣ୍ଟନ ହେବ ନାହିଁ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ସୁଭଦ୍ରା ସହାୟତା ପାଇଁ ବାୟୋମେଟ୍ରିକ୍ ସହ ଇ-ଇକେୱାଇସିକୁ ବାଧ୍ୟତାମୂଳକ କରାଯାଇଥିବା ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ସେ କହିଛନ୍ତି ଯେ ପ୍ରଥମ କିସ୍ତିର ଚତୁର୍ଥ ପର୍ଯ୍ୟାୟ ପାଇଁ ଆବେଦନ କରିଥିବା ୫.୧୧ଲକ୍ଷ ହିତାଧିକାରୀ ଇ-କେୱାସି କରି ନ ଥିଲେ କିମ୍ବା ▶ପୃଷ୍ଠା-୭

## ଉସ୍ତାଦ୍ ଅସ୍ତମିତ



**୭୩ ବର୍ଷରେ ଜାକିର ହୁସେନଙ୍କ ପରଲୋକ**

**ସାନ୍ ଫ୍ରାନ୍‌ସିସ୍‌କୋ, ୧୬।୧୨ (ଏଜେନ୍ସି):** ବିଶ୍ୱ ବିଖ୍ୟାତ ତବଲା ବାଦକ ଉସ୍ତାଦ ଜାକିର ହୁସେନଙ୍କ ପରଲୋକ ହୋଇଛି। ୭୩ ବର୍ଷ ବୟସରେ ସେ ସୋମବାର ସକାଳେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଉସ୍ତାଦ 'ଇଡିୟୋପାଥିକ ପଲ୍‌ମୋନାରୀ ଫାଇବ୍ରୋସିସ' ରୋଗରେ ପୀଡ଼ିତ ଥିଲେ। ଆମେରିକା ▶ପୃଷ୍ଠା-୭

▶▶ **ତାରକା ହୋଟେଲ ନିକଟରୁ ୧୦ ଲକ୍ଷ ଜବତ ମାମଲା**

## ନିର୍ମାଣ କମ୍ପାନୀର ୨ କର୍ମଚାରୀଙ୍କୁ ସିବିଆଇ ଜେରା

- ଭୁବନେଶ୍ୱରରେ ସିବିଆଇ ଯୁଗ୍ମ ନିର୍ଦ୍ଦେଶକ କଲେ ସମୀକ୍ଷା
- ୩ ଦିନିଆ ରିମାଣ୍ଡ ପରେ ଜେଲ୍ ହାଜତକୁ ଗଲେ ୩ ଅଭିଯୁକ୍ତ
- ୫ ତାରିଖ ବୈଠକକୁ ନେଇ ଭାଇରାଲ ଚିଠି ବଢ଼ାଇଲା ଅଡୁଆ

■ **ଭୁବନେଶ୍ୱର, ୧୬।୧୨ (ସମିସ):** ରାଜଧାନୀର ଏକ ତାରକା ହୋଟେଲ ସମ୍ମୁଖରୁ କାର ଭିତରୁ ୧୦ଲକ୍ଷ ଟଙ୍କା ଜବତ ହେବା ମାମଲାରେ ପ୍ରତିଦିନ ନୂଆ ନୂଆ ତଥ୍ୟ ସାମ୍‌ନାକୁ ଆସୁଛି। ସମନ ପାଇ ସୋମବାର ସିବିଆଇରେ ହାଜର ହୋଇଥିବା ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ୨ କର୍ମଚାରୀ ନିଜର ପକ୍ଷ ରଖିଛନ୍ତି। ସଂସ୍ଥାର ଗ୍ରୁପ୍ ଜେନେରାଲ ମ୍ୟାନେଜର ଚଞ୍ଚଳ ମୁଖାର୍ଜୀଙ୍କ ବୟାନ ଆଧାରରେ ଆଜି ଦୁଇ କର୍ମଚାରୀଙ୍କୁ ଜେରା କରିଛି ସିବିଆଇ। ଅନ୍ୟପକ୍ଷରେ ସିବିଆଇର ସ୍ପେଶାଲ ସିଜେଏମ୍‌ଙ୍କ କୋର୍ଟରେ ଅଭିଯୁକ୍ତ ଚଞ୍ଚଳ ମୁଖାର୍ଜୀ, ଦେବଦତ୍ତ ମହାପାତ୍ର ଓ ସନ୍ତୋଷ ମହାରଣା ଆଜି ହାଜର ହୋଇଥିଲେ। ତିନିଜଣ କୋର୍ଟରେ ଜାମିନ ପାଇଁ ଆବେଦନ କରିଛନ୍ତି। ଆସନ୍ତା ୧୮ ତାରିଖରେ ମାମଲାର ଶୁଣାଣି ହେବ ▶ପୃଷ୍ଠା-୭




## ରେସ୍ତୋରାଁରେ ଗ୍ୟାସ୍ ଲିକ୍: ୧୧ ଭାରତୀୟ ମୃତ



ଟିବିଲିସ୍, ୧୬।୧୨ (ଏଜେନ୍ସି): ଜର୍ଜିଆର ଗୁଡାଉରିରେ ଥିବା ଏକ ଭାରତୀୟ ରେସ୍ତୋରାଁରେ ଅଭାବନୀୟ ଘଟଣା ଘଟିଛି । ରେସ୍ତୋରାଁର ଦ୍ୱିତୀୟ ମହଲାର ଏକ ପ୍ରକୋଷ୍ଠରେ ଶୋଇଥିବାବେଳେ ରାତିରେ ବିଷାକ୍ତ ଗ୍ୟାସ୍ ଲିକ୍ ହୋଇ ୧୧ ଜଣ ଭାରତୀୟଙ୍କ ସମେତ ୧୨ ଜଣଙ୍କ ମୃତ୍ୟୁ ହୋଇଛି । ସମସ୍ତେ ରେସ୍ତୋରାଁର କର୍ମଚାରୀ ଥିଲେ । ସୂଚନା ଅନୁଯାୟୀ କର୍ମଚାରୀଙ୍କ ବେଡ୍ ପାଖରୁ ଏକ ଜେନେରେଟର ମିଳିଥିଲା । ବିଦ୍ୟୁତ କାଟ୍ ହେବା ପରେ ଏହାକୁ ଚାଲୁ କରାଯାଇଥିବା ଆଶଙ୍କା କରାଯାଉଛି । ସମସ୍ତେ ଶୋଇଯିବା ପରେ ଏଥିରୁ ବିଷାକ୍ତ କାର୍ବନ ମନୋଅକ୍ସାଇଡ ଲିକ୍ ହୋଇଥିଲା । ଏଥିଯୋଗୁଁ ଶ୍ୱାସରୁଦ୍ଧ ହୋଇ ୧୨ ଜଣଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣାକୁ ନେଇ ଟିବ୍ଲିସ୍ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି । ମୃତଦେହକୁ ଭାରତ ପଠାଇବା ପାଇଁ ସମ୍ବନ୍ଧିତ ଅଧିକାରୀଙ୍କ ସହ ଆଲୋଚନା କରାଯାଉଛି ।

## ଇସ୍ରାଏଲର ପ୍ରଚଣ୍ଡ ଆକ୍ରମଣ; ସିରିଆରେ ଭୂକମ୍ପ

ତେଲ ଆଭିଭ, ୧୬।୧୨ (ଏଜେନ୍ସି): ବିଦ୍ରୋହୀଙ୍କ କବ୍‌ଜାରେ ଥିବା ସିରିଆ ଉପରେ ଅନ୍ୟ ଦେଶଗୁଡିକ ତୁହାକୁ ତୁହା ଆକ୍ରମଣ ଜାରି ରଖିଛନ୍ତି । ଏହି କ୍ରମରେ ରବିବାର ବିଳମ୍ବିତ ରାତିରେ ଦେଶର ଉପକୂଳ ସହର ଟାର୍‌ଟସରେ ଇସ୍ରାଏଲ ପ୍ରଚଣ୍ଡ ଆକ୍ରମଣ କରିଛି । ସାମରିକ ଠିକଣାକୁ ନିଶାଣ କରି ଏୟାର ଷ୍ଟ୍ରାଇକ୍ କରିଛି । ଏହି ଆକ୍ରମଣ ଏତେ ଭୟଙ୍କର ଥିଲା ଯେ ଟାର୍‌ଟସ୍‌ରେ ଭୂକମ୍ପ ଆସି ଯାଇଥିଲା । ଏହି ଭୂକମ୍ପର ତୀବ୍ରତା ୩.୧ ରେକର୍ଡ କରାଯାଇଥିଲା । ଏହାର ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି । ମଧ୍ୟପ୍ରାଚ୍ୟରେ ପରିବର୍ତ୍ତନ ଆଣିବାକୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଆହ୍ୱାନ ଦେଇଛନ୍ତି । ସେ ରବିବାର ଆମେରିକା ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ କଥା ହୋଇଥିଲେ । ଏହା ପରେ ଇରାନ ଏବଂ ହିଜବୁଲ୍ଲାକୁ ଧମକ ଦେଇଥିଲେ । ସମ୍ପୂର୍ଣ୍ଣ ବିଜୟ ହାସଲ କରିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି କହିଥିଲେ । ଏହା ମଧ୍ୟରେ ସିରିଆରେ ଇସ୍ରାଏଲ ଆକ୍ରମଣ ଏବଂ ବିଦ୍ରୋହୀ ଗୋଷ୍ଠୀର କବ୍‌ଜା ଯୋଗୁଁ ରୁଷ୍ ନିଜ କୂଟନୀତିଜ୍ଞଙ୍କୁ ପ୍ରତ୍ୟାହାର କରି ନେଇଛି । ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ରୁଷ୍ ସହିତ ବେଲାରୁଷ୍, ଉତ୍ତର କୋରିଆର କିଛି କୂଟନୀତିଜ୍ଞଙ୍କୁ ମଧ୍ୟ ଅଣାଯାଇଛି । ତେବେ ଡାମାସ୍କ ସ୍ଥିତ କାର୍ଯ୍ୟାଳୟ କାର୍ଯ୍ୟ ଜାରି ରଖିବ ବୋଲି ମସ୍କୋ ପକ୍ଷରୁ କୁହାଯାଇଛି । ସେହିପରି ଇସ୍ରାଏଲ ଆୟରଲାଣ୍ଡ ସ୍ଥିତ ନିଜ ଦୂତାବାସ ବନ୍ଦ କରିବାକୁ ଘୋଷଣା କରିଛି । ଏହି ଦେଶ ଦୋମୁହାଁ ଏବଂ ଇସ୍ରାଏଲ ବିରୋଧୀ ନୀତି ଆପଣାଉଛି ବୋଲି ବିଦେଶମନ୍ତ୍ରୀ ଗିଡୋନ ସାର୍ କହିଛନ୍ତି ।

## ଆଜି ସଂସଦରେ ଉପସ୍ଥାପନ ହେବ ‘ଏକ ରାଷ୍ଟ୍ର, ଏକ ନିର୍ବାଚନ’ ବିଲ୍

ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି): ଆସନ୍ତାକାଲି ବହୁ ଚର୍ଚ୍ଚିତ ଏକ ରାଷ୍ଟ୍ର ଏକ ନିର୍ବାଚନ ବିଲ୍ ଲୋକସଭାରେ ଉପସ୍ଥାପନ କରାଯିବ । ଏଥିପାଇଁ କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି । ଏକ ରାଷ୍ଟ୍ର ଏକ ନିର୍ବାଚନ ବିଲ୍ ସହିତ ଓଏନଓପି ବିଲ୍ ମଧ୍ୟ ଆସିବ । କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜ୍ଜୁନ ମେଘୱାଲ ଏହି ଦୁଇଟି ବିଲ୍‌କୁ ଲୋକସଭାରେ ଉପସ୍ଥାପନ କରିବେ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି । ଗତ ସପ୍ତାହରେ ଏହି ବିଲ୍‌କୁ କ୍ୟାବିନେଟ୍ ଅନୁମୋଦନ ମିଳିବା ପରେ ଚଳିତ ଶୀତ ଅଧିବେଶନର କୌଣସି ଦିନରେ ଏହାକୁ ସଂସଦରେ ଉପସ୍ଥାପନ କରାଯିବା ନେଇ ସୂଚନା ମିଳିଥିଲା । କିନ୍ତୁ ଏହି ଅଧିବେଶନ ଶେଷ ହେବାକୁ ଆଉ ମାତ୍ର ୪ ଦିନ ରହିଥିବାରୁ ବିଲ୍ ଉପସ୍ଥାପନ କରାଯିବ କି ନାହିଁ ତାହା ସନ୍ଦେହ ଭିତରେ ରହିଥିଲା । କିନ୍ତୁ ସୋମବାର ଏହି ବିଲକୁ ତାଲିକାଭୁକ୍ତ କରାଯିବା ପରେ ଆସନ୍ତାକାଲି ଏହାକୁ ଲୋକସଭାରେ ଉପସ୍ଥାପନ କରାଯିବା ସ୍ପଷ୍ଟ ହୋଇଛି । କେନ୍ଦ୍ରମନ୍ତ୍ରୀ ମେଘୱାଲ ଏହି ବିଲ୍‌କୁ ଉପସ୍ଥାପନ କରିବା ପରେ ସେ ଏହା ଉପରେ ସବିଶେଷ ଆଲୋଚନା କରିବା ନେଇ ବିଲ୍‌କୁ ସଂସଦୀୟ ଯୁଗ୍ମ କମିଟି ନିକଟକୁ ପଠାଇବାକୁ ବାଚସ୍ପତି ଓମ୍ ବିର୍ଲାଙ୍କୁ ଅନୁରୋଧ କରିବେ ବୋଲି କୁହାଯାଇଛି । ଏହି ବିଲ୍ ଗୃହରେ ଉପସ୍ଥାପନ କରାଯିବା ବେଳେ ଯେଭଳି ବିଜେପିର ସମସ୍ତ ସଦସ୍ୟ ଉପସ୍ଥିତ ରହିବେ ସେଥିପାଇଁ ଦଳ ପକ୍ଷରୁ ସୋମବାର ହ୍ୱିପ୍ ଜାରି କରାଯାଇଛି ।

## ଶ୍ରୀଲଙ୍କା ମାଟିରେ ଭାରତ ବିରୋଧୀ କାର୍ଯ୍ୟ କରିବାକୁ ଦେବୁନି



### ମୋଦୀଙ୍କୁ ଭେଟିଲେ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା

ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି): ଶ୍ରୀଲଙ୍କାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବା ପରେ ଅନୁରା କୁମାରା ଦିଶାନାଏକେ ତାଙ୍କର ପ୍ରଥମ ବିଦେଶ ଗସ୍ତରେ ଭାରତ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟି ଆଲୋଚନା କରିଛନ୍ତି । ସୋମବାର ହାଇଦରାବାଦ ହାଉସ୍ ଠାରେ ଅନୁଷ୍ଠିତ ଦ୍ୱିପାକ୍ଷିକ ବୈଠକରେ ଯୋଗ ଦେଇ ରାଷ୍ଟ୍ରପତି ଅନୁରା କୁମାରା ଉଭୟ ଦେଶ ମଧ୍ୟରେ ସମ୍ପର୍କ ବୃଦ୍ଧି ସହିତ ବିଭିନ୍ନ କ୍ଷେତ୍ରରେ ସହଯୋଗ ବଢାଇବାକୁ କହିଛନ୍ତି । ଏହିକ୍ରମରେ ଶ୍ରୀଲଙ୍କାରେ କୌଣସି ସ୍ତରରେ ଭାରତ ବିରୋଧୀ କାର୍ଯ୍ୟକୁ ତାଙ୍କ ସରକାର ପ୍ରଶୟ ଦେବେ ନାହିଁ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ଶ୍ରୀଲଙ୍କାର ଦୁର୍ଦ୍ଦିନ ସମୟରେ ଭାରତର ସହାୟତାକୁ ନେଇ ମଧ୍ୟ ଅନୁରା କୁମାରା ଭାରତ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଦୁଇ ବର୍ଷ ତଳେ ଶ୍ରୀଲଙ୍କା ଘୋର ଆର୍ଥିକ ସଙ୍କଟରେ ପଡ଼ିଥିଲା ବେଳେ ଭାରତର ସହାୟତା ଆମକୁ ଏହି ସଙ୍କଟରୁ ରକ୍ଷା କରିଥିଲା । ନଚେତ ଶ୍ରୀଲଙ୍କା ଦେବାଳିଆ ହେବା ସହିତ ଅତ୍ୟନ୍ତ କଠିନ ସ୍ଥିତିର ସମ୍ମୁଖୀନ କରିବାକୁ ପଡ଼ିଥାଆନ୍ତା ବୋଲି ରାଷ୍ଟ୍ରପତି ଅନୁରା କହିଛନ୍ତି । ଭାରତର ବୈଦେଶିକ ନୀତିରେ ଶ୍ରୀଲଙ୍କାକୁ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଥିବାରୁ ଏହା ଦୁଇ ଦେଶ ମଧ୍ୟରେ ଆହୁରି ବନ୍ଧୁତ୍ୱ ବଢାଇବ ବୋଲି ସେ କହିଛନ୍ତି ।

## ରୁଷ୍‌କୁ ୨ ଟନ୍ ନଗଦ ପଠାଇଥିଲେ ଅସଦ

ଡାମାସ୍କ, ୧୬।୧୨ (ଏଜେନ୍ସି): ରାଜଧାନୀ ଡାମାସ୍କକୁ ବିଦ୍ରୋହୀ କବ୍‌ଜା କରିବା ପୂର୍ବରୁ ରାଷ୍ଟ୍ରପତି ବସରଅଲ-ଅସଦ ସିରିଆ ଛାଡ଼ି ରୁଷ୍ ପଳାଇଥିଲେ । ଏହା ପୂର୍ବରୁ ସେ ରୁଷ୍‌କୁ ୨୫୦ ନିୟୁତ ଡଲାର କ୍ୟାଶ୍ ପଠାଇ ଦେଇଥିଲେ । ଭାରତୀୟ ଟଙ୍କାରେ ଏହା ପ୍ରାୟ ୨,୦୮୨ କୋଟି ହେବ । ରିପୋର୍ଟ ଅନୁଯାୟୀ ଏହି ଅର୍ଥରେ ୧୦୦ ଡଲାର ଏବଂ ୫୦୦ ୟୁରୋର ନୋଟ୍ ଥିଲା । ଏହାର ଓଜନ ପ୍ରାୟ ୨ ଟନ୍ ଥିଲା । ଏତେ ପରିମାଣର ନୋଟ୍ ପଠାଇବା ପାଇଁ ୨୧ଟି ବିମାନ ବ୍ୟବହାର କରାଯାଇଥିଲା । ମସ୍କୋ ପହଞ୍ଚିବା ପରେ ଏହି ଅର୍ଥକୁ ରୁଷ୍ ବ୍ୟାଙ୍କ୍‌ରେ ଜମା କରାଯାଇଥିଲା । ଏହି ଅର୍ଥ ୨୦୧୮ ମାର୍ଚ୍ଚରୁ ୨୦୧୯ ମେ’ ମଧ୍ୟରେ ମସ୍କୋର ଭାନୁକୋଭା ବିମାନବନ୍ଦରକୁ ପଠା ଯାଇଥିଲା । ଅସଦ ସରକାରଙ୍କ ଉପରେ ପାଶ୍ଚାତ୍ୟ ଦେଶଗୁଡିକ କଟକଣା ଲଗାଇ ଦେଥିଲେ । ତେଣୁ ସେ ଡଲାର ଏବଂ ୟୁରୋ ବ୍ୟବହାର କରିପାରୁ ନ ଥିଲେ ।

# ରାଜ୍ୟସଭାରେ ସମ୍ବିଧାନ ଉପରେ ବିତର୍କ



## ‘ନିଜ ସ୍ୱାର୍ଥ ପାଇଁ କଂଗ୍ରେସ ସମ୍ବିଧାନରେ ପରିବର୍ତ୍ତନ କରିଛି’

ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି): ସମ୍ବିଧାନକୁ ନେଇ ବିତର୍କ ବେଳେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କଂଗ୍ରେସକୁ ନିଶାଣ କରି ବର୍ଷିଥିଲେ । ବିଗତ ଦିନରେ ଏହି ଦଳ ସମ୍ବିଧାନରେ ବାରମ୍ବାର ପରିବର୍ତ୍ତନ କରିଥିଲା ବେଳେ ଏହା କେବଳ ଏକ ନିର୍ଦ୍ଦିଷ୍ଟ ପରିବାରର ସ୍ୱାର୍ଥ ଏବଂ କ୍ଷମତା ବଜାୟ ରଖିବା ପାଇଁ ନିହିତ ଥିଲା । କିନ୍ତୁ ଦେଶର ସ୍ୱାର୍ଥରକ୍ଷା ଲାଗି କଂଗ୍ରେସ କୌଣସି ଗୁରୁତ୍ୱ ଦେଇ ନଥିଲା । ସେହିପରି ଏହି ଦଳ ସମ୍ପୂର୍ଣ୍ଣ ମହିଳା ବିରୋଧୀ । କଂଗ୍ରେସ ନେତୃତ୍ୱ ୟୁପିଏ ସରକାର ଅଂଶୀଦାରଙ୍କ ଚାପରେ ମହିଳା ସଂରକ୍ଷଣ ବିଲକୁ ଅନୁମୋଦନ ଦେବାରେ ମଧ୍ୟ ଫେଲ ମାରିଥିଲା ବୋଲି ନିର୍ମଳା କହିଥିଲେ ।

ନିର୍ମଳା ସୀତାରମଣ କହିଥିଲେ ଯେ, କଂଗ୍ରେସ ଶାସନ କାଳରେ ସମ୍ବିଧାନରେ ଯେଉଁସବୁ ପରିବର୍ତ୍ତନ ଅଣାଯାଇଛି ତାହା ଗଣତନ୍ତ୍ରକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଅଣାଯାଇ ନାହିଁ । ଏହା କେବଳ ଏକ ନିର୍ଦ୍ଦିଷ୍ଟ ପରିବାରକୁ ସୁରକ୍ଷା ଏବଂ କ୍ଷମତାରେ ରହିଥିବା ନେତାଙ୍କ ସ୍ୱାର୍ଥ ରକ୍ଷା ପାଇଁ ଉଦ୍ଦିଷ୍ଟ ଥିଲା । ଏହିକ୍ରମରେ ସେ ବିରୋଧୀ ଇଣ୍ଡିଆ ବ୍ଲକ୍‌କୁ ନିଶାଣ କରି ପରୋକ୍ଷରେ ଆରଜେଡି ଉପରେ ବର୍ଷିଥିଲେ । ସେ କହିଥିଲେ ଯେ, କଂଗ୍ରେସ ଦେଶରେ ଯେତେବେଳେ ଜରୁରୀ ସ୍ଥିତି ଲାଗୁ କରିଥିଲା ସେତେବେଳେ ଇଣ୍ଡିଆ ମେଣ୍ଟରେ ଏବେ ଅଂଶୀଦାର ଥିବା ଏକ ଦଳର ମୁଖିଆ ଏହାକୁ ଘୋର ବିରୋଧ କରିଥିଲେ । କଂଗ୍ରେସର ଏଭଳି ନିଷ୍ପତ୍ତି ବିରୋଧରେ ତାଙ୍କର ଏତେ ଘୃଣା ଥିଲା ଯେ ସେ ଏହି ଘଟଣା ମନେ ରଖିବାକୁ ତାଙ୍କ କନ୍ୟାଙ୍କ ନାମ ‘ ମିସା’ ରଖିଥିଲେ । ହେଲେ ଆଜି ସେହି ନେତା ପୁଣି କଂଗ୍ରେସ ସହ ହାତ ମିଳାଇଛନ୍ତି । ଏହାକୁ ନେଇ ଶାସକ ଏବଂ ବିରୋଧୀଙ୍କ ମଧ୍ୟରେ କିଛି ସମୟ ପାଇଁ ବାକ୍‌ଯୁଦ୍ଧ ଲାଗିଥିଲା । ପରେ ପରେ ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା ।

## ‘ମୋଦୀଙ୍କ ପ୍ରତି ଅହେତୁକ ସମର୍ପଣ ଦେଶ ପାଇଁ ବିପଦ’



ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି): ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ଅବସରରେ ସଂସଦରେ ବିତର୍କ ଚାଲିଛି । ପ୍ରଥମେ ଲୋକସଭାରେ ଦୁଇ ଦିନ ଧରି ସମ୍ବିଧାନ ଉପରେ ଆଲୋଚନା ହେବା ପରେ ସୋମବାର ରାଜ୍ୟସଭାରେ ବିତର୍କ ଆରମ୍ଭ ହୋଇଛି । ହେଲେ ବିତର୍କ ବେଳେ ରାଜ୍ୟସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼ଗେ ବିଜେପି ସମେତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିଶାଣ କରି ବର୍ଷିଛନ୍ତି । ମୋଦୀଙ୍କ ଉଦ୍ଦେଶ୍ୟରେ ସେ କହିଛନ୍ତି ଯେ, ଏହି ନେତାଙ୍କ ପ୍ରତି ଅହେତୁକ ଭାବେ ଯେଭଳି ସମର୍ପଣ ଭାବ ବଢୁଛି ତାହା ଦେଶ ପାଇଁ ବିପଦ । ଏଭଳି ଭାବ ଦ୍ୱାରା ଜଣେ ନେତା ଏକଛତ୍ରବାଦୀ ହୋଇପଡ଼ିବେ । ଧର୍ମ ଅଚାରଣରେ ସମର୍ପଣ ଭାବ ମଣିଷକୁ ମୋକ୍ଷ ଆଡକୁ ବ୍ରତୀ କରାଇଥାଏ । କିନ୍ତୁ ରାଜନୀତିରେ ଜଣେ ନେତାଙ୍କ ପ୍ରତି ଏଭଳି ସମର୍ପଣ ଭାବ ସଂପୃକ୍ତ ନେତାଙ୍କୁ ଏକଛତ୍ରବାଦ ଶାସନ ଚଳାଇବାକୁ ସୁଯୋଗ ଦେଇଥାଏ । ସଂପ୍ରତିକ ସ୍ଥିତି ମୋଦୀଙ୍କ କ୍ଷେତ୍ରରେ ଏଭଳି କିଛି ଦେଖାଯାଉଛି । ଆଉ ଯଦି ମୋଦୀ ଦେଶରେ ଏକଛତ୍ରବାଦ ଶାସନ ଚଳାଇବାକୁ ପ୍ରସ୍ତୁତ ହୋଇଥାଆନ୍ତି ତେବେ ଦେଶରେ ଗଣତନ୍ତ୍ର ବୋଲି ଆଉ କିଛି ରହିବ ନାହିଁ । କାରଣ ଏକଛତ୍ରବାଦ ଶାସନ ଛାୟା ତଳେ ଗଣତନ୍ତ୍ର କେବେ ବି ତିଷ୍ଠିପାରିବ ନାହିଁ ବୋଲି ଖଡ଼ଗେ କହିଛନ୍ତି । ଯଦି ସମ୍ବିଧାନକୁ ସୁରକ୍ଷା ଦେବାକୁ ହେବ ତେବେ ସମସ୍ତଙ୍କୁ ଏହି ଦିଗକୁ ଗୁରୁତ୍ୱ ସହ ବିଚାର କରିବାକୁ ପଡ଼ିବ ବୋଲି ଖଡ଼ଗେ କହିଥିଲେ । ଏହାବ୍ୟତୀତ ମଣିପୁର ପ୍ରସଙ୍ଗରେ ମଧ୍ୟ ସେ ପ୍ରଧାନମନ୍ତ୍ରୀଙ୍କୁ ତୀବ୍ର ସମାଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ଦେଶ ବିଦେଶ ଭ୍ରମଣ କରୁଛନ୍ତି, ନାନା କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି । କିନ୍ତୁ ମଣିପୁରରେ ଦୀର୍ଘ ଦିନ ଲାଗି ରହିଥିବା ସଙ୍କଟକୁ ତିଳେ ମାତ୍ର ଗୁରୁତ୍ୱ ଦେଇନାହାନ୍ତି । ଏତେ ଦିନ ମଧ୍ୟରେ ମୋଦୀ ମଣିପୁର ଯାଇ ସେଠାକାର ସ୍ଥିତି ନ ପରଖିବା ଏକଛତ୍ରବାଦ ଶାସନର ଅନ୍ୟତମ ନମୁନା ବୋଲି ଖଡ଼ଗେ କହିଥିଲେ ।

## ଫ୍ରାନ୍ସରେ ଭୟଙ୍କର ବାତ୍ୟା; ହଜାରରୁ ଅଧିକ ମୃତ

### ବୁଡେଇଲା, ଉଡ଼ାଇଲା, ପୋତିଦେଲା

### ଖାଦ୍ୟ, ବାସ ସଂକଟରେ ୩ ଲକ୍ଷ ୨୦ ହଜାର ଲୋକ

### ଅବଶେଷ ତଳୁ ଚାଲିଛି

ପ୍ୟାରିସ, ୧୬।୧୨ (ଏଜେନ୍ସି): ଫ୍ରାନ୍ସରେ ଶତାବ୍ଦୀର ଭୟଙ୍କର ବାତ୍ୟା ଆସିଛି । ବାତ୍ୟା ‘ଚିଦୋ’ ଭାରତ ମହାସାଗରରେ ଥିବା ଦେଶର ‘ମାୟୋଟି’ ଦ୍ୱୀପରେ ତାଣ୍ଡବ ସୃଷ୍ଟି କରିଛି । ପ୍ରବଳ ବର୍ଷା ସାଙ୍ଗକୁ ୨୨୫ କିମି ବେଗର ପବନ ସବୁ କିଛି ଛାରଖାର କରିଦେଇଛି । ପରମାଣୁ ବୋମା ଭଳି ପ୍ରକୋପରେ ଅନେକ ବସ୍ତି ଏବଂ ଗାଁ ନିଶ୍ଚିହ୍ନ ହୋଇଯାଇଛି । ଚାରିଆଡ଼େ ଧ୍ୱଂସସ୍ତୁପ ଦେଖିବାକୁ ମିଳିଛି । ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ଅନେକ ନିଖୋଜ ଅଛନ୍ତି । ଉଦ୍ଧାରକାରୀ ଦଳ ଅବଶେଷ ତଳୁ ଜୀବନ ସନ୍ଧାନ କରୁଛନ୍ତି । ତେବେ ମୃତ୍ୟୁସଂଖ୍ୟାକୁ ନେଇ ଆନୁଷ୍ଠାନିକ ଭାବେ ସରକାରଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ । ଏହି ଦ୍ୱୀପ ମାଡାଗାସ୍କାରର ପଶ୍ଚିମରେ ରହିଛି । ଏହାକୁ ଫ୍ରାନ୍ସ କବ୍‌ଜା କରି ରଖିଛି । ଏହା ୟୁରୋପୀୟ ଦେଶ ଠାରୁ ୭, ୮୩୭ କିମି ଦୂରରେ ଅଛି । ଫ୍ରାନ୍ସରୁ ଆସିଥିବା ଉଦ୍ଧାରକାରୀ ଦଳ ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି ।

ଫ୍ରାନ୍ସ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଚତୁର୍ଥ ଶ୍ରେଣୀର ଏହି ବାତ୍ୟା ଚିଦୋ ଶନିବାର-ରବିବାରରେ ଦକ୍ଷିଣ-ପଶ୍ଚିମ ଭାରତ ମହାସାଗର ଦେଇ ଗତି କରିଥିଲା । ପ୍ରଥମେ ଏହା ମାଡାଗାସ୍କାରରେ ବିପର୍ଯ୍ୟୟ ସୃଷ୍ଟି କରିଥିଲା । ମାତ୍ର ମାୟୋଟିରେ ସର୍ବାଧିକ କ୍ଷୟକ୍ଷତି ଘଟାଇ ଥିଲା । ଅଧିକାରୀଙ୍କ ସୂଚନା ଅନୁଯାୟୀ ବାତ୍ୟା ଯୋଗୁଁ ଭିତ୍ତିଭୂମି ସମ୍ପୂର୍ଣ୍ଣ ଭୁଶୁଡି ଯାଇଛି । ବିଦ୍ୟୁତ ଯୋଗାଣ ପ୍ରଭାବିତ ହୋଇଛି । ଅନେକ ରାସ୍ତା ଧୋଇ ହୋଇଯାଇଛି । ଏଥିଯୋଗୁଁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ମାୟୋଟିର ୩ ଲକ୍ଷ ୨୦ ହଜାର ଲୋକଙ୍କ ପାଇଁ ଏବେ ଖାଦ୍ୟ ଏବଂ ବାସ ସଙ୍କଟ ସୃଷ୍ଟି ହୋଇଛି । ଲୋକେ ତିନି ଦିନ ହେଲା ପାଣି ପିଇବାକୁ ପାଇନାହାନ୍ତି । ଏଥିଯୋଗୁଁ ଅନାହାର ମୃତ୍ୟୁ ଭଳି ସ୍ଥିତି ସୃଷ୍ଟି ହେଲାଣି । ସ୍ଥାନୀୟ ବାସିନ୍ଦାଙ୍କ ସୂଚନା ଅନୁଯାୟୀ ବାତ୍ୟା ଯୋଗୁଁ ପରମାଣୁ ଆକ୍ରମଣ ପରର ସ୍ଥିତି ସୃଷ୍ଟି ହୋଇଥିଲା । ଆଖି ପିଛୁଳାକେ କୋଠା ଗାଏବ ହୋଇଯାଉଥିବା ଦେଖିବାକୁ ମିଳୁଥିଲା । ଏହି ଦ୍ୱୀପରେ ଲକ୍ଷେ ଲୋକ ବେଆଇନ ଭାବେ ମଧ୍ୟ ରହୁଛନ୍ତି । ସ୍ଥିତି ଉପରେ ନଜର ରଖାଯାଉଛି ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ କହିଛନ୍ତି ।



## ଶମ୍ଭୁ ସୀମାରେ ଚାଷୀଙ୍କ ଟ୍ରାକ୍ଟର ମାର୍ଚ୍ଚ: ୧୮ରେ ରେଲରୋକ

ନୂଆଦିଲ୍ଲୀ, ୧୬।୧୨ (ଏଜେନ୍ସି): ଦୀର୍ଘ ଦିନ ହେଲା ଚାଷୀ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ସହିତ ବିଭିନ୍ନ ଦାବିରେ ଆନ୍ଦୋଳନ କରି ଆସୁଛନ୍ତି । ମାତ୍ର କେନ୍ଦ୍ର ସରକାର ଚାଷୀଙ୍କ ଦାବିକୁ ପୂରଣ କରୁନାହାନ୍ତି । ବାରମ୍ବାର ପ୍ରତିଶ୍ରୁତି ଦେଇ ତାହାକୁ ପାଳନ କରୁନାହାନ୍ତି । ଏ ଦିଗରେ କୌଣସି ପଦକ୍ଷେପ ନେବା ପରିବର୍ତ୍ତେ କ୍ରମାଗତ ଭାବେ ଅନ୍ଧାରରେ ରଖି ଧୋକା ଦେଇ ଚାଲିଛନ୍ତି । ଏପରି ସ୍ଥଳେ ଦିଲ୍ଲୀ ସୀମାର ଶମ୍ଭୁ-ଖନୌରୀରେ ଆନ୍ଦୋଳନ କରୁଥିବା ଚାଷୀଙ୍କ ୧୦୧ ସଂଗଠନ ସୋମବାରଠାରୁ ହରିୟାଣାରେ ଟ୍ରାକ୍ଟର ମାର୍ଚ୍ଚ ଆରମ୍ଭ କରିଛନ୍ତି । ହିସାର, ସୋନିପତ, ଚରଖି ଦାଦରି, ସିର୍ସା, ଫତେହାବାଦ, କୈଥଲ ଏବଂ ଅମ୍ବାଲା ଆଦି ସ୍ଥାନରେ ଟ୍ରାକ୍ଟର ରାଲି କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସ୍ଥିତିକୁ ଦେଖି ଅଞ୍ଚଳରେ ଇଣ୍ଟରନେଟ୍ ବନ୍ଦ କରିଦିଆଯାଇଛି । ହାଂସିରେ ଚାଷୀ ଟ୍ରାକ୍ଟରରେ ରାମାୟଣ ଟୋଲ୍‌ରୁ ମିନି ସଚିବାଳୟ ପର୍ଯ୍ୟନ୍ତ ଯାଇଥିଲେ । ସେହିପରି ସୋନିପତର ଖରଖୌଦାରୁ ରୋହଣା ବାଇପାସ୍ ଛକ ପର୍ଯ୍ୟନ୍ତ ଯାତ୍ରା କରାଯାଇଥିଲା । ତେବେ ଦିଲ୍ଲୀ ଅଭିମୁଖେ ବଢୁଥିବା ଚାଷୀଙ୍କୁ ଶମ୍ଭୁ ସୀମାରେ ପୁଲିସ୍ ଅଟକାଇ ଦେଇଥିଲା । ଏଠାରେ ପୁଲିସ ସହ ଚାଷୀ ମୁହାଁମୁହିଁ ହୋଇଥିଲେ । ଏଥିଯୋଗୁଁ କିଛି ଚାଷୀ ଆହତ ହୋଇଛନ୍ତି । ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସ୍ଥିତିକୁ କିଛି ଦିନ ପାଇଁ ଶମ୍ଭୁ ସୀମାରେ ଟ୍ରାକ୍ଟର ମାର୍ଚ୍ଚକୁ ବନ୍ଦ ରଖାଯାଇଛି । ଚାଷୀ ପଞ୍ଜାବରେ ଟ୍ରାକ୍ଟର ମାର୍ଚ୍ଚର ଘୋଷଣା କରିନାହାନ୍ତି ।

# କଂଗ୍ରେସକୁ ଘେରିଲେ ମମତା

ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି): ଅନ୍ୟ କୌଣସି ବାହ୍ୟ ଶକ୍ତି ନୁହେଁ, ନିଜ ଅଂଶୀଦାର ଦଳଙ୍କୁ ନେଇ ଏବେ ଇଣ୍ଡିଆ ମେଣ୍ଟର ସମସ୍ୟା ବଢିବାରେ ଲାଗିଛି । ବିଶେଷକରି ଇଭିଏମ ପ୍ରସଙ୍ଗକୁ ନେଇ କଂଗ୍ରେସ ରଖିଥିବା ଆଭିମୁଖ୍ୟକୁ ଗୋଟିଏ ପରେ ଗୋଟିଏ ଦଳ ବିରୋଧ କରିବାରୁ କଂଗ୍ରେସର ସମସ୍ୟା ବଢିଛି । ଭୋଟ ବେଳେ ଇଭିଏମରେ ତ୍ରୁଟି ଯୋଗୁ ନିକଟରେ ଶେଷ ହୋଇଥିବା ବିଭିନ୍ନ ରାଜ୍ୟର ନିର୍ବାଚନରେ ବିରୋଧୀ ଇଣ୍ଡିଆ ମେଣ୍ଟକୁ ସଫଳତା ମିଳିପାରି ନଥିବା କଂଗ୍ରେସ କହିଥିଲା । ତେଣୁ ଦେଶରେ ପୁଣି ବାଲାଟ ପେପରରେ ଭୋଟ କରିବାକୁ ଦଳ ଦାବି କରିଥିଲା । କିନ୍ତୁ କଂଗ୍ରେସର ଏଭଳି ଆଭିମୁଖ୍ୟକୁ ଗତକାଲି ମେଣ୍ଟର ଅନ୍ୟତମ ସଦସ୍ୟ ନ୍ୟାସନାଲ କନଫରେନ୍ସ ବିରୋଧ କରିଥିଲା । ଇଭିଏମରେ ତ୍ରୁଟି ରହିଛି ବୋଲି ଯେଉଁ ଦଳ ଭାବୁଛି ସେ ଦଳ ନିର୍ବାଚନ ଲଢିବା ଉଚିତ ନୁହେଁ ବୋଲି ଏନସି ନେତା ତଥା ଜମ୍ମୁ କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଥିଲେ । ଏହାପରେ ଟିଏମସି ମଧ୍ୟ ଇଭିଏମ ପ୍ରସଙ୍ଗକୁ ବିରୋଧ କରିଛି । ଇଭିଏମରେ ତ୍ରୁଟି ରହିଛି ବୋଲି ଯିଏ କହୁଛି ସିଏ ସର୍ବ ସମ୍ମୁଖରେ ଏହାର ପ୍ରମାଣ ଦେବା ଉଚିତ । ଆଉ ନିର୍ବାଚନ କମିସନଙ୍କ ନିକଟକୁ ଯାଇ ଇଭିଏମକୁ କିଭଳି ହ୍ୟାକ୍ କରାଯାଇପାରୁଛି ତାହାକୁ ମଧ୍ୟ ପ୍ରଦର୍ଶନ କରିବା ଉଚିତ ବୋଲି ଟିଏମସି ସାଂସଦ ଅଭିଷେକ ବାନାର୍ଜୀ କହିଛନ୍ତି । ଇଭିଏମ ବ୍ୟତୀତ ଟିଏମସି ଜାତିଭିତ୍ତିକ ଜନଗଣନାକୁ ମଧ୍ୟ ବିରୋଧ କରିଛି । ଏଭଳି ସ୍ଥିତି କଂଗ୍ରେସ ଏବଂ ଇଣ୍ଡିଆ ମେଣ୍ଟ ପାଇଁ ସମସ୍ୟା ବଢାଇଛି ।



### ଇଭିଏମ୍ ପ୍ରସଙ୍ଗରେ କଂଗ୍ରେସକୁ ପୁଣି ବିରୋଧ

### ଜାତିଭିତ୍ତିକ ଜନଗଣନାକୁ ବି ବିରୋଧ

### ଶୀତ ଲହରୀ ସାଙ୍ଗକୁ ଦିଲ୍ଲୀରେ ପ୍ରଦୂଷଣ ସ୍ଥିତି ଜଟିଳ

## ସବୁ ପ୍ରଦୂଷିତ ସହରର ତାଲିକା ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୫।୧୨(ଏଜେନ୍ସି): ପ୍ରଦୂଷଣ କେବଳ ଦିଲ୍ଲୀ ମଧ୍ୟରେ ସୀମିତ ନ ରହି ଏବେ ଜାତୀୟ ସମସ୍ୟା ପାଲଟିଥିବାରୁ ସୁପ୍ରିମକୋର୍ଟ ପ୍ରଦୂଷିତ ସହରଗୁଡିକର ତାଲିକା କେନ୍ଦ୍ର ସରକାରଙ୍କୁ ମାଗିଛନ୍ତି । ଯେଉଁସବୁ ରାଜ୍ୟରେ ପ୍ରଦୂଷଣକୁ ନେଇ ଉକ୍ରଟ ସ୍ଥିତି ଦେଖାଯାଉଛି ସେଠାରେ କି ପଦକ୍ଷେପ ଗ୍ରହଣ କରାଯାଇପାରିବ, ତାହାକୁ ନେଇ ପ୍ରଶ୍ନ କରିଛନ୍ତି । ଦିଲ୍ଲୀରେ ବାୟୁସ୍ତର ମାନ ନିର୍ଦ୍ଧାରଣ କରିବା ଲାଗି ଯେଭଳି ‘କମିସନ ଫର୍ ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ(ସିଏକ୍ୟୁଏମ) କାର୍ଯ୍ୟକରୁଛି ଅନ୍ୟରାଜ୍ୟରେ ଏଭଳି ବ୍ୟବସ୍ଥା କାର୍ଯ୍ୟ କରିବାର ଆବଶ୍ୟକତା ରହିଛି କି ନା ତାହାକୁ ସର୍ବୋଚ୍ଚ ନ୍ୟାୟାଳୟ ସମୀକ୍ଷା କରିବାକୁ କହିଛନ୍ତି ।

### ଦିଲ୍ଲୀରେ ପୁଣି ଲାଗୁହେଲା ଗ୍ରାପ୍-୪

ଉତ୍ତର ଭାରତର ବିଭିନ୍ନ ରାଜ୍ୟରେ ଏବେ ପ୍ରବଳ ଶୀତ ଲହରୀ ଯୋଗୁ ତାପମାତ୍ରା ହ୍ରାସ ପାଇବା ସହିତ ସ୍ଥିତି ଜଟିଳ ହେବାରେ ଲାଗିଛି । ଦିଲ୍ଲୀ ଏବଂ ଏନସିଆର ସମେତ ପଞ୍ଜାବ, ହରିୟାଣା ଏବଂ ଉତ୍ତରପ୍ରଦେଶର କିଛି ଜିଲ୍ଲା ଶୀତ ଲହରୀ ଯୋଗୁଁ ସର୍ବାଧିକ ପ୍ରଭାବିତ ହୋଇଛି । ତେବେ ଦିଲ୍ଲୀରେ ପ୍ରବଳ ଶୀତ ସହିତ ପ୍ରଦୂଷଣ ସ୍ଥିତିରେ ପୁଣି ଅବନତି ଘଟିବାର ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି । ବିଗତ କିଛି ଦିନ ହେଲା ପ୍ରଦୂଷଣ ସ୍ଥିତିରେ ଅନେକ ପରିବର୍ତ୍ତନ ଘଟିଥିଲା । କିନ୍ତୁ ସୋମବାର ସୁଦ୍ଧା ଦିଲ୍ଲୀ ବାୟୁସ୍ତର ଏକ୍ୟୁଆଇ ୩୭୦ ଛୁଇଁବା ପରେ ଚିନ୍ତା ବଢିଛି । ପ୍ରଦୂଷଣର ଏଭଳି ସ୍ଥିତିକୁ ‘ ଭେରି ପୁଅର’ ଶ୍ରେଣୀଭୁକ୍ତ କରାଯାଇଥିଲା ବେଳେ ସରକାର ପ୍ରଦୂଷଣ ହ୍ରାସ ପାଇଁ କଡ଼ା ପଦକ୍ଷେପ ନେଇଛନ୍ତି । ଏଥିପାଇଁ ଦିଲ୍ଲୀରେ ପୁଣିଥରେ ‘ଗ୍ରାପ୍-୪’ ନିୟମ ଜାରି କରାଯାଇଛି । ଏହାଦ୍ୱାରା ବିଭିନ୍ନ ଶ୍ରେଣୀର ଯାନ ଚଳାଚଳ ଉପରେ ପ୍ରତିବନ୍ଧକ ଲାଗିବା ସହିତ ନିର୍ମାଣ ଏବଂ ଖନନ କାର୍ଯ୍ୟକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି । ଦିଲ୍ଲୀ ସମେତ ଫରିଦାବାଦ, ଗୁରୁଗ୍ରାମ, ଗାଜିଆବାଦ ଏବଂ ଗୌତମ ବୁଦ୍ଧ ନଗରରେ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ହାଇବ୍ରିଡ୍ ମୋଡ୍‌ରେ ପାଠ ପଢାଇବାକୁ ସୋମବାର ନିର୍ଦ୍ଦେଶ ଦେଇଛନ୍ତି ।

## ପ୍ରିୟଙ୍କାଙ୍କ ପାଲେଷ୍ଟାଇନ୍ ଲେଖା ବ୍ୟାଗ୍‌କୁ ନେଇ ବିବାଦ



ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି): ସୋମବାର ଲୋକସଭାକୁ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଏକ ବ୍ୟାଗ୍ ନିଜ କାନ୍ଧରେ ପକାଇଥିଲା ବେଳେ ଏଥିରେ ପାଲେଷ୍ଟାଇନ ଲେଖା ଥିବା ଜଣାପଡ଼ିଥିଲା । ତେବେ ପାଲେଷ୍ଟାଇନ ଲେଖାଥିବା ଏହି ବ୍ୟାଗକୁ ଦେଖିବା ପରେ ବିଜେପି କଂଗ୍ରେସକୁ ନିଶାଣ କରି ବର୍ଷିଛି । ଏହାକୁ ନେଇ ମଧ୍ୟ ବିଜେପି ଏବଂ କଂଗ୍ରେସ ମଧ୍ୟରେ ସୋସିଆଲ ମିଡିଆରେ ବିବାଦ ଆରମ୍ଭ ହୋଇଯାଇଛି । ଜଣେ ସାଂସଦ ଭାବେ ପ୍ରିୟଙ୍କା ପାଲେଷ୍ଟାଇନ ଲେଖା ଥିବା ବ୍ୟାଗ୍ ପକାଇ ସାଂପ୍ରଦାୟିକତାର ପରିଚୟ ଦେଇଛନ୍ତି ବୋଲି ବିଜେପି କହିଛି । ପରେ ପରେ ବିଜେପି ପ୍ରବକ୍ତା ସମ୍ବିତ ପାତ୍ର ପ୍ରିୟଙ୍କାଙ୍କ ଏତାଦୃଶ୍ୟ ମନୋଭାବକୁ ଏକ ସାମ୍ବାଦିକ ସମ୍ମିଳନୀରେ ତୀବ୍ର ସମାଲୋଚନା କରିବା ସହିତ ଏହା ଦଳର ତୁଷ୍ଟୀକରଣ ନୀତିର ଅନ୍ୟତମ ଉଦାହରଣ ବୋଲି କହିଛନ୍ତି । କଂଗ୍ରେସ ସବୁବେଳେ ତୁଷ୍ଟୀକରଣ ବ୍ୟାଗକୁ ବୋହି ଆସିଥିଲା ବେଳେ ଏବେ ପ୍ରିୟଙ୍କା ଏହାକୁ କିଭଳି ବାଦ୍ ଦେଇପାରିବେ ବୋଲି ସମ୍ବିତ କହିଛନ୍ତି । ଅନ୍ୟପକ୍ଷରେ ବିଜେପିର ଏଭଳି ମାନସିକତାକୁ ପ୍ରିୟଙ୍କା ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ ,ଇସ୍ରାଏଲ ବର୍ଷ ବର୍ଷ ଧରି ଗାଜା ଉପରେ ଯେଭଳି ଅମାନବୀୟ ଦମନଲୀଳା ଚଳାଇଛି ତାହାକୁ ବିଶ୍ୱସ୍ତରରେ ନିନ୍ଦା କରାଯିବା ସହିତ ଗାଜାବାସୀଙ୍କ ପ୍ରତି ସମବେଦନା ଜଣାଇବା ମୋର ଉଦ୍ଦେଶ୍ୟ ରହିଥିଲା । କିନ୍ତୁ ପ୍ରିୟଙ୍କାଙ୍କ ଏଭଳି ଉତ୍ତର ପରେ ବିଜେପି ପୁଣି ପ୍ରଶ୍ନ କରିବା ସହିତ ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଚାଲିଥିବା ଅତ୍ୟାଚାରକୁ ନେଇ ପ୍ରିୟଙ୍କା କାହିଁକି ମୁହଁ ଖୋଲିନାହାନ୍ତି ବୋଲି କହିଛି ।

### ହକ୍ ପାଇଁ ରାଜଧାନୀରେ ଗର୍ଜିଲେ ଅଙ୍ଗନବାଡ଼ି କର୍ମୀ

# ନିର୍ବାଚନ ପ୍ରତିଶ୍ରୁତି ଭୁଲିଗଲେ ସରକାର



**ଭୁବନେଶ୍ୱର,୧୬ ।୧୨(ସମିସ):** ବିରୋଧୀଦଳ ଥିବାବେଳେ ବିଜେପି ନେତାମାନେ ଧାରଣାସ୍ଥଳରେ ଆସି ସମର୍ଥନ ଦେଉଥିଲେ, ସରକାରକୁ ଆସିଲେ ଦାବି ପୂରଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ନିର୍ବାଚନ ପୂର୍ବରୁ ମଧ୍ୟ ଅନୁରୂପ ଘୋଷଣା କରିଥିଲେ। ବିଜେପି ରାଜ୍ୟରେ ସରକାର ଗଢ଼ିଲେ ୬ ମାସ ମଧ୍ୟରେ ଅଙ୍ଗନବାଡ଼ି କର୍ମୀଙ୍କ ଦାବି ପୂରଣ ହେବ ବୋଲି କହିଥିଲେ। ରାଜ୍ୟରେ ବିଜେପି ସରକାର ଗଢ଼ିଲା, ଇତିମଧ୍ୟରେ ସରକାରଙ୍କ ଆୟୁଷ ୬ ମାସ ପୂରିଲାଣି, ହେଲେ ଦାବି ପୂରଣ କଥା ବିଜେପି ସରକାର ଭୁଲି ଯାଇଛନ୍ତି। ତେଣୁ ତୁରନ୍ତ ସେମାନଙ୍କର ଦାବି ପୂରଣ ନିମନ୍ତେ ରାଜଧାନୀର ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ହଜାର ହଜାର ଅଙ୍ଗନବାଡ଼ି କର୍ମୀ ଓ ସହାୟିକା।

୧୨ ଦଫା ଦାବି ପୂରଣ ନିମନ୍ତେ ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ଅଲ୍ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କରସ୍ ଆସୋସିଏସନ୍‌ର ହଜାର ହଜାର କର୍ମୀ ରାଜଧାନୀର ଗାନ୍ଧୀମାର୍ଗରେ ଡ଼େରା ପକାଇଛନ୍ତି। ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କରିବା ସହ ଜୀବିକା ମଜୁରୀ ବାବଦକୁ ଅଙ୍ଗନୱାଡି କର୍ମୀଙ୍କୁ ମାସିକ ୨୬ହଜାର ଓ ସହାୟିକାଙ୍କୁ ୧୩ ହଜାର ପାରିଶ୍ରମିକ, ବହିଷ୍କୃତ ୫ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ବରିଷ୍ଠତା ଅନୁଯାୟୀ ପାରିଶ୍ରମିକ, ଅବସର କାଳୀନ ସହାୟତା ରାଶି ୫ ଲକ୍ଷ ଟଙ୍କାକୁ ବୃଦ୍ଧି, ବାର୍ଷିକ ବୋନସ, ଅବସର ବୟସ ସୀମା ୬୫ ବର୍ଷକୁ ବୃଦ୍ଧି କରିବାକୁ ସଂଘ ଦାବି କରିଛି।

ସଂଘର ସଭାନେତ୍ରୀ ସୁମିତା ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା, ଅଖିଳ ଭାରତୀୟ ସମ୍ପାଦିକା ଅଞ୍ଜଳି ପଟେଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଏ ଶ୍ରୀନିବାସ ରାଓ ପ୍ରମୁଖ ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କ ବିଭିନ୍ନ ସମସ୍ୟା ବିଷୟରେ ବଖାଣିବା ସହ ତୁରନ୍ତ ସରକାର ସେମାନଙ୍କ ଦାବିକୁ ଗ୍ରହଣ କରିବାକୁ ଚେତାବନୀ ଦେଇଛନ୍ତି । ଦାବି ପୂରଣରେ ଟାଳଟୁଳ ନୀତି ଅବଲମ୍ବନ କଲେ ଆନ୍ଦୋଳନକୁ ଅଧିକ ବ୍ୟାପକ ଓ ତୀବ୍ରତର କରାଯିବ ବୋଲି ସଂଘ ଧମକ ଦେଇଛି ।

### ପୋଷଉନି ଶିମିଳିପାଳ!

## 'ଜିନତ୍' ପରେ 'ଯମୁନା' ବି ପଳାଇଲା

**ବାରିପଦା,୧୬।୧୨(ସମିସ):** ପୋଷଉନି ଶିମିଳିପାଳ। ମହାରାଷ୍ଟ୍ର ତଡ଼ବା ଜଙ୍ଗଲରୁ ଆସିଥିବା ବାଘୁଣୀ 'ଜିନତ୍' ପରେ ଏବେ 'ଯମୁନା' ବି ଶିମିଳିପାଳ ଛାଡ଼ି ପଳାଇଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। କିନ୍ତୁ ଏ ସଂପର୍କରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଏସଟିଆର) କର୍ତ୍ତୃପକ୍ଷ କୌଣସି ଆଧିକାରିକ ସୂଚନା ଦେଇନାହାନ୍ତି। ଯମୁନା କୁଲଡିହା ଅଭୟାରଣ୍ୟକୁ ପଳାଇଥିବା ଜଣାପଡ଼ିଛି। ୮ ଦିନ ତଳେ 'ଜିନତ୍' ଝାଡ଼ଖଣ୍ଡ ପଳାଇଥିବା ବେଳେ ତାକୁ ଫେରାଇ ଆଣିବା ପାଇଁ ବନ ବିଭାଗ ଏବେ ବି ନାକେଦମ୍ ହେଉଛି। ଏପରି ସ୍ଥିତିରେ 'ଯମୁନା'ର ପଳାୟନ ଏସ୍‌ଟିଆର୍ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ାଇ ଦେଇଛି। ଶିମିଳିପାଳର ପରିବେଶ ଏହି ଦୁଇ ବାଘୁଣୀଙ୍କ ପାଇଁ ଅନୁକୂଳ ହେଉ ନଥିବାରୁ ସେମାନେ ପଳାଉଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଯୁକ୍ତି ବାଢ଼ିଛନ୍ତି। ଫଳରେ ଏନ୍‌ଟିସିଏର ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି।



ମିଳିଥିବା ସୂଚନାନୁଯାୟୀ, ଜିନତ ଏବେ ଶିମିଳିପାଳ ଅଭୟାରଣ୍ୟରୁ ୪୦ କିମି ଦୂରକୁ ଯାଇଥିବା ବେଳେ ଏସଟିଆର ପ୍ରକଳ୍ପର ତାଲିମପ୍ରାପ୍ତ କର୍ମଚାରୀ ଓ ଅଧିକାରୀଙ୍କ ୩ଟି ଟିମ ସହ ମୋଟ ୧୫ କର୍ମଚାରୀ ନିୟୋଜିତ ରହିଛନ୍ତି। ଏଯାଏ ସେ କୌଣସି ଶିକାର କରି ନଥିବା ବେଳେ ୭୨ ଘଣ୍ଟା ହେଲା ରାଜାବସା ଜଙ୍ଗଲରେ ରହିଛି। ଅନ୍ୟପକ୍ଷରେ ବାଘୁଣୀ ଯମୁନା ରବିବାର ରାତିରେ କପ୍ତିପଦା ରେଞ୍ଜ ଶରତ ନିକଟସ୍ଥ ଝିଙ୍କପାହାଡି ଦେଇ ପାର ହୋଇ କୁଳଡିହା ଅଭୟାରଣ୍ୟରେ ପହଞ୍ଚିଛି। ଶିମିଳିପାଳ ଅଭୟାରଣ୍ୟ କରିଡରୁ ପ୍ରାୟ ୨୦ରୁ ୨୫କିମି ଦୂରରେ ତାର ଅବସ୍ଥିତି ଥିବା ଜଣାପଡ଼ିଛି। କପ୍ତିପଦା ଅଞ୍ଚଳରେ ତା'ର ପାଦଚିହ୍ନ ମଧ୍ୟ ଠାବ ହୋଇଛି।

ଏ ସଂପର୍କରେ ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହନ୍ତି, ଦୁଇ ବାଘୁଣୀକୁ ଶିମିଳିପାଳ ଅଭୟାରଣ୍ୟ ପସନ୍ଦଯୋଗ୍ୟ ହୋଇପାରୁନାହିଁ। ମହାରାଷ୍ଟ୍ରର ତଡ଼ବା

**ଚିନ୍ତାରେ ଏସ୍‌ଟିଆର କର୍ତ୍ତୃପକ୍ଷ**

ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ସମତଳ ଜଙ୍ଗଲରେ ଜିନ୍ନତ ଓ ଯମୁନା ରହି ଶିକାର କରୁଥିଲା। ତେବେ ଶିମିଳିପାଳର ବଣ ପାହାଡ଼ଘେରା ଜଙ୍ଗଲରେ ସେ ନିଜକୁ ଖାପ ଖୁଆଇ ପାରିନାହିଁ। ଦୁଇ ବାଘୁଣୀକୁ ଛାଡ଼ିବା ପୂର୍ବରୁ ଅଭୟାରଣ୍ୟର ଜଳବାୟୁ ପରିବେଶ ସହ ବନ୍ୟଜନ୍ତୁଙ୍କ ସହ ଖାପଖୁଆଇବା ଅତ୍ୟନ୍ତ ଆବଶ୍ୟକତା ରହିଥିଲା। ବନ୍ୟଜନ୍ତୁଙ୍କ ସହ ମିଶିବା ପାଇଁ ବନବିଭାଗ ପକ୍ଷରୁ କୌଣସି ଉଦ୍ୟମ କରାଯାଇନାହିଁ। ଏପରିକି, ଏନ୍‌କ୍ଲୋଜରର ପରିସୀମା ବୃଦ୍ଧି କରାଯାଇ ଶିମିଳିପାଳର ବନ୍ୟଜନ୍ତୁଙ୍କ ସହ ପରିଚିତ କରାଇବା ମଧ୍ୟ ଜରୁରୀ ଥିଲା।

## ଆଜିଠୁ ରତ୍ନଭଣ୍ଡାର ମରାମତି

**ପୁରୀ,୧୬।୧୨(ସମିସ):** ମଙ୍ଗଳବାରଠାରୁ ଆରମ୍ଭ ହେବ ରତ୍ନଭଣ୍ଡାର ମରାମତି କାମ। ଏଥିପାଇଁ ଏଏସ୍‌ଆଇ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଥିବା ବେଳେ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବ ଶ୍ରୀମନ୍ଦିର ପ୍ରଶାସନ। ତେବେ ମହାପ୍ରଭୁଙ୍କ ନୀତିକାନ୍ତି ଏବଂ ଭକ୍ତଙ୍କ ଦର୍ଶନ ଯେପରି ବ୍ୟାଘାତ ନ ହେବ, ତାହାକୁ ପ୍ରାଥମିକତା ଦେଇ ଏହି ମରାମତି ହେବ ବୋଲି ନିଷ୍ପତ୍ତି ହୋଇଛି।

■ ଦ୍ୱିତୀୟ ଭୋଗମଣ୍ଡପ ପରେ ଆରମ୍ଭ ହେବ କାମ
■ ଦୈନିକ ୪/୫ ଘଣ୍ଟା କାମ କରିବ ଏଏସ୍‌ଆଇ
■ କାମ ସମୟରେ ବାହାର କାଠରୁ ହେବ ଦର୍ଶନ

ରତ୍ନଭଣ୍ଡାର ମରାମତି ପାଇଁ ଏସ୍‌ଓପି ପ୍ରସ୍ତୁତ କରାଯାଇଛି। ଏହି ଏସ୍‌ଓପି ଆଧାରରେ କାମ କରିବ ଏଏସ୍‌ଆଇ। ବିଶେଷକରି, ଦ୍ୱିତୀୟ ଭୋଗମଣ୍ଡପ ସରିବା ପରେ ଆପାତତଃ ଅପରାହ୍ନ ୧ଟାରୁ ଏଏସ୍‌ଆଇକୁ ମରାମତି ଲାଗି ସମୟ ଦିଆଯିବ। ୪ରୁ ୫ଘଣ୍ଟା ଅର୍ଥାତ୍ ସନ୍ଧ୍ୟା ୫/୬ଟା ପର୍ଯ୍ୟନ୍ତ କାମ ହେବ। କିନ୍ତୁ ଏହା ନିର୍ଦ୍ଦିଷ୍ଟ ନୁହେଁ। ନୀତିକାନ୍ତିକୁ ଦେଖି କାମ ସମୟ ବଦଳିପାରେ। ସେହିପରି ବିଶେଷ ପର୍ବପର୍ବାଣୀ, ଶନିବାର ଏବଂ ରବିବାର ଭଳି ଭିଡ଼ ହେବାକୁ ଥିବା ଦିନରେ କାମ ବନ୍ଦ ରହିବ। ମରାମତି ସମୟରେ ବାହାର କାଠରୁ ସର୍ବସାଧାରଣ ଦର୍ଶନ ହେବ। କାହାରିକୁ ଭିତର କାଠ ନିକଟକୁ ଛଡ଼ାଯିବ ନାହିଁ। ଡାକ୍ତରୀ ଟିମ୍, ଅଗ୍ନିଶମ କର୍ମଚାରୀ ଏବଂ ଏଏସ୍‌ଆଇର ସ୍ୱତନ୍ତ୍ର ଟିମ୍ ଉପସ୍ଥିତ ରହି କାର୍ଯ୍ୟ କରିବେ। ଅଧିକୃତ ବ୍ୟକ୍ତିଙ୍କୁ ପରିଚୟପତ୍ର ପ୍ରଦାନ କରାଯିବ। ୩ ମାସ ମଧ୍ୟରେ କାମ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ମରାମତି ସମ୍ପୂର୍ଣ୍ଣ ହେବା ପରେ ଅସ୍ଥାୟୀ ରତ୍ନଭଣ୍ଡାରରୁ ମହାପ୍ରଭୁଙ୍କ ଅଳଙ୍କାର ସ୍ଥାୟୀ ଭଣ୍ଡାରକୁ ସ୍ଥାନାନ୍ତର କରାଯିବ। ଏହାପରେ ଅଳଙ୍କାର ଗଣତି ମଣତି ହେବ।

ରତ୍ନଭଣ୍ଡାର ମରାମତି ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି, ଯାହାକୁ ଛତିଶାନିଯୋଗ ଅନୁମୋଦନ ଦେଇଛି। ନିର୍ଘଣ୍ଟ ନୀତି ଅନୁଯାୟୀ, ରାତ୍ର ୨ଟାରୁ ଦ୍ୱାରଫିଟା ହେବ। ଦ୍ୱିତୀୟ ଭୋଗ ମଣ୍ଡପ ପରେ ଏଏସ୍‌ଆଇକୁ କାମ କରିବାକୁ ଅନୁମତି ମିଳିବ। ଅପରାହ୍ଣ ୧୨ଟା ୩୦ ସୁଦ୍ଧା ସରିବ ଦ୍ୱିତୀୟ ଭୋଗ ମଣ୍ଡପ। ଦ୍ୱିତୀୟ ଭୋଗ ମଣ୍ଡପ ପରଠାରୁ ସନ୍ଧ୍ୟା ୫ଟା କିମ୍ବା ୬ ଟା ପର୍ଯ୍ୟନ୍ତ କାମ କରିବ ଏଏସ୍‌ଆଇ। ସନ୍ଧ୍ୟା ୬ଟା ପରେ ମହାପ୍ରଭୁଙ୍କ ବେଶ ମଇଲମ ସହ ସନ୍ଧ୍ୟା ଆଳତି ହୋଇ ଅନ୍ୟାନ୍ୟ ନୀତି ବଢ଼ିବ। ସକାଳ ଧୂପ ଓ ମଧ୍ୟାହ୍ନ ଧୂପରେ କେବଳ କୋଠଭୋଗ ବାହାରିବ। ରାତି ୨ଟାରୁ ଦ୍ୱାରଫିଟା ପରେ ୩ଟାରେ ମଙ୍ଗଳ ଆଳତି ଓ ୫ଟା ୩୦ରୁ ୬ ଟା ମଧ୍ୟରେ ଗୋପାଳ ବଲ୍ଲଭ ଓ ପହିଲି ଭୋଗ ନୀତି ଶେଷ ହେବ। ସକାଳ ୧୦ଟା ୧୫ରୁ ସାଢ଼େ ୧୨ଟା ମଧ୍ୟରେ ସରିବ ଦ୍ୱିତୀୟ ଭୋଗ ମଣ୍ଡପ।

## ରଥ ପାଇଁ କାଠ ଚିହ୍ନଟ

**ପୁରୀ,୧୬।୧୨(ସମିସ):** ୨୦୨୫ ରଥଯାତ୍ରା ପାଇଁ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ, ନୟାଗଡ଼ ଜିଲ୍ଲା ଗଣିଆର ବଡ଼ରାଉଳ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ରଥ ପାଇଁ କାଠ ଚିହ୍ନଟ ଓ କାଟିବା ଅନୁକୂଳ ହୋଇଥାଏ। ଏଥିଲାଗି ସୋମବାର ଅପରାହ୍ଣରେ ଦାରୁବିଗ୍ରହଙ୍କ ଲାଗି ଖଣ୍ଡୁଆ, ମାଳ, ମାହାର୍ଦ୍ଦ, ପତନୀ, ଧୂପ, ଦୀପ ନେଇ ଶ୍ରୀମନ୍ଦିରର ୪ ଜଣିଆ ଟିମ୍ ନୟାଗଡ଼ ଅଭିମୁଖେ ଯାତ୍ରା କରିଛନ୍ତି। ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ନେତୃତ୍ୱରେ ରଥକାଠ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇ ଏବଂ ରାକେଶ ରାୟ ରହିଛନ୍ତି। ମଙ୍ଗଳବାର ବଡ଼ରାଉଳ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ରଥ ପାଇଁ କାଠକଟା ଅନୁକୂଳ ହେବ। ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତବର୍ଷ ଆସିଥିବା କାଠ ମଧ୍ୟରୁ ୫୧ ଖଣ୍ଡ ବଳକା ରହିଛି। ବାକି ୮୧୪ ଖଣ୍ଡ କାଠ ଏଥର ଆସିବ। ଏହି କାଠ ମଧ୍ୟରୁ ସ'ମିଲକୁ ୪୧୮ ଖଣ୍ଡ ଏବଂ ରଥଖଳାକୁ ୩୯୬ ଖଣ୍ଡ କାଠ ଆସିବ। ତତ୍ତ୍ୱାବଧାରକ ମେକାପ କହିଛନ୍ତି, ରଥ ନିର୍ମାଣ ପାଇଁ ଅସନ, ଧଉରା, ଫାଶି, ଶିମିଳି କାଠ ଆସିଥାଏ। ଏଥର ୮୧୪ ଖଣ୍ଡ କାଠ ଆସିବ। ବସନ୍ତ ପଞ୍ଚମୀ ପୂର୍ବରୁ ୨ଟ୍ରିପ୍ କାଠ ରଥଖଳାରେ ପହଞ୍ଚିବ। ପରମ୍ପରା ଅନୁଯାୟୀ, ସେଥିମଧ୍ୟରୁ ୧୨ଫୁଟିଆ ୩ଖଣ୍ଡ ଧଉରା କାଠ ବସନ୍ତ ପଞ୍ଚମୀ ତିଥିରେ ଅନୁକୂଳ କରାଯିବ। ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ କରାଯିବାର ବିଧି ରହିଛି।

■ ନୟାଗଡ଼ ଗଲେ ୪ ଜଣିଆ ଟିମ୍
■ ଏଥର ଆସିବ ୮୧୪ ଖଣ୍ଡ କାଠ

### ବିଷ୍ଣୁପଦଙ୍କ ଘର ଘେରଉ ବେଳେ ବିନ୍ଧିଲେ ମହୁମାଛି

## ରାସ୍ତାରେ ପେଟେଇଲେ ଆନ୍ଦୋଳନକାରୀ, ପୁଲିସ, ସାମ୍ବାଦିକ





● ବିକ୍ଷୋଭ ଭଣ୍ଡୁର କରିବା ପାଇଁ ମହୁମାଛି ଡାଳ ଅଭିଯୋଗ
● ମହୁଫେଣାକୁ ଢେଲାମାଡ଼ ଘଟଣାର ତଦନ୍ତ କରୁଛି ପୁଲିସ

**ଭୁବନେଶ୍ୱର,୧୬ ।୧୨(ସମିସ):** ବରିଷ୍ଠ ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀଙ୍କ ବିରୋଧରେ ସୋମବାର ରାଜରାସ୍ତାରେ କଂଗ୍ରେସର ବିକ୍ଷୋଭ ସମୟରେ ସୃଷ୍ଟି ହୋଇଛି ଅଭାବନୀୟ ପରିସ୍ଥିତି। ଘଟଣାସ୍ଥଳରେ ମୁତୟନ ପୁଲିସ, ଆନ୍ଦୋଳନକାରୀ, ଖବର ସଂଗ୍ରହ ନିମନ୍ତେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ମହୁମାଛିଙ୍କ ଅତର୍କିତ ଆକ୍ରମଣରେ ଛତ୍ରଭଙ୍ଗ ଦେଇଛନ୍ତି। ଏପରିକି, କିଛି କଂଗ୍ରେସ କର୍ମୀ ମହୁମାଛି ଆକ୍ରମଣରେ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ସିବିଆଇର ସମନ ପରେ ଯୁବ କଂଗ୍ରେସ କର୍ମୀ ବିକ୍ଷୋଭ ପ୍ରଦର୍ଶନ ସହ ବାସଭବନ ଘେରିବାକୁ ଅଗ୍ରସର ହୋଇଥିଲେ। କିନ୍ତୁ ଶ୍ରୀ ସେଠୀଙ୍କ ବାସଭବନ ନିକଟରେ ପହଞ୍ଚିବା ପୂର୍ବରୁ ନିକଟରେ ଥିବା ଏକ ବଡ଼ ଗଛରେ ବସା ବାନ୍ଧିଥିବା ମହୁମାଛି ଅଚାନକ ମାଡ଼ି ଆସି ଯାହାକୁ ପାରିଲେ, ତାକୁ ବିନ୍ଧିବାରେ ଲାଗିଲେ। ମହୁମାଛି ଆକ୍ରମଣରୁ ବର୍ତ୍ତିବା ପାଇଁ ଅନେକ ରାସ୍ତାରେ ପେଟେଇ ପଡ଼ିବାକୁ ବାଧ ହୋଇଥବାବେଳେ ଆଉ କିଛି ବାଇକ୍ ଧରି ଛତ୍ରଭଙ୍ଗ ଦେଇଛନ୍ତି। କିଛି ଲୋକ ହାତରେ ଧରିଥିବା ବ୍ୟାନର ଓ ଫ୍ଲେକ୍ସକୁ ଘୋଡ଼େଇ ହୋଇ ମହୁମାଛି ଆକ୍ରମଣରୁ ବର୍ତ୍ତିବାକୁ ଉଦ୍ୟମ କରିଥିଲେ। ସୁରକ୍ଷାରେ ନିୟୋଜିତ ଥିବା ପୁଲିସ ବି ମହୁମାଛି ଆକ୍ରମଣରୁ ବର୍ତ୍ତି ନ ଥିଲେ। ମହୁମାଛିଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଯିଏ ଯେଉଁଠି ପାଇଲେ ସେଠି ବସି ପଡିଥିଲେ କିମ୍ବା ଶୋଇ ପଡିଥିଲେ। ସାମ୍ବାଦିକ ବି ଉପାୟଶୂନ୍ୟ ହୋଇ କଂଗ୍ରେସ କର୍ମୀଙ୍କ ସହ ରାସ୍ତାରେ ଶୋଇବାକୁ ବାଧ ହୋଇଥିଲେ। ସ୍ଥିତି ଏମିତି ହେଲା ଯେ, ଶେଷକୁ କିଛି ଯୁବ କଂଗ୍ରେସକର୍ମୀଙ୍କୁ ହସ୍ପିଟାଲରେ ସାଲାଇନ ନେବାକୁ ପଡିଲା। ମହୁମାଛି ଆକ୍ରମଣର ଶିକାର ହୋଇ ୧୫ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।

ଅନ୍ୟପକ୍ଷରେ ଏହି ମହୁମାଛି ଆକ୍ରମଣ କରିବା ପଛରେ ବିଜେପିର ହାତ ଥିବା କଂଗ୍ରେସ ଅଭିଯୋଗ କରିଛି। ଆନ୍ଦୋଳନକାରୀଙ୍କୁ ରୋକିବାକୁ ମହୁମାଛି ଫେଣାକୁ ଜାଣିଶୁଣି କେହି ଢ଼େଲା ଫିଙ୍ଗିବାରୁ ମହୁମାଛି ଉତ୍ପାତ କରିଛନ୍ତି ବୋଲି ଯୁବକଂଗ୍ରେସ ନେତାମାନେ ଦାବି କରିଛନ୍ତି। ଏହି ଅଭିଯୋଗ ପରେ ମହୁଫେଣାକୁ କିଏ ଢ଼େଲା ମାରିଲା, ସେ ସମ୍ପର୍କରେ ପୁଲିସ ଯାଞ୍ଚ ଆରମ୍ଭ କରିଛି। ଏହା ସହ ଦୁର୍ନୀତି ଓ ଲାଞ୍ଚ କାରବାରରେ ସମ୍ପୃକ୍ତି ଅଭିଯୋଗରେ ସିବିଆଇ ସମନ ପାଇଥିବା ବିଷ୍ଣୁଙ୍କୁ ପଦରୁ ହଟାଇବା ପାଇଁ ଯୁବ କଂଗ୍ରେସ ଦାବି କରିଛି।

### ତାପମାତ୍ରା
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୨୬.୪ | ୧୧.୩ |
| ଚାନ୍ଦବାଲି | ୨୫.୫ | ୧୧.୨ |
| କଟକ | ୨୫.୪ | ୧୧.୦ |
| ଭୁବନେଶ୍ୱର | ୨୮.୦ | ୧୦.୯ |
| ଗୋପାଳପୁର | ୨୫.୯ | ୧୩.୯ |
| ପୁରୀ | ୨୮.୧ | ୧୪.୮ |
| ଅନୁଗୋଳ | ୨୬.୮ | ୮.୦ |
| ବାରିପଦା | ୨୪.୦ | ୧୦.୦ |
| ଝାରସୁଗୁଡ଼ା | ୨୭.୧ | ୭.୧ |
| କେନ୍ଦୁଝର | ୨୫.୧ | ୮.୮ |
| ସମ୍ବଲପୁର | ୨୮.୩ | ୧୧.୬ |
| ସୁନ୍ଦରଗଡ଼ | ୨୭.୦ | ୯.୦ |
| ହୀରାକୁଦ | ୨୭.୦ | ୧୨.୫ |
| ତାଳଚେର | ୨୬.୦ | ୧୨.୨ |
| ଭବାନୀପାଟଣା | ୨୭.୨ | ୭.୮ |
| ବଲାଙ୍ଗିର | ୨୭.୪ | ୧୦.୩ |
| କୋରାପୁଟ | ୨୬.୮ | ୯.୬ |
| ଫୁଲବାଣୀ | ୨୫.୨ | ୭.୦ |
| ଟିଟିଲାଗଡ଼ | ୨୭.୫ | ୧୧.୫ |
| ମାଲକାନଗିରି | ୨୯.୩ | ୧୩.୨ |
| ସୋନପୁର | ୨୬.୪ | ୧୦.୫ |
| ଦାରିଙ୍ଗବାଡ଼ି | ୨୬.୫ | ୭.୫ |
| ନୟାଗଡ଼ | ୨୬.୬ | ୧୪.୦ |
| ବୌଦ୍ଧ | ୨୫.୫ | ୧୦.୮ |
| ଛତ୍ରପୁର | ୨୮.୦ | ୧୪.୩ |
| ପାରଳାଖେମୁଣ୍ଡି | ୩୦.୦ | ୧୩.୦ |
| ରାୟଗଡ଼ା | ୨୭.୦ | ୧୨.୨ |
| ଭଦ୍ରକ | - | ୧୩.୦ |
| ଯାଜପୁର | ୨୮.୧ | ୧୪.୦ |
| ଢ଼େଙ୍କାନାଳ | ୨୭.୮ | ୯.୬ |
| ବରଗଡ଼ | ୨୮.୫ | - |
| ଦେଓଗଡ଼ | ୨୮.୪ | ୧୪.୦ |
| ନୂଆପଡ଼ା | ୩୦.୦ | - |
| ନବରଙ୍ଗପୁର | ୨୯.୦ | ୧୦.୦ |
| ଖୋର୍ଦ୍ଧା | ୨୭.୦ | - |
| ଜଗତସିଂହପୁର | ୨୭.୫ | ୯.୫ |
| କେନ୍ଦ୍ରାପଡ଼ା | ୨୮.୮ | ୧୨.୮ |
| ରାଉରକେଲା | ୨୫.୫ | ୫.୭ |

## ଶ୍ରୀମନ୍ଦିରରେ ଆରମ୍ଭ ହେଲା ପହିଲି ଭୋଗ

**ପୁରୀ, ୧୬।୧୨(ସମିସ):** ପବିତ୍ର ଧନୁ ସଂକ୍ରାନ୍ତି ଅର୍ଥାତ୍ ସୋମବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହୋଇଛି ପହିଲି ଭୋଗ। ଏହା ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ମହାପ୍ରଭୁଙ୍କୁ ଲାଗି ହୋଇଛି ପହିଲି ଭୋଗ। ବିରି, ଗହମଚୁନା ଓ ଘୃତରେ ପାଗ ହୋଇଥିବା ବିଭିନ୍ନ ପ୍ରକାର ପିଠା ଓ ଧନୁମୁଆଁ ଲାଗି କରାଯାଇଛି। ରବିବାର ରାତି ୧୨ଟା ୪୫ରେ ପହୁଡ଼ ହୋଇଥିଲା। ପହିଲି ଭୋଗ ପାଇଁ ରାତ୍ର ୨ଟାରୁ ଦ୍ୱାର ଫିଟାଯିବାକୁ ନୀତି ନିର୍ଘଣ୍ଟ ହୋଇଥିଲା। ହେଲେ ୫୫ ମିନିଟ୍ ବିଳମ୍ବରେ ଅର୍ଥାତ୍ ରାତି ୨ଟା ୫୫ରେ ଦ୍ୱାର ଫିଟିଥିଲା। ପ୍ରଥମ ନୀତିରୁ ଆରମ୍ଭ ହୋଇଥିବା ବିଳମ୍ବ ପହିଲି ଭୋଗ ଶେଷରେ ବି ପ୍ରତିଫଳିତ ହୋଇଥିଲା। ଭୋର୍ ସାଢ଼େ ୫ଟାରୁ ସକାଳ ୬ଟା ମଧ୍ୟରେ ପହିଲି ଭୋଗ ଶେଷ ହେବାକୁ ଛତିଶା ନିଯୋଗ ବୈଠକରେ ନିର୍ଘଣ୍ଟ ହୋଇଥିବା ବେଳେ ଏଥିରେ ୧ ଘଣ୍ଟା ବିଳମ୍ବ ଘଟିଥିଲା। ସକାଳ ୭ଟାରେ ସରିଥିଲା ପହିଲି ଭୋଗ। ସେହିପରି ସକାଳ ୬ଟା ୩୦ରୁ ୮ଟା ମଧ୍ୟରେ ସକାଳ ଧୂପ ଲାଗି ନିର୍ଘଣ୍ଟ କରାଯାଇଥିବା ବେଳେ ଏହା ୮ଟା ୪୦ ସୁଦ୍ଧା ସରିଥିଲା। ପରେ ଅନ୍ୟାନ୍ୟ ନୀତି ଚାଲିଥିଲା। ଅନ୍ୟପକ୍ଷରେ, ଆଜିର ଦିନରେ ମହାପ୍ରଭୁଙ୍କ ଦର୍ଶନ କଲେ ଅଶେଷ ପୁଣ୍ୟ ମିଳୁଥିବା ବିଶ୍ୱାସ ରହିଥିବାରୁ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା।



## ଦୁଇ ବ୍ୟବସାୟୀଙ୍କଠୁ ୧୦ ଲକ୍ଷ ଟଙ୍କା ଲୁଟ୍

**ବାହାନଗା,୧୬।୧୨(ସମିସ):** ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ଶେରଗଡ଼ ନିକଟବର୍ତ୍ତୀ ୟୁକୋ ବ୍ୟାଙ୍କ ନିକଟରୁ ଆଜି ଏକ ବଡ଼ଧରଣର ଲୁଟ୍ ହୋଇଛି। ମାରଣାସ୍ତ୍ର ଦେଖାଇ ଦୁର୍ବୃତ୍ତମାନେ ଦୁଇ ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ବ୍ୟବସାୟୀଦ୍ୱୟ ହେଲେ, ରେମୁଣା ମଙ୍ଗଳପୁର ଅଞ୍ଚଳର ବିଶ୍ୱରଞ୍ଜନ ସାହୁ ଓ ସଦର ଥାନା ଶ୍ରୀଖଣ୍ଡପୁର ଅଞ୍ଚଳର ସାଗର ମଲ୍ଲିକ। ଏନେଇ ସେମାନେ ଖନ୍ତାପଡ଼ା ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିବା ସହ ଶେରଗଡ଼ ଟୋଲପ୍ଲାଜା ସିସିଟିଭି କ୍ୟାମେରା ଯାଞ୍ଚ କରି ଦୁର୍ବୃତ୍ତମାନଙ୍କୁ ଠାବ କରିବାକୁ ଚେଷ୍ଟା ଚଳାଇଛି।

ସୂଚନାନୁଯାୟୀ, ବିଶ୍ୱରଞ୍ଜନ ଓ ସାଗର ପାଇକାରୀ ମୂଲ୍ୟରେ ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀଙ୍କୁ ଆଳୁ, ପିଆଜ ଯୋଗାଇଥା'ନ୍ତି। ଆଜି ଅପରାହ୍ଣରେ ଦୁହେଁ ବିଭିନ୍ନ ଦୋକାନ ଏବଂ ଗୋଦାମରୁ ୧୦ ଲକ୍ଷ ଟଙ୍କା ଆଦାୟ କରି କାର୍‌ରେ ଶେରଗଡ଼ରୁ ରେମୁଣା ଫେରୁଥିଲେ। ଶେରଗଡ଼ ନିକଟବର୍ତ୍ତୀ ୟୁକୋ ବ୍ୟାଙ୍କ ନିକଟରେ ଦୁଇଟି ବାଇକ୍‌ରେ ୬ଜଣ ଯୁବକ ଆସି ସେମାନଙ୍କ କାର୍‌କୁ ଅଟକାଇଥିଲେ। ଦୁହେଁ କିଛି ବୁଝିବା ପୂର୍ବରୁ ଦୁର୍ବୃତ୍ତମାନେ ତାଙ୍କୁ ମାରଣାସ୍ତ୍ର ଦେଖାଇ ସବୁତକ ଟଙ୍କା ଲୁଟି ନେଇଥିଲେ।

### କେନ୍ଦ୍ର ସରକାର-ଶକ୍ତିକାନ୍ତ ସମ୍ପର୍କ

## ଶେଷ ଆଡ଼କୁ ଦେଖାଦେଇଥିଲା ମତାନ୍ତର

**ମୁମ୍ବାଇ,୧୬ ।୧୨:** ଭାରତୀୟ ଅର୍ଥନୀତି ଗୁରୁତର ସଙ୍କଟ ଦେଇ ଗତି କରୁଥିବା ବେଳେ ଓଡ଼ିଆ ପୁଅ ଶକ୍ତିକାନ୍ତ ଦାସ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ପୂର୍ବରୁ ଗଭର୍ଣ୍ଣର ଥିବା ରଘୁରାମ ରାଜନ ଏବଂ ଉର୍ଜିତ ପଟେଲଙ୍କ ସହିତ କେନ୍ଦ୍ର ସରକାରଙ୍କ ଟଣାଓଟରା ଯୋଗୁଁ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଅର୍ଥନୀତିକୁ ଗତିଶୀଳ କରିବା ଲାଗି କେନ୍ଦ୍ର ସରକାର ଏବଂ ରିଜର୍ଭ ବ୍ୟାଙ୍କ ମଧ୍ୟରେ ଉତ୍ତମ ସଂପର୍କର ଆବଶ୍ୟକତା ଥିବା ବେଳେ ରାଜନ ଓ ଉର୍ଜିତଙ୍କ ବେଳେ ମତଭେଦ ତୀବ୍ର ହୋଇଥିଲା। ଉର୍ଜିତଙ୍କ ଇସ୍ତଫା ପରେ କେନ୍ଦ୍ର ସରକାର ଉତ୍ତମ ସମନ୍ୱୟ ଲକ୍ଷ୍ୟରେ ଆଇଏସ୍ ଅଧିକାରୀ ଶକ୍ତିକାନ୍ତ ଦାସଙ୍କୁ ଏହି ଗୁରୁ ଦାୟିତ୍ୱ ଦେଇଥିଲେ। ସରକାର ଓ ରିଜର୍ଭ ବ୍ୟାଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବାରେ ସେ ଉଦାହରଣ ସୃଷ୍ଟି କରିଥିଲେ ସତ, କିନ୍ତୁ କାର୍ଯ୍ୟକାଳର ଶେଷ ଆଡ଼କୁ ସଂପର୍କ ପୂର୍ବଭଳି ମଧୁର ନଥିଲା ବୋଲି କୁହାଯାଉଛି।

୨୦୧୮ ରେ ଶକ୍ତିକାନ୍ତ ଯେତେବେଳେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ହେଲେ, ସେତେବେଳେ ତାଙ୍କୁ ନେଇ ଅନେକ ପ୍ରଶ୍ନ ଉଠିଥିଲା। ଇତିହାସ ଛାତ୍ର ଥିବା ଶକ୍ତିକାନ୍ତଙ୍କର ଅର୍ଥନୀତି ପରିଚାଳନା କ୍ଷେତ୍ରରେ କୌଣସି ଅଭିଜ୍ଞତା ନଥିଲା। ତେଣୁ ନୂଆ ଦାୟିତ୍ୱ ସେ ଠିକ୍ ଭାବେ ତୁଲାଇ ପାରିବେ ନାହିଁ ବୋଲି ବିଭିନ୍ନ ମହଲରେ ଆଶଙ୍କା ପ୍ରକାଶ ପାଇଥିଲା। ନିଜର ସ୍ୱାର୍ଥ ହାସଲ ଲାଗି ସରକାର ତାଙ୍କୁ ରିଜର୍ଭ ବ୍ୟାଙ୍କରେ ନିଜର କଣ୍ଢେଇ ରୂପେ ଅବସ୍ଥାପିତ କରିଥିଲେ ବୋଲି ଅଭିଯୋଗ ମଧ୍ୟ ଉଠିଥିଲା। ଶକ୍ତିକାନ୍ତ ଦାୟିତ୍ୱ ଗ୍ରହଣ କରିବା ସମୟରେ ଭାରତୀୟ ଅର୍ଥନୀତିରେ ନଗଦ ଅର୍ଥର ଘୋର ସଙ୍କଟ ଦେଖାଦେଇଥିଲା। ରିଜର୍ଭ ବ୍ୟାଙ୍କ ଏହାର ଭଣ୍ଡାରରୁ ବଳକା ନଗଦ ଅର୍ଥ ବଜାର ଓ ବ୍ୟାଙ୍କ ପାଇଁ ଛାଡ଼ୁ ବୋଲି କେନ୍ଦ୍ର ସରକାର ଉର୍ଜିତଙ୍କ



ସମୟରେ ପରାମର୍ଶ ଦେଇଥିଲେ। କିନ୍ତୁ ଉର୍ଜିତ ଶୁଣିନଥିଲେ। ଅନ୍ୟପକ୍ଷରେ ଶକ୍ତିକାନ୍ତ ଦାୟିତ୍ୱ ଗ୍ରହଣ କରିବା ପରେ ନଗଦ ରାଶିକୁ ବ୍ୟାଙ୍କ ଓ ବଜାରକୁ ଦେଇଥିଲେ। ଏଥିପାଇଁ ତାଙ୍କୁ ଅନେକ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। କିନ୍ତୁ ସରକାରଙ୍କ ପରାମର୍ଶ କ୍ରମେ ସେ ନେଇଥିବା ଏହି ପଦକ୍ଷେପ ଅର୍ଥନୀତିକୁ ଅର୍ଥାଭାବରୁ ମୁକୁଳାଇବାରେ ସହାୟକ ହୋଇଥିଲା। କୋଭିଡ୍-୧୯ ବେଳେ ତାଙ୍କର ପରିଚାଳନା ଦକ୍ଷତା ମଧ୍ୟ ପ୍ରଶଂସନୀୟ ଥିଲା। ଅନେକ ପଦକ୍ଷେପ ସେ ସରକାରୀ ଚାପରେ ନୁହେଁ, ସ୍ୱାଧୀନ ଭାବେ ମଧ୍ୟ ନେଇଥିଲେ।

ଏହାକୁ ଦୃଷ୍ଟିରେ ରଖି ୨୦୨୧ରେ ସରକାର ତାଙ୍କର କାର୍ଯ୍ୟକାଳକୁ ଆଉ ତିନି ବର୍ଷ ପର୍ଯ୍ୟନ୍ତ ବଢ଼ାଇଦେଇଥିଲେ। ସବୁ ଠିକ୍‌ଠାକ୍ ଭାବେ ଚାଲିଥିବା ବେଳେ କାର୍ଯ୍ୟକାଳର ଶେଷ ଆଡ଼କୁ ବିଭିନ୍ନ ସମୟରେ ସରକାରଙ୍କ ସହିତ ତାଙ୍କର ମତଭେଦ ଦେଖାଦେଇଥିଲା ବୋଲି କୁହାଯାଉଛି। ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଜାତୀୟ ଅଭିବୃଦ୍ଧି ହାର ହ୍ରାସ ପାଇବା ଘଟଣା ସରକାରଙ୍କୁ ଚିନ୍ତାରେ ପକାଇଥିଲା। ଏହାର ମୁକାବିଲା ନିମନ୍ତେ ବ୍ୟାଙ୍କ ସୁଧହାର କମାଇବା ଲାଗି କେନ୍ଦ୍ର ସରକାର ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତଙ୍କ ଉପରେ ଚାପ ପକାଇଥିଲେ। ଡିସେମ୍ବର ୮ ତାରିଖରେ ରିଜର୍ଭ ବ୍ୟାଙ୍କ ଏହାର ମୁଦ୍ରା ନୀତି ଘୋଷଣା ବେଳେ ସୁଧ ହାର ହ୍ରାସ କରିବା ଦରକାର। ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଶିଳ୍ପ ସଂସ୍ଥାଗୁଡ଼ିକୁ କମ୍ ସୁଧ ହାରରେ ବ୍ୟାଙ୍କ ଋଣ ଜରୁରୀ। ଏଭଳି ଯୁକ୍ତି କରି ଅର୍ଥ ମନ୍ତ୍ରୀ ନିର୍ମଳା ଶୀତାରମଣ ଶକ୍ତିକାନ୍ତଙ୍କ ଉପରେ ସୁଧହାର କମାଇବାକୁ ଚାପ ପକାଇଥିଲେ। ଅର୍ଥନୈତିକ ଅଭିବୃଦ୍ଧି ଲାଗି ସୁଧହାର କମାଇବା ପାଇଁ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋଏଲ ମଧ୍ୟ ଶକ୍ତିକାନ୍ତଙ୍କ ନିକଟରେ ଯୁକ୍ତି ରଖିଥିଲେ। ସେ କହିଥିଲେ ଯେ ମୁଦ୍ରା ନୀତି ପ୍ରସ୍ତୁତି ବେଳେ ରିଜର୍ଭ ବ୍ୟାଙ୍କ ଖାଦ୍ୟ ମୂଲ୍ୟକୁ ମଧ୍ୟ ଦୃଷ୍ଟିରେ ରଖୁ। କିନ୍ତୁ ଶକ୍ତିକାନ୍ତ ସେମାନଙ୍କ ଚାପରେ ପଡ଼ିନଥିଲେ। ଡିସେମ୍ବର ୮ ତାରିଖେରେ ସେ ଯେଉଁ ମୁଦ୍ରାନୀତି ଘୋଷଣା କରିଥିଲେ ସେଥିରେ ସୁଧହାର ଅପରିବର୍ତ୍ତିତ ରଖିଥିଲେ। ସେ ଯୁକ୍ତି କରିଥିଲେ ଯେ ମୁଦ୍ରାସ୍ଫୀତି ବା ଦରଦାମ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ଲାଗି ସୁଧହାର ଅପରିବର୍ତ୍ତିତ ରହିବା ଜରୁରୀ। ତାଙ୍କର ଏହି ନିଷ୍ପତ୍ତି କେନ୍ଦ୍ର ସରକାରଙ୍କୁ ଅପ୍ରୀତିକର ପରିସ୍ଥିତିରେ ପକାଇଥିବା ଗଣମାଧ୍ୟମ ସୂତ୍ରରୁ ଜଣାପଡ଼ିଛି।

କେବଳ ଶକ୍ତିକାନ୍ତ ନୁହନ୍ତି, ତାଙ୍କ ପୂର୍ବରୁ ୪ ଜଣ ଗଭର୍ଣ୍ଣର ୱାଇଭି ରେଡ଼ି, ଡି. ଶୁବାରାଓ, ରଘୁରାମ ରାଜନ ଏବଂ ଉର୍ଜିତ ପଟେଲ ମଧ୍ୟ ସରକାରଙ୍କ ଚାପର ବଶବର୍ତ୍ତି ହୋଇଥିଲେ। ସରକାରଙ୍କ ସହିତ ଅନେକ କ୍ଷେତ୍ରରେ ସେମାନଙ୍କର ମତଭେଦ ମଧ୍ୟ ହୋଇଥିଲା। ରିଜର୍ଭ ବ୍ୟାଙ୍କର ସ୍ୱାଧୀନତାକୁ ଅକ୍ଷୁଣ୍ଣ ରଖିବା ଲାଗି ସରକାରଙ୍କ ସହିତ ଏହି ଗଭର୍ଣ୍ଣରମାନଙ୍କର ଟଣାଓଟରା ହୋଇଥିଲା। ୟୁପିଏ ସରକାରେରେ ଅର୍ଥ ମନ୍ତ୍ରୀ ଥିବା ପି. ଚିଦମ୍ବରମଙ୍କ ସହିତ ୱାଇଭି ରେଡିଙ୍କ ମତଭେଦ ସୀମା ଅତିକ୍ରମ କରିଥିଲା। ସେହିଭଳି ମୋଦୀ ସରକାରଙ୍କ ସହିତ ରାଜନ ଓ ଉର୍ଜିତଙ୍କ ସଂପର୍କ ଅଧିକାଂଶ ଦିନ ତିକ୍ତ ରହିଥିଲା। ରାଜନ ଗଭର୍ଣ୍ଣର ଥିବା ବେଳେ ବିମୁଦ୍ରୀକରଣ ଯୋଜନାକୁ ବିରୋଧ କରିଥିଲେ। ତାଙ୍କର ଅବ୍ୟାହତି ପରେ ସରକାର ବିମୁଦ୍ରୀକରଣ ଘୋଷଣା କରିଥିଲେ। ସେହିଭଳି ଜାତୀୟ ଅର୍ଥନୀତିକୁ ଅର୍ଥାଭାବରୁ ମୁକୁଳାଇବା ଲାଗି ବଜାର, ବ୍ୟାଙ୍କ ଓ ବିତ୍ତୀୟ ଅନୁଷ୍ଠାନକୁ ରିଜର୍ଭ ବ୍ୟାଙ୍କ ଏହାର ବଳକା ଭଣ୍ଡାରରୁ ନଗଦ ଅର୍ଥ ପ୍ରଦାନ କରୁ ବୋଲି ସରକାର ଯେତେ ଅନୁରୋଧ କଲେ ମଧ୍ୟ ଉର୍ଜିତ ଶୁଣିନଥିଲେ।

## ଧର୍ମଶାଳା ବ୍ଲକ୍‌ରେ ସ୍ୱଚ୍ଛ ଭାରତ ଯୋଜନା ବାଟବଣା

# ଶୌଚାଳୟ ତିଆରି ନ କରି ଓଡିଏଫ୍ ଘୋଷଣା ଅଭିଯୋଗ

**କବାଟବନ୍ଧ, ୧୬।୧୨(ସମିସ)**




ପ୍ରଧାନମନ୍ତ୍ରୀଙ୍କ ଯୋଜନା ସ୍ୱଚ୍ଛ ଭାରତ ମିଶନ ଜରିଆରେ ପ୍ରତ୍ୟେକ ପରିବାର ସରକାରୀ ଅନୁଦାନରେ ଶୌଚାଳୟ ନିର୍ମାଣ କରି ଖୋଲାରେ ମଳତ୍ୟାଗ ନ କରିବାକୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ କେତେକ ଅସାଧୁ ଅଧିକାରୀଙ୍କ ଖାମଖିଆଲ ମନୋବୃତ୍ତି ପାଇଁ ଏହି ଯୋଜନା ବାଟବଣା ହୋଇଛି। ଜିଲ୍ଲାର ପ୍ରାୟ ପ୍ରତ୍ୟେକ ବ୍ଲକରେ ଏହି ଯୋଜନାରେ ଅନିୟମିତତା ହୋଇଥିବା ଜଣାପଡ଼ିଛି। ବିଶେଷକରି ଧର୍ମଶାଳା ବ୍ଲକରେ ଏହି ଯୋଜନାରେ ହୋଇଥିବା ଦୁର୍ନୀତି ସୀମା ପାର କରିଛି। ସରକାର କା ମାଲ ଦରିଆ ମେ ଡାଲ ନୀତିରେ ଏହି ଯୋଜନା ପାଇଁ ଉଦ୍ଦିଷ୍ଟ ଅର୍ଥକୁ ବିଭାଗୀୟ ଅଧିକାରୀ ଅତି ଖାମଖିଆଲ ଭାବେ ଖର୍ଚ୍ଚ କରିଥିବା ଅଭିଯୋଗ ହେଉଛି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଧର୍ମଶାଳା ବ୍ଲକରେ ୪୭୭୬୫ଟି ପରିବାର ବସବାସ କରୁଛନ୍ତି। ୨୦୧୪ରୁ ଆଜି ପର୍ଯ୍ୟନ୍ତ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ୧୬୬୮୫ଟି ପରିବାର ପାଇଖାନା ନିର୍ମାଣ କରିଥିବା ଜଣାପଡ଼ିଛି। ଅବଶିଷ୍ଟ ୩୧୦୮୦ଟି ପରିବାର ଆଦୌ ପାଇଖାନା ନିର୍ମାଣ କରି ନ ଥିବା ଜଣାପଡ଼ିଛି। ବିସ୍ମୟକର କଥା ହେଉଛି ୨୦୨୧ରେ ତରବରିଆ ଭାବେ ଏହି ବ୍ଲକକୁ ଅଧିକାରୀମାନେ ଓଡ଼ିଏଫ୍ (ଓପନ ଡିଫିକେସନ ଫ୍ରି) ଘୋଷଣା କରି ନିଜ ଦାୟିତ୍ୱ ସାରିଦେଇଛନ୍ତି। ଅବଶିଷ୍ଟ ପରିବାରର ପାଇଖାନା ନିର୍ମାଣ ପାଇଁ ଅଦ୍ୟାବଧି ଗୁରୁତ୍ୱ ଦିଆଯାଉନାହିଁ। ବ୍ଲକରେ ବସବାସ କରୁଥିବା ୩ ଭାଗ ପରିବାର ମଧ୍ୟରୁ ମାତ୍ର ଏକଭାଗ ପାଇଖାନା ନିର୍ମାଣ କରିଥିବାବେଳେ ୩ ଭାଗ ଲୋକ ପାଇଖାନା ନିର୍ମାଣ କରି ନ ଥିବା ସ୍ପଷ୍ଟ ହୋଇଛି। ଏଭଳି ପରିସ୍ଥିତିରେ ଏହି ବ୍ଲକକୁ କିପରି ଓଡ଼ିଏଫ୍ ଘୋଷଣା କରାଗଲା, ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

ସେହିପରି ସ୍ୱଚ୍ଛ ଭାରତ ମିଶନ ଯୋଜନା-୨ ଅଧୀନରେ ଅଦ୍ୟାବଧି ବ୍ଲକର କୌଣସି ଗୋଟିଏ ବି ପରିବାରକୁ ଆବର୍ଜନା କୁଣ୍ଡ ଯୋଗାଇ ଦିଆଯାଇନଥିବା ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ବ୍ଲକର ୫୪ଟି ପଞ୍ଚାୟତ ମଧ୍ୟରୁ ମାତ୍ର ୨୯ଟି ପଞ୍ଚାୟତରେ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିର୍ମାଣ କରାଯାଇଛି। ଅଦ୍ୟାବଧି ଅବଶିଷ୍ଟ ୨୫ଟି ପଞ୍ଚାୟତରେ ଏହି କେନ୍ଦ୍ର ନିର୍ମାଣ କରାଯାଇପାରିନାହିଁ। ୪୫ଟି ପଞ୍ଚାୟତକୁ ଆବର୍ଜନା ଉଠାଇବା ପାଇଁ ଇ-ରିକ୍ସା ଯୋଗାଇ ଦିଆଯାଇଥିବା ତଥ୍ୟ କହୁଛି। ତେବେ ଏଠି ପ୍ରଶ୍ନ ଉଠୁଛି ଇ-ରିକ୍ସା ଚଳାଇବା ଓ ଆବର୍ଜନା ସଂଗ୍ରହ କରିବା ପାଇଁ ଏଜେନ୍ସି ନିଯୁକ୍ତି ନ କରି ଏଗୁଡ଼ିକ ଯୋଗାଇ ସରକାରୀ ଅର୍ଥର ଅପବ୍ୟୟ କାହିଁକି କରାଯାଇଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି ବ୍ଲକ ଅଧିକାରୀ ସରକାରୀ ଅର୍ଥ ଇ-ରିକ୍ସା କିଣି ପଞ୍ଚାୟତର କିଛି ପ୍ରଭାବଶାଳୀ ଲୋକଙ୍କୁ ସେଗୁଡ଼ିକୁ ବାଣ୍ଟି ଦେଇଛନ୍ତି। ଆବର୍ଜନା କୁଣ୍ଡ ଯୋଗାଇ ନ ଦେଇ ଆବର୍ଜନା ଉଠାଇବା ପାଇଁ ଇ-ରିକ୍ସା କାହିଁକି କିଣାଯାଇଛି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ବ୍ଲକ ଅଧିକାରୀ ଇ-ରିକ୍ସା କିଣି ସରକାରଙ୍କୁ ଏହି ଯୋଜନାର ଖର୍ଚ୍ଚ ଦେଖାଇ ସନ୍ତୁଷ୍ଟ କରିଛନ୍ତି। ଆବର୍ଜନା କୁଣ୍ଡରୁ ଅଳିଆ ସଂଗ୍ରହ କରାଯାଇ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରରେ ପୃଥକୀକରଣ ଓ ପ୍ରକ୍ରିୟାକରଣ କରି ସମାଜକୁ ସୁସ୍ଥ ଓ ସ୍ୱଚ୍ଛ ରଖିବା ପାଇଁ ଏହି ମହତ୍ୱାକାଂକ୍ଷୀ ଯୋଜନା ଧର୍ମଶାଳାରେ କିଛି ମୁଷ୍ଟିମେୟ ଅସାଧୁ, ଅପାରଗ ଓ ଦାୟିତ୍ୱହୀନ ଅଧିକାରୀଙ୍କ ପାଇଁ ସମ୍ପୂର୍ଣ୍ଣ ଦିଗହରା ହୋଇପଡ଼ିଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଏହି ଯୋଜନାରେ ହୋଇଥିବା ଅନିୟମିତତାର ପର୍ଦ୍ଦାଫାସ ହୋଇପାରିବ ବୋଲି ସାଧାରଣରେ ଦାବି ଜୋର୍ ଧରିଛି।

## ମା' ମହାଲକ୍ଷ୍ମୀଙ୍କ ପ୍ରତିଷ୍ଠା ଉତ୍ସବ

**ପାଣିକୋଇଲି, ୧୬।୧୨(ସମିସ):** ପଣ୍ଡୁ ପୂର୍ଣ୍ଣିମା ଅବସରରେ ପାଣିକୋଇଲିର ଅନ୍ୟତମ ଅଧିଷ୍ଠାତ୍ରୀ ଦେବୀ ମା' ମହାଲକ୍ଷ୍ମୀଙ୍କ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ପୂଜକ ଅମର ଦାଶ, ମହେନ୍ଦ୍ର ପାଢ଼ୀ ଓ କାର୍ତ୍ତିକ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟୁଷରୁ ରୀତିନୀତି ଅନୁଯାୟୀ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଦେବଦତ୍ତ ରାୟ ଓ ଗାୟତ୍ରୀ ରାୟ ସଂକଳ୍ପ କରିଥିବାବେଳେ ମା'ଙ୍କ ରୀତିନୀତି ଅନୁଯାୟୀ



ପୂଜାପାଠ ଓ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରେ ଏକ ସୁସଜ୍ଜିତ ପାଲିଙ୍କିରେ ମା'ଙ୍କ ପ୍ରତୀମାକୁ ନାମ ସଂକୀର୍ତ୍ତନ ସହିତ ଗ୍ରାମ ପରିକ୍ରମା କରାଯିବା ସହିତ ମା' ଜାଗୁଳାଇ ଓ ମା' ହିଙ୍ଗୁଳାଙ୍କ ପୀଠକୁ ନିଆଯାଇଥିଲା। ସେଠାରେ ମା' ଲକ୍ଷ୍ମୀ ଭୋଗ ପାଇବା ପରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପଞ୍ଚାନନ ଓଝା, ଅରୂପାନନ୍ଦ ମଲ୍ଲିକ, ଦିଲ୍ଲୀପ ମଲ୍ଲିକ, ଅଶ୍ରୁମୋଚନ ରାଉତ, ଭାଗ୍ୟଧର ରାୟଙ୍କ ସମେତ ଅଳତିରି ଗ୍ରାମର ବହୁ ଗୌରଭକ୍ତ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ ଶିବିର



**ବିଞ୍ଝାରପୁର, ୧୬।୧୨(ସମିସ):** ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର କ୍ଷିତୀଶ କୁମାର ନାୟକ ଏହି ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିରର ଶୁଭାରମ୍ଭ କରିଥିଲେ। ଶିବିରରେ ମାଗଣା ରୋଗ ନିରୂପଣ ଓ ମାଗଣା ଔଷଧ ସେବା ଉପଲବ୍ଧ କରାଯାଇଥିଲା। ଆଜି ଅନୁଷ୍ଠିତ ଆୟୁଷ୍ମାନ ଆରୋଗ୍ୟ ଶିବିରରେ ୬୨ ଜଣ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଇଥଲା। ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଜିଠୁ ଆରମ୍ଭ ହୋଇଥିବା ଆୟୁଷ୍ମାନ ଆରୋଗ୍ୟ ଶିବିର ପ୍ରତ୍ୟେକ ମାସରେ ଥରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବିଭିନ୍ନ ବିଭାଗର ଅଭିଜ୍ଞ ଡାକ୍ତର ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ପ୍ରଦାନ କରିବେ। ଆଜି ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ବିକ୍ରମଦିତ୍ୟ ରାଉତରାୟ, ମାନସିକ ରୋଗ ବିଶେଷଜ୍ଞ ମାନସ ରଞ୍ଜନ ମହାଳିକ ଚିକିତ୍ସା କରିଥିଲେ। ଏହାଦ୍ୱାରା ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ରୋଗୀ ସେବା ସମସ୍ୟା ଦୂର ହେବ ବୋଲି କହିଛନ୍ତି ବିଞ୍ଝାରପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କ୍ଷିତୀଶ ନାୟକ। ଶିବିର ପରିଚାଳନାରେ ଡାକ୍ତର ରତିକାନ୍ତ ଦାସ, ପ୍ରେମାନନ୍ଦ ଦାସ, ସସ୍ମିତା ସିଂହ ଓ ଶୁଭ୍ରାଜ୍ୟୋତି ସାମଲ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ

**ବରୀ, ୧୬।୧୨(ସମିସ):** ଚଳିତ ମାସ ୨୨ ତାରିଖରେ ରାଜ୍ୟସ୍ତରୀୟ ଯଯାତି କେଶରୀ ମେମୋରିଆଲ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଯାଜପୁର ଜିଲ୍ଲା ବରୀ ବ୍ଲକ ଅର୍ନ୍ତଗତ ସାହୁପଡ଼ା-ଧାରପୁର ଛକ ନିକଟସ୍ଥ କଚେରୀ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ରବିବାର ଅନୁଷ୍ଠିତ ଚୂଡ଼ାନ୍ତ ବୈଠକରେ ଆୟୋଜକ ସଞ୍ଜୀବ ସେନାର ଆବାହକ ସଞ୍ଜୀବ ଜେନା ପ୍ରକାଶ କରିଛନ୍ତି। ଉକ୍ତ ପ୍ରତିଯୋଗିତାରେ ରାଜ୍ୟର ପ୍ରମୁଖ ୪ଟି ଦଳ ଏପି ସିକ୍ସର ଭଲିବଲ ଟିମ୍ ବାଲେଶ୍ୱର, ସ୍ପୋର୍ଟ୍ସ ହଷ୍ଟେଲ୍ ଭୁବନେଶ୍ୱର, ସୂର୍ଯ୍ୟଶିଖା ସ୍ପୋର୍ଟ୍ସ କ୍ଲବ ଭଦ୍ରକ ଓ ପାରାଦୀପ ସ୍ପୋର୍ଟ୍ସ କ୍ଲବ୍ ଭାଗନେବେ। ଏହି ଚୂଡ଼ାନ୍ତ ବୈଠକରେ ଗୁରୁଚରଣ ଦାସ, ତୁଷାର ଶ୍ୟାନ୍ତି, ବିବେକାନନ୍ଦ ଜେନା, ସଚିଦାନନ୍ଦ ଜେନା, ସୁବ୍ରତ ଜେନା, ଅଭିରାମ ଦାସ, ବିକ୍ରମ କେଶରୀ ଜେନା, ନରେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମ୍ୟାଚ୍‌ର ସିଧା ପ୍ରସାରଣ ଆଞ୍ଚଳିକ କେବୁଲ ଓ ନ୍ୟୁଜ୍ ଚ୍ୟାନେଲ ମାଧ୍ୟମରେ କରାଯିବ। ବିଭିନ୍ନ ବିଭାଗରେ ଅଞ୍ଚଳ ପାଇଁ ଗୌରବ ଆଣିଥିବା ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବା ନେଇ ଆବାହକ ଶ୍ରୀ ଜେନା କହିଛନ୍ତି।

## ଏସ୍‌ଆଇଆଇଟି ପକ୍ଷରୁ ବିଜୟ ଦିବସ




**ପାଣିକୋଇଲି, ୧୬।୧୨(ସମିସ):** ଯାଜପୁର ନେହୁର ଯୁବ କେନ୍ଦ୍ର ୟୁଥ ରୁରାଲ ଡେଭେଲପମେଣ୍ଟ ଯୁବ ସଂଗଠନ (ଏସଆଇଆଇଟି) କ୍ୟାମ୍ପସରେ ଆଜି ବିଜୟ ଦିବସ ପାଳନ କରାଯାଇଛି। ଏହି ଦିବସକୁ ମନେ ପକାଇ ସହର ପରିକ୍ରମା ସହ ସେମିନାର ଅନୁଷ୍ଠିତ ହୋଇଛି। ଉକ୍ତ ସଭାରେ ସନ୍ଦୀପ ନାୟକ ଓ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ। ୟୁଥ୍ ରୁରାଲ ଡେଭେଲପମେଣ୍ଟର ସଭାପତି ପ୍ରଶାନ୍ତ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

## ଧାନମଣ୍ଡି ଖୋଲିବାକୁ ଦାବି

**ପାଣିକୋଇଲି, ୧୬।୧୨(ସମିସ):** ଖରିଫ ଧାନ ଅମଳ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅମଳ କରି ଧାନ ବିକ୍ରି କରିବାକୁ ଚାହିଁବସିଛି ଚାଷୀ। କିନ୍ତୁ ଖୋଲୁନି ସରକାରୀ ମଣ୍ଡି। ଫଳରେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି ଚାଷୀ। ମଣ୍ଡି ଖୋଲିଲେ ଧାନ ବିକ୍ରି କରିବେ। ଏବେର ଖବର ଅନୁଯାୟୀ ଜାନୁଆରୀ ୭ରେ ଖୋଲିବ ସରକାରୀ ମଣ୍ଡି। ଧାନଚାଷ ଆରମ୍ଭ ପୂର୍ବରୁ ଧାର କରଜ କରିଛି ଚାଷୀ। ଏବେ ମେସିନରେ ଧାନ କଟା ଖର୍ଚ୍ଚ ସହିତ ପରିବାର ପ୍ରତିପୋଷଣ ଚିନ୍ତା। ଅପରପକ୍ଷେ କରଜର ସୁଧ ବଢ଼ିଚାଲିଛି। ଗତବର୍ଷ ଡିସେମ୍ବରରେ ମଣ୍ଡି ଖୋଲିଥିଲା। ଚଳିତ ବର୍ଷ ଜାନୁଆରୀକୁ ଘୁଞ୍ଚିଯାଇଛି। ଏହାର ସୁଯୋଗ ନେଉଛନ୍ତି ଦଲାଲ। ଚାଷୀର ଅବସ୍ଥାକୁ ଦେଖି କ୍ଷେତରେ ଦଲାଲ ପହଞ୍ଚିଛନ୍ତି। ସରକାରୀ ଦର କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କା ଘୋଷଣା ହୋଇଥିବାବେଳେ ଦଲାଲ ୧୯ ଶହରୁ ୨୨ ମଧ୍ୟରେ ଧାନ କିଣୁଛନ୍ତି। ସରକାରୀ ମଣ୍ଡିରେ ଧାନ ଦେବାର ବ୍ୟବସ୍ଥାକୁ ଶୁଣି ମଧ୍ୟ ଚାଷୀ ମଣ୍ଡିରେ ଧାନ ଦେବାକୁ କନ୍ଥୁକନ୍ଥୁ ହେଉଛି। ଯେଉଁଭଳି ଦଲାଲ ଧାନ ଉଠାଉଛନ୍ତି, ମଣ୍ଡି ଖୋଲିବା ବେଳେକୁ ଧାନ ଥିବ କି ନାହିଁ ତାହା ସନ୍ଦେହ। ଚାଷୀର ଆର୍ଥିକ ସ୍ଥିତି ଓ ବର୍ଷ ସାରା ପରିଶ୍ରମର ଫଳ ଧାନକୁ ଦେଖିଲେ ସରକାରୀ ମୂଲ୍ୟରେ ଧାନ ବିକ୍ରି କରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ଜାନୁଆରୀ ପରିବର୍ତ୍ତେ ଅବିଳମ୍ବେ ସରକାରୀ ମଣ୍ଡି ଖୋଲିବାକୁ କୋରେଇ କୃଷକ ମଞ୍ଚର ସଭାପତି ବଳରାମ ସାହୁ ଦାବି କରିଛନ୍ତି।

## ଉତ୍କଳମଣି ଗୋପବନ୍ଧୁ ସେବା ସଂଘର ବାର୍ଷିକ ଉତ୍ସବ




**ଜାରକା, ୧୬।୧୨( ସମିସ):** ଧର୍ମଶାଳା ବ୍ଲକ ଜାରକା ହାଇସ୍କୁଲ ଲାଇବ୍ରେରୀ ଗୃହ ପରିସରରେ ଆଜି ଅପରାହ୍ନରେ ଉତ୍କଳମଣି ଗୋପବନ୍ଧୁ ସେବା ସଂଘର ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବିଜୟ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରଫେସର ନିରଞ୍ଜନ ପାଢ଼ୀ ଯୋଗଦେଇ ଉତ୍ସବକୁ ଉଦଘାଟନ କରିବା ସହ ସମାଜରେ ରହୁଥିବା ଅବହେଳିତ ବର୍ଗଙ୍କ ପାଇଁ ଆମ୍ଭେମାନେ କାର୍ଯ୍ୟ କରିବା ଉଚିତ ବୋଲି କହିଥିଲେ। ସଂଘର ପ୍ରତିଷ୍ଠାତା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅକ୍ଷୟ ଜେନା ଯୋଗଦେଇ ସଂଘର ବିଭିନ୍ନ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଏ ଅବସରରେ ମୁଖ୍ୟଅତିଥି ପ୍ରଫେସର ପାଢ଼ୀଙ୍କୁ ସଂଘ ପକ୍ଷରୁ ଇନରହୁଇଲ କ୍ଲବର ପୂର୍ବତନ ସଭାନେତ୍ରୀ ମିନତୀ ସାହୁ, ମାଧୁରୀ ଶତପଥୀ ଓ ଲୋପାମୁଦ୍ରା ଷେଣ୍ଢ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ପ୍ରବୋଧ ପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା, ଡକ୍ଟର ରାଜକିଶୋର ପାଢ଼ୀ, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଡକ୍ଟର ଜଗନ୍ନାଥ ଜେନା, ଅବସରପ୍ରାପ୍ତ ଅଧକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ପ୍ରଶାସନିକ ଅଧିକାରୀ ଧରଣୀଧର ଦାଶ, ଭେଙ୍କଟେଶ୍ୱର ସ୍କୁଲର ନିର୍ଦ୍ଦେଶକ ତପନ ଷଡ଼ଙ୍ଗୀ, କବି ପଦ୍ମଜା ଶରଣ, ଅଧ୍ୟାପକ ବିଜୟ ନାୟକ, ପ୍ରଫୁଲ୍ଲ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଦାମୋଦର ପତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପୌଷମିତା ନାୟକ, ପ୍ରଲୋଭ ପ୍ରିୟାଂଶୁ ପାତ୍ର ପ୍ରାରମ୍ଭିକ ସଙ୍ଗୀତ ଓ ପଲ୍ଲୀ ପ୍ରୀୟାଂଶି ପାତ୍ର ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ଗଣେଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ।

## ଅନ୍ୱେଷଣ ଥିଏଟର ଗ୍ରୁପ୍ ପକ୍ଷରୁ କମ୍ବଳ ବଣ୍ଟନ



**ଯାଜପୁର ଟାଉନ, ୧୬।୧୨ (ସମିସ):** ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ୍ ପକ୍ଷରୁ ସୋମବାର ଯାଜପୁର ସହର ପରିକ୍ରମା କରି ଅସହାୟ ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଥଣ୍ଡା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଅନୁଷ୍ଠାନ ପକ୍ଷରୁ ଏହି ମହତ୍ କାର୍ଯ୍ୟ ହାତକୁ ନିଆଯାଇଥିଲା। ପ୍ରତ୍ୟେକ ବର୍ଷ ଭଳି ଏ ବର୍ଷ ମଧ୍ୟ ଅନୁଷ୍ଠାନର ସଦସ୍ୟ ସଦସ୍ୟା ମା'ବିରଜାଙ୍କ ମନ୍ଦିର ପାଖରେ ସକାଳ ୬ ଘଟିକା ସମୟରେ ସମସ୍ତେ ଏକତ୍ରିତ ହୋଇ ମନ୍ଦିର ବାହାରେ ବସିଥିବା ଅସହାୟ ଗରିବ ଶ୍ରେଣୀର ଲୋକଙ୍କୁ ସଦସ୍ୟ/ସଦସ୍ୟା କମ୍ବଳ ଘୋଡାଇ ଦେଇଥିଲେ। ପରେ ଯାଜପୁର ସହର ପରିକ୍ରମା କରି ମନ୍ଦିର, ମସ୍‌ଜିଦ୍ ଓ ରାସ୍ତା ପାର୍ଶ୍ୱରେ ବସିଥିବା ଅସହାୟ ଗରିବ ଲୋକଙ୍କୁ କମ୍ବଳ ଘୋଡାଇ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ମହତ୍ କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଗୋପାଳ ବେହେରା, ରବିନାରାୟଣ ରାଉତ, ସଭାପତି ବୃନ୍ଦାବନ ମିଶ୍ର, ସଦସ୍ୟ ସୋମନାଥ ନାୟକ, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, କୋର୍ କମିଟି ଅଧ୍ୟକ୍ଷ ସେକ୍ ଅବଦୁଲ ସାଜିଦ, ଭରତ ବେହେରା, ଅଶୋକ ପାଣିଗ୍ରାହୀ, କିଶୋର ଦାସ, ସୂର୍ଯ୍ୟକାନ୍ତ ସେଠୀ, ସୂରଜ ପଣ୍ଡା, କୋଷାଧ୍ୟକ୍ଷ ଧନଞ୍ଜୟ ପୃଷ୍ଟି, ସହସମ୍ପାଦିକା ଶକୁନ୍ତଳା ବେହେରା, ମୋନାଲିସା ବେହେରା, ସହସଂଗଠନ ସମ୍ପାଦକ ତାରାକାନ୍ତ ମଲ୍ଲିକ, ବରିଷ୍ଠ ସଦସ୍ୟ ଶିଶିର ମାହାପାତ୍ର ପ୍ରମୁଖ ସାମିଲ ଥିଲେ। ସମ୍ପାଦକ ଅଭିମନ୍ୟୁ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୁଆଖିଆ ମହୋତ୍ସବ ଶାନ୍ତି କମିଟି ବୈଠକ



**କୁଆଖିଆ/ହରିପୁର, ୧୬।୧୨(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆରେ ହେବାକୁ ଥିବା ୧୭ତମ କୁଆଖିଆ ମହୋତ୍ସବ ପାଇଁ କୁଆଖିଆ ଥାନା ପରିସରରେ ଶାନ୍ତି କମିଟି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସାରଙ୍ଗପୁର ମେଳଣ ପଡ଼ିଆରେ ଆସନ୍ତା ୨୩ ତାରିଖରେ ମହୋତ୍ସବ ଉଦଘାଟନ ହୋଇ ଜାନୁଆରୀ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। କୁଆଖିଆ ଥାନା ଅଧିକାରିଣୀ ଚିନ୍ମୟୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମହୋତ୍ସବ କମିଟି ସଭାପତି ଶିଶିର ମହାନ୍ତି, ସମ୍ପାଦକ ସନ୍ତୋଷ ରାଉତଙ୍କ ସହିତ ସମସ୍ତ ସଭ୍ୟ ଯୋଗ ଦେଇଥିଲେ। ବୈଠକ ମୁଖ୍ୟତଃ ଟ୍ରାଫିକ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସନ୍ଧ୍ୟା ୬ରୁ ରାତି ୧୦ଟା ପର୍ଯ୍ୟନ୍ତ ଯାଜପୁର ପଟୁ ଆସୁଥିବା ଭାରୀଯାନ ବନ୍ଦ କରାଯିବା ସହିତ ଚାରିଚକିଆ ପାଇଁ ତାରିଣୀ ମନ୍ଦିର ପାଖରେ ରହିବାର ବ୍ୟବସ୍ଥା କରାଯିବ। ଦୁଇଚକିଆ ଗାଡ଼ି ପାଇଁ ମହୋତ୍ସବ ବାହାରେ ଷ୍ଟାଣ୍ଡର ବ୍ୟବସ୍ଥା ରହିବ। ସମ୍ପୂର୍ଣ୍ଣ ମହୋତ୍ସବ ପଡ଼ିଆରେ ସିସି କ୍ୟାମେରା ଲଗାଯିବ ଓ ଏକ ଅସ୍ଥାୟୀ ପୁଲିସ ଫୋର୍ସ କ୍ୟାମ୍ପ ମୁତୟନ କରାଯିବ ଓ ୩୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସହଯୋଗ କରିବେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଦୁଇ ପ୍ଲାଟୁନ ପୁଲିସ ଫୋର୍ସ ରହିବାକୁ ନିଷ୍ପତ୍ତି ହୋଇଥିଲା। କୋଷାଧ୍ୟକ୍ଷ ଉମେଶ ପଲେଇ ଧନ୍ୟବାଦ ଦେଇଥିଲେ। ଆଜି ସକାଳୁ କୁଆଖିଆ ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ମହୋତ୍ସବ ପଡ଼ିଆରେ ପହଞ୍ଚି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ।

## ଚିତାଳୋ ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ



**ଦଶରଥପୁର, ୧୬।୧୨(ସମିସ):** ଚିତାଳୋ ହାଇସ୍କୁଲର ୧୯୮୩ ସିନିଅର ବ୍ୟାଚ୍ ଛାତ୍ରଛାତ୍ରୀ ବରୁଣେଶ୍ୱର ନିକଟବର୍ତ୍ତୀ ବାବା ବରୁଣେଶ୍ୱର ମଣ୍ଡପରେ ଏକତ୍ରିତ ହୋଇ ୪୧ ବର୍ଷ ଅତୀତ ଛାତ୍ର ଜୀବନର ସ୍ମୃତିକୁ ମନେ ପକାଇ ତତ୍କାଳୀନ ଶିକ୍ଷକଙ୍କ ପୂଜା କରିଛନ୍ତି। ପୁଷ୍ପକାନ୍ତ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଦିବଂଗତ ଶିକ୍ଷକ, ଶିକ୍ଷାକର୍ମୀ ଓ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏ ଅବସରରେ ତତ୍କାଳୀନ ପ୍ରଧାନ ଶିକ୍ଷକ ପୁଷ୍ପକାନ୍ତ ମଲ୍ଲିକ, ଶିକ୍ଷକ ରବି ଶତପଥୀ, ଶ୍ରୀକୃଷ୍ଣ ମହାନ୍ତି, ରମେଶ କର, ଗୋବର୍ଦ୍ଧନ ଜେନା ଓ ପ୍ରସନ୍ନ ଦ୍ୱିବେଦୀଙ୍କୁ ପୂଜନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ଲାଲବିହାରୀ ମହାଳିକ, ଜଗବନ୍ଧୁ ନାୟକ, ସୁକାନ୍ତ ରାଉତ, ନଳିନୀ ରାଉତ, ସୁଶୀଳ ସାହୁ, ବଂଶୀଧର ପତି, ଅଶୋକ ପତି, ପ୍ରମୋଦ ନାୟକ, ମାଧବ ମଲ୍ଲିକ, ପ୍ରଦୀପ୍ତ ଜେନା, ଗୋବର୍ଦ୍ଧନ ରାଉତ, ମାନସ ନଳିନୀ ଜେନା, ସରୋଜିନୀ ସ୍ୱାଇଁ, ଲତା ନାଏକ ଓ ଲତିକା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସୁଶୀଳ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନୀଳାଚଳର ଜନଶୁଣାଣି ପୂର୍ବରୁ ମେଳି ବାନ୍ଧିଲେ ଦଳିତବର୍ଗ

**ଦାନଗଦି, ୧୬।୧୨(ସମିସ)**




ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ଼ର ପୋଷ୍ୟ ଗ୍ରାମ ଘୋଷଣା ପ୍ରତିଶ୍ରୁତିରେ ଅଟକିଛି। କାରଖାନାର ଧୂଆଁ ଧୂଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। କାରଖାନା ପ୍ରଭାବରେ ରୋଗ କାୟାବିସ୍ତାର କରୁଛି। ଦଳିତ ପରିବାର ରୋଗ ଯନ୍ତ୍ରଣାରେ ସଢୁଥିବାବେଳେ ସରକାରଙ୍କଠାରୁ ନୀଳାଚଳ କର୍ତ୍ତୃପକ୍ଷ ଆଖିବୁଜି ଦେଇଥିବା ଅଭିଯୋଗ ଆଣି ନୀଳାଚଳ ଜନଶୁଣାଣିକୁ ତୀବ୍ର ବିରୋଧ ପାଇଁ ଦଳିତ ବର୍ଗଙ୍କ ପକ୍ଷରୁ ଏକ ସାଧାରଣ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିସହିତ ଏକ ସାମ୍ବାଦିକ ସମ୍ମିଳନୀ କରି ମେଳି ବାନ୍ଧି ନୀଳାଚଳ ବିରୋଧରେ ବିଷୋଦଗାର କରିଥିବା ଦେଖିବାକୁ ମିଳିଛି।

କାରଖାନା ପ୍ରଭାବରେ ଧୂଆଁ ଧୂଳି ପରିବେଶକୁ ବିଷାକ୍ତ କରୁଛି। ବାରଗାଡିଆ ଗାଁ ସହ ଆଖପାଖ ଗାଁରେ ଯକ୍ଷ୍ମା, କିଡ୍‌ନୀ, ଶ୍ୱାସ, ଚର୍ମ, ହୃଦଘାତ ବୃଦ୍ଧି ପାଉଛି। କାରଖାନାରେ ନିଯୁକ୍ତି କ୍ଷେତ୍ରରେ ଦଳିତ ବର୍ଗ ପରିବାରକୁ ଉପେକ୍ଷା କରାଯାଉଛି। ବିକାଶର ଆଢୁଆଳରେ ବାରଗାଡ଼ିଆ ଗାଁର ତିନୋଟି ଦଳିତ ବସ୍ତି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏପରି ସ୍ଥଳେ ନୀଳାଚଳ କାରଖାନାର ସମ୍ପ୍ରସାରଣ ପାଇଁ ତାରିଖ ନିର୍ଦ୍ଧାରିତ ହୋଇ ଜନଶୁଣାଣି ହେବାକୁ ଯାଉଛି। ନୀଳାଚଳର ୯.୫ ମେଟ୍ରିକ ଟନ ବାର୍ଷିକ ଉତ୍ପାଦନ ପାଇଁ ଜନଶୁଣାଣି ଅନୁଷ୍ଠିତ ହେବାକୁ ଯାଉଛି। ଜମି ନେଇ ନୀଳାଚଳ ପ୍ରତିଶ୍ରୁତି ରକ୍ଷା କରି ନ ଥିବାବେଳେ କାରଖାନା ସମ୍ପ୍ରସାରଣ ହେଲେ ବାରଗାଡ଼ିଆ ଗାଁ ପରିବେଶ ପ୍ରଦୂଷଣରେ ଜନଶୂନ୍ୟ ହେବ ବୋଲି ସର୍ବହରା ସୁରକ୍ଷା ସମିତି ଅଭିଯୋଗ ଆଣିଛି। ସଂଗଠନ ପକ୍ଷରୁ ସୋମବାର ସନ୍ଧ୍ୟାରେ ଏକ ସାଧାରଣ ସଭା କରାଯାଇ ସରକାର ଓ ନୀଳାଚଳର ଦଳିତ ମାରଣ ନୀତିକୁ ଭର୍ତ୍ସନା କରାଯାଇଛି। ସଭା ପରେ ସର୍ବହରା ସୁରକ୍ଷା ସମିତି ପକ୍ଷରୁ ଆଇନଜୀବୀ ପ୍ରହ୍ଲାଦ ମଲ୍ଲିକ, ସତ୍ୟଜିତ ଦାସ, କାଳନ୍ଦୀ ମଲ୍ଲିକ, ସୁଷମା ନାଏକ, ବାସନ୍ତୀ ନାଏକ, ସବିତା ମଲ୍ଲିକ, ଦ୍ରୌପଦୀ ନାଏକ, ସମାଜସେବୀ ବାବୁଲି ପାତ୍ର, ଭୀମ ଆର୍ମିର ରଞ୍ଜିତ କୁମାର ଜାମୁଦା ପ୍ରମୁଖଙ୍କ ନେତୃତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ କରି ନୀଳାଚଳ ଜନଶୁଣାଣି ପୂର୍ବରୁ ବିସ୍ଥାପିତ ନ କଲେ ଜନଶୁଣାଣିକୁ ବିରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଖଗେଶ୍ୱର ସ୍ୱାଇଁ
ଗ୍ରାମ: ସରସଦା, ଭଣ୍ଡାରିପୋଖରି, ଭଦ୍ରକ
ଆବିର୍ଭାବ: ୦୩.୧୧.୧୯୫୦
ତିରୋଧାନ: ୦୭.୧୨.୨୦୨୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ। ଆପଣଙ୍କ ଆଶୀର୍ବାଦ ଆମମାନଙ୍କ ସାଥୀରେ ସର୍ବଦା ରହିଥାଉ।
ଶୋକସନ୍ତପ୍ତ: ପତ୍ନୀ- ଶାନ୍ତିଲତା, ଭାଇ- ରମେଶ, ପ୍ରଭାକର, ଗୁଣାକର, ଦିବାକର, ସୁଧାକର, ପୁତ୍ର- ଦୀପକ, ତପନ, କ୍ଷୀରୋଦ, ପୁତ୍ରବଧୂ- ମୋନାଲି, ଜସ୍ମିତା, ଲକ୍ଷ୍ମୀବେନେବେଦ୍ୟା, ଝିଅ/ ଜ୍ୱାଇଁ - ଜ୍ୟୋତିପ୍ରକାଶ, ସୁସ୍ମିତା, ପୁତୁରା/ ଝିଆରୀ- ବିପିନ, ଆଲୋକ, ଆକାଶ, ଦେବାଶିଷ, ସୁଜିତ, ଅଜିତ୍, ସୂରଜ, ସୁକନ୍ୟା, ବିନୟ, ସୁଚିସ୍ମିତା, ସୁହାନା, ମୋନାଲିସା, ଗୀତାଞ୍ଜଳି, ନାତି ନାତୁଣୀ -ଲକ୍ଷ୍ମୀ ଲାବଣ୍ୟା, ମମ୍ମୀ ମଲ୍ହାର, ପିଣ୍ଟାଲି, ରେୟାଂଶ୍ର, ଟି ଜନସ୍ଥା, ରେୟାଂଶୁ

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଉନ୍ନୟନ ବୈଠକ

**ମଞ୍ଜୁରୀ ରୋଡ,୧୬ ।୧୨(ସମିସ):** ଭଣ୍ଡାରିପୋଖରୀ ଆଦର୍ଶ ବିଦ୍ୟାଳୟର ପରିଚାଳନା ଓ ଉନ୍ନୟନ ବୈଠକ ଜିଲ୍ଲାପାଳ ଦିଲୀପ ରାଉତରାୟ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡିଓ ଦେବଦତ୍ତ ଦାଶ, ବିଇଓ ଅଧିର କୁମାର ତରାଇ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ପାଣି, ବ୍ଲକ ସ୍ୱାସ୍ଥ୍ୟ ପରିଚାଳିକା ରଶ୍ମିରେଖା ପୃଷ୍ଟି, ଶିକ୍ଷାବିତ ରତ୍ନମଞ୍ଜରୀ ପଣ୍ଡା, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଶରତ ଚନ୍ଦ୍ର ପହି ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ବିକାଶ ସମ୍ପର୍କରେ ବିଭିନ୍ନ ମତ ଦେଇଥିଲେ । ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷା ଉର୍ବଶୀ ମଲ୍ଲିକ ସ୍ୱାଗତ ଭାଷଣ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ । ଶିକ୍ଷକ ସୁଧାଂଶୁଶେଖର ଜେନା ପୂର୍ବ ବୈଠକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ରାଉତରାଏ ଶ୍ରେଣୀ ଗୃହ ପରିଦର୍ଶନ କରି ଛାତ୍ର ଛାତ୍ରୀ ମାନଙ୍କ ଠାରୁ ଶିକ୍ଷା ଦାନ ସମ୍ପର୍କରେ ପଚାରି ବୁଝିଥିଲେ । ଶିକ୍ଷକ ନିରଞ୍ଜନ ଓଝା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସତ୍ ସାହିତ୍ୟ ବିତରଣ ଉତ୍ସବ

**ବାରିକପୁର,୧୬ ।୧୨(ସମିସ):** ପବିତ୍ର ଶ୍ରୀମଦ୍ ଭଗବତ ଗୀତା ଜୟନ୍ତୀ ପାଳନ ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକ ବିରୋଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସତ ସାହିତ୍ୟ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ସତ୍ୟରଞ୍ଜନ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶ୍ରୀଯୋଗ ବେଦାନ୍ତ ସେବା ସମିତି ସଦସ୍ୟ ତଥା ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କା ଯୋଗ ଦେଇ ଗୀତା ପଠନ ମହାତ୍ମ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ପୁସ୍ତକ ଗତ ବିଦ୍ୟାରେ ନୈପୁଣ୍ୟ ପ୍ରଦର୍ଶନ ସହିତ ସ୍ୱପ୍ନ ସାକାର ପାଇଁ ବିଦ୍ୟାର୍ଥୀ ମାନେ ଗୀତା ଅଧ୍ୟୟନ କରିବା ଉଚିତ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ବିନୋଦ ଚନ୍ଦ୍ର ରାଉତ, ଦେବେନ୍ଦ୍ର ବିଶ୍ୱାଳ, ଲୋପାମୁଦ୍ରା ଦାସ, ମଙ୍ଗଳ ସୋରେନ୍ ପ୍ରମୁଖ ଉପସ୍ଥିତ ରହି ବିଶ୍ୱବ୍ୟାପୀ ପ୍ରସିଦ୍ଧ ଲାଭ କରିଥିବା ଶ୍ରୀ ମଦ୍‌ଭଗବତ ଗୀତା ଦୈନିକ ପାଠ କରିବାକୁ ପରାମର୍ଶ ଦେଇଥିଲେ ।ଏହି ଅବସରରେ ମୁଖ୍ୟ ଅତିଥି ଛାତ୍ରଛାତ୍ରୀଙ୍କୁ ଗୀତା ସହିତ ହନୁମାନ ଚାଳିଶା ପୁସ୍ତକ ବିତରଣ କରିଥିଲେ ।

## ସମାଜସେବୀଙ୍କ ସ୍ମୃତିଚାରଣ ସଭା

**ଧାମନଗର,୧୬ ।୧୨(ସମିସ):** ଧାମନଗର ଏନ୍‌ଏସି ଅନ୍ତର୍ଗତ ୧୦ ୱାର୍ଡ ଅଧୀନ ଡାଙ୍ଗୁଆସାହି ଗ୍ରାମର ସମସ୍ତଙ୍କ ଜଣାଶୁଣା ଯୁବ ସମାଜସେବୀ ତଥା ମୋହରୀର ଶ୍ରୀକାନ୍ତ ଯେନାଙ୍କ ଏକାଦଶାହ କ୍ରିୟାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଶନିବାର ସନ୍ଧ୍ୟାରେ ବରିଷ୍ଠ ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନାଙ୍କ ସଞ୍ଚାଳନାରେ ଆୟୋଜିତ ସ୍ମୃତିଚାରଣ ସଭାରେ ଓକିଲ ସଂଘର ସଭାପତି ଅଶୋକ ଦାସ, ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ଉପସଭାପତି ବିଜୟ ରାମ, ପୂର୍ବତନ ସମ୍ପାଦକ ଗୌତମ ଯେନା, ଆଇନଜୀବୀ ରଞ୍ଜିତ ମହାନ୍ତି, ମନୋଜ ଗୁପ୍ତା, ଅଙ୍ଗନବାଡ଼ି ଶିକ୍ଷୟିତ୍ରୀ ଜୟନ୍ତୀ ମହାନ୍ତି, ସମାଜସେବୀ ଲମ୍ବୋଦର ଜେନା, ଚକ୍ରଧର ଜେନା, ଜଗନ୍ନାଥ ମଲ୍ଲିକ, ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ସେକ ଜାଫର ଅଲ୍ଲୀ, ପ୍ରଦୀପ ମହାପାତ୍ର ଯୋଗଦେଇଥିଲେ । ଶେଷରେ ସ୍ୱର୍ଗତ ଶ୍ରୀକାନ୍ତଙ୍କ ସାନ ଭାଇ ରତିକାନ୍ତ ଯେନା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ପ୍ରଶାନ୍ତ ଯେନା,ବିଷ୍ଣୁ ଚରଣ ଯେନା,ଚନ୍ଦନ ଯେନା, ଶାନ୍ତନୁ ଯେନା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ

**ଭଣ୍ଡାରିପୋଖରୀ,୧୬ ।୧୨(ସମିସ):** ଭଣ୍ଡାରିପୋଖରୀ ସରକାରୀ ଉଚ୍ଚବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବିଇଓ ଅଧର ତରାଇ ଯୋଗଦାନ କରି ବାର୍ଷିକ ଉତ୍ସବକୁ ଉଦ୍ ଘାଟନ କରିଥିଲେ। । ଆନ୍ତର୍ଜାତୀକ ତାଏକ୍ୱୋଣ୍ଡା ଖେଳାଳି ସତ୍ୟପ୍ରକାଶ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଖେଳର ଉପକାରିତା ସଂପର୍କରେ ଅବଗତ କରାଇଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ନାୟକ ମୁଖ୍ୟ ଭାବେ ଯୋଗଦାନ କରି ଖେଳ ଜୀବନର ଏକ ମୁଖ୍ୟ ଉପାଦାନ ବୋଲି କହିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଞ୍ଜନ ବିଶ୍ୱାଳ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଉପଦେଶ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା ସଭାପତିତ୍ୱ କରି କ୍ରୀଡା ଆଜିର ଦିନରେ ଶିକ୍ଷାର ଏକ ମୁଖ୍ୟ ବିଭବ ବୋଲି କହିଥିଲେ । କ୍ରୀଡା ଶିକ୍ଷକ ମାନସ ସାହୁ ବାର୍ଷିକ ବିବରଣୀ ପାଠ କରିବା ସହ ଉତ୍ସବର ଉଦେଶ୍ୟ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ତପଜା ସାହୁ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ ଓ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଯେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରାକ୍ତନ ସରପଞ୍ଚଙ୍କ ପରଲୋକ



**ବାରିକପୁର/ଭଣ୍ଡାରିପୋଖରୀ,୧୬ ।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଜଳମଣ୍ଡୁଆ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଭଦ୍ରକ ବିଜେପି ଜିଲ୍ଲା ଶାଖାର ଉପସଭାପତି ଜଗବନ୍ଧୁ ଦାସଙ୍କର ସୋମବାର ପରଲୋକ ହୋଇଯାଇଛି । ଆଜି ଅସୁସ୍ଥତା ଅନୁଭବ କରିବା ପରେ ତାଙ୍କୁ କଟକ ମେଡିକାଲ ନିଆଯାଇଥିଲା ବେଳେ ଜରୁରୀକାଳୀନ ବିଭାଗରେ ପରଲୋକ ହୋଇଥିବା ସୂଚନା ମିଳିଛି । ସ୍ୱର୍ଗତ ଦାସ ବିଜେପି ସଙ୍ଗଠନର ବିଭିନ୍ନ ପଦପଦବୀରେ ରହି ଦଳୀୟ କାମ କରିବା ସହ ଜଳମଣ୍ଡୁଆ ସେବା ସମବାୟ ସମିତିର ସଭାପତି, ସରପଞ୍ଚ ଭାବେ ସଫଳତାର ସହିତ କାର୍ଯ୍ୟ ସମ୍ପାଦନ କରିଥିଲେ । ଏବେ ତାଙ୍କ ପତ୍ନୀ ଜଳମଣ୍ଡୁଆ ପଞ୍ଚାୟତର ସରପଞ୍ଚ ଅଛନ୍ତି । ସ୍ୱର୍ଗତ ଦାସ ବ୍ଲକ ଯାଦବ ସଙ୍ଗଠନର ଉପସଭାପତି ମଧ୍ୟ ଥିଲେ ।ତାଙ୍କ ମୃତ୍ୟୁ ଖବର ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି । ଯାଦବ ସଙ୍ଗଠନର କର୍ମକର୍ତ୍ତା, ବ୍ଲକ ସରପଞ୍ଚ ସଂଘ ଓ ବିଜେପି ସଙ୍ଗଠନ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି ।

# ଭଣ୍ଡାରିପୋଖରୀରେ ମିଳିତ ଜନଶୁଣାଣି ଶିବିର



**ବାରିକପୁର/ଭଣ୍ଡାରିପୋଖରୀ,୧୬ ।୧୨ (ସମିସ):** ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣି ଶିବିର ଭଣ୍ଡାରିପୋଖରୀ ବ୍ଲକ୍‌ରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତ୍‌ରାୟ ଓ ଏସପି ମାଡକର ସନ୍ଦୀପ ସଂପତ୍ ଏହି ଶିବିରରେ ଯୋଗ ଦେଇ ସମୁଦାୟ ୧୨୧ଟି ଅଭିଯୋଗ ଶୁଣିଥିଲେ । ସେଥି ମଧ୍ୟରୁ ୧୦୯ଟି ବ୍ୟକ୍ତିଗତ ଓ ୧୨ଟି ସାମୂହିକ ସମସ୍ୟା ସମ୍ବଳିତ ଅଭିଯୋଗ ଥିଲା । ସମୁଦାୟ ୩ ଟି ଅଭିଯୋଗର ତତ୍‌କାଳ ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ବାସୁଦେବପୁରର ଲୁଙ୍ଗା ଗ୍ରାମର କର୍କଟ ରୋଗୀ ଜଳଧର ମଲ୍ଲିକଙ୍କୁ ୫ ହଜାର ଟଙ୍କା ଓ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଭଣ୍ଡାରିପୋଖରୀ ବ୍ଲକର କୋଟସିରାର ହରିହର ସେଠୀଙ୍କୁ କର୍କଟ ରୋଗର ଚିକିତ୍ସା ପାଇଁ ୫ ହଜାର ଟଙ୍କାର ଆର୍‌ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳ ମଞ୍ଜୁର କରିଛନ୍ତି । ଭଦ୍ରକ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ସୁଧାଂଶୁ ଶେଖର ବଳ, ଭଣ୍ଡାରିପୋଖରୀ ବ୍ଲକ୍ ଅଧ୍ୟକ୍ଷା ସୁମତି ସେଠୀ, ବିଡିଓ, ଦେବଦତ୍ତ ଦାସ, ତହସିଲଦାର ସରୋଜକାନ୍ତ ନାୟକ ପ୍ରମୁଖ ଏହି ଶିବିରରେ ଉପସ୍ଥିତ ରହି ଜନଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ଜିଲ୍ଲାସ୍ତରୀୟ ଓ ଉକ୍ତ ବ୍ଲକ୍‌ସ୍ତରୀୟ ଅଧିକାରୀ ମାନେ ମଧ୍ୟ ଏହି ଶିବିର ରେ ଉପସ୍ଥିତ ରହି ଜନାଭିଯୋଗ ଶୁଣାଣି ପାଇଁ ଜିଲ୍ଲାପାଳଙ୍କ ଆବଶ୍ୟକ ମତେ ତଥ୍ୟ ଉପସ୍ଥାପନ କରିଥିଲେ ।

## ବସ୍ ଚଳାଚଳ ବନ୍ଦ; ଗମନାଗମନ ଠପ୍

**ବନ୍ତ/ଆଗରପଡ଼ା,୧୬ ।୧୨(ସମିସ):** ପ୍ରଶାସନ ତରଫରୁ କୌଣସି ପ୍ରତିଶ୍ରୁତି ମିଳିପାରୁନଥିବାରୁ ସୋମବାର ଖବର ଲେଖା ହେବା ପର୍ଯ୍ୟନ୍ତ ଭଦ୍ରକ-ଆନନ୍ଦପୁର ରାସ୍ତାରେ କୌଣସି ବସ୍ ଚଳାଚଳ କରୁନଥିବାରୁ ଉକ୍ତ ରାସ୍ତା ଉପରେ ଗମନାଗମନ ପୂରା ଠପ୍ ହୋଇ ପଡ଼ିଛି । ଯଦ୍ୱାରା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଉକ୍ତ ରାସ୍ତା ୫୩ନମ୍ବର ରାଜ୍ୟ ରାଜପଥ ହୋଇଥିବାରୁ ବିଭିନ୍ନ ଜିଲ୍ଲାକୁ ସଂଯୋଗ କରୁଛି । ତେଣୁ ଭଦ୍ରକ ଜିଲ୍ଲା ସହ ଅନ୍ୟ ଜିଲ୍ଲାର ବାସିନ୍ଦା ମଧ୍ୟ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଅପରପକ୍ଷରେ ବହୁ ବସ୍ ଆଗରପଡ଼ା ନେଇ ଅଧିକ ରାସ୍ତା ବୁଲି ୫୩ ନମ୍ବର ରାଜ୍ୟ ରାଜପଥରେ ପହଞ୍ଚୁଥିବାରୁ ତାହା ମଧ୍ୟ ପ୍ରଶାସନ ଓ ଲୋକ ଉଭୟଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି । ତେଣୁ ଯଥାଶୀଘ୍ର ଏହାର ଏକ ସ୍ଥାୟୀ ସମାଧାନ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି । ଏଠାରେ ପ୍ରକାଶ ଥାଉକି; ଗତ ରବିବାର ଭଦ୍ରକ-ଆନନ୍ଦପୁର ରାସ୍ତାର ବନ୍ତ ବ୍ଲକ ଟିଲୋ ପଞ୍ଚାୟତ ଅନ୍ତର୍ଗତ ଜାଗୁଲାଇ ପଦା ଛକ ନିକଟରେ ଭଦ୍ରକରୁ ଆନନ୍ଦପୁର ଅଭିମୁଖେ ଯାଉଥିବା ଅରୁପାନନ୍ଦ ଯାତ୍ରୀବାହୀ ବସ୍ ଏକ ୧୧କେଭି ବିଦ୍ୟୁତ୍ ଖୁଣ୍ଟକୁ ବାଡ଼େଇ ପଥଚାରୀ ଉପରେ ଚଢି ଓଲଟି ପଡ଼ିବାରୁ ଟିଲୋ ଆଥଲେଟିକ୍ ଆସୋସିଏସନ୍‌ର ବରିଷ୍ଠ ଉପଦେଷ୍ଟା ସୁଧାକର ଧଳ ଘଟଣା ସ୍ଥଳରେ ଘଟିଥିବା ବେଳେ ଗାଡ଼ିରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୮ଜଣ ଗୁରୁତର ଭାବେ ଆହତ ହୋଇଥିଲେ ।

## ଓଡ଼ିଶା ସାମ୍ବାଦିକ ସଙ୍ଘ ପକ୍ଷରୁ ଆଲୋଚନାଚକ୍ର



**ଧାମନଗର,୧୬ ।୧୨(ସମିସ):** ଧାମନଗର ଜଳସେଚନ ଡାକବଙ୍ଗଳା ପରିସରରେ ଓଡ଼ିଶା ସାମ୍ବାଦିକ ସଙ୍ଘ ଧାମନଗର ଶାଖା ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଧାମନଗର ଶାଖା ସଭାପତି ବିରେନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ର କାର୍ଯ୍ୟକ୍ରମରେ ଓଡ଼ିଶା ସାମ୍ବାଦିକ ସଂଘର ଭଦ୍ରକ ଜିଲ୍ଲା ସଭାପତି ଜ୍ଞାନପ୍ରକାଶ ପାଣି, ଜିଲ୍ଲା ସାଧାରଣ ସମ୍ପାଦକ ଉଦ୍ଧବ ଚରଣ ମିଶ୍ର ଯୋଗଦେଇ ସାମ୍ବାଦିକମାନଙ୍କ ସୁରକ୍ଷା ଓ ମର୍ଯ୍ୟାଦା ଓ କର୍ମ ବିଷୟ ଏବଂ ସଂଘର ସଦସ୍ୟତା ନବୀକରଣ ଓ ନୂତନ ସଦସ୍ୟ ମାନଙ୍କୁ ଯୋଡିବା ନେଇ ଆଲୋଚନା ସହ ବକ୍ତବ୍ୟ ରଖିଥିଲେ । ପରେ ସଂଗଠନ କିପରି ଆହୁରି ସୁଦୃଢ ହେବ ଓ ସାମ୍ବାଦିକମାନଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟବୀମା ସହିତ ସରକାରଙ୍କୁ ବିଭିନ୍ନ ସମୟରେ ଦିଆଯାଉଥିବା ସାମ୍ବାଦିକ ମାନଙ୍କ ମୌଳିକ ଦାବି ଉପରେ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରୁଥିବା ଶାଖା ସଭାପତି ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଭ୍ୟ ହେମନ୍ତ ଖିଲାର, ଶିଶିର ସ୍ୱାଇଁ, ଲଲାଟେନ୍ଦୁ ଦାସ, ପ୍ରଦୀପ ବାରିକ, କାହ୍ନୁ ଚରଣ ଜେନା, ସୀତାକାନ୍ତ ବିଶ୍ୱାଳ, ରତିକାନ୍ତ ନାୟକ, ସତ୍ୟବାନ ଲେଙ୍କା, ଆଲୋକ ସାହୁ, ବିଶ୍ୱଜିତ ପତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ପରେ ଓଡ଼ିଶା ସାମ୍ବାଦିକ ସଂଘର ସଦସ୍ୟତା ନବୀକରଣ ବିଷୟରେ ଆଲୋଚନା କରାଯାଇଥିବା ବେଳେ ଧାର୍ଯ୍ୟ ତାରିଖ ସୁଦ୍ଧା ସମସ୍ତ ଆବଶ୍ୟକୀୟ କାଗଜପତ୍ର ଓ ଫର୍ମ ଶାଖା ସଭାପତି କିମ୍ବା ସମ୍ପାଦକଙ୍କ ପାଖରେ ପ୍ରଦାନ କରିବାକୁ ଜିଲ୍ଲା ସଭାପତି ନିର୍ଦ୍ଦେଶ ଦେଇଥିଲେ ।

## ପୋଷାକ ବଣ୍ଟନ ଉତ୍ସବ



**ଧାମନଗର,୧୬ ।୧୨(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ରାଧାବଲ୍ଲଭପୁର ପଞ୍ଚାୟତ ଅଧିନ ଷୋଳଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ମାନଙ୍କୁ ପୋଷାକ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଭାବଗ୍ରାହୀ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡ଼ା, ବରେଣ୍ୟ ଅତିଥି ଭାବେ ସିଆରସିସି ଏମଡି ମୁଜାଫର୍ ହୁସେନ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରିତମ ଦାସ, ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁବାସ ଚନ୍ଦ୍ର ସେଠୀ, ସାମ୍ବାଦିକ ସଞ୍ଜୀବ କୁମାର ମହାନ୍ତି, ବିବେକାନନ୍ଦ ସାମଲ, ସମାଜସେବୀ ହେମନ୍ତ ଖିଲାର ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଦିଲ୍ଲିପ ସାହୁ, ସଦାନନ୍ଦ ପାଢୀ, ଏଲୋରା ପ୍ରିୟଦର୍ଶିନୀ ଖୁଣ୍ଟିଆ, ପଦ୍ମାବତୀ ନାଏକ, ପ୍ରଶାନ୍ତି ଟିଗା, ପ୍ରମୁଖ ଶିକ୍ଷକ/ଶିକ୍ଷୟତ୍ରୀ, ଅଭିଭାବକ, ଶିକ୍ଷା କମିଟିର ସମସ୍ତ ସଭ୍ୟ, ସଭ୍ୟା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

## କୋଚିଲା ନାୟକାଣୀଙ୍କ ପୀଠରେ ଧନୁ ସଂକ୍ରାନ୍ତି

**ଅସୁରାଳି,୧୬ ।୧୨(ସମିସ):** ଧନୁ ସଂକ୍ରାନ୍ତି ଅବସରରେ ନଦୀଗାଁ ପଞ୍ଚାୟତ ତିନିଘରିଆ ସ୍ଥିତ ପ୍ରସିଦ୍ଧ ମା'କୋଚିଲା ନାୟକାଣୀଙ୍କ ପୀଠରେ ସୋମବାର ଧନୁ ସଂକ୍ରାନ୍ତି ସମାରୋହରେ ପାଳିତ ହୋଇଯାଇଛି । ଆଜି ସକାଳେ ମା'ଙ୍କ ସ୍ନାନ କରାଯିବା ପରେ ରୀତିନୀତିରେ ପୂଜାର୍ଚ୍ଚନା, ହୋମ ସହ ଆଳତି ପ୍ରଦାନ କରାଯାଇଥିଲା । ପୂଜକ ଦେବେନ୍ଦ୍ରନାଥ ପଣ୍ଡା ଓ ଅଶୋକ ପଣ୍ଡା ପୂଜା କାର୍ଯ୍ୟ ସଂପାଦନ କରିଥିଲେ । ଏଥିସହ ମାନସିକ ରଖିଥିବା ଭକ୍ତମାନେ ମା'ଙ୍କର ପ୍ରିୟ ମାଟି ଘୋଡ଼ା ମା'ଙ୍କୁ ପ୍ରଦାନ କରିଥିଲେ । ଏହି ଅବସରରେ ତିନିଘରିଆ, ନଦୀଗାଁ, ଅର୍ଜ୍ଜୁନପୁର, ପଙ୍ଗଟା, ବାଲିପାଟଣା, ରାମରାକୂଳ, ପ୍ରଧାନୀ ଆଦି ଗ୍ରାମରୁ ବହୁ ସଂଖ୍ୟାରେ ଭକ୍ତମାନଙ୍କ ସମାଗମ ହୋଇଥିଲା । ପରିଚାଳନାରେ ମା' କୋଚିଲା ନାୟକାଣୀ ଯଜ୍ଞ କମିଟିର ସଦସ୍ୟମାନଙ୍କ ସହ ତିନିଘରିଆ ଗ୍ରାମବାସୀ ସହଯୋଗ କରିଥିଲେ

## ମହାପରି ନିର୍ବାଣ ଦିବସ ପାଳିତ

**ବାରିକପୁର,୧୬ ।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ସରସଦା ଠାରେ ଦଳିତ ମହାସଂଘ ପକ୍ଷରୁ ଆମ୍ବେଦକରଙ୍କ ୬୯ତମ ମହାପରି ନିର୍ବାଣ ଦିବସ ପାଳିତ ହୋଇଯାଇଛି । ବରିଷ୍ଠ ନାଗରିକ ଦିବାକର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ମୁଖ୍ୟବକ୍ତା ଭାବେ ଜିଲ୍ଲା ଦଳିତ ମହାସଂଘ ସଭାପତି ରାଜେନ୍ଦ୍ରପ୍ରସାଦ ଜେନା, ସରପଞ୍ଚ ରମେଶ ଚନ୍ଦ୍ର ଜେନା, ସମିତିସଭ୍ୟା କମଳା ଜେନା, ସମାଜସେବୀ ଅକ୍ଷୟ ଜେନା, ବ୍ଲକ ଦଳିତ ସମାଜ ସଭାପତି ଉମାକାନ୍ତ ଜେନା, ସମ୍ପାଦକ ରମାକାନ୍ତ ଜେନା,ଗଗନ ବିହାରୀ ସେଠୀ, ଧରିତ୍ରୀ ଜେନା,ତରଣୀସେନ ଜେନା, ବିଶ୍ୱନାଥ ଜେନା ପ୍ରମୁଖ ଯୋଗଦେଇଥିଲେ । ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରଶାନ୍ତ ଜେନା, ବିକାଶ ଜେନା, ନବକିଶୋର ଜେନା,ପ୍ରଭାତ ଜେନା, ପୀତବାସ ଜେନା, ନବକିଶୋର ଜେନା ପ୍ରମୁଖ ପରିଚାଳନା କରିଥିଲେ ।

## ଧାମରାରେ ମକର ମେଳା ପ୍ରସ୍ତୁତି ବୈଠକ



**ଭଦ୍ରକ,୧୬ ।୧୨(ସମିସ):** ଭଦ୍ରକ ଜିଲ୍ଲା ଧାମରା ଅଞ୍ଚଳରେ ଗଣପର୍ବ ପ୍ରସିଦ୍ଧ ମକର ମେଳା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମା' ଧାମରାଇ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଥିବା ସଭାରେ ସମାଜସେବୀ ନରହରି ମଲିକ ସଭାପତିତ୍ୱ କରିଥିଲେ । ଜାନୁଆରୀ ୧୪ ତାରିଖରେ ଏହି ପର୍ବ ପାଳନ ହେବା ସହ ଏହା ଦୀର୍ଘ ୧୦ ଦିନ ବ୍ୟାପୀ ଚାଲିବ । ଏହି ସମୟରେ ଏହି ମେଳାକୁ କିପରି ଶାନ୍ତିଶୃଙ୍ଖଳାରେ ସହ ପାଳନ କରାଯିବା ସେ ନେଇ ଆଲୋଚନା ଏବଂ ପର୍ଯ୍ୟାଲୋଚନା ହୋଇଥିଲା । ଧାମରାଇ ମକର ପଡିଆ ଚର୍ତୁପାଶ୍ୱରେ ପାଚେରୀ ନିର୍ମାଣ କରିବା, ଏହି ପଡିଆକୁ ସମତୁଲ କରିବା, ମେଳାକୁ ଆସୁଥିବା ଉଠା ଦୋକାନୀ ମାନଙ୍କୁ ସୁରକ୍ଷା ଦେବା, ଅପେରା ଶୋ'କୁ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ଭଳି ସମସ୍ତ ବିଷୟରେ ଆଲୋଚନା କରାଯାଇଥିଲ । ଗତ ମେଳାରେ ହୋଇଥିବା ଆୟ ବ୍ୟୟର ସମୀକ୍ଷା ହେବା ସହ ଜିଲ୍ଲା ପ୍ରଶାସନକୁ ଏହି ମେଳା ବିଷୟରେ ଅବଗତ କରାଇବା ସହ ଆଗାମୀ ଦିନରେ ମା ଧାମରାଇ ମକର ମେଳା କମିଟିରେ ଧାମରା ୮ ପଞ୍ଚାୟତର ମୁଖିଆ ଲୋକମାନଙ୍କୁ ଏହି କମିଟିରେ ସାମିଲ କରାଇ ପାରିଲେ ଏହି ମେଳା କମିଟି ଆହୁରି ସକ୍ରିୟ ହେବା ସହ ଜନଆଦୃତ ହୋଇ ପାରିବ ବୋଲି ମଧ୍ୟ ମତ ପ୍ରକାଶ ପାଇଥିଲା । ଆଜି ହୋଇଥିବା ବୈଠକରେ ମକର ମେଳା କମିଟିର ସଂପାଦକ ପାପା ଜେନା, ସଭାପତି ସୁରେଶ ମାହୁନ୍ତ, ଉମେଶ ମହାକୁଡ, ପ୍ରମୋଦ ନାୟକ, ଉଗ୍ରେସନ ମଢୁଆଳ, ଅଭିମନ୍ୟୁ ରାଉତ, ବଳଭଦ୍ର ଲେଙ୍କା, ବିଜୟ ବେହେରା, ଶରତ ଦଳେଇ, ପ୍ରକାଶ ତରେଇ, ବିଜୟ ସାହୁ, ତାରାକାନ୍ତ ସାମଲ, ନରହରି ମଲିକ, ନିତ୍ୟାନନ୍ଦ ବେହେରା,ଗୋପାଳ ମାଝୀ, ମାୟାଧର ପରିଡା,ଚିତ ମହାନ୍ତିଙ୍କଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ଶିବିର ଉଦ୍‌ଯାପିତ




**ଅସୁରାଳି,୧୬ ।୧୨(ସମିସ):** କୋଠାର ସାରଦାଦେବୀଉଚ୍ଚମାଧ୍ୟମିକବିଦ୍ୟାଳୟରେ ୩ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଯୁବ ନେତୃତ୍ୱ ଶିବିରର ଆଜି ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ରାଉତଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟବକ୍ତା ଭାବେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମର ଅଧିକାରୀ ଡ. ବିଶ୍ୱମୋହନ ଜେନା ଓ ଭଦ୍ରକ ଜିଲ୍ଲା ସେବା ଯୋଜନା ଅଧିକାରୀ କମଳା କାନ୍ତ ଓଝା, ଅନ୍ୟତମ ସମ୍ମାନିତ ଅତିଥି ଭାବେ ସାରଦା ଦେବୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟବ୍ରତ ଭାରତୀ ଓ ଜାତୀୟ ସେବା ଯୋଜନା ର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରଭାତ କୁମାର ଧଳ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅଧ୍ୟାପକ ଶ୍ରୀଧର କୁମାର ସାହୁ । ଅଧ୍ୟାପକ ରବୀନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ଜିଲ୍ଲାଶାଖା ଗଠିତ



**ଭଦ୍ରକ,୧୬ ।୧୨(ସମିସ)**

ଭଦ୍ରକର ଶ୍ରୀଶ୍ରୀ ଗୀତା ଭବନରେ ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ଭଦ୍ରକ ଶାଖା ଉଦଘାଟିତ ହୋଇଯାଇଛି । ଇଂ. ଅଭୟ ସୂତାରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମିତିର ରାଜ୍ୟ ସଭାପତି ଇଂ.ରାମକୃଷ୍ଣ ମହାରଣା, କାର୍ଯ୍ୟକାରୀ ସଭାପତି ସିଦ୍ଧେଶ୍ୱର ବିନ୍ଧାଣୀ, ସାଧାରଣ ସମ୍ପାଦକ ଇଂ. ପ୍ରଭାକର ମହାରଣା, କୋଷାଧ୍ୟକ୍ଷ ଇଂ.ଅଶୋକ ମହାରଣା, ଉପଦେଷ୍ଟା ଇଂ.ଯୁଗଳ କିଶୋର ମହାରଣା, ରାଜେନ୍ଦ୍ର ରାଉତ, ସଂଗଠନ ସମ୍ପାଦକ ରବୀନ୍ଦ୍ର କୁମାର ଓଝା, ଜଗନ୍ନାଥ ମହାରଣା, ଯୁଗ୍ମ ସମ୍ପାଦକ ଜନାର୍ଦ୍ଦନ ବିନ୍ଧାଣୀ, ସହ ସମ୍ପାଦକ ସୁରେଶ ମହାରଣା ପ୍ରଭୃତି ଯୋଗଦେଇ ସର୍ବସମ୍ମତି କ୍ରମେ ଭଦ୍ରକ ଜିଲ୍ଲା ଶାଖାର ନୂତନ କର୍ମକର୍ତ୍ତା ଚୟନରେ ଅଂଶଗ୍ରହଣ କରିଥିଲେ ଓ ରାଜ୍ୟ ସଭାପତିଙ୍କ ଦ୍ୱାରା ଶପଥପାଠ କରାଇଥିଲେ । ଉକ୍ତ ସମାରୋହରେ ଜିଲ୍ଲାସ୍ତରୀୟ କର୍ମକର୍ତ୍ତାଗଣ ନିମ୍ନମତେ ନିର୍ବାଚିତ ହୋଇଥିଲେ । ସଭାପତି ଇଂ. ଅଭୟ ସୂତାର, କାର୍ଯ୍ୟକାରୀ ସଭାପତି ନାରାୟଣ ସୂତାର, ଉପସଭାପତି ଶ୍ରୀକାନ୍ତ ଓଝା, ସାଧାରଣ ସମ୍ପାଦକ ସରୋଜ କୁମାର ଓଝା, ଯୁଗ୍ମସମ୍ପାଦକ ସନ୍ତୋଷ କୁମାର ଓଝା, ସଂଗଠନ ସମ୍ପାଦକ ବୈକୁଣ୍ଠନାଥ ଓଝା, କାର୍ଯ୍ୟକାରୀ ସମିତି ସଭ୍ୟ ଭାବେ ଭରତ ସୂତାର, କୁଳମଣୀ ସୂତାର, ରାଜେନ୍ଦ୍ର ଓଝା, ବାସୁଦେବ ସୂତାର, ସଂଗୀତା ମହାରଣା ଓ ଉପଦେଷ୍ଟା ମଣ୍ଡଳୀରେ କୃପାସିନ୍ଧୁ ଓଝା, ବାସନ୍ତୀ ମହାରଣା, ନିର୍ମଳ ମହାପାତ୍ର, ଭାରତୀ ଓଝା ଓ ଡ.ନିରଞ୍ଜନ ଓଝା ଭାବେ ମନୋନୀତ ହୋଇଥିଲେ । କାର୍ଯ୍ୟକ୍ରମରେ ସରୋଜ କୁମାର ଓଝା ମଞ୍ଚ ପରିଚାଳନା କରିଥିବାବେଳେ ବୈକୁଣ୍ଠନାଥ ଓଝା କାର୍ଯ୍ୟ ସଞ୍ଚାଳନ କରିଥିଲେ ଓ ସନ୍ତୋଷ କୁମାର ଓଝା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାସ୍ତାରେ ବିପଦ ସଂକୁଳ ଟ୍ରାନ୍ସଫର୍ମର



**ଭଦ୍ରକ,୧୬ ।୧୨(ସମିସ):** ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ଅଧୀନ ଅଚକ ପଞ୍ଚାୟତର ୧୮ନମ୍ବର ୱାର୍ଡର ମୁଖ୍ୟ ରାସ୍ତାକଡରେ ବିପଦ ଜନକ ଟ୍ରାନ୍ସଫର୍ମରକୁ ନେଇ ଗ୍ରାମବାସୀମାନେ ବହୁଦିନରୁ ଭୟଭୀତ ହୋଇପଡିଛନ୍ତି । ତିହିଡି ଅଞ୍ଚଳର ଯୁବ ସାମାଜିକ କର୍ମୀ ନୃସିଂହ ବେହେରା ଏନେଇ ବହୁବାର ଟିପିଏନଓଡିଏଲ୍ ତଥା ଜିଲ୍ଲା ପ୍ରଶାସନଙ୍କୁ ଟ୍ୱିଇଟ୍ କରି ଅବଗତ କରାଥିଲେ ବି କିଛି ସୁଫଳ ମିଳିନି । ଉକ୍ତ ରାସ୍ତା ଦେଇ ଶିଶୁ, ଗୃହପାଳିତ ପଶୁ ଓ ଜନସାଧାରଣ ନିୟମିତ ଯାତାୟତ କରୁଥିବା ବେଳେ ଏହି ବିପଦସଂକୁଳ ଟ୍ରାନ୍ସଫର୍ମର ଚାରିକଡରେ ସୁରକ୍ଷା ବାଡ଼ କି ପେନେଲ ବୋର୍ଡ ପ୍ରତିଷ୍ଠା ପାଇଁ ଦାବି ହୋଇଛି ।

## ଡିଭାଇଡର ଉପରକୁ ଚଢ଼ିଗଲା ଟ୍ରକ୍



**ବନ୍ତ/ଆଗରପଡ଼ା,୧୬ ।୧୨(ସମିସ):** ଭଦ୍ରକ-ଆନନ୍ଦପୁର ରାସ୍ତାର ବନ୍ତ ବ୍ଲକ ସମ୍ମୁଖରେ ରାସ୍ତାରେ ଥିବା ଡିଭାଇଡରକୁ ଧକ୍କା ଦେଇ ଏକ ମିନିଟ୍ରକ୍ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ରାଉରକେଲାରୁ ଲୁହା ସାମଗ୍ରୀ ବୋଝେଇ କରି ମିନିଟ୍ରକ୍‌ଟି ଭଦ୍ରକ ଅଭିମୁଖେ ଆସୁଥିବା ସମୟରେ ବନ୍ତ ବ୍ଲକ ସମ୍ମୁଖରେ ଥିବା ଡିଭାଇଡର ଉପରକୁ ଭାରସାମ୍ୟ ହରାଇ ଚଢ଼ି ଯାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ବେଳେ ଏକ ବଡ଼ଧରଣର ଦୁର୍ଘଟଣାରୁ ଡ୍ରାଇଭର ଜଣକ ଅଳ୍ପକେ ବର୍ତ୍ତି ଯାଇ ସାମାନ୍ୟ ଆହାତ ହୋଇଥିଲେ । ସେହିପରି ଗାଡ଼ିଟିର ସମ୍ମୁଖ ଅଂଶ ଭାଙ୍ଗି ଯାଇଥିବା ବେଳେ ଖବର ପାଇ ବନ୍ତ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିବା ସୂଚନା ମିଳିଛି ।

ସକାଳ THE SAKALA



## ଶହେ ବର୍ଷ ପୂର୍ତ୍ତି ପାଳନ ପ୍ରସ୍ତୁତି ବୈଠକ

**ନୀଳଗିରି, ୧୬।୧୨(ସମିସ):** ନୀଳଗିରି ଉପଖଣ୍ଡ ବାଉଁଶବଣିଆ ପଞ୍ଚାୟତର ମାନଗଡ଼ ଛକ ଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନୀଳଗିରି ଜୋନ ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଭାକର ମହାପାତ୍ର ଏହି ବୈଠକରେ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ, ଜୋନ ସମ୍ପାଦକ ବିଜୟ କୁମାର ସ, ପାଟପୁର ଶାଖା ସମ୍ପାଦକ ହରେକୃଷ୍ଣ ପଣ୍ଡିତ, ପରତାପଡ଼ା ଶାଖା ସମ୍ପାଦକ ଦେବେନ୍ଦ୍ର ବେହେରା, ଅନିରୁଦ୍ଧ ବେହେରା, ରବୀନ୍ଦ୍ର ନାୟକ, ବାସନ୍ତୀ ନାୟକ, ସୁରେନ୍ଦ୍ର ଦେଉରି, ନିରଞ୍ଜନ ଜେନା ପ୍ରମୁଖ ସାଥିଉପସ୍ଥିତ ରହି ଆସନ୍ତା ଡିସେମ୍ବର ୨୬ ଦିନ ନୀଳଗିରିରେ ପାର୍ଟି ପ୍ରତିଷ୍ଠା ଦିବସଟିକୁ ମହା ସମାରୋହରେ ପାଳନ କରିବା ନେଇ ନିଷ୍ପତ୍ତି ହୋଇଛି।

# ମହିଳାଙ୍କୁ ରୋଜଗାର ଦେଇଛି ମାଟିର ଟା' କପ୍

**ବାଲେଶ୍ୱର, ୧୬।୧୨(ସମିସ):** ମହିଳାଙ୍କୁ ରୋଜଗାର ଦେଇଛି ମାଟିର ଟା' କପ୍। ବର୍ଷକୁ ପାଖାପାଖି ୨ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ରୁପସାସ୍ଥିତ କଶିପଦା ତାହାରପୁରଠାରେ ରହିଛି ନୀଳମାଧବ ସ୍ୱୟଂସହାୟିକା ଗୋଷ୍ଠୀ। ଏହି ଗୋଷ୍ଠୀରେ ୨୧ଜଣ ସଦସ୍ୟା ରହିଛନ୍ତି। ପୂର୍ବ ସରକାର ସମୟରେ ସେମାନେ ଏହି କୌଳିକ ବୃତ୍ତିକୁ ଆଉ ପାଦେ ଆଗକୁ ବଢ଼ାଇବା ପାଇଁ ଏକ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରି ସରକାରୀ ସହାୟତାରେ ମାଟି ଚା' କପ ପ୍ରସ୍ତୁତ କରିଥିଲେ। ୨୦୧୪ ମସିହା ଠାରୁ ସେମାନେ ଏହି କାମ ଆରମ୍ଭ କରିଥିବା ବେଳେ ୨୦୨୧ମସିହାରେ ସେମାନଙ୍କୁ ସରକାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ପ୍ରଥମ କିସ୍ତିରେ ୨ଲକ୍ଷ ଟଙ୍କା ପ୍ରଦାନ କରିଥିବା ବେଳେ ଦ୍ୱିତୀୟ କିସ୍ତିରେ ଦେଢ଼ଲକ୍ଷ ଟଙ୍କା ପାଇଥିଲେ। ଯାହାଦ୍ୱାରା ସେମାନେ ତିନୋଟି ମେସିନ ସହାୟତାରେ ଚା' କପ ତିଆରି କରିବା



ସହ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ପ୍ରସ୍ତୁତ କରୁଛନ୍ତି। ଏ ନେଇ ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି ଅଞ୍ଜନା ବେହେରାଙ୍କ ସମେତ ସମ୍ପାଦକ ମୀନତି ବେହେରା, ସଦସ୍ୟା ଝିଲିମଣି ବେହେରା, ଗୁରୁବାରୀ ବେହେରା, ଦେବକୀ ରାଉତ, ଯମୁନା ରାଉଳ, ରେବତୀ ଦାସ ପ୍ରମୁଖ କହିଛନ୍ତି ଯେ, ସେମାନେ ଏହି ସାମଗ୍ରୀ ତିଆରି କରିବା ପାଇଁ ଏକ ବର୍ଷ ପାଇଁ କଞ୍ଚାମାଲ କିଣନ୍ତି। ମାସକୁ ହାରାହାରି ୫ରୁ ୭ହଜାର ଟଙ୍କା ପର୍ଯ୍ୟନ୍ତ ବିନିଯୋଗ କରନ୍ତି। ଗୋଟିଏ ଦିନରେ ପାଖାପାଖି ୨ହଜାର ମାଟି କପ ସହ ଅନ୍ୟାନ୍ୟ ସାମଗ୍ରୀ ତିଆରି କରନ୍ତି।

ଏହି ଚା କପ ତିଆରି ପରେ ସେମାନେ ଭାଟିରେ ଏକାଥରରେ ୫ରୁ ୬ହଜାର କପ ପ୍ରସ୍ତୁତି ପାଇଁ ଦେଇଥାଆନ୍ତି। ଗୋଟିଏ ସପ୍ତାହରେ ପ୍ରାୟ ୬ହଜାର କପ ପ୍ରସ୍ତୁତ ହେଉଥିବା ବେଳେ ତାହାକୁ ବିକ୍ରି ପାଇଁ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର, ସ୍ଥାନୀୟ ମାର୍କେଟ ସାଙ୍ଗକୁ ଭୁବନେଶ୍ୱର ଏବଂ ଅନ୍ୟାନ୍ୟ ସ୍ଥାନକୁ ପଠାନ୍ତି। ଓରମାସ ପକ୍ଷରୁ ସେମାନଙ୍କୁ ସହଯୋଗ ମିଳିଥାଏ। ସ୍ୱୟଂ ସହାୟିକା ଗୋଷ୍ଠୀର ଏଲଏସପି ଚକ୍ରଧର ବେହେରା କହିଛନ୍ତି ଯେ, ସରକାରୀ ସ୍ତରରେ ଓରମାସ ସେମାନଙ୍କୁ ଅଧିକ ଉନ୍ନତି ପାଇଁ ମେସିନ ଯୋଗାଇଛି। ତେବେ ପୂର୍ବ ସରକାରଙ୍କ ଯୋଗୁଁ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି।

## ହେଲ୍‌ଦି ଲାଇଫ୍ ଯୋଗ ମହାବିଦ୍ୟାଳୟ ମୁଖ୍ୟଙ୍କୁ ସମ୍ବର୍ଦ୍ଧନା



**ବାଲେଶ୍ୱର, ୧୬।୧୨(ସମିସ):** 'ସକାଳ'ର ଚତୁର୍ଥ ସ୍ୱନକ୍ଷତ୍ର ଦିବସ ଅବସରରେ ସ୍ଥାନୀୟ ଗାନ୍ଧି ସ୍ମୃତି ଭବନ ନିକଟରେ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ମିନି ମାରାଥନ ଆୟୋଜିତ ହୋଇଯାଇଛି। ଗଣଦୌଡ ଆରମ୍ଭ ହେବା ପୂର୍ବରୁ ହେଲଦୀ ଲାଇଫ୍ ଯୋଗ ମହାବିଦ୍ୟାଳୟ ମୁଖ୍ୟ ଡ଼ା. ଚିତ୍ତରଞ୍ଜନ ସାହୁ ଏବଂ ମହାବିଦ୍ୟାଳୟ ମାଷ୍ଟର ଡ଼ିଗ୍ରୀ ଯୋଗରେ ପଢୁଥିବା ଶିଭାଶ୍ରୀ, ଚାରୁ ଯଜ୍ଞ, ନୀଳାଚଳ, ସିଦ୍ଧାର୍ଥ, ପାର୍ଥ, ସୁଭଦ୍ରା, ଚନ୍ଦ୍ରକାନ୍ତି, କାନ୍ତିକ୍ରିଷ୍ଟା, ଯସମୟୀ, ରୁବି ପାଢ଼ୀ ପ୍ରମୁଖ ଯୋଗ, ଯୋଗ ନୃତ୍ୟ ଏବଂ ଜୁମ୍ବା ଏରୋବିକ୍ ଦ୍ୱାରା ଫିଟ୍ ଇଣ୍ଡିଆ ୫୪ ମିନିଟ୍ ଏକ୍ସରସାଇଜ୍ କରାଇଥିଲେ। ସୁସ୍ଥ ଓ ନିରୋଗ ସମାଜ ଏବଂ ଶରୀର ରୋଗମୁକ୍ତ ରହିବା ପାଇଁ ଡ଼ା. ଚିତ୍ତରଞ୍ଜନ ସାହୁ ବାର୍ତ୍ତା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନକୁ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗଙ୍ଗାପୂଜା ପାଇଁ ଧ୍ୱଜ ବାଉଁଶ ସ୍ଥାପନ



**ଚନ୍ଦନେଶ୍ୱର, ୧୬।୧୨ (ସମିସ):** ଆସନ୍ତା ଜାନୁଆରୀ ୧୪ ତାରିଖ ଦିନ ହେବାକୁ ଥିବା ପବିତ୍ର ମକର ସଂକ୍ରାନ୍ତି ଓ ଗଙ୍ଗାମାତା ପୂଜାର୍ଚ୍ଚନା ପାଇଁ ରବିବାର ସକାଳେ ତାଳସାରୀ ଠାରେ ଗଙ୍ଗାମାତା ପୂଜା କମିଟି ତରଫରୁ ପବିତ୍ର ପଣ୍ଡୁ ପୂର୍ଣ୍ଣିମା ଉପଲକ୍ଷେ ମାଁ ଗଙ୍ଗା ମାତାଙ୍କୁ ଆବାହନ କରାଯିବା ସହିତ ଧ୍ୱଜ ବାଉଁଶ ସ୍ଥାପନ କରାଯାଇଛି। ଏଥିରେ ଗଙ୍ଗା ମାତା ପୂଜା କମିଟିର ସଭାପତି ସୁରେନ୍ଦ୍ର ଗଙ୍ଗେଇ, ସମ୍ପାଦକ ପୁଣ୍ଡରୀକାକ୍ଷ ଲାୟା, କୋଷାଧ୍ୟକ୍ଷ ଯତୀନ୍ଦ୍ର ଗଙ୍ଗେଇ, କୈଳାସ ଗଙ୍ଗେଇ, ପରିମଳ ପାତ୍ର, ତନୁ ପାତ୍ର, ଲକ୍ଷ୍ମଣ ବେହେରା, କାର୍ତ୍ତିକ ଚନ୍ଦ୍ର ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ



**ଜଳେଶ୍ୱର, ୧୬।୧୨ (ସମିସ):** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ 'ଉତ୍ତମ ସ୍ୱାସ୍ଥ୍ୟ ଯୋଗୁଁ ଆମେ ଆମେ ସଫଳତାର ଶୀର୍ଷରେ' ଏକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ବିଦ୍ୟୁତ୍‌ପ୍ରଭା ଦାସ, ଡାକ୍ତର ବିପ୍ଳବ କୁମାର ପ୍ରଧାନ, ଷ୍ଟାଫ୍ ନର୍ସ ଦିବ୍ୟପ୍ରଭା କର, ଫାର୍ମାସିଷ୍ଟ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ସୂଚନା ଦେଇଥିଲେ। ବିଦ୍ୟାଳୟର ୧୦୦ରୁ ଅଧିକ ପିଲାମାନଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ଅଜିତ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ ସହକାରୀ ଶିକ୍ଷକ ଅଞ୍ଜନ କୁମାର ପ୍ରଧାନ, ସଞ୍ଜୟ କୁମାର ପାକଳ, ଗଣିତ ଶିକ୍ଷକ ରାଜେଶ ଦାସ, ଶିକ୍ଷୟିତ୍ରୀ ଆର ମୋଲିନା, ମୌସୁମୀ ଗୁପ୍ତା, ସୁଜିତ ସିଟ୍, ସଞ୍ଜିବ ଗିରି, କମଳାକାନ୍ତ ସାମଲ, ପୂର୍ଣ୍ଣଚନ୍ଦ୍ର ଗିରି, ତ୍ରିଦୀପ ପାଣିଗ୍ରାହୀ, ମଞ୍ଜୁଲତା ଜେନା ପ୍ରମୁଖ ଉପସ୍ଥିତ ରହି କାର୍ଯକ୍ରମ ପରିଚାଳନା କରିଥିଲେ।

## ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ

**ପଞ୍ଚଲିଙ୍ଗେଶ୍ୱର, ୧୬।୧୨(ସମିସ):** ଔପଦା ବ୍ଲକ ସନ୍ତରାଗଡ଼ିଆ ନୋଡାଲ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ନିମନ୍ତେ ସ୍କୁଲ ପରିସରରେ ପୁରାତନ ଛାତ୍ର ସଂଗଠନର ସଭାପତି ଅମରେନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କିପରି ଉକ୍ତ ସମାରୋହକୁ ସରସ ସୁନ୍ଦର କରାଯାଇ ପାରିବ ସେ ନେଇ ଉକ୍ତ ବୈଠକରେ ଆଲୋଚନା କରାଯାଇଥିଲା। ସଂଗଠନର ସମ୍ପାଦକ ଅକ୍ଷୟ କୁମାର ପାଣିଗ୍ରାହୀ, ରାମଚନ୍ଦ୍ର ସ, ରତ୍ନାକର ବେହେରା, ବସନ୍ତ କୁମାର ମିଶ୍ର, ରମାକାନ୍ତ ପାଢ଼ୀ, ସତ୍ୟନାରାୟଣ ପଣ୍ଡା, ପ୍ରେମାନନ୍ଦ ମହାନ୍ତି, ନିତ୍ୟାନନ୍ଦ ରାଉତ, ରବୀନ୍ଦ୍ର ରଣା, ନିତ୍ୟାନନ୍ଦ ବାରିକ, କରୁଣାକର ରାଉଳ, ପ୍ରମୋଦ ବାରିକ, ଉଦୟ ମହାନ୍ତି, ମାଧବ ଚନ୍ଦ୍ର ସ, କପିଳ ସାମଲ, ଅନିଲ ରାଉଳ, ପ୍ରେମାନନ୍ଦ ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଭୋଗରାଇକୁ ଆଚାର୍ଯ୍ୟ ଦେବଙ୍କ ଆଗମନ

**ଭୋଗରାଇ, ୧୬।୧୨(ସମିସ):** ଭୋଗରାଇ ବ୍ଲକ ଦେହୁର୍ଦ୍ଧା ପଞ୍ଚାୟତ ଶ୍ରୀବସ୍ତପୁରସ୍ଥିତ ସତ୍‌ସଙ୍ଗ ବିହାରରେ ଆଜି ଯୁଗ ପୁରୁଷୋତ୍ତମ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଅଣନାତି ପରମ ପୂଜ୍ୟପାଦ ଶ୍ରୀଶ୍ରୀ ଆଚାର୍ଯ୍ୟ ଦେବଙ୍କ ଆଗମନ ହୋଇଛି। ଏହି ଅବସରରେ ଏଠାକାର ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସହସ୍ରାଧିକ ଶ୍ରଦ୍ଧାଳୁ ମାନେ ସମବେତ ହୋଇ ଶ୍ରୀଶ୍ରୀ ଆଚାର୍ଯ୍ୟ ଦେବଙ୍କୁ ଧର୍ମୀୟ ଭାବଧାରାରେ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ସତସଙ୍ଗ ବିହାର ପକ୍ଷରୁ ବ୍ରହ୍ମ ମୁହୂର୍ତ୍ତରେ ବେଦ, ମାଙ୍ଗଳିକ, ନହବତ, ଊଷାକୀର୍ତ୍ତନ, ପ୍ରାତଃ ବିନତି ପ୍ରାର୍ଥନା, ନାମଜପ, ସଙ୍ଗୀତାଞ୍ଜଳି କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଧର୍ମୀୟ ସମ୍ମିଳନୀରେ ଋତ୍ୱିକ ବିଜୟ କେତନ ପଟ୍ଟନାୟକ, ଈଶ୍ୱର ଚନ୍ଦ୍ର ଗିରି, ଆଲୋକ କୁମାର ସାମଲ, ଭଗୀରଥ ପୃଷ୍ଟି, କୀର୍ତ୍ତିସୁନ୍ଦର କାମିଲା, ଦୀପକ ଦାସ, ତାପସ କୁମାର ସାହୁ, ଧନଞ୍ଜୟ କାମିଲା, ହରିପଦ ମାହାନ୍ତି, ଅଶୋକ କୁମାର ସାମଲ, ଆଶିଷ କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ଭୁବନେଶ୍ୱରରୁ ଆଗତ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଶିଷ୍ୟ ପ୍ରସିଦ୍ଧ କଣ୍ଠଶିଳ୍ପୀ କେଶବ ସାହୁ ଏବଂ ତାଙ୍କ ସାଥୀଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ଶ୍ରଦ୍ଧାଳୁଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

### ମେଡିକାଲ ମରାମତି ଓ ପୁନରୁଦ୍ଧାର ପାଇଁ ୪ ଜିଲ୍ଲାକୁ ୨.୪୬ କୋଟି ଅନୁଦାନ

# ଔପଦା ଡାକ୍ତରଖାନା ବାଦ୍ ପଡ଼ିବାରୁ ଅସନ୍ତୋଷ

**ଦକ୍ଷିଣ ବାଲେଶ୍ୱର, ୧୬।୧୨(ସମିସ):** ସ୍ୱାସ୍ଥ୍ୟକେନ୍ଦ୍ର ମରାମତି ଓ ପୁନରୁଦ୍ଧାର ପାଇଁ ୪ଜିଲ୍ଲାକୁ ୨ କୋଟି ୪୬ ଲକ୍ଷ ଅନୁଦାନ ଆସିଥିବା ବେଳେ ସର୍ବାଧିକ କ୍ଷତିଗ୍ରସ୍ତ ଔପଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସେଥିରୁ ବାଦ ପଡ଼ିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କେଉଁ ଆଧାରରେ ପ୍ରକଳ୍ପ ଅନୁମୋଦନ ହେଲା ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୧୯୪୨ ମସିହାରେ ସ୍ଥାପିତ ଔପଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ଏହି ମେଡ଼ିକାଲ ଉପରେ ଔପଦା ବ୍ଲକର ୫ଟି ପଞ୍ଚାୟତ ବଡ଼ପୋଖରୀ, ଅଘିରାପଦା, ଗଡ଼ସାହି, ରାଏରାମଚନ୍ଦ୍ରପୁର, ତଳକିଆ, ଖଇରା ବ୍ଲକର ଗୋବିନ୍ଦପୁର, ସାରୁଗାଁ, ଶ୍ୟାମସୁନ୍ଦରପୁର, ଡଗରପଡ଼ା ଓ ମୟୂରଭଞ୍ଜ ଜିଲ୍ଲାର ୪ଟି ପଞ୍ଚାୟତ ନିର୍ଭରଶୀଳ। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକ କର୍ମଚାରୀ ନାହାନ୍ତି। ପ୍ରାଥମିକ ଚିକିତ୍ସା ପାଇଁ ଆବଶ୍ୟକ ଉପକରଣ କିମ୍ବା ଷ୍ଟାଫ କ୍ୱାଟର ନାହିଁ। ବାତ୍ୟା 'ଦାନା'ରେ ସାରା ରାଜ୍ୟରେ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ପତ୍ର ସଂଖ୍ୟା ୩୪୦୩୯/୨୪ ଅନୁସାରେ ବାଲେଶ୍ୱର ଜିଲ୍ଲାକୁ ସ୍ୱାସ୍ଥ୍ୟ କେନ୍ଦ୍ର ମରାମତି ଓ ପୁନରୁଦ୍ଧାର ପାଇଁ ୧କୋଟି ୭ଲକ୍ଷ ୫୫ ହଜାର, ଭଦ୍ରକ ଜିଲ୍ଲାକୁ ୧୩ ଲକ୍ଷ ୫ହଜାର, କେନ୍ଦ୍ରାପଡ଼ା ଜିଲ୍ଲାକୁ ୧୦ ଲକ୍ଷ ୪୦ ହଜାର ଓ ମୟୂରଭଞ୍ଜ ଜିଲ୍ଲାକୁ ୧ କୋଟି ୧୫ ହଜାର ଅନୁଦାନ ମିଳିଛି। ହେଲେ 'ଦାନା'ରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ଔପଦା ବ୍ଲକ ମୁଖ୍ୟାଳୟରେ ଥିବା ଔପଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏହି ଅନୁଦାନରୁ ବଞ୍ଚିତ ହେବା ନେଇ ସାଧାରଣ ଜନତା ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖା ଦେଇଛି। ବାତ୍ୟା 'ଦାନା' ପ୍ରଭାବରେ ଔପଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

## ଇଣ୍ଡୋର ଷ୍ଟାଡିୟମରେ ବେଞ୍ଚ୍ ପ୍ରେସ୍ ପ୍ରତିଯୋଗିତା

**ନୀଳଗିରି, ୧୬।୧୨(ସମିସ):** ନୀଳଗିରି ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡ଼ିୟମ ପରିସରରେ ଥିବା ଜିମ ସେଣ୍ଟର ବା ବ୍ୟାୟାମ ଶାଳା ପକ୍ଷରୁ କୋଚ ନିହାର ରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବେଞ୍ଚ ପ୍ରେସ୍ ପ୍ରତିଯୋଗିତାରେ ପୁରୁଷ ବର୍ଗର ୩୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିମଧ୍ୟରୁ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀଙ୍କୁ ପର୍ଯ୍ୟାୟ କ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ଏବଂ ଅନ୍ୟ ୧୦ କୃତି ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ଭାବେ ପୁରସ୍କାର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତାପ ଷଡ଼ଙ୍ଗୀ ଯୋଗଦେଇଥିଲେ।

## ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ ଇଂରାଜୀ ବିଭାଗର ପାଠଚକ୍ର



**ଭୋଗରାଇ, ୧୬।୧୨(ସମିସ):** ଭୋଗରାଇ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟରରେ ଇଂରାଜୀ ବିଭାଗ ପକ୍ଷରୁ 'ପଲିଟିକାଲ ସାଟାୟାର୍ ଇନଦି ଷ୍ଟୋରିଜ ଅଫ୍ ମନୋଜ ଦାସ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ବିଶିଷ୍ଟ ଆଲୋଚକ ଭାବେ ସୁବର୍ଣ୍ଣରେଖା ମହାବିଦ୍ୟାଳୟ ବାଲିଆପାଳର ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପକ କାମିନୀକାନ୍ତ ମହାନ୍ତି ଯୋଗଦାନ କରି ପଦ୍ମଭୂଷଣ ମନୋଜ ଦାସଙ୍କ କ୍ଷୁଦ୍ର ଗଳ୍ପ ସମ୍ଭାର ଓ ସେଥିରେ ରାଜନୈତିକ ବ୍ୟଙ୍ଗ ବିଷୟରେ ପ୍ରାଞ୍ଜଳ ଭାବରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭାଗର ଅଧ୍ୟାପିକା ଗାୟତ୍ରୀ ହେମ୍ବ୍ରମ ଅତିଥି ପରିଚୟ ଓ ଉପକ୍ରମଣିକା ପ୍ରଦାନ କରିଥିବା ବେଳେ ନୟନ ଚକ୍ରବର୍ତ୍ତୀ, ଶୁଚିସ୍ମିତା ପତି ଏବଂ ଦେବାଶିଷ କର ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପକ ସୁଶାନ୍ତ ମିଶ୍ର, ସମୀର ନନ୍ଦ, ବିନୋଦ ବିହାରି ଜେନା, କହ୍ନେଇଲାଲ ଧାରୁଆ ଏବଂ ବନସ୍ମିତା ନାୟକ ତଥା ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ର ଦେବାଶିଷ ଚକ୍ରବର୍ତ୍ତୀ ମଙ୍ଗଳା ଚରଣ ପାଠ କରିଥିଲେ। ଦେବାଶିଷ କର ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍‌ଲାଇନ୍‌ରେ ଗାଡ଼ି ଠକେଇର ଶିକାର

**ପଞ୍ଚଲିଙ୍ଗେଶ୍ୱର, ୧୬।୧୨(ସମିସ):** ଅନଲାଇନରୁ ଗାଡି କିଣିବା ପଡ଼ିଲା ମହଙ୍ଗା। ଡେଲିଭରି ଦର୍ଶାଇ ୨୫ ହଜାର ଟଙ୍କା ଲୁଟିନେଲେ ସାଇବର ଠକ। ଔପଦା ବ୍ଲକ ସନ୍ତରଗଡ଼ିଆ ଗ୍ରାମର ବନମାଳୀ ମହାନ୍ତିଙ୍କ ପୁଅ ରାଜେନ୍ଦ୍ର କୁମାର ମହାନ୍ତି(୩୫) ଅନଲାଇନ ଜରିଆରେ ଚଳିତ ମାସ ୭ ତାରିଖରେ ଏକ ସ୍କୁଟର କିଣିଥିଲେ। ଯାହା ପାଇଁ ସେ କ୍ରେଡିଟ କାର୍ଡ ଜରିଆରେ ୨୫ ହଜାର ଟଙ୍କା ମଧ୍ୟ ପୈଠ କରିଥିଲେ। ଉକ୍ତ ମାସ ୮ ତାରିଖରେ ଗାଡିଟି ଡେଲିଭରି ଦେଖାଇଥିଲା; ହେଲେ ରାଜେନ୍ଦ୍ର କୌଣସି ଗାଡି ପାଇ ନ ଥିବାରୁ ଏ ନେଇ କଷ୍ଟମର କେୟାରକୁ ଅବଗତ କରିଥିଲେ। ହେଲେ ଗାଡି ଡେଲିଭରି ହୋଇଛି ସେ ବାବଦରେ ସେମାନେ କିଛି କରିପାରିବେନି ବୋଲି କହିଥିଲେ। ହେଲେ ବିନା ଡେଲିଭରି ବଏରେ କିପରି ଡେଲିଭରି ହେଲା ବୋଲି ଦାବୀ କରି ରାଜେନ୍ଦ୍ର ଖାଉଟି ଅଦାଲତରେ ଏକ ମାମଲା ରୁଜୁ କରିଛନ୍ତି। ତଦନ୍ତ କରାଯାଇ ଉକ୍ତ ଠକ ସଂସ୍ଥା ଗୁଡିକ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହ ଟଙ୍କା କିପରି ଫେରି ପାଇବେ ବୋଲି ପ୍ରଶାସନକୁ ନିବେଦନ କରିଛନ୍ତି।

## ବସ୍ତାରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ପ୍ରବଚନ କାର୍ଯ୍ୟକ୍ରମ

**ରାଜଘାଟ, ୧୬।୧୨ (ସମିସ):** ଦେଓଘର ସତ୍‌ସଙ୍ଗ କେନ୍ଦ୍ରର ପରମ ପୂଜ୍ୟପାଦ ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବ ମାସାଧିକ ଓଡ଼ିଶାରେ ରହି ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଭାବାଦର୍ଶକୁ ପ୍ରଚାର ପ୍ରସାର କରିବା ଉଦ୍ଦେଶ୍ୟରେ ଆଗମନ ହୋଇଥିଲା। ରବିବାର ସନ୍ଧ୍ୟାରେ ବସ୍ତାସ୍ଥିତ ସତସଙ୍ଗ କେନ୍ଦ୍ରରେ ପହଞ୍ଚିବା ପରେ ବସ୍ତା ବ୍ଲକ ଅଞ୍ଚଳର ବହୁ ଭକ୍ତଗଣ ଭକ୍ତି ଭାବପୂର୍ଣ୍ଣ ଭାବେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଥିଲେ। ବସ୍ତା ବଜାରସ୍ଥିତ ସତସଙ୍ଗ କେନ୍ଦ୍ରରେ ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବ ପହଞ୍ଚିବା କ୍ଷଣି ଯୁଗ ପୁରୁଷୋତ୍ତମଠାକୁର ଅନୁକୂଳ ଚନ୍ଦ୍ର ଜୀଙ୍କ ଭକ୍ତ ମାନେ ପ୍ରଣାମ ଜଣାଇ ବା ସହ ତାଙ୍କୁ ସତସଙ୍ଗ କେନ୍ଦ୍ରକୁ ପାଛୋଟି ନେଇଯାଇ ଥିଲେ। ପହଞ୍ଚିବା ପରେ ଆଚାର୍ଯ୍ୟ ଦେବଙ୍କ ପ୍ରବଚ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରମ ପୂଜ୍ୟମାଦ ଶ୍ରୀ ଆଚାର୍ଯ୍ୟ ଦେବ ତାଙ୍କ ବକ୍ତବ୍ୟରେ ମନୁଷ୍ୟ ଜୀବନର ସମସ୍ତ ସମସ୍ୟାର ବିଷୟ ତାଙ୍କର ବାଣୀ ମାଧ୍ୟମରେ ଉପସ୍ଥିତ ଥିବା ସମସ୍ତ ଗୁରୁ ଭାଇ ଓ ମା ମାନଙ୍କୁ ବୁଝାଇ ଥିଲେ। ବସ୍ତା ସତସଙ୍ଗ ବିହାରର ସମ୍ପାଦକ ଓ ସଭାପତି ଋତିକ ରତ୍ନାକର ପଣ୍ଡା ବାଲେଶ୍ୱର ସତସଙ୍ଗ ବିହାରରୁ ଡ. ଅଜିତ କୁମାର ଦାସ ବସ୍ତା ସତସଙ୍ଗ ବିହାରର ଅନ୍ୟତମ ସହ ଋତିକ ରତିକାନ୍ତ ବେହେରା, କର୍ମୀ ଉମାକାନ୍ତ ବେହେରା, ନିଆସି ଦାସ, ଉମାକାନ୍ତ ଜେନା, ପ୍ରଭାକର ଧଳ, ବିଜୟ କୁମାର ମହାନ୍ତି, ଭଜହରି ଦାସ, ହରିପଦ କାମିଲା, ବଂଶୀଧର ବେହେରା ଓ ବହୁ ଆଞ୍ଚଳିକ କର୍ମୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାଖନପୁର ସରକାରୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ



**ଖଇରା, ୧୬।୧୨ (ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ମାଖନପୁର ସରକାରୀ ହାଇସ୍କୁଲରେ ଚାଲିଥିବା ୨ଦିନିଆ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ସୋମବାର ସନ୍ଧ୍ୟାରେ ଉଦଯାପିତ ହୋଇ ଯାଇଛି। ୧୫ ତାରିଖ ଦିନ ଆୟୋଜିତ ଉଦ୍‌ଘାଟନୀ ସଭାରେ ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଡ. ବିଦ୍ୟାଧର ବେହେରା ପୌରୋହିତ୍ୟ କରିଥିଲେ। ସ୍ଥାନୀୟ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ପ୍ରାକ୍ତନ ଏମପି ପ୍ରସନ୍ନ ପାଟଶାଣୀ ମୁଖ୍ୟବକ୍ତା, ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ, ସରପଞ୍ଚ ସରୋଜିନୀ ଦାସ, ପ୍ରଧାନଶିକ୍ଷକ ମନୋରଞ୍ଜନ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ମାନଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ ପରେ ସ୍କୁଲ ପ୍ରତି ଅବଦାନ ଥିବା ପୂର୍ବତନ ଶିକ୍ଷୟିତ୍ରୀ ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ସଭାରେ ପ୍ରାକ୍ତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, ବିଶିଷ୍ଟ ବୈଜ୍ଞାନିକ ଚିତ୍ତରଞ୍ଜନ ଦାସ ମୁଖ୍ୟବକ୍ତା, ଜାତୀୟ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୋମବାର ପୂର୍ବାହ୍ନରେ ପୁରାତନ ଛାତ୍ରମାନଙ୍କର ବନ୍ଧୁ ମିଳନ ପରେ ପିଲାମାନଙ୍କର ଦ୍ୱାରା ନୃତ୍ୟଗୀତରେ ସ୍କୁଲ କ୍ୟାମ୍ପସ କମ୍ପିଥିଲା। ସଂଧ୍ୟାରେ ସ୍କୁଲ ପ୍ରତିଷ୍ଠାତାଙ୍କ ଅନ୍ୟତମ ଦାୟାଦ ପ୍ରଭୁଦତ୍ତ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି, ବିଧାୟକ ପଦ୍ମଲୋଚନ ପଣ୍ଡା, ପ୍ରାକ୍ତନ ଜିଲା ଶିକ୍ଷାଧିକାରୀ ପ୍ରତିଭା ମଞ୍ଜରୀ ଦାସ, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ସିମୁଳିଆ ବ୍ଲକ ଅଧ୍ୟକ୍ଷ ବାବାଜି ଚରଣ ମଲ୍ଲିକ, ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁଶାନ୍ତ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସଭାରେ ଓସ୍ତାର ରାଜ୍ୟ ସମ୍ପାଦକ ରଞ୍ଜନ ଦାସ ମୁଖ୍ୟ ଅତିଥି, ଜିଲା ସଭାପତି ମନୋରଞ୍ଜନ ଦାସ ମୁଖ୍ୟବକ୍ତା ଓ ଅନ୍ୟାନ୍ୟ କର୍ମକର୍ତ୍ତା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମୃତକଙ୍କୁ ସ୍ଥାନାନ୍ତର ନେଇ ମେଡିକାଲରେ ଉତ୍ତେଜନା

**ନୀଳଗିରି, ୧୬।୧୨(ସମିସ):** ନୀଳଗିରି ମେଡିକାଲରେ ଏକ ଅଭାବନୀୟ ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଗତ ରବିବାର ସଂଧ୍ୟାରେ ମେଡିକାଲ ପହଞ୍ଚିବା ପୂର୍ବରୁ ଜୈନକ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଡାକ୍ତର ଜୀବିତ ଦର୍ଶାଇ ବାଲେଶ୍ୱର ସ୍ଥାନାନ୍ତର କରିବା ଘଟଣା ସମସ୍ତଙ୍କୁ ତାଜୁବ କରିଛି।

ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ଏନ୍‌ଏସିର କାହାଲିଆ ଗ୍ରାମର ଅଜୟ ସିଂଙ୍କ ସ୍ତ୍ରୀ ରଞ୍ଜିତା (୪୨) ନିଜ ଘରେ ଘରେ ଅଚେତ ହୋଇ ପଡ଼ି ରହିଥିଲେ। ପରିବାର ଲୋକେ କାମ କରି ଘରକୁ ଫେରିଲା ପରେ ରଞ୍ଜିତାର ଏପରି ଦୃଶ୍ୟ ଦେଖି ରାତି ୮.୧୧ମିନିଟ୍‌ରେ ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ରଞ୍ଜିତାଙ୍କ ଜୀବନ ନ ଥିଲା। ଡାକ୍ତର ମୃତକକୁ ଆଡମିଶନ କରି ଦେଇଥିଲେ। ପରିବାର ଲୋକେ ଅଶିକ୍ଷିତ ଅପାଠୁଆ ଥିବାରୁ ଏ ବାବଦରେ କିଛି ଜାଣି ପାରିନଥିଲେ। ମାତ୍ର ଠିକ୍ ୧୯ ମିନିଟ୍ ପରେ ଡାକ୍ତର ରଞ୍ଜିତାକୁ ମୃତ ଘୋଷଣା କରିଥିଲେ। ଯଦି ରେସିଭ ଡେଥ୍ କ'ଣ ପାଇଁ ଆଡମିସନ୍ କଲେ ପୁଣି ବାଲେଶ୍ୱର ସ୍ଥାନାନ୍ତର କରିଥିଲେ। ପରିବାର ଲୋକେ ମେଡିକାଲ ଆଣିଲା ବେଳକୁ ଏହିପରି ଅବସ୍ଥା ଥିଲା ବୋଲି ଶିବାନୀ ସିଂ ପ୍ରକାଶ କରିଛନ୍ତି। ଏ ନେଇ ମେଡିକାଲରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ସମ୍ପୃକ୍ତ ଡାକ୍ତର ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଡାକ୍ତର ଧରିତ୍ରୀ ମହାନ୍ତିଙ୍କୁ ପଚାରିବାରୁ ମେଡିକାଲ ଆଣିବା ବେଳକୁ ରଞ୍ଜିତା ଜୀବିତ ଥିଲା ବୋଲି ପ୍ରକାଶ କରିଛନ୍ତି।

**ଦକ୍ଷିଣ ପୂର୍ବ ରେଳପଥର ତୃତୀୟ ଲାଇନ କାମ**

## ରାଜଘାଟରେ ୭୫ଦିନ ପାଇଁ ସବ୍‌ୱେ ରାସ୍ତା ବନ୍ଦ

**ରାଜଘାଟ, ୧୬।୧୨ (ସମିସ):** ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନର ତୃତୀୟ ଲାଇନ କାର୍ଯ୍ୟ ପାଇଁ ରାଜଘାଟ ରେଲଷ୍ଟେସନରେ ଥିବା ସବୱେ (ଅଣ୍ଡର ଗ୍ରାଉଣ୍ଡ ପାସ୍) ରାସ୍ତା ଆସନ୍ତା ୧୮ ତାରିଖରୁ ୭୫ଦିନ ପର୍ଯ୍ୟନ୍ତ ପାସେଞ୍ଜର ମାନଙ୍କ ପାଇଁ ବନ୍ଦ ରହିବ ବୋଲି ଖଡ଼ଗପୁରସ୍ଥିତ ନିର୍ମାଣ ବିଭାଗର ଡେପୁଟି ଚିଫ୍ ଇଞ୍ଜିନିୟର କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। କାର୍ଯ୍ୟ ଶେଷ ପର୍ଯ୍ୟନ୍ତ ଯାତ୍ରୀମାନେ ପାଖରେ ଥିବା ପୁରୁଣା ପାହାଚ ଦେଇ ଷ୍ଟେସନକୁ ଯାଆସ କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

## ସ୍କୁଲ ବନ୍ଦ ପୂର୍ବରୁ ବନ୍ଦ କରିଦେଲେ ମଧ୍ୟାହ୍ନଭୋଜନ

# ୧୫ ଦିନ ହେଲା ପିଲା ଖାଉଛନ୍ତି ମୁଢ଼ି-ପିଆଜ

**ବାଲେଶ୍ୱର, ୧୬।୧୨ (ସମିସ):** ୧୫ ଦିନ ହେଲା ସ୍କୁଲରେ ମଧ୍ୟାହ୍ନଭୋଜନ ବନ୍ଦ। ମୁଢ଼ି-ପିଆଜ ଖାଇ ଛାତ୍ରଛାତ୍ରୀ ବିଦ୍ୟାଳୟରୁ ଫେରୁଛନ୍ତି। ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ ପେଗରପଡ଼ାସ୍ଥିତ ଅନୁଦାନପ୍ରାପ୍ତ ସୁରେନ୍ଦ୍ରନାଥ ସାମଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଏପରି ଏକ ଚିତ୍ର ସାମ୍ନାକୁ ଆସିଛି। ଏହାର ପ୍ରତିବାଦରେ ଆଜି ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ସେମାନଙ୍କ କହିବା କଥା ହେଲା, ସ୍କୁଲରେ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ମୋଟ ୩୧ଜଣ ପିଲା ପାଠ ପଢୁଛନ୍ତି। ସ୍କୁଲଟି ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ବେଳେ ଏବେ ଏହାକୁ ବନ୍ଦ କରିଦିଆଯିବ ବୋଲି ସୂଚନା ମିଳିଛି। କିନ୍ତୁ ବନ୍ଦ ନ ହେଉଣୁ, ଗତ ୧୫ ଦିନ ହେଲା ପିଲାଙ୍କ ମଧ୍ୟାହ୍ନଭୋଜନ ବନ୍ଦ କରିଦିଆଯାଇଛି।

ଖାଲି ସେତିକି ନୁହେଁ, ପିଲାମାନଙ୍କୁ ସ୍କୁଲ ଡ୍ରେସ୍ ମଧ୍ୟ ପ୍ରଦାନ କରାଯାଉନାହିଁ। ସ୍କୁଲରେ ଦୁଇଜଣ ବ୍ଲକ୍ ଗ୍ରାଣ୍ଟ ଶିକ୍ଷକଙ୍କୁ ସରକାରୀ ସ୍ତରରେ ଅବସର ଦିଆଯାଇଥିବା ବେଳେ ନୂତନ ଶିକ୍ଷକ ନିଯୁକ୍ତି ନହେବା ଫଳରେ ସେଠାରେ ଉଭୟଙ୍କୁ ଗ୍ରାମବାସୀ ଓ ପରିଚାଳନା କମିଟି ଦ୍ୱାରା ପୁନଃ ନିଯୁକ୍ତି ପ୍ରଦାନ କରାଯାଇଛି। ବିଦ୍ୟାଳୟର ଦୁଇ ଶିକ୍ଷକ ଲକ୍ଷ୍ମୀନାରାୟଣ ସାହୁ ଏବଂ ଶମ୍ଭୁନାଥ ବିଶ୍ୱାଳଙ୍କ ଅବସର ପୂର୍ବରୁ ବିଦ୍ୟାଳୟ ପରିଚାଳନା କମିଟି ସେମାନଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରି ତାହା ମଞ୍ଜୁର ପାଇଁ ଦଶମାସ ପୂର୍ବରୁ ବସ୍ତା ବିଇଓଙ୍କୁ ଜଣାଇଥିଲେ ମଧ କିଛି ସୁଫଳ ମିଳିପାରି ନାହିଁ।




ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅଭିଭାବକ, ଛାତ୍ରଛାତ୍ରୀଙ୍କ ଧାରଣା

ଏ ବାବଦରେ ଭୋଗରାଇ ନିମ୍ନ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ସଭାପତି ଅରୁଣ କୁମାର ଦାସ କହିଛନ୍ତି ଯେ ଆଜକୁ ୧୫ଦିନ ହେବ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବନ୍ଦ ହୋଇଯାଇଛି। ବାଧ ହୋଇ ପିଲାମାନେ ମୁଢ଼ି ଓ ପିଆଜ ଖାଉଛନ୍ତି। ସରକାରୀ ବ୍ୟବସ୍ଥାର ସମ୍ପୂର୍ଣ୍ଣ ଅବହେଳା ପାଇଁ ଏହି କୋମଳମତି ପିଲାମାନେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଫଳରେ ସେମାନେ ବାଧ ହୋଇ ନିଜ ହକ୍ ପାଇଁ ଆଜି ରାଜରାସ୍ତାକୁ ଓହ୍ଲାଇଛନ୍ତି।

ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଧରଣୀଧର ପାତ୍ର କହିଛନ୍ତି ଯେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ଧାରଣାରତ ପିଲାମାନଙ୍କ ନିକଟକୁ ଯାଇ ବୁଝାସୁଝା କରିଛି। ଯେହେତୁ ଉକ୍ତ ସ୍କୁଲ ବନ୍ଦ ହେବ, ସେଠାରେ ଶିକ୍ଷକମାନେ ଅବସର ନେଇଛନ୍ତି। ପାଖାପାଖି ୨କିମି ଦୂରରେ ଥିବା ପିଲାମାନେ ସେଠାରେ ପଢ଼ିବେ।

# କଟକ ତାଲିମ କେନ୍ଦ୍ରରେ ବନ୍ଧା ପଡ଼ିଛନ୍ତି ୧୮ ଯୁବତୀ!

## ହେମଗିରି ବିଡିଓଙ୍କ ବିରୋଧରେ ଯୁବତୀଚାଲାଣ ଅଭିଯୋଗ

**ସୁନ୍ଦରଗଡ଼/କୁତ୍ରା, ୧୬।୧୨ (ସମିସ):** ହେମଗିରି ବ୍ଲକ ପ୍ରଶାସନ ପକ୍ଷରୁ ଧନ୍ଦାମୂଳକ ତାଲିମ ପାଇଁ କଟକ ପଠାଯାଇଥିବା ୧୮ ଜଣ ଝିଅଙ୍କ ଅଭିଭାବକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ସାହୁଙ୍କ ବିରୋଧରେ ସୋମବାର ସନ୍ଧ୍ୟାରେ ହେମଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ବିଡିଓଙ୍କ ବିରୋଧରେ ଯୁବତୀ ଚାଲାଣ ଅଭିଯୋଗ ଆଣିଛନ୍ତି। ସେମାନଙ୍କ ଅଭିଯୋଗ ହେଲା, ବିଡିଓଙ୍କ କହିବା ଅନୁସାରେ ସେମାନେ ତାଙ୍କ ଝିଅଙ୍କୁ ଓଡ଼ିଶା ସ୍କିଲ ଡେଭଲପମେଣ୍ଟ ସଂସ୍ଥାକୁ କଂପ୍ୟୁଟର ଶିକ୍ଷା ପାଇଁ ପଠାଇଥିଲେ। ପରେ ତାଙ୍କ ପରାମର୍ଶକ୍ରମେ ଉଚ୍ଚ ତାଲିମ ପାଇଁ କଟକ ଖଣ୍ଡସାହି ତାଲିମ କେନ୍ଦ୍ରକୁ ପଠାଯାଇଥିଲା। ଦେଢ଼ ମାସିଆ ତାଲିମ ସରିବା ପରେ ସମ୍ପୃକ୍ତ ଝିଅମାନଙ୍କୁ ତାମିଲନାଡ଼ୁ ଯିବାକୁ କୁହାଯାଉଛି। ତାମିଲନାଡ଼ୁ ନଗଲେ, ୩୯ ହଜାର ଟଙ୍କା ଦେବାକୁ ପଡ଼ିବ ବୋଲି ତାଗିଦ କରାଯାଉଛି। ତାହା ଶୁଣି ଅଭିଭାବକମାନେ ସମ୍ପୃକ୍ତ ତାଲିମ କେନ୍ଦ୍ରକୁ ଗଲା ପରେ ସଠାରେ ତାଙ୍କ ଝିଅ ମାନଙ୍କ ସହିତ ଭେଟ ହେବାର ସୁଯୋଗ ଦିଆଯାଇ ନ ଥିଲା। ସେମାନେ ୩ଦିନ ବୁଲିବା ପରେ ଶେଷରେ ନିଶ୍ଚିନ୍ତ କୋଇଲି ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ୍ ହସ୍ତକ୍ଷେପ ପରେ ତାଙ୍କ ଝିଅମାନଙ୍କ ସହିତ ସାକ୍ଷାତ କରିବାକୁ ସୁଯୋଗ ଦିଆଯାଇଥିଲା। ମାତ୍ର ସେମାନଙ୍କୁ କୁଆଡ଼େ ବିଡିଓଙ୍କ ସହିତ ଚୁକ୍ତି କରି ଆଣିଛୁ, ତୁମ ଝିଅ ମାନଙ୍କୁ ଘରକୁ ନେବାକୁ ଚାହିଁଲେ ୩୯ ହଜାର ଟଙ୍କା ଲେଖାଏଁ ଦେବାକୁ ତାଲିମ ଅନୁଷ୍ଠାନର କର୍ମକର୍ତ୍ତା କହିଥିଲେ। ତେଣୁ ସେମାନେ ବାଧ ହୋଇ ଘରକୁ ଫେରି ଆସି ବିଡିଓଙ୍କୁ ଘେରିଥିଲେ। ତଥାପି ତାଲିମ କେନ୍ଦ୍ରର ଅଧୀକ୍ଷକ ଆମ୍ଭେ ଛୁଆମାନଙ୍କୁ ତାମିଲନାଡ଼ୁ ପଠେଇ ଦେବୁ କହି ଧମକ ଦେଉଥିବା ସେମାନେ ଦର୍ଶାଇ ତୁରନ୍ତ ଉଦ୍ଧାର କରିବାକୁ ନିବେଦନ କରିଛନ୍ତି। ଏନେଇ ବିଡିଓ ଶ୍ରୀ ସାହୁଙ୍କ ପ୍ରତିକ୍ରିୟା ଲୋଡ଼ିବା ପାଇଁ ଉଦ୍ୟମ କରାଯାଇଥିଲେ ହେଁ ତାଙ୍କୁ ଯୋଗାଯୋଗ କରିବା ସମ୍ଭବ ହୋଇପାରିନଥିଲା।

## ପରକୀୟା ପ୍ରୀତି

# ପ୍ରେମିକା ପାଇଁ ପତ୍ନୀଙ୍କୁ ହତ୍ୟା!

**ରାଉରକେଲା, ୧୬।୧୨(ସମିସ):** ପ୍ରେମିକା ପାଇଁ ଜଣେ ଯୁବକ ନିଜ ନବବିବାହିତା ପତ୍ନୀଙ୍କୁ ହତ୍ୟା କରିଥିବା ନେଇ ବନ୍ଧମୁଣ୍ଡା ଥାନାରେ ଅଭିଯୋଗ ହୋଇଛି। ମୃତ ମହିଳା ହେଲେ, ରାଉରକେଲା ସହରର ବନ୍ଧମୁଣ୍ଡା ସେକ୍ଟର୍-ଡି ଅଞ୍ଚଳର ଶୁଭଶ୍ରୀ ଶତପଥୀ। ଏହି ଘଟଣାରେ ପୁଲିସ୍ ସ୍ୱାମୀ ଆଶିଷଙ୍କ ସମେତ ତାଙ୍କ ଦିଅର ଓ ପ୍ରେମିକାଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆଶିଷ ଜଣେ ରେଲବାଇ କର୍ମଚାରୀ। ପୁଲିସ୍ ଆଶିଷଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ୨୦୨୩ ଡିସେମ୍ବର ୧୦ରେ ଆଶିଷଙ୍କୁ ଶୁଭଶ୍ରୀ ବିବାହ କରିଥିଲେ। ମାତ୍ର ପରେ ଆଶିଷଙ୍କ ସହ ରେଲବାଇରେ କାର୍ଯ୍ୟରତ ଜଣେ ମହିଳାଙ୍କ ଅନୈତିକ ସଂପର୍କ ଗଢ଼ି ଉଠିଥିଲା। ଏ ସଂପର୍କରେ ଶୁଭଶ୍ରୀ ଜାଣିବା ପରେ ବିରୋଧ କରିଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ପ୍ରାୟ ସମୟ ଝଗଡ଼ା ହେଉଥିଲା। ତେଣୁ ଶୁଭଶ୍ରୀଙ୍କୁ ରାସ୍ତାରୁ ହଟାଇବା ପାଇଁ ଆଶିଷ ତାଙ୍କୁ ତଣ୍ଟିଚିପି ହତ୍ୟା କରିବା ପରେ ଫ୍ୟାନ୍‌ରେ ଝୁଲାଇ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଥିବା ଶୁଭଶ୍ରୀଙ୍କ ଭାଇ ଅମିତ କୁମାର ଶତପଥୀ ଅଭିଯୋଗ କରିଛନ୍ତି। ରାଉରକେଲା ସରକାରୀ ଡାକ୍ତରଖାନାର ମର୍ଗ ହାଉସ୍‌ରେ ଥିବା ମୃତଦେହକୁ ବନ୍ଧମୁଣ୍ଡା ଥାନା ପୁଲିସ୍ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ୍ କହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୨୦୨୬ ଅକ୍ଟୋବର...

ଅଭିଯୋଗ ହେଉଥିବାବେଳେ ରାଜ୍ୟ ବିଜେପି ସରକାର ଓ ରାଜ୍ୟରୁ ପ୍ରତିନିଧିତ୍ୱ କରୁଥିବା ୨୦ ଜଣ ବିଜେପି ସାଂସଦଙ୍କ ନିରବତା ରହସ୍ୟମୟ ମନେ ହେଉଛି। ପୋଲାଭରମ ପ୍ରସଙ୍ଗରେ ଓଡ଼ିଶା ସ୍ୱାର୍ଥ ନେଇ ବିଜେପି ସଚେତନ ଅଛି ବୋଲି ଦଳୀୟ ନେତାମାନେ ମୁହଁଫୁଟାଣି ମାରୁଥିବାବେଳେ ଆନ୍ଧ୍ର ସରକାରଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିବାକୁ ସରକାର ସମୟ ପାଉ ନାହାନ୍ତି। ଅନ୍ୟପକ୍ଷରେ ଦିଲ୍ଲୀ ଦରବାରରେ ମଧ ବିଜେପି ଏ ପ୍ରସଙ୍ଗରେ ଜାତୀୟ ନେତୃତ୍ୱଙ୍କ ହସ୍ତକ୍ଷେପ ଲୋଡିବାର ଦୃଷ୍ଟାନ୍ତ ନାହିଁ। ଏହି ପରିପ୍ରେକ୍ଷୀରେ ପୋଲାଭରମ୍ ପ୍ରସଙ୍ଗରେ ରାଜ୍ୟ ସରକାର କିପରି ଓଡ଼ିଆ ଅସ୍ମିତାର ସୁରକ୍ଷା କରିବେ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ନିକଟରେ ଏହି ପ୍ରସଙ୍ଗକୁ ନେଇ ଦିଲ୍ଲୀରେ ବିଜେଡି ବିଭିନ୍ନ ମନ୍ତ୍ରଣାଳୟ ଓ କମିଶନରେ ଓଡ଼ିଶାର ଦାବି ଦୋହରାଇବାର ଠିକ୍ ପରେ ଚନ୍ଦ୍ରବାବୁ ପ୍ରକଳ୍ପ ଶେଷ କରିବାକୁ ତତ୍ପରତା ଦେଖାଇବା ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି। ନିଜର ମେଣ୍ଟ ସହଯୋଗୀ ଚନ୍ଦ୍ରବାବୁଙ୍କୁ ଖୁସି କରିବାକୁ କେନ୍ଦ୍ର ସରକାର ପ୍ରକଳ୍ପ ଶୀଘ୍ର ସାରିବାକୁ ଗୋପନ ପରାମର୍ଶ ଦେଇଥାଇ ପାରନ୍ତି ବୋଲି ମଧ ସନ୍ଦେହ କରାଯାଉଛି।

ଆଜି (ସୋମବାର) ଆନ୍ଧ୍ର ମୁଖ୍ୟମନ୍ତ୍ରୀ ନିଜ କ୍ୟାବିନେଟ ସହଯୋଗୀଙ୍କ ସହ ଏଲ୍ଲୁର ଜିଲ୍ଲାର ପୋଲାଭରମ୍ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଗୋଦାବରୀ ନଦୀ ଉପରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଆକାଶ ମାର୍ଗକୁ ଅନୁଧାନ କରିବା ପରେ ଉଚ୍ଚ ସରକାରୀ ଅଧିକାରୀଙ୍କ ସହ ଏକ ବୈଠକରେ ୨୦୨୬ ଅକ୍ଟୋବର ମାସ ସୁଦ୍ଧା ପ୍ରକଳ୍ପ ଶେଷ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଚନ୍ଦ୍ରବାବୁଙ୍କ ଉପରୋକ୍ତ ଘୋଷଣା ପରେ ମାଲକାନଗିରିବାସୀଙ୍କ ମନରେ ଛନକା ପସିଛି। ଗୋଟିଏ ପଟେ କେନ୍ଦ୍ର ସରକାର ନିକଟରେ ପୋଲାଭରମ୍ ପ୍ରକଳ୍ପ ଶୀଘ୍ର ସାରିବାକୁ ଆନ୍ଧ୍ର ପ୍ରଦେଶ ସରକାରଙ୍କୁ ବିପୁଳ ଆର୍ଥିକ ସହାୟତା ଦେଇ ଚାଲିଛନ୍ତି। ବିଜେପି ସରକାରର ଦିଲ୍ଲୀସ୍ଥିତ ଆଗ ଇଞ୍ଜିନ୍ ଓଡ଼ିଶାର ସ୍ୱାର୍ଥ ପ୍ରତି ସମ୍ପୂର୍ଣ୍ଣ ଆଖି ବୁଜି ଦେଇଥିବା ବେଳେ ଓଡ଼ିଶାରେ ପଛ ଇଞ୍ଜିନ୍ ମଧ ଏଥିରେ ପୂରା ସହଯୋଗ କରୁଛି। ରାଜ୍ୟ ସରକାରଙ୍କ ନିକଟରୁ ଅନେକ କିଛି ଆଶା ରଖିଥିବା ମାଲକାନଗିରିବାସୀ ଏବେ ଡ଼ବଲ ଇଞ୍ଜିନ୍ ସରକାରଙ୍କ ନିରବତା ଓ ବିଶ୍ୱାସଘାତକତାକୁ ସହ୍ୟ କରିପାରୁ ନାହାନ୍ତି। ପୋଲାଭରମ ପଛୁଆ ପାଣି ତଳେ ସେମାନଙ୍କର ଭିଟାମାଟି, ଜୀବନ ଜୀବିକା ଓ ଭବିଷ୍ୟତ ବୁଡ଼ି ଯିବା ଆଶଙ୍କାରେ ସେମାନେ ଆତୁର ହେଉଥିବାବେଳେ ରାଜ୍ୟ ସରକାରଙ୍କ ଅସମ୍ଭବ ନିରବତା ସେମାନଙ୍କୁ ନିରାଶ କରିଛି।

ଏହି ପରିପ୍ରେକ୍ଷୀରେ ମାଲକାନଗିରି ଓ ରାଜ୍ୟ ପାଇଁ ବିଜେଡି ଏକମାତ୍ର ଭରସା ବୋଲି ସ୍ଥାନୀୟ ଜନସାଧାରଣ ମତ ଦେଇଛନ୍ତି। ଓଡ଼ିଶାର ସ୍ୱାର୍ଥ ଓ ମାଲକାନଗିରି ଜିଲ୍ଲାବାସୀଙ୍କ ପାଇଁ ବିଜେଡି ଶେଷ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବ ବୋଲି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଗତ ଶନିବାର ନବୀନ ନିବାସରେ ପୋଲାଭରମ ପ୍ରକଳ୍ପକୁ ନେଇ ଦିଲ୍ଲୀ ଗସ୍ତରୁ ଫେରିଥିବା ବିଜୁ ଜନତା ଦଳର ପ୍ରତିନିଧି ନବୀନଙ୍କୁ ଭେଟିବା ସମୟରେ ରାଜ୍ୟ ସ୍ୱାର୍ଥ ପାଇଁ ଲଢ଼ିବାକୁ ଦଳୀୟ ନେତାଙ୍କୁ ନବୀନ ନିର୍ଦ୍ଦେଶ ଦେଇଛନ୍ତି। ନବୀନଙ୍କ ନିର୍ଦ୍ଦେଶରେ ବିଜେଡିର ପ୍ରତିନିଧିଦଳ ଦିଲ୍ଲୀରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି ଆର ପାଟିଲ, କେନ୍ଦ୍ର ଜଳ କମିସନ, ଆଦିବାସୀ ବ୍ୟାପାର ବିଭାଗର ସଚିବ, ପରିବେଶ ଓ ଜଙ୍ଗଲ ବିଭାଗର ସଚିବ ଓ ଜାତୀୟ ଜନଜାତି କମିସନଙ୍କୁ ମଧ ଭେଟି ପୋଲାଭରମ ପ୍ରକଳ୍ପ ହେଲେ ଓଡ଼ିଶାର ହେବାକୁ ଥିବା କ୍ଷତି ସମ୍ପର୍କରେ ଅବଗତ କରିଛନ୍ତି। ପ୍ରକଳ୍ପର କ୍ଷମତା ୩୬ ଲକ୍ଷ କ୍ୟୁସେକରୁ ଏକତରଫା ଭାବେ ୫୦ ଲକ୍ଷ କ୍ୟୁସେକକୁ ବୃଦ୍ଧି କରାଯାଇଥିବାରୁ ଓଡ଼ିଶା ପାଇଁ ଘୋର ବିପଦ ସୃଷ୍ଟି ହୋଇଛି ବୋଲି ପ୍ରତିନିଧି ଦଳ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପୁନଶ୍ଚ ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି ନିମନ୍ତେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଆନ୍ଧ୍ର ସରକାର କାର୍ଯ୍ୟକାରୀ ନ କରି ପ୍ରକଳ୍ପ କାମ ଚଳାଇଛନ୍ତି। ଏଥିପାଇଁ ବିଜେଡି ଉଦ୍‌ବେଗ ପ୍ରକାଶ କରିବା ସହ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛି। ଜାତୀୟ ଜନଜାତି କମିସନ ଏହି ପ୍ରସଙ୍ଗକୁ ଗୁରୁତର ସହିତ ନେଇ ସେ ଅତିଶୀଘ୍ର ପ୍ରଭାବିତ ହେବାକୁ ଥିବା ମାଲକାନଗିରି ଜିଲ୍ଲା ଗସ୍ତ କରି ସ୍ଥିତିର ଆକଳନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ସେହିପରି, ଅନ୍ୟ ଅଧିକାରୀ ମାନେ ମଧ ପ୍ରସଙ୍ଗକୁ ଗୁରୁତର ସହିତ ନେଇ ଓଡ଼ିଶାର ଆଶଙ୍କା ପ୍ରତି ବିଚାର କରାଯିବ ବୋଲି ପ୍ରତିନିଧି ଦଳଙ୍କୁ କହିଥିବା ଜଣାପଡ଼ିଛି।

## ପ୍ରବଳ ଜାଡ଼...

୫.୭ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀରେ ୭ ଡିଗ୍ରୀ, ଝାରସୁଗୁଡ଼ାରେ ୭.୧ ଡିଗ୍ରୀ, ଦାରିଙ୍ଗିବାଡିରେ ୭.୫ ଡିଗ୍ରୀ, ଅନୁଗୋଳରେ ୮ ଡିଗ୍ରୀ, କେନ୍ଦୁଝରରେ ୮.୮ ଡିଗ୍ରୀ, ସୁନ୍ଦରଗଡରେ ୯ ଡିଗ୍ରୀ, ଜଗତସିଂହପୁରରେ ୯.୫ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଥିଲା। ଆସନ୍ତାକାଲି ଅର୍ଥାତ୍ ୧୭ ତାରିଖ ରାତିରେ କୋରାପୁଟ ଓ କନ୍ଧମାଳ ଜିଲ୍ଲାର କେତେକ ଅଞ୍ଚଳରେ ଘନ କୁହୁଡ଼ି ସମ୍ଭାବନା ରହିଛି ବୋଲି କେନ୍ଦ୍ର ପକ୍ଷରୁ ଉଭୟ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅପରପକ୍ଷେ ଶୀତକୁ ନେଇ ବରିଷ୍ଠ ପାଣିପାଗ ବିଶେଷଜ୍ଞ ଡ. ସୁରେନ୍ଦ୍ର ନାଥ ପଶୁପାଳକ ସୂଚନା ପ୍ରଦାନ କରିଛନ୍ତି। ଡ. ପଶୁପାଳକଙ୍କ ଅନୁଯାୟୀ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଚଳିତ ମାସର ଦ୍ୱିତୀୟ ଲଘୁଚାପ ଦ୍ୱାରା ରାଜ୍ୟରେ ଆସନ୍ତା ୧୯ ଓ ୨୦ ତାରିଖରେ ଉପକୂଳବର୍ତ୍ତୀ ଜିଲ୍ଲାରେ ପାଗ ମେଘୁଆ ସହ କୋହଲା ଏବଂ କେତେକ ସ୍ଥାନରେ ବୁନ୍ଦା ବର୍ଷାର ସମ୍ଭାବନା ରହିଛି। ୧୭ ତାରିଖ ରାତିରୁ ରାଜ୍ୟର ପ୍ରାୟ ସମସ୍ତ ଅଞ୍ଚଳରେ ତାପମାତ୍ରା ବଢ଼ିବ। ତିନିଦିନ ମଧ୍ୟରେ ପ୍ରାୟ ୪ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିବାର ସମ୍ଭାବନା ଥିବାରୁ ରାତିରେ ଶୀତର ପ୍ରକୋପ କମିବ। ତେବେ ୨୧ ତାରିଖ ପରଠାରୁ ପୁଣି ଶୀତ ଲେଉଟିବ ବୋଲି ସେ ଆକଳନ କରିଛନ୍ତି।

## ଶିମିଳିପାଳରେ...

ବରେହିପାଣିରେ ୫ ଡିଗ୍ରି, ରାମତୀର୍ଥରେ ୧୦ ଡିଗ୍ରି, ଗୁଡୁଗୁଡ଼ିଆରେ ୬ ଡିଗ୍ରି ଓ କିଆଝରିରେ ୧୦ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଉତ୍ତର-ପଶ୍ଚିମା ପବନ ଯୋଗୁଁ ଏବେ ପୂରା ରାଜ୍ୟବ୍ୟାପୀ ପ୍ରବଳ ଜାଡ଼ ଅନୁଭୂତ ହେଉଥିବା ବେଳେ ବଣପାହାଡ଼ ଘେରା ମୟୂରଭଞ୍ଜ ଜିଲ୍ଲା ଏଥିରୁ ବାଦ୍ ପଡ଼ିନି। ଫଳରେ ଶିମିଳିପାଳ ସମେତ ପୂରା ମୟୂରଭଞ୍ଜ ଜାଡ଼ରେ ଥରୁଛି। ଅତ୍ୟଧିକ ଥଣ୍ଡା ଯୋଗୁଁ ଅଭୟାରଣ୍ୟ ମଧ୍ୟରେ ତୁହିନର ଆସ୍ତରଣ ତୁଷାରପାତର ଭ୍ରମ ସୃଷ୍ଟି କରିଛି। ଗୋଟିଏ ପଟେ ଥଣ୍ଡା ଯୋଗୁଁ ଜିଲ୍ଲାରେ ଜନଜୀବନ ବ୍ୟାହତ ହୋଇଥିବା ବେଳେ ଶିମିଳିପାଳ ବୁଲି ଆସିଥିବା ପର୍ଯ୍ୟଟକମାନେ ପ୍ରାକୃତିକ ପରିବେଶର ଭରପୂର୍ ମଜା ନେଉଥିବା ଦେଖିବାକୁ ମିଳୁଛି।

## ଉସ୍ତାଦ୍ ଅସ୍ତମିତ...

ସାନ୍ ଫ୍ରାନ୍‌ସିସ୍‌କୋ ସ୍ଥିତ ଏକ ହସ୍ପିଟାଲରେ ଦୁଇ ସପ୍ତାହ ହେଲା ତାଙ୍କର ଚିକିତ୍ସା ଚାଲିଥିଲା। ରବିବାର ରାତିରୁ ତାଙ୍କ ମୃତ୍ୟୁ ନେଇ ଜାତୀୟଅନ୍ତର୍ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ମାତ୍ର ତାଙ୍କ ପରିବାର ସଦସ୍ୟ ପ୍ରଥମେ ଏହାକୁ ଖଣ୍ଡନ କରିଥିଲେ। ହୁସେନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା କହିଥିଲେ। କିନ୍ତୁ ସୋମବାର ସକାଳେ ଉସ୍ତାଦଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରିଥିଲେ। ହୁସେନଙ୍କ ମୃତ୍ୟୁରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

୧୯୫୧ ମାର୍ଚ୍ଚ ୯ରେ ମୁମ୍ବଇରେ ଜନ୍ମିତ ଜାକିରଙ୍କ ପିତା ଉସ୍ତାଦ ଅଲ୍ଲା ରଖା ଖାନ ମଧ ଜଣେ ସୁପ୍ରସିଦ୍ଧ ତବଲା ବାଦକ ଥିଲେ। ବାପାଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ସେ ୭ ବର୍ଷ ବୟସରୁ ତବଲା ବଜାଇବା ଆରମ୍ଭ କରିଥିଲେ। ୧୨ ବର୍ଷ ବେଳକୁ ସାରା ଭାରତରେ ସେ ପ୍ରସିଦ୍ଧ ଅର୍ଜନ କରିଥିଲେ। ସେ ୪ ଦଶନ୍ଧି ତଳେ ପରିବାର ସହ ସାନ୍ ଫ୍ରାନ୍‌ସିସ୍‌କୋ ଯାଇଥିଲେ।

ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଏବଂ ବିଶ୍ୱ ସଙ୍ଗୀତ ଜଗତକୁ ଶ୍ରୀ ହୁସେନ ଉଲ୍ଲେଖନୀୟ ଯୋଗଦାନ ଦେଇଛନ୍ତି। ସେ ଅନେକ ଭାରତୀୟ ଏବଂ ଅନ୍ତର୍ଜାତୀୟ ଫିଲ୍ମରେ ସଙ୍ଗୀତ ନିର୍ଦ୍ଦେଶନା ଦେବା ସହିତ ତାବଲା ମଧ ବଜାଇ ଥିଲେ। ସେ ତବଲାକୁ ଏତେ ଭଲ ପାଉଥିଲେ ଯେ ନିଜ କୋଳରେ ରଖି ଶୋଇ ପଡୁଥିଲେ। ସେ ଖାଲି ସ୍ଥାନ ଦେଖି ତବଲା ବଜାଇବା ଆରମ୍ଭ କରି ଦେଉଥିଲେ। ଶଶୀ କପୁରଙ୍କ ସହ ସେ ହଲିଉଡ ଚଳଚ୍ଚିତ୍ରରେ ମଧ ଅଭିନୟ କରିଥିଲେ। ଭାରତ ସରକାର ୧୯୮୮ରେ ତାଙ୍କୁ ପଦ୍ମଶ୍ରୀ, ୨୦୦୨ରେ ପଦ୍ମ ଭୂଷଣ ଏବଂ ୨୦୨୩ରେ ପଦ୍ମ ବିଭୂଷଣ ସମ୍ମାନ ପ୍ରଦାନ କରିଥିଲେ। ସେ ତିନୋଟି ଗ୍ରାମି ପୁରସ୍କାର ମଧ ପାଇଥିଲେ। ସେ ୧୨ ବର୍ଷ ବୟସରେ ପ୍ରଥମ ଥର ପାଇଁ ଆମେରିକାରେ କଳା ପ୍ରଦର୍ଶନ କରିଥିଲେ। ୧୯୭୩ରେ ନିଜର ପ୍ରଥମ ଆଲବମ୍ 'ଲିଭିଂ ଇନ୍ ଦ ମ୍ୟାଟେରିଆଲ ୱାର୍ଲ୍ଡ ଲଞ୍ଚ' କରିଥିଲେ।

## ନିର୍ମାଣ କମ୍ପାନୀର...

ବୋଲି ଦେବଦତ୍ତଙ୍କ ଓକିଲ ଯଶୋବନ୍ତ ଦାସ କହିଛନ୍ତି। ତେବେ ଆଜି ରିମାଣ୍ଡ ଅବଧି ଶେଷ ହୋଇଥିବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ସିବିଆଇ ସୂଚନା ଅନୁସାରେ, ଠିକା କାମ ଡିଲ୍ ପାଇଁ ଗତ ୫ ତାରିଖରେ ଏକ ବୈଠକ ହୋଇଥିଲା। କିନ୍ତୁ ୭ତାରିଖରେ ଟଙ୍କା କାରବାର ବେଳେ ଜିଜିଏମ୍ ଚଞ୍ଚଳଙ୍କୁ ମାଡ଼ି ବସିଥିଲା ସିବିଆଇ। ହେଲେ ଗତ ୫ ତାରିଖରେ କେଉଁଠି ବୈଠକ ହୋଇଥିଲା, ଏହି ବୈଠକରେ କେଉଁମାନେ ସାମିଲ ହୋଇଥିଲେ, ଏଥିରେ ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀ ସାମିଲ ହୋଇଥିଲେ କି, ସେନେଇ ସିବିଆଇ ଖୋଳତାଡ଼ କରୁଛି। ଚଢ଼ଉ ବେଳେ ୭ ତାରିଖ ରାତିରେ ଗାଡ଼ିରେ କିଏ କିଏ ଥିଲେ, ସେ ବାବଦରେ ପଚାରିଛି ସିବିଆଇ। ଡିଲ୍‌ରେ ଚଞ୍ଚଳଙ୍କ ସମେତ ଯେଉଁମାନଙ୍କ ଚେହେରା ପଦାକୁ ଆସିଛି ଏବଂ ଚଞ୍ଚଳ ଯାହା ଯାହା ନାଁ କହିଛନ୍ତି, ସେହିମାନଙ୍କୁ ସମନ୍ ଜରିଆରେ ହାଜର ହେବାକୁ କହିଥିଲା ସିବିଆଇ। ଆହୁରି ମଧ ସିବିଆଇ ଅଧିକାରୀମାନେ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀକୁ ଯାଇ ଛାନ୍‌ଭିନ୍ କରିଛି। ଚଞ୍ଚଳ ମୁଖାର୍ଜୀଙ୍କୁ ପଚରାଉଚରା ବେଳେ ସିବିଆଇ ହାତରେ ବଡ଼ ପ୍ରମାଣ ଲାଗିଛି। ଆଇଏଏସ୍ ଅଫିସର ବିଷ୍ଣୁପଦ ସେଠୀଙ୍କୁ ଭେଟିବା ପାଇଁ ଚଞ୍ଚଳ ମୁଖାର୍ଜୀ ଏବଂ ବି କେ ସିଂହ ଲେଖିଥିବା ଚିଠି ଭାଇରାଲ୍ ହେବା ପରେ ଏହି ଘଟଣାରେ ଆହୁରି କିଛି ସରକାରୀ ଅଧିକାରୀଙ୍କ ସଂପୃକ୍ତିକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

ସେପଟେ ସିବିଆଇରେ ଆଜିବି ହାଜର ହୋଇ ନ ଥିଲେ ବରିଷ୍ଠ ଆଇଏଏସ ଅଧିକାରୀ ବିଷ୍ଣୁପଦ ସେଠୀ। ସିବିଆଇ କାର୍ଯ୍ୟାଳୟରେ କାର୍ଯ୍ୟାଳୟ ଆଗରେ ସୁରକ୍ଷା ବ୍ୟବସ୍ଥା ବଢ଼ାଯିବା ପରେ ହାଜର ହେବା ନେଇ ଚର୍ଚ୍ଚା ହେଉଥିଲା। କିନ୍ତୁ ରାତି ପର୍ଯ୍ୟନ୍ତ ସେ ସିବିଆଇରେ ହାଜର ହୋଇ ନ ଥିଲେ। କୁହାଯାଉଛି, ସିବିଆଇରେ ହାଜର ହେବା ନେଇ ସେ ନିଜେ ସମୟ ମାଗିଛନ୍ତି। ଏହାରି ଭିତରେ ସିବିଆଇ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି ଯୁଗ୍ମ ସଚିବ। କୁହାଯାଉଛି ଯେ ମାମଲା ସମ୍ପର୍କରେ ସିବିଆଇର ବରିଷ୍ଠ ଅଧିକାରୀଙ୍କୁ ମାମଲା ସମ୍ପର୍କରେ ପଚାରି ବୁଝିଛନ୍ତି। ଏପରିକି ପୂରା ମାମଲା ତାଙ୍କ ନେତୃତ୍ୱରେ ତଦନ୍ତ କରାଯାଉଛି। ଅନ୍ୟପଟେ ସିବିଆଇର ମାରାଥନ ଜେରାବେଳେ ଅସୁସ୍ଥ ହୋଇପଡ଼ିଥିଲେ ମୁଖ୍ୟ ଅଭିଯୁକ୍ତ କଣ୍ଟ୍ରାକ୍ଟର ସନ୍ତୋଷ ମହାରଣା। ଆଜି ରିମାଣ୍ଡ ସରୁଥିବା ବେଳେ ସେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଦର୍ଶାଇ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। କିନ୍ତୁ କୋର୍ଟଙ୍କ ନିର୍ଦ୍ଦେଶ ପରେ ସିବିଆଇ ହସ୍ପିଟାଲ ବେଡ୍‌ରୁ ତାଙ୍କୁ ଉଠାଇନେଇଥିଲା। ଗତ ୭ ତାରିଖରେ ଧରାପଡ଼ିଥିବା ୧୦ ଲକ୍ଷ ଲାଞ୍ଚ କାରବାରରେ ମୁଖ୍ୟ କାର୍ପଟଦାର ଥିଲେ ସନ୍ତୋଷ। ଅକ୍ଟୋବର ୧୯ ରେ ବ୍ରିଜ୍ ଆଣ୍ଡ ରୁଫକୁ ହାଇସ୍କୁଲ ରିନୋଭେସନ୍ କାମ ଦେଇଥିଲେ ଖୋଦ୍ ବିଷ୍ଣୁପଦ ସେଠୀ। ତେବେ ଏସବୁକୁ ନେଇ ବିଷ୍ଣୁପଦ କିମ୍ବା ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନି ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନି।

ଏପଟେ ବଢ଼ୁଛି ବରିଷ୍ଠ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କ ପାଇଁ ବିପଦ। ସିବିଆଇ ସମନ୍ ପରେ ବି ହାଜର ହୋଇନାହାନ୍ତି ବିଷ୍ଣୁପଦ। ସମନ୍ ସତ୍ତ୍ୱେ ହାଜର ନ ହେବାକୁ ନେଇ ଏବେ କଳ୍ପନାଜଳ୍ପନା ଲାଗି ରହିଛି। ଭୁବନେଶ୍ୱରରୁ ୧୦ ଲକ୍ଷ ଲାଞ୍ଚ ଜବତ ମାମଲାରେ ଚେର ଖୋଜି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା-ସିବିଆଇ ବିଷ୍ଣୁପଦଙ୍କ ପାଖରେ ପହଞ୍ଚିଛି। ଗତ ୭ ତାରିଖ ରାତିରେ ଜୟଦେବ ବିହାରସ୍ଥିତ ଏକ ତାରକା ହୋଟେଲ ସାମ୍ନାରୁ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ଲିମିଟେଡ୍‌ର ନିର୍ଦ୍ଦେଶକ ଚଞ୍ଚଳ ମୁଖାର୍ଜୀ ଲାଞ୍ଚ ନେବା ବେଳେ ସିବିଆଇ ଚଞ୍ଚଳଙ୍କ ସମେତ ଠିକାଦାର ସନ୍ତୋଷ ମହାରଣା ଏବଂ ମଧ୍ୟସ୍ଥ ଦେବୀଦତ୍ତ ମହାପାତ୍ରଙ୍କୁ ଧରିବା ସହ ପଚରାଉଚରା ପାଇଁ ଭୁବନେଶ୍ୱର ସିବିଆଇ କାର୍ଯ୍ୟାଳୟକୁ ନେଇଯାଇଥିଲା।

## ଡିସେମ୍ବରରେ ମିଳିବ...

ଓଟିପି ମାଧ୍ୟମରେ ଇ-କେୱାଇସି କରିଥିଲେ ମଧ ସେମାନଙ୍କୁ ଆଉଥରେ ବାୟୋମେଟ୍ରିକ ଦେବାକୁ ପଡ଼ିବ। ସେମାନଙ୍କ ତାଲିକା ପୋର୍ଟାଲରେ ମଧ ଉପଲବ୍ଧ ରହିଛି। ଜିଲ୍ଲା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) ଅଫିସ ହେଲ୍ପ ଡେସ୍କ ମାଧ୍ୟମରେ ମଧ ଆବେଦନକାରୀ ଏହି ତଥ୍ୟ ପାରିବେ। ନିକଟସ୍ଥ ମୋ ସେବା କେନ୍ଦ୍ର ଓ ଜନସେବା କେନ୍ଦ୍ରରେ ବାୟୋମେଟ୍ରିକ୍ ଦେଇ ନିଶୁଳ୍କ ଇ-କେୱାଇସି କରିପାରିବେ। ସମସ୍ତ ଆବେଦନର ଯାଞ୍ଚ ସରିଲା ପରେ ଯାଇ ଚତୁର୍ଥ ପର୍ଯ୍ୟାୟ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ଅନ୍ୟପକ୍ଷରେ ଇ-କେୱାଇସି ପରେ ବ୍ୟାଙ୍କ ଖାତାକୁ ଆଧାର ଓ ଡିବିଟି ସହ ସଂଯୋଗ କରିବାକୁ ପଡ଼ିବ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେହିପରି କର୍ତ୍ତବ୍ୟରେ ଅବହେଳା ଯୋଗୁଁ ଏଯାଏଁ ୫୨ଟି ଜନସେବା କେନ୍ଦ୍ରକୁ କଳା ତାଲିକାଭୁକ୍ତ କରାଯାଇଥିବା ସୂଚନା ମିଳିଛି। ଆବେଦନ ନିମନ୍ତେ ହିତାଧିକାରୀଙ୍କୁ ଠାରୁ ଟଙ୍କା ଦାବି କରିବା ଅଭିଯୋଗରେ ୧୪ଟି ଜନସେବା କେନ୍ଦ୍ର ବିରୋଧରେ ଥାନାରେ ଏତଲା ହୋଇଛି। ଅନେକ ହିତାଧିକାରୀ ସୁଭଦ୍ରା ଯୋଜନାରୁ ବାହାରି ଯିବା ପାଇଁ ଭୁଲ ବଶତଃ ଦରଖାସ୍ତ ଦେଉଥିବାରୁ ତାକୁ ତର୍ଜମା କରି 'ବାହାରି ଯିବା' ବିକଳ୍ପକୁ ପୋର୍ଟାଲରେ ବନ୍ଦ କରାଯାଇଥିବା ମଧ ସୂଚନା ଦିଆଯାଇଛି।

**AFFIDAVIT**

I, Sareeta Priyadarsini Sharma, D/o.: Padmalochan Sharma, Resident of At: Kantia, PO.: Villigram, P.S.: Nimapara, Dist.: Puri, PIN-752106, Odisha, declare by this affidavit No.: 500, dated-06/12/2024, that now onwards I shall be known as **SAREETA PRIYADARSHINI PANDA** for all future purposes.

**AFFIDAVIT**

By virtue of an affidavit no - 41 sworn before executive magistrate bhubaneswar dated 16-12-2024. I, Shreya Hans, W/o - Akshoy Hans resident of plot no A-40, Palaspalli, Aerodrome Area, Bhubaneswar, Dist - Khordha, Odisha declare that I have changed my daughter's name from **NITARA HANS** to **KALYANI HANS**. Henceforth she shall be known as **KALYANI HANS** for all purpose.

**AFFIDAVIT**

By virtue of an Affidavit sworn before the Executive Magistrate, Bhubaneswar, CF. No: 23, dated 10/12/2024, I, Sibasankar Das (Old Name), Address: Rajanagar, PO: Gortta, PS: Rangani, Dist: Kendrapara, Odisha, Pin: 754248, (Full Address) declare that I have changed my name from Sibasankar Das (Old Name) to Debasankar Das (New Name). Henceforth, I shall be known as **DEBASANKAR DAS** for all future purposes.

**AFFIDAVIT**

I, Sabyasachi Malik, S/o- Late Dasunath Mallick, resident of At- Banakanthi, Po- Anantapur, Ps- Soro, Dist- Balasore, Pin- 756046, Odisha declared by this affidavit No. 775/24, dtd- 13/12/2024 that now onwards I shall be known as **SABYASACHI MALLICK** for all future purposes.

**AFFIDAVIT**

I, Saleha Nawaz, D/o- Mohammad Nawaz, resident of At- Shadaab, Bijupattnaik Chhak, Cuttack Sadar, Dist- Cuttack, Pin- 753008, Odisha declared by this affidavit No. 771, dtd- 11/12/2024 that now onwards I shall be known as **NARAYANI ARYAA** for all future purposes.

**AFFIDAVIT**

I, Anupama Das, W/o- Pramod Kumar Das, resident of At- Plot No. 1928/8561, Satya Vihar, Rasulgarh, PS- Mancheswar, Bhubaneswar, Dist- Khordha, Pin- 751010, Odisha declared by this affidavit No. 2293, dtd- 11/12/2024 that now onwards I shall be known as **ARUPAMA DAS** for all future purposes.

**AFFIDAVIT**

I, Lijarani Swain, W/o- Anath Swain, resident of At- Hatipadapalli, PO- Kanachhai, Buguda, Dist- Ganjam, Pin- 761118, Odisha declared by this affidavit No. 2331, dtd- 14/12/2024 that now onwards I shall be known as **LIJARANI PATRA** for all future purposes.

**AFFIDAVIT**

By virtue of an affidavit before the Executive Magistrate Udala, Mayurbhanj on dated 03.12.2024, I Gurbha Murmu aged 37 years S/o- Ramesh Murmu of village Badaolia, Po : Bholagadia , PS: Khunta , Dist: Mayurbhanj , Odisha declare that my actual and correct name is Gurbha Murmu Which has been mentioned in my voter ID card .But in my Adhar card my name has been wrongly mentioned as Ramdas Murmu. The two names Gurbha Murmu and Ramdas Murmu are belongs to one person i.e. my self. Hence Forth, I shall be known as **Gurbha Murmu** for all purposes

**AFFIDAVIT**

I, Pramoda Kumar Das, S/o- Rama Chandra Das, resident of At- Plot No. 1928/8561, Satya Vihar, Rasulgarh, PS- Mancheswar, Bhubaneswar, Dist- Khordha, Pin- 751010, Odisha declared by this affidavit No. 2294, dtd- 11/12/2024 that now onwards I shall be known as **PRAMOD KUMAR DAS** for all future purposes.

BOI ବ୍ୟାଙ୍କ ଅଫ୍ ଇଣ୍ଡିଆ
ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର ଅଞ୍ଚଳ
ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୫

**ସଂଶୋଧନ ପତ୍ର**

ତା.୧୪.୧୨.୨୦୨୪ରିଖ ଦୈନିକ ଖବରକାଗଜ ସକାଳରେ ପ୍ରକାଶିତ ଅମର ସୁନା ନିଲାମ ବିଜ୍ଞପ୍ତିରେ ଦର୍ଶିତ ଋଣଗ୍ରହୀତାଙ୍କ ଦ୍ୱାରା ବକେୟା ଦେୟ ପରିଶୋଧ କରିବାର ଅନ୍ତିମ ତାରିଖ "୨୩.୧୨.୨୦୨୪" ପରିବର୍ତ୍ତେ "୨୬.୧୨.୨୦୨୪" ପଢ଼ିବାକୁ ଅନୁରୋଧ ଏବଂ ସମ୍ପୃକ୍ତ ଶାଖା ପରିସରରେ ହେବାକୁ ଥିବା ନିଲାମ "୨୪.୧୨.୨୦୨୪" ପରିବର୍ତ୍ତେ "୨୭.୧୨.୨୦୨୪" ରେ ଅନୁଷ୍ଠିତ ହେବ। ଋଣଗ୍ରହୀତା: ସୁରେଶ ଚନ୍ଦ୍ର ମହାନ୍ତିଙ୍କ ନିମନ୍ତେ ଦର୍ଶିତ ଶାଖାର ନାମ "କେନ୍ଦ୍ରାପଡ଼ା ଶାଖା" ପରିବର୍ତ୍ତେ "ଆଳତଳ ଶାଖା" ପଢ଼ିବାକୁ ଅନୁରୋଧ, ଯାହାର ଠିକଣା- ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଳତଳ ଶାଖା, ଗ୍ରା/ପୋ: ଆଳତଳ, ଥାନା: ରାଜକନିକା, ଜିଲ୍ଲା: କେନ୍ଦ୍ରାପଡ଼ା, ଓଡ଼ିଶା, ପିନ୍-୭୫୪୨୨୦, ମୋ.: ୯୭୭୬୮୪୪୮୦୩। ଅନ୍ୟାନ୍ୟ ସମସ୍ତ ତଥ୍ୟ ଅପରିବର୍ତ୍ତିତ।

ତାରିଖ: ୧୬.୧୨.୨୦୨୪ ଆଞ୍ଚଳିକ ପ୍ରମୁଖ, ଭୁବନେଶ୍ୱର ଅଞ୍ଚଳ

**DOCUMENT LOST**

Notice is hereby given on behalf of my client LICHFL, at- DBO Complex, Cuttack for advancing Housing Loan to **Mr. Chitta Ranjan Nayak & Mr. Khagapati Nayak** on his property at Plot No. 2401/5413, Area Ac.0.024 decimals of Khata No. 614/2772 & Plot No. 2401/6217, Area Ac 0.034 decimals of Khata No. 614/2718, Mouza-Nuapada, Tahasil- Cuttack, Dist-Cuttack.
But it was found that, Mr. Khagapati Nayak has misspleaced the original link ROR bearing Khata No. 614/2455 and Sale Deed No. 10391403253 dtd. 17/06/2014 in favour of Mr. Jitendra Sabat. While coming from Nuapada market to his home after doing Xerox on dt. 08/11/2024. Therefore notice is hereby given to general public that if any body has got any right, title interest over the propoerty on the missing document, or on the above property they have to claim before the LICHFL, at- IPICOL House within 15 days from the date of publication. And after that the documents will lose its legal force and LICHFL will not be responsible for any claim. What-so-ever on the property after 15 days.

**Address for Communication :**
**LICHFL Branch, Cuttack**
**N.C. Pattnaik, Advocate**
**Mob No: 9853311189**

**e-Procurement Notice for Road & Buildings Works Identification No. 05/ SERW/JLS/2024-25** O-893

| | | |
|---|---|---|
| 1. Procurement Officer | :- | Superintending Engineer Rural Works Division, Jaleswar |
| 2. Name of the Work | :- | Road & Buildings |
| 3. Total No. of Works | :- | 52 Nos |
| 4. Estimated Cost | :- | Approx. Estimated Cost ₹.0.84 Lakh to ₹.37.04 Lakh |
| 5. Class of Contractor | :- | 'D' & 'C' and 'C' & 'B' Class |
| 6. Time of Completion | :- | Two & Three Calender months ( As per annexure ) |
| 7. Availability of tender On-line for bidding | :- | From 20.12.24 at 11.00 P.M. to 27.12.24 upto 05.00 P.M. |
| 8. Last date & time of seeking tender clarification | :- | 26.12.2024 upto 05.00 P.M |
| 9. Date & Time of Opening of tender in the office of the Superintending Engineer, R.W.Division, Jaleswar | :- | Date & Time Opening of Techinical & Financial bid -30.12.2024 at 11.00 A.M. |

Further details can be seen from the web site- ***www.tendersodisha.gov.in***

Additional Chief Engineer
R.W.Division, Jaleswar

OIPR - 25051/11/0005/2425

ସକାଳ
THE SAKALA

# ବିତର୍କିତ ରେଳବାଇ ଆଇନ

ଗତାନୁଗତିକ ଢଙ୍ଗରେ ବିରୋଧୀମାନଙ୍କର ବିରୋଧ ସତ୍ତ୍ୱେ ସଂଖ୍ୟାଗରିଷ୍ଠତା ବଳରେ ରେଳବାଇ(ସଂ) ବିଲ୍ ୨୦୨୪ ଲୋକସଭାରେ ପାରିତ ହୋଇଯାଇଛି। ଏହି ବିଲ୍‌ର ମୂଳ ଲକ୍ଷ୍ୟ ଭାରତୀୟ ରେଳବାଇ ବୋର୍ଡ ଆଇନ ୧୯୦୫କୁ ଉଚ୍ଛେଦ କରି ସେହି ଆଇନରେ ଥିବା କେତେକ ପ୍ରାବଧାନକୁ ରେଳବାଇ ଆଇନ ୧୯୮୯ରେ ଅନ୍ତର୍ଭୁକ୍ତ କରିବା। ତେଣୁ ଏହା ଅଧିକ ବିରୋଧାଭାସର ସମ୍ମୁଖୀନ ହୋଇ ନ ଥିଲେ ମଧ୍ୟ ବିଲ୍‌ରେ ଯାତ୍ରୀ ସୁରକ୍ଷା, ଖାଲିଥିବା ପଦପଦବୀରେ ନିଯୁକ୍ତି ଓ ଜୋନାଲ୍/ଡିଭିଜନ୍ ମଧ୍ୟରେ କ୍ଷମତା ବିକେନ୍ଦ୍ରୀକରଣ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ଅଭିଯୋଗ ହୋଇଛି। ପ୍ରାକ୍ ସ୍ୱାଧୀନତା କାଳରେ ରେଳବାଇର ଭିତ୍ତିଭୂମି ବିକାଶ ପୂର୍ତ୍ତ ବିଭାଗ ଅଧୀନରେ ପରିଚାଳିତ ହେଉଥିଲା। ପରିସର ସମ୍ପ୍ରସାରିତ ହେବା ସହିତ ଭାରତୀୟ ରେଳବାଇ ଆଇନ ୧୮୯୦ ପ୍ରଣୟନ ହେଲା। ପରବର୍ତ୍ତୀ ସମୟରେ ଭାରତୀୟ ରେଳବାଇ ବୋର୍ଡ ୧୯୦୫ ପ୍ରଣୟନ ହୋଇ ରେଳବାଇକୁ ପୂର୍ତ୍ତବିଭାଗଠାରୁ ଅଲଗା କରାଯାଇ କେତେକ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଗଲା। ବ୍ରିଟିଶ୍ ଅମଳର ରେଳବାଇ ଆଇନ ୧୮୯୦ ସ୍ଥାନରେ ୧୯୮୯ରେ ନୂଆ ଆଇନ ପ୍ରଣୀତ ହୋଇଥିଲେ ମଧ୍ୟ ୧୯୦୫ ଆଇନ ଏ ପର୍ଯ୍ୟନ୍ତ ବଳବତ୍ତର ରହିଛି। ରେଳବାଇ ବୋର୍ଡର ଅଧ୍ୟକ୍ଷ ଓ ସଦସ୍ୟମାନେ ଏହି ଆଇନ ବଳରେ ହିଁ ନିଯୁକ୍ତି ପାଇ ଆସୁଛନ୍ତି।୧୯୦୫ ମସିହାରେ ପ୍ରଣୀତ ଆଇନର ଆଜିର ସମୟରେ କୌଣସି ଆବଶ୍ୟକତା ନ ଥିବାରୁ ତାହାର ବିଲୋପ ଘଟିବା ସ୍ୱାଭାବିକ।

ବିରୋଧୀ ଦଳର ଅଭିଯୋଗ ହେଉଛି ଏହି ରେଳବାଇ(ସଂ) ବିଲ୍ ୨୦୨୪ ଆଇନରେ ପ୍ରଣୀତ ହେଲେ ସରକାରଙ୍କ କର୍ତ୍ତୃତ୍ୱ ବୋର୍ଡ ଉପରେ ରହିବ। ତେଣୁ ନିଯୁକ୍ତି ପ୍ରକ୍ରିୟା ଉପରେ ସରକାରୀ କଳର ହସ୍ତକ୍ଷେପ ଓ ଚାପ ବଢ଼ିବ। ଫଳରେ ପ୍ରିୟାପ୍ରୀତିତୋଷଣ ବଢ଼ିବ ଓ ଅସ୍ୱଚ୍ଛ, ଦୁର୍ନୀତି ଆଦି କାୟାବିସ୍ତାର କରିବ। ଏହାଛଡ଼ା ରେଳବାଇର ସମ୍ପୂର୍ଣ୍ଣ ଘରୋଇକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବାକୁ ବାଟ ଫିଟିଯିବ। ୨୦୧୫ରେ ଗଠିତ ରେଳବାଇ ପୁନଃସଂରଚନା କମିଟି ଏକ ସ୍ୱାଧୀନ ନିୟାମକ ଗଠନ ପାଇଁ ସୁପାରିସ କରିଥିଲେ ମଧ୍ୟ ରେଳବାଇ(ସଂ) ବିଲ୍ ୨୦୨୪ରେ ସେଥିପ୍ରତି ଧ୍ୟାନ ଦିଆଯାଇନାହିଁ। ମୋଟ ଉପରେ ଦେଖିଲେ ବିରୋଧୀ ଦଳର ଅଭିଯୋଗ ଭିତ୍ତିହୀନ ନୁହେଁ। କାରଣ ୨୦୧୪ ପରଠାରୁ ରେଳବାଇର ପରୋକ୍ଷ ଘରୋଇକରଣ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। କୋଭିଡ୍ ମହାମାରୀ ସମୟରେ କେନ୍ଦ୍ର ସରକାର ନେଇଥିବା ଏକାଧିକ ନୀତିଗତ ନିଷ୍ପତ୍ତି ଅନୁଯାୟୀ, ଦୀର୍ଘବର୍ଷ ଧରି ଯେଉଁ ରେଳପଥରେ କେବଳ ସରକାରୀ ଟ୍ରେନ୍ ଚାଲୁଥିଲା ସେଠାରେ ସଡ଼କ ଓ ଆକାଶ ପଥ ପରି ଘରୋଇ ସଂସ୍ଥାଙ୍କୁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଅନୁମତି ମିଳିବ ବୋଲି ଘୋଷଣା ହୋଇଥିଲା। ଭାରତୀୟ ରେଳବାଇ କେବଳ ଦେଶର ସର୍ବବୃହତ୍ ନିଯୁକ୍ତିଦାତା ଭାବରେ ମାନ୍ୟତା ପାଇ ନାହିଁ, ବରଂ ଭାରତର କୋଟିକୋଟି ଗରିବ ଜନତାଙ୍କ ଗମନାଗମନର ସାହାରା ହୋଇ ଆସିଛି। ତେଣୁ କେନ୍ଦ୍ର ସରକାରଙ୍କ ବିଗତ ଦିନର ଉପରୋକ୍ତ ନିଷ୍ପତ୍ତି ଏବଂ ବର୍ତ୍ତମାନର ରେଳବାଇ ସଂଶୋଧନ ବିଧେୟକ ସ୍ୱାଭାବିକ ଭାବେ ଆଲୋଚନା-ସମାଲୋଚନାର ପରିଧି ଭିତରୁ ମୁକୁଳି ପାରିନାହିଁ।

ସ୍ୱାଧୀନତା ପରବର୍ତ୍ତୀ ସମୟରୁ ଭାରତୀୟ ରେଳ କୋଟିକୋଟି ଦେଶବାସୀଙ୍କ ଗମନାଗମନ ଓ ମାଲ ପରିବହନରେ ପ୍ରମୁଖ ଭୂମିକା ନିର୍ବାହ କରି ଆସୁଥିବାରୁ ଦେଶର ଜୀବନରେଖା ଭାବେ ମାନ୍ୟତା ପାଇଛି। ଭାରତୀୟ ରେଳସେବା ଜନତାଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଏକ ଅପରିହାର୍ଯ୍ୟ ଦାୟିତ୍ୱ ଓ ପ୍ରଧାନ କର୍ତ୍ତବ୍ୟ ରୂପେ ମଧ୍ୟ ବିବେଚିତ ହେଉଛି। ତେଣୁ ଦେଶର କୋଟିକୋଟି ଗରିବ ଜନତା ଖୁବ୍ ଅଳ୍ପ ମୂଲ୍ୟରେ କିମ୍ବା ବିନା ଟିକେଟ୍‌ରେ ଅନାୟାସରେ ଯାତ୍ରା କରିବାର ଉଦାହରଣ ଆଜି ମଧ୍ୟ ବହୁଳ। ଅପରପକ୍ଷରେ ଯଦିବା କେତେବେଳେ କେମିତି ଯାତ୍ରୀ ଭଡ଼ାରେ ବୃଦ୍ଧି ହେଉଛି ତାହା ଜାତୀୟ ପ୍ରସଙ୍ଗର ରୂପ ନେଉଛି। ଏହି କାରଣରୁ ପ୍ରଭୂତ କ୍ଷତି ସହୁଥିଲେ ମଧ୍ୟ ରେଳବାଇକୁ କେନ୍ଦ୍ର ସରକାର ନିଜଠାରୁ ଅଲଗା କରିପାରୁ ନାହାନ୍ତି କି ଅନ୍ୟାନ୍ୟ କ୍ଷେତ୍ର ପରି ସମ୍ପୂର୍ଣ୍ଣ ଘରୋଇକରଣ କଥା ଚିନ୍ତା କରି ପାରୁନାହାନ୍ତି।

ଦେଶର ସର୍ବାଧିକ କ୍ଷତି ସହୁଥିବା ଏହି ସରକାରୀ ସଂସ୍ଥା କିନ୍ତୁ ଲାଲୁ ପ୍ରସାଦ ଯାଦବଙ୍କ ଅମଳରେ ଏକ ଲାଭକାରୀ ସଂସ୍ଥା ରୂପେ ନିଜକୁ ପ୍ରମାଣିତ କରିପାରିଥିଲା। ଯାତ୍ରୀବାହୀ ଟ୍ରେନ୍‌ରେ ହେଉଥିବା କ୍ଷତିକୁ ମାଲ ପରିବହନରୁ ଭରଣା କରିବା ପାଇଁ ଶ୍ରୀଯାଦବ ଯେଉଁ କୌଶଳ ଆପଣେଇଥିଲେ ତାହା ଆଜି ଉପାଦେୟ ସାବ୍ୟସ୍ତ ହୋଇଛି। ରେଳ ବିଭାଗକୁ ଆର୍ଥିକ ସଙ୍କଟରୁ ଉଦ୍ଧାର କରିବା ଓ ଯୁଗୋପଯୋଗୀ ସଂସ୍କାର ପାଇଁ ଇତିମଧ୍ୟରେ ଅନେକ କମିଟି ଗଠନ କରାଯାଇଛି, କିନ୍ତୁ ସେଗୁଡ଼ିକର ସୁପାରିସ ବିଭିନ୍ନ କାରଣରୁ କାର୍ଯ୍ୟକାରୀ ହୋଇପାରିନାହିଁ। ଶେଷଥର ପାଇଁ ନିତି ଆୟୋଗର ସଦସ୍ୟ ବିବେକ୍ ଦେବରାୟଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ସୁପାରିସ ଆଧାରରେ କେନ୍ଦ୍ର ସରକାର ଟ୍ରେନ୍ ଚଳାଚଳ ଓ କେତେକ ଆନୁଷଙ୍ଗିକ ବିଭାଗର ଘରୋଇକରଣ ଲାଗି ପଦକ୍ଷେପ ନେଇଛନ୍ତି। ତେଣୁ ବର୍ତ୍ତମାନର ସଂଶୋଧନ ବିଧେୟକ ଆଧାରରେ ରେଳବାଇ ବୋର୍ଡରେ ମଧ୍ୟ ଘରୋଇ ଶିଳ୍ପପତିଙ୍କ ଓ ପେସାଦାରଙ୍କ ଆଧିପତ୍ୟ ବୃଦ୍ଧି ପାଇବ ବୋଲି ଆଶଙ୍କା ସୃଷ୍ଟି ହେବା ସ୍ୱାଭାବିକ। ପ୍ରତିଯୋଗିତାମୂଳକ ବଜାରରେ ଘରୋଇକରଣ ଦ୍ୱାରା ସେବାର ଗୁଣାତ୍ମକ ମାନ ବୃଦ୍ଧି ପାଇବ ନିଶ୍ଚୟ; କିନ୍ତୁ ଦୀର୍ଘକାଳୀନ ଭିତ୍ତିରେ ଏହା ଯାତ୍ରୀଶୋଷଣର ବାଟ ଖୋଲିବ। ତେଣୁ ସରକାରଙ୍କ ନୂଆ ରେଳବାଇ ସଂଶୋଧନ ଆଇନକୁ ନେଇ ପୁଣି ଥରେ ବିତର୍କ ସୃଷ୍ଟି ହୋଇଛି।

# ସମ୍ପାଦକୀୟ



ଖର୍ଚ୍ଚ କରିସାରିବା ପରେ ଯାହା ବଳିଲା, ତାକୁ ସଞ୍ଚୟ କର ନାହିଁ।
ବରଂ, ସଞ୍ଚୟ କରି ସାରିବା ପରେ ଯାହା ବଳିଲା, ତାକୁ ଖର୍ଚ୍ଚ କର !
-ୱାରେନ୍ ବଫେଟ୍

# ଶବ୍ଦବ୍ୟଞ୍ଜନାରେ କଟ୍‌ନି-ଛଟ୍‌ନି

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ଏବେ ପଚାଶ ବା ଷାଠିଏ ବର୍ଷ ପାର କରିଥିବା ଏ ଲେଖକ ପରି ଅନ୍ୟ ବୃଦ୍ଧ ବା ଆଶୁବୃଦ୍ଧମାନେ ସେମାନଙ୍କ କୈଶୋର ବା ଯୁବାବସ୍ଥାରେ କେତେ କେତେ 'ବୋଲି', ପହଲି, ଢଗଢମାଳି, ଲଘୁପରିହାସ ଭରା ଆକ୍ଷେପାତ୍ମକ ସମ୍ବୋଧନ କାହାରି ନା କାହାରି ତୁଣ୍ଡରୁ ଶୁଣୁଥିଲେ। ସେହି ସବୁ ଉଚ୍ଚାରଣମାନଙ୍କରେ କେତେ କେତେ ଶବ୍ଦ ବା ଶବ୍ଦାବଳୀ ପୂରାପୂରି ଅଶାସ୍ତ୍ରୀୟ କିମ୍ବା ସାମାନ୍ୟ କଟୁ, ସାମାନ୍ୟ ଅରୁଚିକର ବୋଧ ହେଉଥିଲେ ବି ସେଥିନେଇ କେହି କେବେ କ୍ଷୁବଧ୍, ଅପମାନିତ ଅନୁଭବ କରି ରକ୍ତବୁହା କି ଲୁହବୁହା ତୁମ୍ବିତୋଫାନ ସୃଷ୍ଟି କରୁ ନ ଥିଲେ। ସବୁଠାରୁ ଆମୋଦଦାୟକ ଥିଲା କେଉଁ ଯାତ୍ରାମଞ୍ଚର ଅଭିନେତା, କେଉଁ ସିନେମାର ନାୟକ ବା ପ୍ରତିନାୟକ ଦର୍ଶକଙ୍କ ହାଲ୍‌କା ମନୋରଞ୍ଜନ ବା ହାଲ୍‌କା ଉତ୍ତେଜନା ପାଇଁ କହି ଦେଇଥିବା ଦ୍ୱିଅର୍ଥବୋଧକ 'ବୋଲି' ବା ନବରସ ମଧ୍ୟରୁ ଯେକୌଣସି ଗୋଟିଏ କି ଦୁଇଟି ରସରେ ଟାଣପାଗ ଦେଇ ପ୍ରସ୍ତୁତ କରାଯାଇଥିବା ଚଟପଟିଆ ଖଣ୍ଡବାକ୍ୟମାନ। ଢିଙ୍କିଶାଳରୁ ଢେଙ୍କାନାଳ, କଟକରୁ କଳାହାଣ୍ଡି, ଏପରିକି ଅଠରନଳାରୁ ବଡ଼ଦାଣ୍ଡ ଯାଏଁ ସେ ସବୁ ଖେଳି ବୁଲୁଥିଲେ ଲୋକମୁଖରେ। ମଝିରେ ମଝିରେ ସେ ସବୁ ଯେ ଗୋଳ ଓ ମହାଗୋଳ ଭିଆଉ ନ ଥିଲେ, ତା' ନୁହେଁ। ତେବେ ସେ ସବୁ ଚଟୁଳ, ମଞ୍ଜୁଳ, ତିକ୍ତମଧୁର 'ବୋଲି' ବା 'ଉଚ୍ଚାରଣ'ମାନଙ୍କରୁ ଝରି ପଡୁଥିବା ମୁରୁକୁନ୍ଦିଆ ହାସ ପରିହାସଗୁଡ଼ିକର ମାହାତ୍ମ୍ୟରୁ ଅବିଳମ୍ବେ ସବୁ ଗୋଳ ଓ ମହାଗୋଳ ଦ୍ରୁତଗାମୀ ରକେଟ୍ ପଛରେ ଲମ୍ବି ଯାଇଥିବା ଧୂମ ଲାଞ୍ଜ ପରି ଲିଭି ଯାଉଥିଲେ।

କେଡ଼େ ଖୋଲାମେଲା, କେଡେ ଚପଳ ସୁନ୍ଦର, କେଡେ ଆହ୍ଲାଦଦାୟୀ ନ ଥିଲା ସେ ଦିନ ସତେ। ଶବ୍ଦାଳଙ୍କାର, ଅର୍ଥାଳଙ୍କାର ଓ ନାନାବିଧ ଭଞ୍ଜୀୟ ବା ଦୀନକୃଷ୍ଣୀୟ ଉପମା, ଉପମେୟ ସହିତ ଆବାଲ୍ୟ ପରିଚିତି ଥିବାରୁ ଆମେ ଓଡ଼ିଆଏ ବି ଆମ ବାଗରେ ବେଳେ ବେଳେ ଯାଦୁକର ତା'ର ପକ୍ଷୀପର-ଖୋସା ଟୋପିରୁ ଅଦ୍‌ଭୁତ ଚିଜମାନ ବାହାର କରି ଦେବା ଭଳି ଆମେ ଆମ ମଗଜକୁ ଚିପୁଡ଼ି ଦେଇ ଗଡ଼ାଇ ଦେଉଥିଲେ ଗୋଟାଏ ଗୋଟାଏ ହାସ୍ୟରସ ଭରା, ଲଘୁବିଦ୍ରୁପମଖା ଶବ୍ଦ-ନଟୁ। ସେ ଶବ୍ଦ-ନଟୁର ଘୂର୍ଣ୍ଣନ ଯୋଗୁଁ କାହାରି ଭାବରାଜ୍ୟରେ ଛୋଟିଆ କ୍ଷତ ଚିହ୍ନଟିଏ ଯଦି ବା ହୋଇଯାଉଥିଲା, ଯଦିବା ସେଇ ଛୋଟିଆ କ୍ଷତଟିର ସିରିସିରି ପୀଡ଼ା କିଏ ଭୋଗୁଥିଲା, ସେ ଜଣକ ଅବଶ୍ୟ ପ୍ରତିଶୋଧଟିଏ ନେଉଥିଲା। କିନ୍ତୁ ତାହା ଥିଲା ପୂରାପୂରି ଅହିଂସ ପ୍ରତିଶୋଧ, କାରଣ ସେ ବି ନିକ୍ଷେପ କରି ଦେଉଥିଲା ସମପ୍ରଭାବୀ ଶବ୍ଦ-ନଟୁଟିଏ।

ଏବେ କିନ୍ତୁ ବଦଳି ଯାଇଛି ପାଗଯୋଗ, ବଦଳିଯାଇଛି ସାମାଜିକ-ସାଂସ୍କୃତିକ-ରାଜନୈତିକ ପରିବେଶ ଓ ବାତାବରଣ। ଜ୍ୱରାକ୍ରାନ୍ତ ଆବେଶ ନେଇ ଜାଗି ଉଠିଛନ୍ତି ସ୍ୱାଧିକାରପ୍ରମତ୍ତ ତଥାକଥିତ ସଭ୍ୟ, ଶିଷ୍ଟ, ଶିକ୍ଷିତ ମଣିଷମାନେ। ସଭିଏଁ ପ୍ରତିଟି କଥା, ପ୍ରତିଟି କାହାଣୀ, ପ୍ରତିଟି 'ବୋଲି' ବା ବ୍ୟାଖ୍ୟାନର ପ୍ରତିଟି ଶବ୍ଦର ଉତ୍ତାପ ଓ କମ୍ପନ ମାପିବା ପାଇଁ ହାତରେ ଧରି ବୁଲୁଛନ୍ତି ସତେଯେପରି ଗୋଟେ ଗୋଟେ ଥର୍ମୋମିଟର ବା ସିସ୍‌ମୋଗ୍ରାଫ୍ ଯନ୍ତ୍ର। ଧାନମଣ୍ଡିମାନଙ୍କରେ କଷ୍ଟାର୍ଜିତ ଫସଲକୁ ବିକ୍ରୟ ଉଦ୍ଦେଶ୍ୟରେ ରଖିବାକୁ ଯାଉଥିବା ବେଳେ ବିଚରା କୃଷକ ଜଣେ ଯେପରି ଦୁର୍ବୋଧ୍ୟ ସରକାରୀ 'କଟ୍‌ନି -ଛଟ୍‌ନି' ପ୍ରକ୍ରିୟାର ସାମ୍ନା କରିଥାଏ, ଠିକ୍ ସେଇମିତି ଆଜିର ସଚ୍ଚା ଶବ୍ଦ ସୌଦାଗରମାନଙ୍କୁ, କବି, କଳାକାର, ସାହିତ୍ୟିକ, ଐତିହାସିକ ଓ ସାମ୍ବାଦିକମାନଙ୍କୁ ଭିନ୍ନ ଭିନ୍ନ ଢଙ୍ଗର 'କଟ୍‌ନି-ଛଟ୍‌ନି'ର ସାମ୍ନା କରିବାକୁ ପଡୁଛି। ହଜାର-ଦୁଇହଜାର ବର୍ଷ ତଳର କେଉଁ ଶ୍ରୁତି, ସ୍ମୃତି, ଶାସ୍ତ୍ରପୁରାଣମାନଙ୍କରେ କେଉଁ ଆର୍ଷବାକ୍ୟ ବା କେଉଁ ଆପ୍ତବାକ୍ୟ କିମ୍ବା 'ବଚନ', 'ପୋଇ', 'କୋଇଲି' ବା 'ଚଉତିଶା'ମାନଙ୍କରେ ନାନା ଅର୍ଥ ଐଶ୍ୱର୍ଯ୍ୟରେ ଦିନେ ଭାରି ଶୋଭନୀୟ ମନେ ହେଉଥିବା 'ଶବ୍ଦ' କିମ୍ବା ଶବ୍ଦାୟିତ ମତ-ମନ୍ତବ୍ୟ ସବୁକୁ ବିଶୋଧିତ କରି ଆଧୁନିକତାର ମାପଦଣ୍ଡ ଅନୁସାରେ ନିର୍ମଳ, ପବିତ୍ର କରିଦେବାକୁ ଥୋକେ ବହୁରୂପୀ ଗଙ୍ଗାଜଳ ଧରି ବୁଲିବା ଆରମ୍ଭ କରି ଦେଇଛନ୍ତି। ଲାଗୁଛି ଏବେ ଲୋକେ ଭୁଲି ଯାଇଛନ୍ତି ଯେ ପ୍ରତ୍ୟେକ ଶବ୍ଦ, ପ୍ରତ୍ୟେକ ଉଚ୍ଚାରଣ, ପ୍ରତ୍ୟେକ ସୃଜନୀ ସ୍ଥାନ-କାଳ-ପାତ୍ରର କଠୋର କର୍ତ୍ତୃତ୍ୱକୁ ମାନିଥା'ନ୍ତି। ଭିନ୍ନଭିନ୍ନ କାଳଖଣ୍ଡରେ ଭିନ୍ନଭିନ୍ନ ବେଶ ପରିପାଟୀର ଶବ୍ଦଫୁଲ ସବୁ ଫୁଟିଥା'ନ୍ତି ଓ ଭିନ୍ନ ଭିନ୍ନ ଭାବରସ, ଭିନ୍ନ ଭିନ୍ନ ରୂପ ସୌନ୍ଦର୍ଯ୍ୟ ଚହଟାଇ ସେମାନଙ୍କ ଉଦ୍ଦିଷ୍ଟ କର୍ମ ସମ୍ପାଦନ କରିଥା'ନ୍ତି। ବର୍ତ୍ତମାନର ତୁଳାଦଣ୍ଡରେ ଅତୀତକୁ ଓ ଅତୀତର ଶାବ୍ଦିକ ସର୍ଜନାକୁ ତଉଲାଇବା ଅର୍ଥ ଆଜିର ଘୃଣା-ବିଦ୍ୱେଷ-ଅସହିଷ୍ଣୁତା ସଂସ୍କୃତିର ପୃଷ୍ଠପୋଷକତା କରିବା। ବର୍ତ୍ତମାନର ରୂଢ଼ିବାଦୀ ମାନଦଣ୍ଡ ପ୍ରୟୋଗ କରି ଅତୀତର 'ବୋଲି', 'ଲୋକବୋଲି', 'ଉକ୍ତି-ପ୍ରତ୍ୟୁକ୍ତି'ଗୁଡ଼ିକୁ ପରଖି ବସିବା ଅର୍ଥ ଅତୀତ ପ୍ରତି ଦ୍ରୋହ ଆଚରଣ କରିବା, ଅତୀତର ବୈଶିଷ୍ଟ୍ୟାତ୍ମକ ମହକକୁ ଅନାଦର କରିବା।

ଏହା ଅବଶ୍ୟ ସତ୍ୟ ଯେ ଅତୀତର କୌଣସି ଏକ 'ବୋଲି', 'ଖଣ୍ଡବାକ୍ୟ' ବା 'ସମ୍ବୋଧନ' ଆଜିର ପରିବର୍ତ୍ତିତ ପରିସ୍ଥିତିରେ ନିରର୍ଥକ ବା ଶ୍ରୁତିକଟୁ ବା ନିର୍ଦ୍ଦିଷ୍ଟ 'ଲୋକଚେତନା' ପ୍ରତି ଅପମାନଜନକ ବୋଧ ହୋଇପାରେ। ସେପରି ସ୍ଥଳେ ସର୍ବସାଧାରଣ ମଞ୍ଚରେ, ପାରସ୍ପରିକ ଭାବଆଦାନ ପ୍ରଦାନରେ ସେପରି 'ଉଚ୍ଚାରଣ'କୁ ଯଦି ନିଷିଦ୍ଧ କରାଯାଇଥାଏ, ତାହା ସ୍ୱାଗତଯୋଗ୍ୟ ନିଶ୍ଚୟ। ଉଦାହରଣ ସ୍ୱରୂପ ଆମେ ଏଇଠି 'ହରିଜନ' ସମ୍ବୋଧନଟିକୁ ନେବା। ଯେଉଁ ମହତ୍ ଉଦ୍ଦେଶ୍ୟ ନେଇ ଓ ବିବେକାନୁମୋଦିତ ଭାବାବେଗରେ ପ୍ରଣୋଦିତ ହୋଇ ଜାତିର ପିତା ମହାତ୍ମା ଗାନ୍ଧୀ 'ଅସବର୍ଣ୍ଣ' ମାନଙ୍କୁ 'ହରିଜନ' ବୋଲି ଆଖ୍ୟାୟିତ କରିଥିଲେ ଏବଂ ଯେଉଁ ସମ୍ବୋଧନଟି ସେତେବେଳର ବାତାବରଣରେ ପ୍ରେରଣାପ୍ରଦ ବା ମର୍ଯ୍ୟାଦାଜନକ ବୋଲି ମନେ ହୋଇଥିଲା, ତାହା ପ୍ରକୃତପକ୍ଷେ ଆତ୍ମମର୍ଯ୍ୟାଦା ହାନିକର, ଗୌରବ ହାନିକର ଓ କୃପା ବା ଅନୁକମ୍ପା-ବ୍ୟଞ୍ଜିତ ସମ୍ବୋଧନ ବୋଲି ଆମେ ଭାବିବାର ଯଥେଷ୍ଟ ଯୌକ୍ତିକ ଆଧାର ଅଛି। ତେଣୁ ଏଥିରେ ଆଦୌ ବିସ୍ମିତ ହେବାର ନାହିଁ ଯେ ବର୍ତ୍ତମାନର ଏହି 'ଅସ୍ମିତା-ଜାଗରଣ'ର ଉତ୍ତେଜକ କାଳଖଣ୍ଡରେ 'ହରିଜନ' ସମ୍ବୋଧନ ପରିବର୍ତ୍ତେ ଆମେ 'ଦଳିତ' ବିଶେଷଣଟି ବ୍ୟବହାର କରି ଠିକ୍ କରିଛେ ନିଶ୍ଚୟ। ମାତ୍ର ଏହି ଯୁକ୍ତି ଆଳରେ ଆମେ ଯଦି ଆମର ପୁସ୍ତକ, ଦସ୍ତାବିଜ୍‌ମାନଙ୍କରେ ଖଞ୍ଜି ହୋଇ ରହିଯାଇଥିବା ଏହି ପବିତ୍ର ଭାବଉଦ୍ରେକକାରୀ 'ହରିଜନ' ଶବ୍ଦଟିକୁ ଲିଭାଇ ଦେବାକୁ ଜିଦ୍ ଧରି ବସିବା, ଏହା ଆମର ସଦ୍ୟତମ ଐତିହାସିକ ତ୍ରୁଟି ବା ନିର୍ବୋଧ ପଦକ୍ଷେପଟିଏ ହେବ। ଆମର ଦୁର୍ଭାଗ୍ୟ, ଏଇମିତି ଦୁଇଟି ଐତିହାସିକ ନିର୍ବୋଧ କର୍ମ କରିବା ପାଇଁ ନିକଟରେ ଆମେ ଆଗଭର ହୋଇ ସାରିଛେ। ପ୍ରଥମଟି ହେଉଛି ଆମ ସମ୍ବିଧାନର ଆମୁଖ ବା ପ୍ରସ୍ତାବନାରେ ଥିବା 'ସେକ୍ୟୁଲାର' ଓ 'ସୋସିଆଲିଷ୍ଟ' (ଧର୍ମନିରପେକ୍ଷ ଓ ସମାଜବାଦ) ଶବ୍ଦ ଦୁଇଟି ଉଠାଇଦେବା ପାଇଁ ରାଜନୈତିକ ମହଲରେ ଚାଲିଥିବା ମସୁଧା ଏବଂ ଦ୍ୱିତୀୟଟି ହେଉଛି ଆଧୁନିକ ଓଡ଼ିଆ ଭାଷା ସାହିତ୍ୟର ଆଦିପୁରୁଷ ଫକୀରମୋହନଙ୍କ କାଳଜୟୀ ଗଳ୍ପର ଶୀର୍ଷକ 'ରାଣ୍ଡିପୁଅ ଅନନ୍ତା'ରେ ଥିବା 'ରାଣ୍ଡି' ଶବ୍ଦକୁ ନେଇ ଆମେ ସୃଷ୍ଟି କରୁଥିବା ହୋ-ହଲ୍ଲା।

ମାତ୍ର ଆମକୁ ସ୍ୱୀକାର କରିବାକୁ ହେବ ଯେ ଏ 'ଶବ୍ଦ'ର ଏମନ୍ତ ରସାଳ ପ୍ରୟୋଗ, ବ୍ୟବହାର ଏବେ କୌଣସି ଦୃଷ୍ଟିରୁ ଗୌରବାବହ ବା ବିନୋଦଧର୍ମୀ ନୁହେଁ। ଦୀର୍ଘକାଳ ଧରି ଅସଭ୍ୟ, ଅଶିକ୍ଷିତ, କାଣ୍ଡଜ୍ଞାନହୀନ ମଣିଷମାନଙ୍କ ଦ୍ୱାରା ନକାରାତ୍ମକ ଅର୍ଥରେ ଏହା ବାରମ୍ବାର ଉଚ୍ଚାରିତ, ରଟିତ ହୋଇ ପୂରାପୂରି ଅଶିଷ୍ଟ, ଅଶ୍ଳୀଳ ଅର୍ଥଦ୍ୟୋତକ ହୋଇଯାଇଛି। ମାତ୍ର ସେଥିପାଇଁ ଆମର କୌଣସି ଅଧିକାର ନାହିଁ ଫକୀରମୋହନଙ୍କ ଗଳ୍ପର ଶୀର୍ଷକରୁ 'ରାଣ୍ଡି' ଶବ୍ଦଟିକୁ କାଟି ଦେବା ପାଇଁ; ଅଧିକାର ବି ନାହିଁ ସେ ଅନନ୍ୟ 'ରାଣ୍ଡିପୁଅ ଅନନ୍ତା'ଶୀର୍ଷକରେ ଅନ୍ୟ କେଉଁ ଶବ୍ଦ ଖଞ୍ଜି ଦେବା ପାଇଁ। କାରଣ ସେ ଗଳ୍ପର ଅନ୍ତର୍ନିହିତ ସ୍ୱର, ଭାବ ଓ ସେଥିରେ ସଞ୍ଚରି ରହିଥିବା ବାର୍ତ୍ତାକୁ ବୁଝିବା ପାଇଁ ସେଥିରେ ଥିବା ସେଇ 'ରାଣ୍ଡି' ଶବ୍ଦଟିର ମହତ୍ତ୍ୱକୁ ହୃଦୟଙ୍ଗମ କରିବାକୁ ହେବ ପ୍ରତ୍ୟେକ ପାଠକଙ୍କୁ। ତେଣୁ ସେ ଶବ୍ଦ ବିହୁନେ ସେ ଗଳ୍ପ ପ୍ରାଣହୀନ, ଭାବହୀନ, ବ୍ୟଞ୍ଜନାହୀନ ହିଁ ହୋଇଯିବ। ଯେଉଁମାନେ ଏ ଗଳ୍ପର ଶୀର୍ଷକ ବଦଳାଇବା ପାଇଁ ଏବେ ଭିନ୍ନ ଭିନ୍ନ ମହଲରେ ସ୍ୱର ଉତ୍ତୋଳନ କରୁଛନ୍ତି, ସେମାନେ ବୁଝିବା ଉଚିତ୍ ଯେ ଯଦି ସେମାନଙ୍କ ଏହି ଉଦ୍ଦେଶ୍ୟ ସଫଳ ହୁଏ, ତେବେ ଆମ ପାଖରେ ଏକ 'ଅନୈତିକ ଉଦାହରଣ' ରହିଯିବ - ଯାହାର ଦ୍ୱାହି ଦେଇ ପ୍ରଳାପ ସୃଷ୍ଟିକାରୀ ନିର୍ବୋଧ ଜଣେ କିଏ ହୁଏତ କାଳିଦାସ, ଭର୍ତ୍ତୃହରି, ବାତ୍ସାୟନ, ଉପେନ୍ଦ୍ରଭଞ୍ଜ କିମ୍ବା ଜଣେ ଡି.ଏଚ୍. ଲରେନ୍‌ସ, ଜଣେ 'ନବୋକୋଭ୍'ଙ୍କ ସାହିତ୍ୟ ରତ୍ନଗୁଡ଼ିକୁ ବିଶୋଧିତ କରିବା ପାଇଁ ଅଡ଼ି ବସିବ। ଆପଣମାନେ ତ ଜାଣନ୍ତି ବର୍ତ୍ତମାନର ଏଇ 'ଅଡ଼ି ବସିବା' ଏପରି ଏକ ସ୍ତରରେ ଆସି ପହଞ୍ଚିଲାଣି ଯେ ଦୁଗ୍ଧପୋଷ୍ୟ ପୁତ୍ରକନ୍ୟାମାନେ ମଧ୍ୟେ ଲିଙ୍ଗଭେଦର ସାମାନ୍ୟ ଆଭାସ ଥିବା 'ନାନାବାୟାଗୀତ' ଗୁଡ଼ିକୁ ନିଷିଦ୍ଧ କରିବା ପାଇଁ କ୍ରନ୍ଦନ ହରତାଳ କରିବାକୁ ଉପକ୍ରମ କଲେଣି ଶିଶୁ-ଦୋଳାମାନଙ୍କରୁ। ତେଣୁ ହେ ସାଧୁ! ସାବଧାନ।

**(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)**
**କୋଡିଆଁ ବାରଙ୍ଗ (ଜଗତସିଂହପୁର),**
**ମୋ: ୯୮୫୩୩୫୫୧୦୭**

# ଦୁଃଖ-ମୁକ୍ତିର ଉପାୟ

**ପ୍ରତିମା ବିଶ୍ୱାଳ**

ଆଜିକାଲି ଏ ସଂସାରରେ ଯାହାକୁ ଭେଟିବ, ସମସ୍ତେ ନିଜ ନିଜ ଦୁଃଖକୁ ବଖାଣି ମନସ୍ତାପ କରୁଥିବା ଦେଖଯାଏ। କାହାର ସ୍ୱଳ୍ପ ରୋଜଗାରରେ ତା' ପରିବାର ଚଳେଇବା କଷ୍ଟକର ହୋଇପଡୁଛି ତ କାହାର ପ୍ରଚୁର ଅର୍ଥ ଥାଇ ବି ସେ ନାନାପ୍ରକାର ରୋଗରେ ପୀଡ଼ିତ ହୋଇ ଦୁଶ୍ଚିନ୍ତାରେ କାଳାତିପାତ କରୁଛି।

ଈଶ୍ୱରଙ୍କ ସୃଷ୍ଟି ବଡ଼ ବିଚିତ୍ର। ଏ ସଂସାରରେ କିଏ ଧନୀ ତ କିଏ ପୁଣି ଗରିବ, କିଏ ପୁଣି ଭିନ୍ନକ୍ଷମ ହୋଇ ଜନ୍ମ ହେଉଛି। ଦୃଷ୍ଟିହୀନର ଦୁଃଖ ହେଲା-ସତରେ କେତେ ସୁନ୍ଦର ଏ ବିଶାଳ ପୃଥିବୀ ହୋଇଥିବ; କେତେ ସୁନ୍ଦର ଏ ଧରା, ଗଛ, ଲତା, ଫୁଲ, ଫଳରେ ଭରା; ଅଥଚ ସେ ସବୁ କିଛି ଦେଖିବାରୁ ବଞ୍ଚିତ। ମନଦୁଃଖରେ ପ୍ରତିଦିନ ଈଶ୍ୱରଙ୍କୁ ପଚାରୁଥିବ-'ପ୍ରଭୁ ମୁଁ କ'ଣ ପାପ କେଉଁ ଜନ୍ମରେ କରିଥିଲି ଯେ ଏ ଜନ୍ମରେ ମତେ ସବୁ ସୁନ୍ଦରତା ଦେଖିବାରୁ ବଞ୍ଚିତ କଲ?'

ସ୍ୱାଭାବିକ କଥା, ଆମକୁ ଈଶ୍ୱର ସବୁକିଛି ଦେଇ ବି ଆମେ ନିଜକୁ ତଥା ନିଜ ଭାଗ୍ୟକୁ ନିନ୍ଦା କରୁଥାଉ। ଈଶ୍ୱରଙ୍କୁ ମଧ୍ୟ ଗାଳି ଦେଉଥାଉ। ଗରୀବ ଘରେ ଜନ୍ମଦେଲ ପୁଣି ଯାବତୀୟ ଅସୁବିଧା, ଶରୀରରେ ଏତେ ରୋଗର ଯନ୍ତ୍ରଣା। ସହି ନ ହେବାର ଦୁଃଖ ମନକୁ ସଦାସର୍ବଦା ଭାରାକ୍ରାନ୍ତ କରି ରଖେ। କେବେ ଥରୁଟିଏ ଈଶ୍ୱରଙ୍କୁ ଆମେ ଧନ୍ୟବାଦ ଦେବା ଶିଖି ନାହୁଁ ଯେ ଆମକୁ ଅନ୍ଧ ନ କରି ପ୍ରଭୁ ଆଖି ଦୁଇଟି ଦେଇଛନ୍ତି ଏ ସୁନ୍ଦର ସୃଷ୍ଟି ଦେଖିବାକୁ। ସୁନ୍ଦର ହାତ ଦୁଇଟି ଦେଇଛନ୍ତି କର୍ମ କରି ଖାଇବାକୁ। କାନ ଦେଇଛନ୍ତି ଶୁଣିବାକୁ। ଦୁଇଟି ଗୋଡ଼ ଦେଇଛନ୍ତି ଏ ଅସରନ୍ତି ଜୀବନପଥ ଅତିକ୍ରମ କରିବାକୁ। ଈଶ୍ୱର ଆମକୁ ଏକ ସୁନ୍ଦର ଶରୀର ଦେଇଛନ୍ତି କର୍ମମାଧ୍ୟମରେ ଶେଷ ପର୍ଯ୍ୟନ୍ତ ନିଜକୁ ନିରୋଗ ରଖି ଜୀବନର ବାସ୍ତବତା ଖୋଜିବାକୁ।

ଏଇ ଦୁଃଖ ତଥା ଜୀବନକୁ ନେଇ ଗୋଟେ ପରୀ କାହାଣୀ ମନେ ପଡ଼ିଯାଏ- ମରୁଭୂମିରେ ଚଢ଼େଇଟିଏ ରହୁଥିଲା। କିଛି ଖାଇବାକୁ ପିଇବାକୁ ବି ମିଳୁ ନଥିଲା। ତା'ର ଦୁର୍ବଳ ଦେହରୁ ପରଗୁଡ଼ିକ ଝଡ଼ି ପଡ଼ିଥିଲା। ଏପରିକି ବସାଟିଏ ବି ନ ଥିଲା। ସେ ତା' ଜୀବନକୁ ନିନ୍ଦା କରି ଚାଲିଥିଲା। ଦିନେ ଜଣେ ପରୀ ସେହି ମରୁଭୂମି ଦେଇ ଯାଉଥିବାର ଦେଖି ଚଢ଼େଇଟି ତାଙ୍କୁ 'କୁଆଡ଼େ ଯାଉଛନ୍ତି' ବୋଲି ପଚାରିଲା। ପରୀ କହିଲେ, ମୁଁ ଭଗବାନ୍‌ଙ୍କୁ ଭେଟିବାକୁ ଯାଉଛି।' ଚଢ଼େଇଟି ପରୀଙ୍କୁ କହିଲା, 'ଦୟାକରି ଟିକେ ଭଗବାନଙ୍କୁ ପଚାରିବ ମୋ ଦୁଃଖ, ଦୁର୍ଦ୍ଦଶା କେବେ ସରିବ?' 'ହଁ ନିଶ୍ଚୟ ପଚାରିବି' ବୋଲି କହି ପରୀ ଚଢ଼େଇଠାରୁ ବିଦାୟ ନେଲେ। ପରୀ ପ୍ରଭୁଙ୍କୁ ଚଢ଼େଇଟିର ଦୁଃଖ ବିଷୟରେ ଜଣାଇ ତା'ର ଦୁଃଖ କେବେ ଦୂର ହେବ ବୋଲି ପଚାରିଲେ। ଭଗବାନ୍ କହିଲେ, 'ଆଗାମୀ ସାତଜନ୍ମ ପର୍ଯ୍ୟନ୍ତ ତା'ର କଷ୍ଟ ଭୋଗିବାର ଯୋଗ ରହିଛି। ତା' ପୂର୍ବରୁ ତା'ଭାଗ୍ୟରେ ସୁଖ ଆସିବାର ନାହିଁ।' ପରୀ ସହାନୁଭୁତିଶୀଳ ହୋଇ ପଚାରିଲେ, 'ଚଢ଼େଇଟି ଏ କଥା ଶୁଣିଲେ ତା' ହୃଦୟ ଭାଙ୍ଗିପଡ଼ିବ। ତେବେ ଏହାର କ'ଣ ସମାଧାନ ନାହିଁ?' ଭଗବାନ୍ ମୃଦୁ ହସି କହିଲେ, 'ହଁ ଅଛି! ତା'କୁ ଏହି ମନ୍ତ୍ରଟି ଜପ କରିବାକୁ କୁହ - ପ୍ରଭୁ! ସବୁକିଛି ଦେଇଥିବାରୁ ଧନ୍ୟବାଦ।' ପରୀ ଫେରିବା ବାଟରେ ଚଢ଼େଇକୁ ଭଗବାନ୍‌ଙ୍କ ବାର୍ତ୍ତା ଓ ମନ୍ତ୍ର ଦେଲେ।

କିଛିଦିନ ପରେ ପରୀ ସେଇ ବାଟ ଦେଇ ଉଡ଼ି ଯାଉଥିବା ବେଳେ ଦେଖିଲେ ଚଢ଼େଇଟି ଭାରି ଖୁସି ଅଛି। ତା'ଦେହରେ ପର ସବୁ କଅଁଳିଲାଣି। ତା'ର ବସାର ଅନତିଦୂରରେ ଛୋଟ ଜଳାଶୟଟିଏ, ତା'ର ଆଖପାଖରେ ଛୋଟ ଛୋଟ ଗଛ ବି ଉଠିଲାଣି। ଚଢ଼େଇଟି କିଚିରିମିଚିରି ଗୀତ ଗାଇ ନାଚୁଛି। ପରୀ ଆଶ୍ଚର୍ଯ୍ୟ ହୋଇଗଲେ। କଥା କ'ଣ? ଭଗବାନ୍ ତ କହିଥିଲେ ସାତ ଜନ୍ମ ପର୍ଯ୍ୟନ୍ତ ତା'ର ଭାଗ୍ୟରେ ଖୁସି ଆସିବାର ନାହିଁ। କିନ୍ତୁ ସେ ତ ଖୁସିରେ ମସଗୁଲ ଅଛି। ଏ ପ୍ରହେଳିଟିକୁ ଧରି ପରୀ ସିଧା ଭଗବାନ୍‌ଙ୍କ ପାଖରେ ପହଞ୍ଚିଲେ। ଭଗବାନ କହିଲେ, 'ହଁ ଚଢ଼େଇଟିର ଭାଗ୍ୟରେ ସାତ ଜନ୍ମ ଖୁସି ନ ଆସିବାର ଯୋଗ ତ ଥିଲା। କିନ୍ତୁ ସେ ଯେଉଁ ମନ୍ତ୍ରଟିକୁ ପ୍ରତ୍ୟେକ ପରିସ୍ଥିତିରେ ଜପ କରି ଚାଲିଲା ଯେ- 'ହେ ପ୍ରଭୁ! ସବୁକିଛି ଦେଇଥିବାରୁ -ଧନ୍ୟବାଦ!' ସେଥିପାଇଁ ତା' ସାତଜନ୍ମର କର୍ମଫଳ ମାତ୍ର ସାତଦିନ ଭୋଗିବା ପରେ ମିଳେଇ ଗଲା। ଯେତେବେଳେ ସେ ତତଲା ବାଲିରେ ପଡ଼ି ଯାଉଥିଲା, ଉଡ଼ିବାକୁ ଚେଷ୍ଟା କରି ତଳେ ପଡ଼ିଯାଉଥିଲା ତଥାପି କହୁଥିଲା - ସବୁକିଛି ଦେଇଥିବାରୁ ପ୍ରଭୁ, ଧନ୍ୟବାଦ। ଭୋକରେ ଆଉଟ ପାଉଟ ହେଲା ବେଳେ ବି କହୁଥିଲା - ପ୍ରଭୁ ଅନେକ ଧନ୍ୟବାଦ।' ତେଣୁ ତା' ଦୁଃଖ ସୁଖରେ ରୂପାନ୍ତରିତ ହୋଇଗଲା।

ଏହି ସାଧାରଣ କଥାଟି ପ୍ରତି ମୁହୂର୍ତ୍ତରେ ଆମେ ପାଇ ଚାଲିଥିବା-ପାଣି-ପବନ ଖାଦ୍ୟ-ପାନୀୟ, ସ୍ନେହ-ଶ୍ରଦ୍ଧା, ସୁବିଧା- ସୁଯୋଗ, ସୁଖ-ଦୁଃଖ ଇତ୍ୟାଦି ପାଇଁ ଅବିରତ କୃତଜ୍ଞ ରହିବାକୁ ଓ କୃତଜ୍ଞତା ଜଣାଇବାକୁ ଶିକ୍ଷା ଦିଏ। ଆଚରଣରେ ଏହା ଫୁଟି ଉଠିଲେ ଜନ୍ମ-ଜନ୍ମାନ୍ତରର ଦୁଃଖଦୁର୍ଦ୍ଦଶା ଅଚିରେ ମିଳେଇ ଯାଏ। ଈଶ୍ୱରଙ୍କର କୃପା ଲାଭ ହେଲେ ମଣିଷର ସମସ୍ତ ତାପ, ଶୋକ, ରୋଗ ଦୂରେଇ ଯାଇ ମନରେ ଶାନ୍ତି ଆସେ। ଜୀବନର ପ୍ରତିଟି ମୁହୂର୍ତ୍ତ ଆନନ୍ଦରେ ଭରିଯାଏ। ଶ୍ରୀମା'ଙ୍କ ମତରେ, 'ପୃଥିବୀ ପୃଷ୍ଠରେ ଭୌତିକ ଭାବେ ବାସ୍ତବତଃ କୃତଜ୍ଞତାରେ ହିଁ ଜଣେ ଶୁଦ୍ଧଆନନ୍ଦର ଉତ୍ସକୁ ଆବିଷ୍କାର କରିଥାଏ।'

**ଜଗତସିଂହପୁର, ମୋ: ୯୭୭୬୨୯୦୦୮୪**

# ଗରିବର ସୁନାଥାଳି

**ଶ୍ରୀନୋନୋ**

ବିଜ୍ଞାନ ବାର୍ତ୍ତା

ସୁନାଥାଳିରେ ଭୋଜନକୁ ଆଭିଜାତ୍ୟର ପ୍ରତୀକ ରୂପେ ଗ୍ରହଣ କରାଯାଏ। ତେବେ ଏହା ଏକ ଧାତୁ, ଯେମିତିକି ଲୁହା, ତମ୍ବା, ଆଲୁମିନିୟମ କିମ୍ବା ଟିଣ। ଏଣୁ ଏଥିରେ ଭୋଜନର ସ୍ୱାଦ ବା ମାନ କିମ୍ବା ଭୋଜନକାରୀର ସ୍ୱାସ୍ଥ୍ୟ ଉପରେ କିଛି ସୁପ୍ରଭାବ ପକାଇବାର ଜଣାନାହିଁ। ଅନ୍ୟପକ୍ଷରେ ଆମ ଦେଶର ଗରୀବ ଶ୍ରେଣୀ ଲୋକେ ଅନେକ ସମୟରେ, ବିଶେଷକରି ପର୍ବପର୍ବାଣିରେ, ଭୋଜନ ପାଇଁ ଏବଂ ପୂଜା କରୁଥିବା ଦେବାଦେବୀଙ୍କ ନିକଟରେ ଭୋଗ ଲଗାଇବା ପାଇଁ ବ୍ୟବହାର କରୁଥିବା କଦଳୀପତ୍ରରେ ଏସବୁ ଗୁଣ ରହିଛି। ତେଣୁ ଏହାକୁ ସେମାନଙ୍କ ପାଇଁ ସୁନା ଥାଳିରୁ ଅଧିକ ବୋଲି କୁହାଯାଇପାରିବ।

କଦଳୀପତ୍ର ଆକାରରେ ବଡ଼, ନମନୀୟ ଓ ଜଳ ନିରୋଧୀ। ଏଣୁ ଏହାକୁ କେବଳ ଭୋଜନପାତ୍ର ରୂପେ ନୁହେଁ, ଖାଦ୍ୟ ପ୍ରସ୍ତୁତି, ରଖିବା(ପ୍ୟାକେଜିଂ) ଆଦି କାର୍ଯ୍ୟରେ ବ୍ୟବହାର କରାଯାଏ। ବୈଜ୍ଞାନିକମାନଙ୍କ ମତରେ ତହିଁରୁ ମିଳେ ଖାଦ୍ୟର ମାନ ଓ ସ୍ୱାଦ ବୃଦ୍ଧିଠାରୁ ଆରମ୍ଭ କରି ଆମ ସ୍ୱାସ୍ଥ୍ୟ ଓ ପରିବେଶ ପର୍ଯ୍ୟନ୍ତ ଅନେକ ପ୍ରକାର ଉପକାର। କଦଳୀପତ୍ରର ଜୀବାଣୁ ନିରୋଧୀ ଗୁଣ ଓ ତତ୍ତ୍ୱ ଯୋଗୁଁ ଖାଦ୍ୟରେ ସେପରି କିଛି ରୋଗ ସୃଷ୍ଟିକାରୀ ଜୀବାଣୁ ଥିଲେ ସେଗୁଡ଼ିକୁ ମାରିଦିଏ। ଫଳରେ ଖାଦ୍ୟ ଜନିତ ସଂକ୍ରମଣର ଆଶଙ୍କା ହ୍ରାସ ପାଏ।

ଏଥିରେ ରହିଛି ବିବିଧ ପ୍ରକାର 'ପଲିଫିନଲ୍' ଓ 'ଫ୍ଲାଭାନଏଡ୍' ଭଳି ଜୈବ ରସାୟନ। ସେଗୁଡ଼ିକ ପ୍ରତିଜାରକ (ଆଣ୍ଟି ଅକସିଡାଣ୍ଟ) ରୂପେ କାର୍ଯ୍ୟ କରନ୍ତି ଏବଂ ରୋଗ ପ୍ରତିରୋଧଶକ୍ତି ବୃଦ୍ଧି କରନ୍ତି। ଫଳରେ ଶରୀର ମଧ୍ୟରେ ବିଭିନ୍ନ କ୍ରିୟା-ପ୍ରକ୍ରିୟାରୁ ଉତ୍ପନ୍ନ ମୁକ୍ତ-ମୂଳକ (ଫ୍ରି-ରାଡିକଲସ୍)କୁ ଏହା ହ୍ରାସ କରେ। ତେଣୁ କର୍କଟ ରୋଗ, ହୃଦ୍‌ରୋଗ, ମଧୁମେହ ସମେତ ବହୁ ଦୁରାରୋଗ୍ୟ ରୋଗର ଆଶଙ୍କା ହ୍ରାସ ପାଏ। ପୁନଶ୍ଚ ଏହା ମଧ୍ୟ ଭିଟାମିନ୍-ଏ, ଭିଟାମିନ୍-ସି, କେତେକ ଅତ୍ୟାବଶ୍ୟକ ଧାତବ ଲବଣ ଆଦିରେ ସମୃଦ୍ଧ। ଉଷୁମ ଖାଦ୍ୟକୁ କଦଳୀ ପତ୍ରରେ ବାଢ଼ି ଖାଇଲେ, ତାହାକୁ ସେଥିରେ ପ୍ୟାକିଂ କଲେ କିମ୍ବା ରନ୍ଧନରେ ଉପଯୋଗ କଲେ ତହିଁରୁ ଏସବୁ ପୁଷ୍ଟିକର ତତ୍ତ୍ୱ ଖାଦ୍ୟକୁ ସ୍ଥାନାନ୍ତରିତ ହୋଇ ଖାଦ୍ୟକୁ ସୁଷମ ଓ ଗୁଣବତ୍ତାସମ୍ପନ୍ନ କରେ। ପୁନଶ୍ଚ ଏଥିରେ ଥିବା ବିବିଧ ପ୍ରାକୃତିକ ତୈଳ, ଏରୋମେଟିକ୍ ଜୈବ ରସାୟନ ଖାଦ୍ୟର ସ୍ୱାଦ ଓ ବାସ୍ନା ବଢ଼ାଇ ଆମ ଭୋକ ବୃଦ୍ଧି କରେ।

କଦଳୀପତ୍ରରେ ଭୋଜନ ହଜମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ। ଏହା ଉପରିଭାଗର ଚିକ୍‌କଣ ସ୍ତରରେ ଥିବା ରସାୟନଗୁଡ଼ିକର ଏଗୁଣ ରହିଛି। ତ'ଦ୍ୱାରା କୋଷ୍ଠକାଠିନ୍ୟ ମଧ୍ୟ ଦୂର ହୁଏ। ଏହି ରସାୟନଗୁଡ଼ିକ ମଧ୍ୟରେ ରହିଛି କେତେକ ଏନ୍‌ଜାଇମ୍, ଯାହାକି ଖାଦ୍ୟରେ ଥିବା ପୁଷ୍ଟିଗୁଡ଼ିକୁ ସହଜରେ ଶରୀର ଦ୍ୱାରା ବିଶୋଷିତ କରାଏ। ଅନ୍ୟପକ୍ଷରେ କଦଳୀପତ୍ରକୁ ପରିଷ୍କାର ଭାବେ ଧୋଇ ଦେଲେ ତାହା ସହଜରେ ଜୀବାଣୁ, ଭୂତାଣୁ ତଥା ଅନ୍ୟାନ୍ୟ ମଇଳାରୁ ମୁକ୍ତ ହୋଇଯାଏ। ଏଥିରେ ଥିବା ପୁଷ୍ଟିକର ତତ୍ତ୍ୱଗୁଡ଼ିକ ଆମଠାରୁ ସର୍ଦ୍ଦି, କାଶ, ସୋରିଆସିସ୍, ଉଚ୍ଚରକ୍ତଚାପ ଇତ୍ୟାଦି ଅନେକ ରୋଗ ଦୂର କରିଥା'ନ୍ତି। ଏଥିପାଇଁ କଦଳୀପତ୍ରର ରସକୁ ମଧ୍ୟ ଔଷଧ ରୂପେ ବ୍ୟବହାର କରାଯାଏ ଆମ ପାରମ୍ପରିକ ଚିକିତ୍ସାରେ। ସେହିପରି ପୋଡ଼ା, କଟା, ଘା' ବା ଫୁଲା ଉପରେ କଦଳୀପତ୍ରର ଆବରଣ ଦେଲେ ତାହାର ଉପଶମ ହୁଏ। ଏପରିକି ଏହା ଚର୍ମକୁ ମଧ୍ୟ ଚିକ୍କଣ କରିବାରେ ବ୍ୟବହାର କରାଯାଇପାରେ। ଏଥିରେ ମଧ୍ୟ କୌଣସି ହାନିକାରକ ରସାୟନ ନଥାଏ। ଏ ଦୃଷ୍ଟିରୁ ଏହା ପ୍ଲାଷ୍ଟିକ ପ୍ଲେଟ ଅପେକ୍ଷା ନିରାପଦ।

ବ୍ୟବହାର ପରେ କଦଳୀପତ୍ରକୁ ଆମେ ଫିଙ୍ଗି ଦେଉ। ତାହା ଜୈବ ବିଘଟନକ୍ଷମ ହୋଇଥିବାରୁ ସହଜରେ ବିଘଟିତ ହୋଇ ମାଟିକୁ ଉର୍ବର କରେ। ଅନ୍ୟପକ୍ଷରେ ବର୍ତ୍ତମାନ ଅଧିକରୁ ଅଧିକ ବ୍ୟବହୃତ ପ୍ଲାଷ୍ଟିକ୍ ପ୍ଲେଟ କିମ୍ବା ପ୍ଲାଷ୍ଟିକ୍ କାଗଜ ବା ଶାଳପତ୍ର ତିଆରି ପ୍ଲେଟ୍‌ରୁ 'ଥାଲେଟ୍' ଆଦି ବିଷାକ୍ତ ରସାୟନ ନିର୍ଗତ ହୋଇ ପରିବେଶ ଏବଂ ଜନସ୍ୱାସ୍ଥ୍ୟ ପାଇଁ ସମସ୍ୟା ସୃଷ୍ଟି କରନ୍ତି। କେତେକ ସ୍ଥାନରେ କଦଳୀପତ୍ରକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ। ସେଥିରୁ ଚା' ପ୍ରସ୍ତୁତ, କଅଁଳିଆ ପତ୍ରକୁ ଶାଗ ରୂପେ ରାନ୍ଧିବା କିମ୍ବା ତା'ର ରସ ପାନ କରିବା ଆଦି ଏହାର ଅନ୍ତର୍ଭୁକ୍ତ। ଏହା ସାଧାରଣତଃ ସ୍ୱାସ୍ଥ୍ୟପ୍ରଦ। ଅନ୍ୟପକ୍ଷରେ କିଛି ଲୋକଙ୍କଠାରେ ଏଥିପ୍ରତି ଆଲର୍ଜି ଥିବାର ପରିଲକ୍ଷିତ ହୁଏ। ତେବେ କଦଳୀପତ୍ରରେ ଭୋଜନ ଦ୍ୱାରା ଏ ଲକ୍ଷଣ ବିଶେଷ ଭାବେ ପ୍ରକଟିତ ହୁଏ ନାହିଁ।

**ମୋ: ୯୯୩୭୩୦୧୪୬୦**

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## କାଠଗାଡ଼ି ଜବତ, ଚାଳକ ଗିରଫ



**ଭୋଗରାଇ, ୧୬।୧୨(ସମିସ):** ଓଡ଼ିଶାରୁ ପଶ୍ଚିମବଙ୍ଗକୁ ବେଆଇନ ଭାବେ କାଠ ଯାଉଥିବା ବେଳେ ୫୭ ନମ୍ବର ରାଜ୍ୟ ରାଜପଥ ବାଡ଼ସରିଷା ନିକଟରୁ କାଠ ବୋଝେଇ ମେସିନ ରିକ୍ସାକୁ ଜବତ କଲା ଉଦୟପୁର ବନବିଭାଗ। ଏଥି ସହ ଗିରଫ ହେଲେ ମେସିନ ରିକ୍ସା ଚାଳକ, ରିକ୍ସା ଚାଳକ ଜଣକ ହେଲେ ଭୋଗରାଇ ବ୍ଲକ ଆଳସିଡି ଗ୍ରାମର ସଂଜୟ ପାତ୍ର। ଆଜି ସକାଳେ ଗୋଟିଏ ମେସିନ ରିକ୍ସାରେ ଆନୁମାନିକ ମୂଲ୍ୟ ୨୦ ହଜାରରୁ ଅଧିକ ଟଙ୍କାର ନିମ୍ବ କାଠ ବୋଝେଇ ହୋଇ ଭୋଗରାଇରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ବେଳେ ବାଡ଼ସରିଷା ନିକଟରେ ଉଦୟପୁର ବନପାଳଙ୍କ ନଜରରେ ପଡ଼ିଥିଲା। ଏଥିପରେ ତତକ୍ଷଣାତ ରିକ୍ସାକୁ ଅଟକାଇ ଚାଳକକୁ ପଚରା ଉଚରା କରାଯାଇଥିଲା। ଏହା ପରେ ରିକ୍ସାକୁ ଜବତ କରି ବନପାଳ କାର୍ଯ୍ୟାଳୟକୁ ନେଇ ଯାଉଥିବା ବେଳେ ରିକ୍ସା ଚାଳକଙ୍କୁ ଗିରଫ କରିଛନ୍ତି।

## ସୋରରେ ମିଳିତ ଜନଶୁଣାଣି



**ସୋର,୧୬।୧୨(ସମିସ) :** ସୋର ବ୍ଲକ ପରିସରରେ ବାଲେଶ୍ୱର ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜନ ଶୁଣାଣିର କିଛି ସମୟ ମଧ୍ୟରେ ଏସ୍‌ପି ରାଜ ପ୍ରସାଦ ଚାଲିଯାଇଥିବା ବେଳେ ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣିଥିଲେ। ଏହି ସମୟରେ ରାସ୍ତା, ସ୍କୁଲ, ଭତ୍ତା, ଜଳ ଯୋଗାଣ, ସରକାରୀ ଜମି ଜବରଦଖଲ ଆଦି ୧୩୪ଟି ଅଭିଯୋଗ ଆସିଥିଲା। ସମସ୍ତ ଅଭିଯୋଗକୁ ଆସନ୍ତା ୧୫ ଦିନ ମଧ୍ୟରେ ସମାଧାନ କରିବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସୋର ବିଡ଼ିଓ ସତ୍ୟନାଥ ନାୟକ ପରିଚାଳନା କରିଥିବାବେଳେ ଅନ୍ୟ ସମସ୍ତ ବ୍ଲକ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଚାରିଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ବଣ୍ଟନ କରାଯାଇଥିଲା।

## ସୋର ଅଙ୍ଗନବାଡ଼ି ସଂଘର କାର୍ଯ୍ୟକାରୀ କମିଟି ବୈଠକ

**ସୋର, ୧୬।୧୨(ସମିସ):** ନିଖିଳ ଓଡ଼ିଶା ଅଙ୍ଗନବାଡି କର୍ମୀ ସହାୟିକା ସଂଘ, ସୋର ବ୍ଲକ କମିଟିର କାର୍ଯ୍ୟକାରୀ କମିଟି ବୈଠକ ଅବସରପ୍ରାପ୍ତ କର୍ମଚାରୀ ସଭା ଗୃହରେ ବରିଷ୍ଠ କର୍ମୀ ଅନ୍ନପୂର୍ଣ୍ଣା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ରାଜ୍ୟ ସରକାର ଦରଦାମ ବୃଦ୍ଧି ବେଳେ କର୍ମଚାରୀ ମାନଙ୍କର ମହଙ୍ଗା ଭତ୍ତା ବୃଦ୍ଧି କରୁଛନ୍ତି କିନ୍ତୁ ବର୍ଷାଧିକ କାଳ ବଜାର ଦର ଅସମ୍ଭବ ବୃଦ୍ଧି ବେଳେ ସମନ୍ୱିତ ଶିଶୁ ବିକାଶ ଦୀର୍ଘ ବର୍ଷରୁ ଧାର୍ଯ୍ୟ ପୁରୁଣା ଦରରେ ହିତାଧିକାରୀଙ୍କ ବାବଦ ଖର୍ଚ୍ଚ ଅର୍ଥ ପ୍ରଦାନ କରି ଚାଲିଛି। ଅଙ୍ଗନବାଡି ୱାର୍କର ମାନେ ଯେତେ ଆପତ୍ତି କଲେ ମଧ୍ୟ ପ୍ରଶାସନିକ ଅଧିକାରୀ ମାନଙ୍କ ତତ୍ପରତା ଅଭାବରୁ ଅଙ୍ଗନବାଡି ୱାର୍କର ମାନେ ବଳି ପଡୁଛନ୍ତି। ଅଙ୍ଗନବାଡି କେନ୍ଦ୍ରରେ ଗର୍ଭବତୀ, ପ୍ରସୂତି ଓ ୭ ମାସରୁ ୩ ବର୍ଷ ପିଲା ମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ ଏବଂ ୩ ବର୍ଷରୁ ୬ ବର୍ଷ ଶିଶୁମାନଙ୍କୁ ଗରମ ରନ୍ଧା ଖାଦ୍ୟ, ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ ଅଣ୍ଡା, ଡାଲି, ଆଳୁ ପନିପରିବା ପ୍ରଭୃତିର ତିନିଗୁଣା ଦର ବୃଦ୍ଧି ଯୋଗୁଁ କର୍ମୀ ବାଧ୍ୟହୋଇ ନିଜ ଭତ୍ତା ଟଙ୍କାକୁ ଖର୍ଚ୍ଚ କରି ହିତାଧିକାରୀମାନଙ୍କୁ ଯୋଗାଇ ଚାଲିଛନ୍ତି। ଜନପ୍ରତିନିଧି ମାନେ ମଧ୍ୟ ବାସ୍ତବତାକୁ ବୁଝିବା ପାଇ ଅକ୍ଷମ। ଅନ୍ୟପକ୍ଷ୍ୟରେ ରାଜ୍ୟ ସରକାର ଅଙ୍ଗନବାଡି ୱାର୍କର ଏବଂ ସହାୟିକାମାନଙ୍କୁ ସ୍ୱେଛାସେବୀ ନାମରେ ସରକାରଙ୍କ ସମସ୍ତ ଜନ କଲ୍ୟାଣ କାରୀ ଯୋଜନା ଗୁଡ଼ିକର ଦାୟୀତ୍ୱ ଲଦିଦେଇ ଗୋଟି ଶ୍ରମିକ ଭଳି ଖଟାଇ ଚାଲିଛନ୍ତି। ବିଭାଗୀୟ ଅଧିକାରୀ ମାନଙ୍କ ରୁଗ୍ଣ ମାନସିକତା ଯୋଗୁଁ ନିମ୍ନ ମାନର ଛତୁଆ ଓ ପିଲାମାନଙ୍କ ଡ୍ରେସ, ତଥା ବିଭିନ୍ନ କାର୍ଯ୍ୟକ୍ରମରେ ପିସି କାରବାର ଯୋଗୁଁ ୱାର୍କର ମାନେ ସାଧାରଣରେ ନିନ୍ଦିତ ହେଉଛନ୍ତି। ତେଣୁ ତୁରନ୍ତ ପିସି କାରବାର ବନ୍ଦ ହେବାସହ ଉନ୍ନତ ମାନର ଛତୁଆ, ଅର୍ଥ ଅନୁଯାଇ ଡ୍ରେସ ପ୍ରଦାନ ସହ ବଜାର ଦରରେ ଏସଏନପି, ଖାଲିଥିବା ୱାର୍କର ଓ ହେଲ୍ପର ପଦବୀ ୧୫ ଦିନ ମଧ୍ୟରେ ପୂରଣ ନହେଲେ, ଦାବି ପୂରଣ ପର୍ଯ୍ୟନ୍ତ ସୋର ସିଡିପିଓଙ୍କ ଅଫିସ ଆଗରେ ସଙ୍ଘ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ବୈଠକରେ ସ୍ଥିର ହୋଇଛି। ବୈଠକରେ ଏଆଇଟିୟୁସି ରାଜ୍ୟ ସମ୍ପାଦକ ମାୟାଧର ନାୟକ, ବ୍ଲକ ସମ୍ପାଦିକା ଆରତୀ ଦାଶମହାପାତ୍ର, ପୂର୍ଣ୍ଣିମା ସି, ମିନତୀ ମହାନ୍ତି, ପ୍ରମିଳା କର, ଲଳିତା ବେହେରା, ଜୟନ୍ତୀ ପତି, ସସ୍ମିତା ପତି, ମଧୁସ୍ମିତା ମହାନ୍ତି, ପଦ୍ମାବତୀ ନାୟକ, ମାନସୀ ନାୟକ, ସୁଲୋଚନା ପାତ୍ର, ସୁଷମା ପୋଥାଳ, ଦୀପ୍ତିମୟୀ ମିଶ୍ର, ସୁକାନ୍ତି ମଳିକ, ଲକ୍ଷ୍ମୀମଣୀ ତ୍ରିପାଠୀ, ସବିତା ଭୁତିଆ, ସରଳା ପାଣିଗ୍ରାହୀ, ସୁବାଶିନୀ ପତି, ହେମାମାଳିନୀ ମିଶ୍ର ଯୋଗ ଦେଇଥିଲାବେଳେ ଅତସୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ୧୯ ବର୍ଷ ପରେ ବି ସୂଚନା ଅଧିକାରକୁ ଅଣଦେଖା

# ବହୁ କାର୍ଯ୍ୟାଳୟରେ ସୂଚନା ଆଇନକୁ ବେଖାତିର

**ଭଦ୍ରକ,୧୬ ।୧୨(ସମିସ)**

ଦେଶରେ ପ୍ରାଶାସନକୁ ସ୍ୱଚ୍ଛ ଓ ଉତରଦାୟୀ କରିବାକୁ ସୂଚନା ଅଧିକାର ଆଇନ ବା ଆର୍‌ଟି ଆକ୍ଟ-୨୦୦୫ ମସିହା ୧୨ ଅକ୍ଟୋବରରୁ କାର୍ଯ୍ୟକାରୀ ହୋଇଛି। ଇତିମଧ୍ୟରେ ଏହି ଆଇନ୍‌କୁ ୧୯ ବର୍ଷ ପୂରିଛି। ଲୋକଙ୍କୁ ସରକାରୀ ଦପ୍ତରରୁ ସୂଚନା ମିଳିବାର ଅଧିକାର ରହିଛ। ତେବେ ଏହି ଜନମଙ୍ଗଳକାରୀ ଆଇନ୍‌କୁ ଏବେ ବି ବହୁ ସରକାରୀ କାର୍ଯ୍ୟାଳୟ ଅଣଦେଖା କରି ଚାଲିଛନ୍ତି। ଫଳରେ ଏହି ଯୁଗାନ୍ତକାରୀ ଆଇନ୍‌ର ପୂର୍ଣ୍ଣ ସଫଳତା ମିଳୁନି। ଭଦ୍ରକ ଜିଲ୍ଲାର ବହୁ ସରକାର ଅଫିସ, ଶିକ୍ଷାନୁଷ୍ଠାନ, ଥାନା, ଡାକ୍ତରଖାନା ଆଦି ଦପ୍ତରମାନଙ୍କରେ ସୂଚନା ଅଧିକାର ଆଇନ୍‌କୁ ସମ୍ପୂର୍ଣ୍ଣ ଅଣଦେଖା କରି ଚାଲିଛନ୍ତି। ବିଶେଷ କରି ଜିଲ୍ଲାର ବହୁ ସରକାରୀ ଦପ୍ତରରେ ସୂଚନା ସୂଚନା ଆଇନର ଧାରା ୪(୧)(ଖ)କୁ ଅଣଦେଖା କରି ଆସିଛନ୍ତି।

ସୂଚନା ଯୋଗ୍ୟ, ଜନସୂଚନା ଅଧିକାରୀଙ୍କ ଦ୍ୱାରା ସ୍ୱତଃ ପ୍ରବୃତ୍ତ ଭାବେ ପ୍ରଦାନ କରିବାକୁ ଥିବା ୧୭ଟି ପଏଣ୍ଟର ସୂଚନା ଅନଲାଇନରେ ଉପଲବ୍ଧ କରିବା କଥା। ତେବେ ଏହାର ଘୋର ଉଲ୍ଲଙ୍ଘନ କରୁଛନ୍ତି ଦପ୍ତର ଗୁଡିକ। ଅନ୍ୟପକ୍ଷରେ ଆଜି ବି ଜିଲ୍ଲାର ଅଧିକାଂଶ କାର୍ଯ୍ୟାଳୟ ପ୍ରୋ ଆକ୍ଟିଭ ଡିସକ୍ଲୋଜର ସୂଚନା ଅନ୍‌ଲାଇନରେ ସଠିକ୍ ଭାବେ ଉପଲବ୍ଧ କରୁନାହାନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ବହୁ ଦପ୍ତର ଏହି ପ୍ରୋ ଆକ୍ଟିଭ ଡିସକ୍ଲୋଜର ସୂଚନା ଅପଲୋଡ୍ କରିବା ତ ଦୂରର କଥା ଏବାବଦରେ ସେମାନଙ୍କ ଧାନଧାରଣା ନଥିବା ଜଣାଯାଇଛି। ଏହି ନିୟମକୁ ଅଣଦେଖା କରି ନିକଟରେ ଭଦ୍ରକ ତହସିଲଦାର ୧୦ହଜାର ଟଙ୍କା ଅଧିକ୍ଷକଙ୍କ କାର୍ଯ୍ୟାଳୟ ଗତ ୧-୧୨-୨୩ତାରିଖରୁ ଅପଡେଟ୍ କରିନାହାନ୍ତି। ସେହିଭଳି ଜିଲ୍ଲା ସମାଜ ମଙ୍ଗଳ ଅଫିସ ଗତ ୨୫-୮-୨୧ରୁ, ଜିଲ୍ଲା ଶ୍ରମ ବିଭାଗ ଗତ ୮-୧-୨୧ରୁ, ଜିଲ୍ଲା ମୁଖ୍ୟ ପଶୁସମ୍ପଦ ଅଧିକାରୀଙ୍କ ଦପ୍ତର ଗତ ୨୭-୨-୨୩ରୁ, ସାଳନ୍ଦୀ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଦପ୍ତରରେ ଗତ ୨୦-୭-୧୮ରୁ, ଭଦ୍ରକ ସ୍ୱୟଂଶାସିତ କଲେଜ ଅଣଦେଖା କରିଚାଲିଛନ୍ତି। କେବଳ ଏତିକି ନୁହେଁ ବହୁ ସରକାରୀ ଦପ୍ତର ଗୁଡିକ ଆର୍‌ଟିଆଇ-ସିଏମଏ୍ (ସେଣ୍ଟ୍ରାଲ ମନିଟରିଂ ଟେକ୍ନୋଲୋଜି)ର ଲଗଇନ୍ ଆଇଡି ଓ ପାସୱାର୍ଡ ମଧ୍ୟ କରିନାହାନ୍ତି। ସେହିଭଳି ସରକାରୀ ଦପ୍ତର ଗୁଡିକର ଜନସୂଚନା ଅଧିକାରୀ, ପ୍ରଥମ ଅପିଲ ଅଧିକାରୀଙ୍କ ନାମ, ମୋବାଇଲ ନମ୍ବର, ପଦବୀ ଆଦି ସମ୍ବଳିତ ସାଇନ୍‌ବୋର୍ଡ ଝୁଲିବାର

## ବର୍ଷ ବର୍ଷ ଧରି ହେଉନି ପ୍ରୋ ଆକ୍ଟିଭ ଡିସକ୍ଲୋଜରକୁ ଅପଡେଟ

ତଣ୍ଡ ଗଣିବାକୁ ସୂଚନା ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାନୁଯାୟୀ, ଏହି ଆଇନର ଧାରା ୪(୧)(ଖ)କୁ ଉଲ୍ଲଙ୍ଘନ କରିଥିବା ଦପ୍ତର ଗୁଡିକ ତାଲିକାରେ ରହିଛି-ଭଦ୍ରକ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ। ଏହି କାର୍ଯ୍ୟାଳୟରେ ୨୫-୮-୨୧ତାରିଖରୁ ପ୍ରୋ ଆକ୍ଟିଭ ଡିସକ୍ଲୋଜରକୁ ଅପଡେଟ କରିନାହାନ୍ତି। ଆଶ୍ଚର୍ଯ୍ୟର କଥା, ଭଦ୍ରକ ଡ୍ରଗ୍ସ ଇନ୍ସପେକ୍ଟରଙ୍କ ଏବାବଦରେ ଆଦୌ ଧାନ କି ଧାରଣା ନାହିଁ। ଗତ ୨୨-୯-୧୭ ତାରିଖ ଅର୍ଥାତ ଗତ ୭ବର୍ଷ ହେବ ଉକ୍ତ କାର୍ଯ୍ୟାଳୟ ପ୍ରୋ ଆକ୍ଟିଭ ଡିସକ୍ଲୋଜର ଅପଡେଟ ହେଉନି। ସେହିଭଳି ଭଦ୍ରକ ଅବକାରୀ ଗତ ୨୧-୧୨-୨୦ରୁ, ଧୂଷୁରୀ ଥାନା ଗତ ୨-୯-୨୨ରୁ, ବ୍ଲକ ଶିକ୍ଷାଧିକାରୀଙ୍କ ଦପ୍ତର (ଭଦ୍ରକ) ଗତ ୬-୨-୧୯ତାରିଖରୁ, ଭଦ୍ରକ ଗ୍ରାମାଞ୍ଚଳ ଥାନା ଗତ ୩୦-୯-୨୨ରୁ, ଜିଲ୍ଲା ନିର୍ବାଚନ ଅଫିସ ଗତ ୨୮-୨-୨୩ରୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଦପ୍ତର ଗତ ୧୭-୬-୨୩ ତାରିଖରୁ, ଜିଲ୍ଲା କ୍ରୀଡା ଅଧିକାରୀଙ୍କ ଦପ୍ତର ଗତ ୭-୪-୧୮ରୁ ଓ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ଦପ୍ତର ଗତ ୧୯-୭-୨୩ ତାରିଖରୁ ଉକ୍ତ ଧାରା ୪(୧)(ଖ)କୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରିଛନ୍ତି। କେବଳ ଉପରୋକ୍ତ ଦପ୍ତର ଗୁଡିକ ନୁହେଁ, ଜିଲ୍ଲାର ବହୁ ତହସିଲ, ଥାନା, ଇଞ୍ଜିନିୟରିଂ ବିଭାଗ, ଡାକ୍ତରଖାନା ଗୁଡିକ ମଧ୍ୟ ଏଭଳି ବ୍ୟବସ୍ଥା ଥିଲେ ହେଁ ଏହାକୁ ବହୁ ସରକାରୀ ଦପ୍ତର ସମ୍ପୂର୍ଣ୍ଣ ଅଣଦେଖା କରିଛନ୍ତି। ଆଉ ଯେଉଁମାନେ ଝୁଲାଇଛନ୍ତି ସେଥିରେ ଅପଡେଟ୍ ତଥ୍ୟ ନଥିବା ଦେଖିବାକୁ ମିଳୁଛି। ମୋଟାମୋଟି କହିବାକୁ ଗଲେ ସୂଚନା ଅଧିକାର ଆଇନ୍‌କୁ ବେଖାତିର କରୁଛନ୍ତି ସରକାରୀ ଅଫିସ ଓ ଅଫିସରମାନେ। ଆଉ ରାଜ୍ୟ ସୂଚନା ଆୟୋଗ ଏଦିଗରେ କଠୋର ପଦକ୍ଷେପ ଗ୍ରହଣ କଲେ ଏହି ଅଣଦେଖା ବା ବେଖାତିର ହ୍ରାସ ପାଇବା ନିଶ୍ଚିତ ବୋଲି ବହୁ ସୂଚନା କର୍ମୀ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଏଦିଗରେ ଗୁରୁତର ସହ ଦୃଷ୍ଟି ଦେବାକୁ ଦାବି ହୋଇଛି।

### ଆଖଣ୍ଡଳମଣିଙ୍କୁ ଲାଗି ହେଲା ଧନୁମୁଆଁ

## ପହିଲି ଅନ୍ନନୀତି ଭୋଗ ଆରମ୍ଭ

**ଭଦ୍ରକ/ଆରଡ଼ି,୧୬ ।୧୨(ସମିସ):** ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ବାବା ଆଖଣ୍ଡଳମଣିଙ୍କୁ ଲାଗି ହୋଇଛି ଧନୁମୁଆଁ ଭୋଗ। ମନ୍ଦିରରେ ପ୍ରଚଳିତ ବିରଜା ପଞ୍ଜିକା ଅନୁଯାୟୀ ପୌଷମାସର ପ୍ରଥମଦିନ ହୋଇଥିବାରୁ ମଣିବାବାଙ୍କୁ ଏକମାସ ଧରି ପହିଲି ଅନ୍ନନୀତି ଭୋଗ ଲାଗି କରାଯିବ। ଏଥିପାଇଁ ଆଜି ଭୋର ୪ଟାରେ ଦ୍ୱାରଫିଟା ଯିବା ପରେ ମଙ୍ଗଳ ଆଳତୀ, ମହାସ୍ନାନ, ଘର୍ଷଣଲାଗି ସମ୍ପନ୍ନ ହେବା ପରେ ପବିତ୍ର ଧନୁ ସଂକ୍ରାନ୍ତି ଅବସରରେ ସେବାୟତ ଓ ଭକ୍ତଙ୍କ ପକ୍ଷରୁ ଧନୁମୁଆଁ ଭୋଗ ଲାଗି କରାଯାଇଥିଲା। ପରେ ପହିଲୁ ଅନ୍ନନୀତି ଭୋଗ ଲାଗି ହେବା ପରେ ସାହଣମେଲାରେ ଭକ୍ତମାନେ ଧାଡି ଦର୍ଶନ କରିଥିଲେ। ଅପରାହ୍ଣ ସୁଧା ସମସ୍ତ ସକାଳ ନୀତିକାନ୍ତି ସରିବା ପରେ ବାବାମଣିଙ୍କୁ ବଡସିଂହାର ବେଶରେ ସଜ୍ଜିତ କରାଯାଇଥିଲା। ପରେ ସଂଧ୍ୟାରେ ଧନୁ ନୀତି ଭୋଗ ଲାଗି ହେବା ସହ ବଡ ଆଳତୀ ଅନୁଷ୍ଠିତ ହୋଇଥିଲା। ଭକ୍ତମାନଙ୍କର ଭିଡକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ଓ ଆରଡି ଫାଣ୍ଡି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



## ତୋରଣ ଓ ଯାତ୍ରୀ ସୁବିଧା କେନ୍ଦ୍ରରେ ସୀମିତ ପର୍ଯ୍ୟଟନସ୍ଥଳୀ

**ଅସୁରାଳି,୧୬।୧୨(ସମିସ):** ଭାରତୀୟ ମୁକ୍ତି ସଂଗ୍ରାମ ଇତିହାସର ଏକ ରୋମାଞ୍ଚିତ ସ୍ଥାନ ଅବିଭକ୍ତ ଭଦ୍ରକ ବାଲେଶ୍ୱର ଜିଲ୍ଲାର ଧାମନଗର ବ୍ଲକ ଖପରପଦା ପଞ୍ଚାୟତ ଅନ୍ତର୍ଗତ ଲୁଣିଆ। ଯେଉଁଠି ୧୯୪୨ ମସିହା ସେପ୍ଟେମ୍ବର ୨୨ତାରିଖରେ ଭରତ ମାତାର ମୁକ୍ତି ଯଜ୍ଞରେ ନିଜ ବକ୍ଷରୁ ରକ୍ତକୁ ଆହୁତି ଦେଇଥିଲେ ୯ଜଣ କ୍ରାନ୍ତି ବୀର। ୮୨ ବର୍ଷ ତଳେ ସଂଗଠିତ ହୋଇଥିବା ସେଇ ଲୋମହର୍ଷଣକାରୀ ଅଧ୍ୟାୟର ସ୍ମୃତି ଏବେବି ପାଉଁଶ ତଳର ନିଆଁ ଭଳି ଲୁଣିଆରେ ଜଳିଉଠୁଛି। ସହିଦ ନିଧି ମହାଳିକ, କୃଷ୍ଣ ମହାଳିକ, ଶ୍ୟାମ ମହାଳିକ, ଅଗଣି ସାହୁ, ଗୋପୀନାଥ ଜେନା, ନବ କିଶୋର ନାୟକ, ଗୌରୀ ଜେନା, ଚିନ୍ତାମଣି ଦାସ, ଶଙ୍କର ବେହେରାଙ୍କ ଆତ୍ମ ବଳିଦାନର ମୂକ ସାକ୍ଷୀ ଭାବେ ଦଣ୍ଡାୟମାନ ସହିଦ୍ ସ୍ମୃତିସ୍ତମ୍ଭ ଆଜିବି ପୂର୍ବସୁରୀମାନଙ୍କର ବୀରତ୍ୱର ଅବିସ୍ମରଣୀୟ ଗାଥା ବଖାଣୁଛି। ରାଜ୍ୟ ସରକାର ଏହି ଐତିହାସିକ ସହିଦ ପୀଠକୁ ରାଜ୍ୟ ପର୍ଯ୍ୟଟନର ମାନ୍ୟତା ଦେଇଛନ୍ତି। କିନ୍ତୁ ଏହାକୁ ଯେପରି ଭାବରେ ଉନ୍ନତି ପଥରେ ଆଗେଇ ନେବା କଥା ତାହା ହୋଇ ପାରିନାହିଁ। ସେହି କାରଣରୁ ଅଧିକ ସଂଖ୍ୟକ ପର୍ଯ୍ୟଟକ, ଐତିହାସିକ, ଗବେଷକମାନଙ୍କ ଦୃଷ୍ଟି ଆକର୍ଷଣ କରି ପାରୁନାହିଁ। ସହିଦସ୍ତମ୍ଭର ଗ୍ରାନାଇଟ ପଥର ଫାଟି ଖସିପଡ଼ିଲାଣି। ସହିଦ ସ୍ତମ୍ଭର ପରିପାର୍ଶ୍ୱ ଅଳିଆ ଆବର୍ଜନାରେ ପୂର୍ଣ୍ଣ ହୋଇଯାଇଛି। ଗତ ୭ ବର୍ଷ ହେଲା ପର୍ଯ୍ୟଟନସ୍ଥଳୀ ଭାବରେ ମାନ୍ୟତା ପାଇଥିଲେ ମଧ୍ୟ ଉପଯୁକ୍ତ ରକ୍ଷଣାବେକ୍ଷଣର ଅଭାବ ତଥା ବିଭିନ୍ନ ପାରିପାର୍ଶ୍ୱିକ ଉନ୍ନତିର ଅଭାବ ଯୋଗୁଁ ପର୍ଯ୍ୟଟକଙ୍କ ଦେଖାମିଳୁନି। ପର୍ଯ୍ୟଟନସ୍ଥଳୀ କେବଳ ମଙ୍ଗଳପୁର ଠାରେ ଗୋଟିଏ ତୋରଣ ଓ ଯାତ୍ରୀ ସୁବିଧା କେନ୍ଦ୍ରରେ ସୀମିତ। ଯାହା କି ବର୍ତ୍ତମାନ ପ୍ରାୟ ଭଗ୍ନ ଅବସ୍ଥାରେ ରହିଛି। ଏହାଛଡ଼ା ଯାତ୍ରୀ ସୁବିଧା କେନ୍ଦ୍ର ଅସାମାଜିକ ଯୁବକଙ୍କ ଆଡ୍ଡା ସ୍ଥଳି ପାଲଟିଛି। ଅନ୍ୟ ଐତିହାସିକ ସ୍ଥଳି ଭଳି ଏହି ସ୍ଥାନର ପ୍ରଚାର ପ୍ରସାର କରାଯିବା ସହିତ ପୀଠର ଉନ୍ନତି କରାଯିବାକୁ ଦାବି ହୋଇଛି।



### ଦ୍ୱିତୀୟ ଖରସ୍ରୋତା ପୁସ୍ତକ ମେଳା ଉଦ୍‌ଘାଟିତ

## ‘ପୁସ୍ତକ ସମାଜର ବାସ୍ତବତା ସମ୍ବନ୍ଧରେ ଅବଗତ କରେ’



**ବିଞ୍ଝାରପୁର, ୧୬ ।୧୨ (ସମିସ):** ବିଞ୍ଝାରପୁର ବ୍ଲକ୍ ଫତେପୁରସ୍ଥ ମଲ୍ଲିଆ ଯଜ୍ଞ ପଡ଼ିଆରେ ଦ୍ୱିତୀୟ ଖରସ୍ରୋତା ପୁସ୍ତକ ମେଳା ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଯୁବ ସଂଗଠକ ପଦ୍ମାକର ଗୁରୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦ୍‌ଘାଟନୀ ସମାରୋହରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲିକ ମୁଖ୍ୟଅତିଥି ରୂପେ ଯୋଗଦେଇ କହିଥିଲେ, ପୁସ୍ତକ ହେଉଛି ଆମ ସମାଜ ପାଇଁ ଏକ ଦର୍ପଣ। ଜଣେ ଲେଖକ ନିଜର ଲେଖନୀ ଚାଳନା କରି ଯେଉଁ ପୁସ୍ତକଟିଏ ରଚନା କରିଥାଏ, ତାହା ଆମକୁ ଆମ ସମାଜର ବାସ୍ତବତା ସହ ପରିଚିତ କରାଇଥାଏ। ଆମକୁ ଦିଗଦର୍ଶନ ମଧ୍ୟ ପ୍ରଦାନ କରିଥାଏ। ତେଣୁ ଆମେ ସମସ୍ତେ ଓ ବିଶେଷ ଭାବେ ଯୁବପିଢ଼ିମ ପୁସ୍ତକ ପଠନ ମାଧ୍ୟମରେ ସମାଜର ବାସ୍ତବିକତା ସମ୍ବନ୍ଧରେ ଅବଗତ ହୋଇ ଏକ ବିକଶିତ ସମାଜ ଓ ଏକ ବିକଶିତ ରାଜ୍ୟ ଓ ଦେଶ ଗଠନରେ ନିଜର ଯୋଗଦାନ ଦେବା ଉଚିତ ବୋଲି ଶ୍ରୀମତୀ ମଲିକ ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର କୁମରବର ଦାସ ଓ ଅନ୍ୟତମ ଅତିଥି ଭାବେ ସ୍ତମ୍ଭକାର ଅମୀୟ ପାଣ୍ଡବ, ବିଞ୍ଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରଞ୍ଜିତା କୁମାରୀ ଦାସ, ବ୍ଲକ୍ ଉପାଧ୍ୟକ୍ଷ ସେକ ଇରସାଦ, ଜିଲ୍ଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ସୁନୀତା ନାୟକ, ସ୍ଥାନୀୟ ପଡ଼ୋଶୀ ପଞ୍ଚାୟତର ସରପଞ୍ଚ ଓ ପଡ଼ୋଶୀ ଜିଲ୍ଲା କେନ୍ଦାପଡ଼ା, ପଡ଼ୋଶୀ ବ୍ଲକ୍ ଦଶରଥପୁର, ବରୀର ବହୁ ଜ୍ଞାନୀ ବ୍ୟକ୍ତି ଯୋଗଦେଇଥିଲେ। ଏହି ଦ୍ୱିତୀୟ ପୁସ୍ତକ ମେଳା ଆଗାମୀ ପାଞ୍ଚଦିନ ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକୁଳସ୍ତରୀୟ ଖେଳକୁଦ ସମାରୋହ

**ଭଦ୍ରକ,୧୬ ।୧୨(ସମିସ):** ଭଦ୍ରକ ପୁରୁଣା ବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ସ୍ଥାନୀୟ ମହାବୀର ପଡ଼ିଆରେ ସଂକୁଳସ୍ତରୀୟ ଖେଳକୁଦ ଆନୁଷ୍ଠାନିକ ଭାବେ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଆଡିସନାଲ ଏସ୍‌ପି(ଗୁଇନ୍ଦା) ଅଂଶୁମାନ ଦ୍ୱିବେଦୀ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଭାପତି ବିକାଶ କୁମାର, କୋଷାଧ୍ୟକ୍ଷା ଶକୁନ୍ତଳା ଦାସ, ସଂକୁଳ ସଂଯୋଜକ ଭାଗବତ ପ୍ରସାଦ ମହାଳିକ, ସହ ସଂଯୋଯକ ସଂକୁଳ ପ୍ରମୁଖ ପଦ୍ମନାଭ ମଲ୍ଲିକ, ସଭ୍ୟ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରାଜକିଶୋର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସମସ୍ତ ବର୍ଗରୁ ପ୍ରାୟ ୧୮୨ଜଣ ପ୍ରତିଯୋଗି ବିଭିନ୍ନ କ୍ରୀଡ଼ାରେ ଭାଗ ନେଇଥିଲେ। ସଂକୁଳର କ୍ରୀଡ଼ା ଆଚାର୍ଯ୍ୟ ଅକ୍ଷୟ କୁମାର ନାୟକ ଓ ସହ କ୍ରୀଡ଼ା ପ୍ରମୁଖ ରାଜେନ୍ଦ୍ର ରାଜ ଏହାକୁ ପରିଚାଳନା କରିଥିଲେ।

### ପ୍ରତିଷ୍ଠାକୁ ୧୩ ବର୍ଷ ପୂରିବ

## ଲକ୍ଷ୍ୟଠାରୁ ଦୂରରେ ପୂର୍ତ୍ତ ବିଭାଗ ଡାକବଙ୍ଗଳା

**ବନ୍ତ/ଆଗରପଡ଼ା,୧୬।୧୨(ସମିସ)**



ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଆଗରପଡ଼ା ସ୍ଥିତ ପୂର୍ତ୍ତବିଭାଗ ଡାକବଙ୍ଗଳା କୌଣସି କାମରେ ଲାଗୁନଥିବା ଅଭିଯୋଗ ହେଉଛି। ଗତ ୨୦୧୧ ମସିହା ଡିସେମ୍ବର ୧୯ ତାରିଖରେ ଡାକବଙ୍ଗଳା ପ୍ରତିଷ୍ଠା ହୋଇଥିଲା। ଆଉ ଦିନ କେଇଟା ପରେ ପ୍ରତିଷ୍ଠାକୁ ୧୩ ବର୍ଷ ପୂରିବ। ୧୩ ବର୍ଷ ପୂରିବାକୁ ବସିଥିବା ବେଳେ ଏହାର ପାରିପାର୍ଶ୍ୱିକ ପରିସ୍ଥିତିର ଉନ୍ନତି ନହେବା ବିଭାଗର କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି। ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ବିଭିନ୍ନ ବିଭାଗର ଉନ୍ନତି ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ପୂର୍ତ୍ତବିଭାଗ ଡାକବଙ୍ଗଳା ପ୍ରତିଷ୍ଠାକୁ ସାଢ଼େ ବାର ବର୍ଷ ପୂରି ସାରିଥିବା ବେଳେ ବିଭାଗୀୟ ଅଧିକାରୀ ଉକ୍ତ ଡାକବଙ୍ଗଳାର ଉନ୍ନତି ପ୍ରତି ଦୃଷ୍ଟି ନଦେବା ବଡ଼ ଦୁଃଖ ଓ ଅନୁତାପର ବିଷୟ। ୩ଗୋଟି ଜିଲ୍ଲା କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକର ବ୍ୟବସାୟୀକ କେନ୍ଦ୍ର ଆଗରପଡ଼ା ହୋଇଥିବା ସ୍ଥଳେ ଉକ୍ତ ଡାକବଙ୍ଗଳା ଏକ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ବେଳେ ଏହାର ପାରିପାର୍ଶ୍ୱିକ ପରିସ୍ଥିତିର ଉନ୍ନତି ନହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସରକାରୀ କାର୍ଯ୍ୟରେ ଉକ୍ତ ଅଞ୍ଚଳକୁ ଜନନାୟକ ହୁଅନ୍ତୁ ବା କୌଣସି ବିଭାଗୀୟ ଅଧିକାରୀ କେହିବି ଆସିଲେ ଏଠାରେ ରହୁଥିବା ବେଳେ ଯେକୌଣସି ସରକାରୀ କିମ୍ବା ବେସରକାରୀ ସଭା, ସମିତି ଆଦି ମଧ୍ୟ ଏଠାରେ ଅନୁଷ୍ଠିତ ହୋଇଥାଏ। ସୂଚନା ଅନୁଯାୟୀ ବେସରକାରୀ ଭାବେ କେହିବି ଉକ୍ତ ଡାକବଙ୍ଗଳାକୁ ଭଡ଼ା ସୂତ୍ରରେ ନେଲେ ତା’ ବାବଦରେ ଅର୍ଥ ମଧ୍ୟ ପଇଠ କରିଥାନ୍ତି। ତେଣୁ ବିଭିନ୍ନ ସୂତ୍ରରୁ ଅର୍ଥ ମଧ୍ୟ ଆସିବାର ସମ୍ଭାବନା ଥିବା ବେଳେ ଏହାର ମରାମତି କରାନଯିବା ଆଉ ଏକ ପ୍ରଶ୍ନବାଚୀ। ସୂଚନାଯୋଗ୍ୟ ଦୈନିକ ‘ସକାଳ’ରେ ବାରମ୍ବାର ଉକ୍ତ ଡାକବଙ୍ଗଳାର ସମସ୍ୟା ପ୍ରକାଶ ପାଇବା ପରେ ୨୦୨୩ ମସିହା ମେ’ ମାସରେ ଜରାଜୀର୍ଣ୍ଣ ଡାକବଙ୍ଗଳାର ନବକଳେବର କରାଯାଇଥିଲା। ନବକଳେବର ବେଳେ ଗୃହକୁ ଖାଲି ରଙ୍ଗ ମାରି ବିଭାଗ ତାର କାମ ସାରିଦେଇଥିଲା। ଡାକବଙ୍ଗଳାକୁ ଘେରି ରହିଥିବା ପ୍ରଶସ୍ତ ଜାଗାରେ ବିଭିନ୍ନ ଗଛ ମାନ ଥିଲେ ସୁଦ୍ଧା ଏହାର ଦାଇତ୍ୱ ନିଆଯାଉନଥିବାରୁ ଏହା ବର୍ତ୍ତମାନ ବିଷଧର ସାପଙ୍କ ଚାରଣ ଭୂମି ପାଲଟିବା ସହ ଏକ ବିପଦକାୟ ପରିସ୍ଥିତି ସୃଷ୍ଟି କରୁଛି। ତେଣୁ ଦିନ କେଇଟା ପରେ ପ୍ରତିଷ୍ଠାକୁ ଆଉ ଏକ ବର୍ଷ ଯୋଡ଼ି ହେବାକୁ ଯାଇଥିଲା ବେଳେ ଲକ୍ଷ୍ୟ ଠାରୁ ବହୁ ଦୂରରେ ରହିଯାଉଥିବା ଏହି ଡାକବଙ୍ଗଳାକୁ ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକ୍ଷମ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

### ବନ୍ତ ବ୍ଲକରେ କର୍ମଚାରୀ ମରୁଡ଼ି

## ଉନ୍ନୟନ କାର୍ଯ୍ୟର ସଫଳତାକୁ ନେଇ ପ୍ରଶ୍ନବାଚୀ

**ବନ୍ତ/ଆଗରପଡ଼ା, ୧୬।୧୨(ସମିସ):** ସରକାରଙ୍କ ଘୋଷଣା ଅନୁଯାୟୀ ପ୍ରତି ପଞ୍ଚାୟତରେ ଜଣେ ପିଇଓ ବା କାର୍ଯ୍ୟନିର୍ବାହୀ ଅଧିକାରୀ, ଜଣେ ଜିଆର୍‌ଏସ ବା ଗ୍ରାମ୍ୟ ରୋଜଗାର ସେବକ ଏବଂ ଜଣେ କନିଷ୍ଠ ଯନ୍ତ୍ରୀ ରହିବାର ନିୟମ ରହିଛି। କିନ୍ତୁ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଯାହା ଫଳରେ ଉନ୍ନୟନ ମୂଳକ କାର୍ଯ୍ୟର ସଫଳତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ବ୍ଲକରେ ୨୫ଟି ଗ୍ରାମପଞ୍ଚାୟତ ପାଇଁ ବର୍ତ୍ତମାନ ୮ଜଣ କିନଷ୍ଠ ଯନ୍ତ୍ରୀ ଓ ଜଣେ ବୈଷୟିକ ପରାମର୍ଶଦାତା କାର୍ଯ୍ୟ କରୁଛନ୍ତି। ୮ଜଣ କନିଷ୍ଠଯନ୍ତ୍ରୀଙ୍କ ମଧ୍ୟରୁ ୫ଜଣ ମହିଳା। ତେଣୁ ୮ଜଣ କନିଷ୍ଠଯନ୍ତ୍ରୀ ୨୫ଟି ପଞ୍ଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ତଦାରଖ କିପରି କରିବେ ତାହା ସହଜରେ ଅନୁମେୟ। ସେହିପରି ବ୍ଲକରେ ୧୪ ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏକାଧିକ ଗ୍ରାମପଞ୍ଚାୟତର ଦାୟିତ୍ୱରେ ରହୁଥିବାରୁ ସରକାରୀ ଯୋଜନା ଗୁଡ଼ିକର ସଫଳ ରୂପାୟନ ହୋଇପାରୁ ନଥିବା ବେଳେ ହିତାଧିକାରୀମାନେ ଠିକ୍ ସେବା ପାଇପାରୁ ନାହାନ୍ତି। ଅନୁରୂପ ଭାବେ ବ୍ଲକରେ ୨୫ ଗୋଟି ପଞ୍ଚାୟତ ଥିବାବେଳେ ମାତ୍ର ୧୦ ଜଣ ଜିଆରଏସ୍ (ଗ୍ରାମ ରୋଜଗାର ସେବକ) କାର୍ଯ୍ୟରତ ଅଛନ୍ତି। ଜିଆରଏସ୍‌ମାନଙ୍କୁ ଆକାଉଣ୍ଟାଣ୍ଟ ସହିତ ଡାଟା ଏଣ୍ଟ୍ରିଅପରେଟର୍ (ଏଡିଇଓ) ପଦୋନ୍ନତି ମିଳିବା ପରେ ବିଭିନ୍ନ ପଞ୍ଚାୟତରେ ଜିଆରଏସ୍ ପଦ ଖାଲିପଡ଼ିଛି। ଯଦ୍ୱାରା ପ୍ରଧାନମନ୍ତ୍ରୀ ଆବାସ, ଏମ୍‌ଜିଏନଆରଜିଏସ୍ ପରି ଗୁରୁତ୍ୱପୂର୍ଣ୍ଣ ଯୋଜନାରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଜଣେ ଜଣେ ଜିଆରଏସ୍‌ଙ୍କୁ ଏକାଧିକ ପଞ୍ଚାୟତର ଦାୟିତ୍ୱ ଦିଆଯାଇଥିବା ବେଳେ ସେମାନଙ୍କ କାର୍ଯ୍ୟଭାର ବଢ଼ିବା ସହ ହିତାଧିକାରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସରକାରଙ୍କ ତରଫରୁ ବ୍ଲକରେ ଆବଶ୍ୟକ ମୁତାବକ କନିଷ୍ଠଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିବାହୀ ଅଧିକାରୀ ଓ ଜିଆର୍‌ଏସ୍‌ଙ୍କୁ ମୁତୟନ କରାଯାଇ ପାରୁ ନଥିବାରୁ ଏହାର ଉନ୍ନୟନ ମୂଳକ କାର୍ଯ୍ୟର ସଫଳ ରୂପାୟନ ହୋଇପାରୁନାହିଁ। ଏହି ସବୁ ସମସ୍ୟାର ସମାଧାନ କରିବା ସହ ଉନ୍ନୟନ ମୂଳକ କାର୍ଯ୍ୟର ସୁଚାରୁ ରୂପେ ପରିଚାଳନା କିପରି ହୋଇପାରିବ ସେଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ବନ୍ତ ଅଞ୍ଚଳବାସୀ ଦାବି କରିଛନ୍ତି।

# ବଦଳିଲା ଜଉକଣ୍ଢେଇ ପ୍ରତିକୃତିର ରଙ୍ଗ

ବାଲେଶ୍ୱର, ୧୬।୧୨(ସମିସ)

ସହର ଉପକଣ୍ଠରେ ଅନେକ ସ୍ଥାନରେ ବାଲେଶ୍ୱରୀ ଜଉ କଣ୍ଢେଇର ପ୍ରତିକୃତି ସ୍ଥାପିତ କରାଇଛି। ହେଲେ ସେହି ସ୍ଥାନ ମାନଙ୍କରେ ଜଉକଣ୍ଢେଇର ପ୍ରତିକୃତି ସବୁର ସ୍ଥାପିତ କରାଯିବାରେ ଏହାର ପାରମ୍ପରିକ ରଙ୍ଗ ପ୍ରଲେପନ କଳାର ଗୁଣାତ୍ମକମାନ ହରାଇଥିବା ଦୃଷ୍ଟି ଗୋଚର ହେଉଛି। ତେବେ ଜଉ କଣ୍ଢେଇରେ ନବ ରଙ୍ଗାୟିତ କରାଯାଇ ପାରମ୍ପରିକ ରଙ୍ଗ ଲିଭାଇ ବିକୃତ କରାଯାଉଥିବା ହୃଦୟଙ୍ଗମ କରି 'ବଣ ଧୂଳିର ଫୁଲ'ର ଅଧକ୍ଷ ବିଜୟ କୁମାର ଆଚାର୍ଯ୍ୟ ଜିଲ୍ଲା ସଂସ୍କୃତି ଅଧିକାରୀ ଓ ମ୍ୟୁନିସିପାଲିଟି ଅଧକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ଶିଳ୍ପୀ କେଶୁ ଦାସ ମଧ ଏପରି ହୃଦୟଙ୍ଗମ କରି ମ୍ୟୁନିସିପାଲିଟି ଇଓଙ୍କୁ ଅବଗତ କରାଇଥିଲେ। ଏ ନେଇ ଗତ ୧୦ ତାରିଖରେ 'ସକାଳ'ରେ 'ସହରରେ ପାରମ୍ପାରିକ



ଶୈଳୀରେ ଜଉ କଣ୍ଢେଇ ନିର୍ମାଣ ହେଉ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହା ପରେ ସହରରେ ବିଶେଷକରି କରି କଣ୍ଢେଇ ଛକରେ ଥିବା ଜଉ କଣ୍ଢେଇର ରଙ୍ଗ ପରିବର୍ତ୍ତନ କରାଯାଇଥିବା ଦେଖିବାକୁ ମିଳିଛି।

ପ୍ରକାଶ ଥାଉ କି, ଜିଲ୍ଲା ପ୍ରସାଶନ ଏହି ଜଉକଣ୍ଢେଇର ସିମେଣ୍ଟ ପ୍ରତିକୃତି ହଳେ ବାଲେଶ୍ୱର ସହରର ସର୍କିଟ ହାଉସ ଛକରେ ସ୍ଥାପିତ କରାଇ ଜଉ ଶିଳ୍ପୀ ମାନଙ୍କୁ ପ୍ରେରଣା ପ୍ରଦାନ କରିଛନ୍ତି। ହେଲେ ଜିଲ୍ଲା ପ୍ରଶାସନ ଦ୍ୱାରା ସେହି ସର୍କିଟ ହାଉସ ଛକରେ ସ୍ଥାପିତ ଜଉକଣ୍ଢେଇ ପ୍ରତିକୃତିର ନବ ରଙ୍ଗାୟିତ କରାଯାଇ ଜଉକଣ୍ଢେଇର ପାରମ୍ପରିକ ରଙ୍ଗର ଛାପ ଲିଭାଇ ବିକୃତ କରିଥିବାର ହୃଦୟଙ୍ଗମ ହେଉଛି। ଏତଦ୍ ବ୍ୟତୀତ ସହର ଉପକଣ୍ଠରେ ଅନେକ ସ୍ଥାନରେ ସ୍ଥାପିତ ହୋଇଥିବା ବାଲେଶ୍ୱରୀ ଜଉକଣ୍ଢେଇ ପ୍ରତିକୃତିରେ ପାରମ୍ପରିକ ରଙ୍ଗ ପ୍ରଲେପନ କଳାର ଗୁଣାତ୍ମକମାନ ହରାଇଥିବା ଦୃଷ୍ଟି ଗୋଚର ହେଉଛି। ସ୍ଥାପନ କରିବା ସମୟରେ ଯଦି କୌଣସି ପାରମ୍ପରିକ ଜଉକଣ୍ଢେଇ ଶିଳ୍ପୀ ଓ ଜଉକଣ୍ଢେଇ କଳାର ମାଷ୍ଟର କ୍ରାଫ୍ଟମ୍ୟାନଙ୍କୁ ରଙ୍ଗ ପ୍ରଲେପନ କରିବା ଦାୟିତ୍ୱ ଦେଇଥାନ୍ତେ ଏଭଳି ବିକୃତି ହେଇନଥାନ୍ତା ବୋଲି ବିଜୟ ଆଚାର୍ଯ୍ୟ ମତବ୍ୟକ୍ତ କରିଥିଲେ।

# ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନୀ



ବାଲେଶ୍ୱର, ୧୬।୧୨(ସମିସ): ସ୍ଥାନୀୟ ଜିଲ୍ଲା ସ୍କୁଲଠାରେ ଜିଲ୍ଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନୀ ୨୦୨୪-୨୫ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରାଚୀ ତନୟା ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ମାନସ ଦତ୍ତ, ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ବୈଜ୍ଞାନିକ, ଆଇଟିଆଇ ଚାନ୍ଦିପୁର ପ୍ରିୟନାଥ ପଣ୍ଡା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ, ସଦର ରାସମଣୀ ନାୟକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ବାହାନଗା ସୋମାରାଣୀ ସେଠୀ, ପ୍ରଧାନ ଶିକ୍ଷୟିତ୍ରୀ ଜିଲ୍ଲା ସ୍କୁଲ ସୂର୍ଯ୍ୟସିଖା ମହାନ୍ତି, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅଶୋକ କୁମାର ନାୟକ ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ହରେନ୍ଦ୍ର ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ ପ୍ରଦର୍ଶନୀରେ ଜିଲ୍ଲାର ୧୨ଟି ବ୍ଲକରୁ ଖାଦ୍ୟ, ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା, ପରିବହନ ଏବଂ ଯୋଗାଯୋଗ, ପ୍ରାକୃତିକ ଚାଷ, ବିପର୍ଯ୍ୟୟ ପରିଚାଳନା, ଗଣିତ, ବର୍ଜ୍ୟବସ୍ତୁ ପରିଚାଳନା ଓ ଉତ୍ସ ପରିଚାଳନା ଭଳି ୭ଟି ବିଷୟବସ୍ତୁ ଉପରେ ମୋଟ ୮୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥି ମଧ୍ୟରୁ ୭ଟି ପ୍ରକଳ୍ପ ରାଜ୍ୟ ସ୍ତରୀୟ ପ୍ରଦର୍ଶନୀ ନିମନ୍ତେ ଉନ୍ନିତ ହୋଇଛି। କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ସ୍ୱାସ୍ଥ୍ୟ ଚିକିତ୍ସା ଶିବିର



ବାଲେଶ୍ୱର/ସୋର, ୧୬।୧୨(ସମିସ): ତ୍ରିଶକ୍ତି ଯୁବ ବିକାଶ ପରିଷଦ, ପାଖର, ଦୁର୍ଗାପୁର, ରୋଟାରୀ କ୍ଲବ, ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଦୁର୍ଗାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଦେୟମୁକ୍ତ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟ ଶିବିରକୁ ସୋର ବିଧାୟକ ମାଧବ ଧଡା ଉଦଘାଟନ କରିଥିଲେ। ଜିଲ୍ଲା ପରିଷଦ ସଦସ୍ୟ ଜୟରାମ ଦାସ, ଅନନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଡ଼ା. ବାସନ୍ତୀ ପାଲ, ଡ଼ା. ସତ୍ୟ ସ୍ୱରୂପ ସିଂ, ଡ଼ା. ଶିତାଂଶୁ ଶେଖର ଦାସ ଉପସ୍ଥିତ ରହି ରୋଗୀମାନଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କିତ ପରାମର୍ଶ ଦେଇଥିଲେ।

# ଲକ୍ଷ୍ମଣନାଥ ମହାଶୟ ଗଡ଼ରୁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା ସ୍ଥାନାନ୍ତର

ଜଳେଶ୍ୱର, ୧୬।୧୨ (ସମିସ): ଜଳେଶ୍ୱର ବ୍ଲକ ଲକ୍ଷ୍ମଣନାଥ ପଞ୍ଚାୟତସ୍ଥିତ ରାୟ ମହାଶୟ ଗଡ଼ରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା ସ୍ଥାନାନ୍ତର ହୋଇଛି। ସୋମବାର ପୂର୍ବାହ୍ନରେ ଲକ୍ଷ୍ମଣନାଥ ଗ୍ରାମ ବାବା ଲକ୍ଷ୍ମଣେଶ୍ୱର ମନ୍ଦିର ନିକଟକୁ ସ୍ଥାନାନ୍ତର ହୋଇ ନୂତନ ଶାଖା କାର୍ଯ୍ୟାଳୟ ଉଦଘାଟନ ହୋଇଥିଲା। ସ୍ଥାନୀୟ ସରପଞ୍ଚ ରଞ୍ଜନ କୁମାର ମହାନ୍ତି ବ୍ୟାଙ୍କକୁ ଉଦଘାଟନ କରିଥିଲେ। ଅନ୍ୟ ଅତିଥି ମଧ୍ୟରେ ସମିତି ସଭ୍ୟ ଜିତେନ୍ଦ୍ର ନାଥ ଦାସ, କାର୍ଯ୍ୟାଳୟ ପରିଚାଳକ ସତ୍ୟମ୍ ନାରାୟଣ ବେହେରା, ସହ ପରିଚାଳକ ବିଶ୍ୱ ଭୂଷଣ ପାଣି, କୋଷାଧକ୍ଷ ରାଜୁ ବିଦୋଥି, ଗ୍ରାମ୍ୟ ସଭାପତି ଦିଲ୍ଲୀପ କୁମାର ମହାନ୍ତି, ସମ୍ପାଦକ ପ୍ରଦୀପ୍ତ ସାହୁ, ଧ୍ରୁବ ଚରଣ ବେହେରା, ଝାଡେଶ୍ୱର ମହାନ୍ତି, ମନୋରଞ୍ଜନ ବେହେରା, ଧିରେନ୍ଦ୍ର ସିଂ, ବଳରାମ ବେହେର ପ୍ରମୁଖ ଉପସ୍ଥିତ ଥିଲେ।

# ସରସ୍ୱତୀ କଳା ମନ୍ଦିରର ବାର୍ଷିକ ଉତ୍ସବ

ବାଲେଶ୍ୱର, ୧୬।୧୨(ସମିସ): ସଦର ବ୍ଲକ ଅନ୍ତର୍ଗତ ସେଖପାଟଣାସ୍ଥିତ ଜଗଦମ୍ବା ସରସ୍ୱତୀ କଳା ମନ୍ଦିର ପକ୍ଷରୁ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଶିଳ୍ପୀ କେଶୁ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉତ୍ସବକୁ ଉଦଘାଟନ କରିଥିଲେ। ଅନୁଷ୍ଠାନ ସଂସ୍ଥାପିକା ମାଧବୀ ଲତା ବାରିକ୍‌ଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ମହିଳା ସମବାୟ ସମିତିର ସଭାନେତ୍ରୀ ସୁଜାତା ଆଚାର୍ଯ୍ୟ, ଗୋପାଳ ଚନ୍ଦ୍ର ଜେନା, ଅଭିମନ୍ୟୁ ଆଚାର୍ଯ୍ୟ, ଶିକ୍ଷା ସାରଥୀ ଶମ୍ଭୁନାଥ ଯାଦବ ଓ କଳା ଶିକ୍ଷକ ଗଦାଧର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ପରେ ନୃତ୍ୟ-ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟରୁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ।



# ନିଆଁ ଲାଗି କୁଡ଼ିଆ ଘର ଭସ୍ମୀଭୂତ



ଜଳେଶ୍ୱର, ୧୬।୧୨ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ପଞ୍ଚାୟତର ବାଉଁଶବଣୀ ସାହିରେ ଅଗ୍ନିକାଣ୍ଡ ଘଟି ୨ ବଖରା ଘର ଜଳି ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇ ଯାଇଛି। ସୋମବାର ଅପରାହ୍ନରେ ରୁହିୟା ହେମ୍ବ୍ରମଙ୍କ ଘରେ ବିଦ୍ୟୁତ୍ ସଟ୍ ସର୍କିଟ ଯୋଗୁଁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ସମସ୍ତେ ପଦାକୁ ଯାଇଥିବା ବେଳେ ନିଆଁ ଲାଗି ହୁତୁ ହୁତୁ ଜଳିଥିଲା। ସଂଗେ ସଂଗେ ସାହିବାସୀ ନିଆଁ ଲିଭାଇବା ପ୍ରଚେଷ୍ଟା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଦମକଳ ବାହିନୀ ଆସିବା ବେଳକୁ ଘର ଓ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇ ଯାଇଥିଲା। ଏପରିକି ଗତ କାଲି ଅମଳ କରି ଘରେ ସାଇତି ରଖିଥିବା ଧାନ ମଧ ପୋଡ଼ି ପାଉଁଶ ହୋଇ ଯାଇଛି। ଜଳେଶ୍ୱର ୧୫ କିମି ଦୂରରୁ ଦମକଳ ବାହିନୀ ବିଳମ୍ବରେ ଆସିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଘୋର ଅସନ୍ତୋଷ ହୋଇଥିଲା। ଖୋଲା ଆକାଶ ତଳେ କୁନି କୁନି ପିଲାଙ୍କୁ ନେଇ ରହୁଥିବା ୧୦ ଜଣିଆ ପରିବାର ବାସହୀନ ହୋଇ ଯାଇଛନ୍ତି। ତେଣୁ ସମସ୍ତ ସହାୟତା ପ୍ରଦାନ ଲାଗି କାହ୍ନୁ ମୁର୍ମୁ, ସୁଧିର ପାତ୍ର, ସରପଞ୍ଚ ସନ୍ଦିପ ଘୋଷ, ସମିତି ସଭ୍ୟା ନାଗୀ ହେମ୍ବ୍ରମ, ୱାର୍ଡ ସଭ୍ୟା ତୁଳସୀ ପାତ୍ର ପ୍ରମୁଖ ପ୍ରଶାସନକୁ ନିବେଦନ କରିଛନ୍ତି।

# ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ବୈଠକ

ବାଲେଶ୍ୱର, ୧୬।୧୨(ସମିସ): ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଙ୍ଘର ମୁଖ୍ୟ ପରାମର୍ଶଦାତା ଦିଲ୍ଲୀପ ରାୟଙ୍କ ଉପସ୍ଥିତିରେ ମହାସଙ୍ଘର କାର୍ଯ୍ୟକାରୀ ସଭାପତି ରାଜୀବ ମହାନ୍ତି ଓ ସାଧାରଣ ସମ୍ପାଦକ ଅମର କୁମର ପ୍ରତାପ ସିଂଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଉତ୍ତର ଓଡ଼ିଶାର ବିଦ୍ୟୁତ ଶ୍ରମିକଙ୍କ ଦ୍ୱାରା ଆଦୃତ ଅଗ୍ରଣୀ ଶ୍ରମିକ ସାଥି ଜ୍ୟୋତିକୃଷ୍ଣ ବେହେରାଙ୍କ ସହ ୪ହଜାରରୁ ଅଧିକ ବିଦ୍ୟୁତ ଶ୍ରମିକ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଙ୍ଘ ସହ ସହବନ୍ଧିତ ହେବା ଦ୍ୱାରା ଉତ୍ତର ଓଡ଼ିଶାର ଅଗ୍ରଣୀ ସଂଗଠନ ନେସ୍କୋ ପାୱାର ଏମ୍ପ୍ଲଇଜ ୟୁନିଅନର ହାତ ମୁଠା ସଶକ୍ତ



ହୋଇଛି। ଉତ୍ତର ଓଡ଼ିଶାରେ ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଙ୍ଘ ଏକକ ବୃହତ ସଂଗଠନ ଭାବେ ପରିଗଣିତ ହେବା ସହ ମହାସଙ୍ଘର ଶକ୍ତି ବୃଦ୍ଧି ହୋଇଛି ବୋଲି ଆଲୋଚନା ହୋଇଥିଲା। ବୈଠକରେ ମହାସଂଘର ଉତ୍ତର ଓଡ଼ିଶା ଶାଖା ସମ୍ପାଦକ ହରିଶ ଚନ୍ଦ୍ର ଦାସ, ଯାଜପୁର ସର୍କଲ ସମ୍ପାଦକ ବିପ୍ଳବ ସାମନ୍ତରାଏ, ମହାସଂଘର ଯୁଗ୍ମସମ୍ପାଦକ ସାଥି ପ୍ରିୟବ୍ରତ ଓ ଉତ୍ତର ଓଡ଼ିଶା ନେସ୍କୋ ପାୱାର ଏମ୍ପଲୋଇଜ ୟୁନିଅନର ବରିଷ୍ଠ ସଂଘଠକ ସୁରେନ୍ଦ୍ରନାଥ ପାଣିଗ୍ରାହୀ, ଦେବାଶିଷ ବେହେରା, ଶ୍ରୀକାନ୍ତ ବେହୁରିଆ, ବିପଦ ଭଂଜନ ଦାସ, ପ୍ରମୋଦ ପାତ୍ର, ହେମନ୍ତ ନାୟକ, ସଞ୍ଜୟ ଘୋଷ, ବୁଧେଶ୍ୱର ମାରାଣ୍ଡି, ଅମିରୁଧୀନ ଖାନ, ବିଭୁଦତ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ମଡର୍ଣ୍ଣ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ



ବାଲେଶ୍ୱର, ୧୬।୧୨(ସମିସ): ବାଲେଶ୍ୱର ସହର ଉପକଣ୍ଠ ମେଘଡମ୍ବରୁସ୍ଥିତ ମଡ଼ର୍ଣ୍ଣ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି। ଅଲମ୍ପିଆନ ଦୁତି ଚାନ୍ଦ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁଇ ଦିନିଆ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ସମ୍ମାନିତ ଅତିଥିଭାବେ ଯୋଗଦେଇ କ୍ରୀଡା ଉତ୍ସବରେ ଅଂଶଗ୍ରହଣ କରିଥିବା ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ଚେୟାରମେନ ସୁଶୀଲ ରାଠୀ, ସଭାପତି ସୁନୀଲ କୁମାର ମୋଦି ଓ ସମ୍ପାଦକ ଶଶୀଭୂଷଣ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧକ୍ଷା ପ୍ରଜ୍ଞା ପାରମିତା ପୃଷ୍ଟି ପୌରୋହିତ୍ୟ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ମୁଖ୍ୟ ଅତିଥି ଦୁତି ଚାନ୍ଦଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥଲା। କ୍ରୀଡ଼ା ପ୍ରତିଯୋଗିତାରେ ୩ଶହରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ଉପାଧକ୍ଷ ରବୀନ୍ଦ୍ର ନାଥ ମହାନ୍ତି ଧନ୍ୟବାଦ ଦେଇଥିଲେ। କ୍ରୀଡା ଶିକ୍ଷକ ପ୍ରଦୀପ ବାରିକ, ସଞ୍ଜିବ ମହାନ୍ତି, ପରମାଦିତ୍ୟ ସିଂ, ଦେବେନ୍ଦ୍ର ବାଗ ଓ ସଞ୍ଜୟ ଶର୍ମା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଏଟିଏମ୍ ଲୁଟେରା ଗିରଫ

ଭୋଗରାଇ, ୧୬।୧୨(ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ କୁମ୍ଭାରମୁଳି ପଞ୍ଚାୟତ ଚୌକି ବଜାରରେ ଜଣେ ଏଟିଏମ୍ ଲୁଟେରାକୁ ଆଜି ଗିରଫ କରିଛି ଭୋଗରାଇ ପୁଲିସ। ଦୀର୍ଘଦିନ ଧରି ଭୋଗରାଇ ଅଞ୍ଚଳର ବିଭିନ୍ନ ଏଟିଏମ୍‌ରୁ ଟଙ୍କା ଚୋରି ହେଉଥିବା ଥାନାରେ ଅଭିଯୋଗ ହୋଇଆସୁଥିଲା। ଆଜି ଭୋଗରାଇ ପୁଲିସ ଚୌକି ବଜାରରେ ଏକ ଅଜଣା ବଙ୍ଗୀୟ ଯୁବକଙ୍କୁ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଦେଖିବାକୁ ପାଇଥିଲେ। ପରେ ଜଣାପଡ଼ିଥିଲା ଯେ ଉକ୍ତ ଅଜଣା ଯୁବକ ର ଘର ପଶ୍ଚିମବଙ୍ଗ ସାଉଥ ୨୪ ପ୍ରଗଣା ଜିଲ୍ଲା ପାନାଶ୍ରୀବେହେଲା ଅଞ୍ଚଳର ବୁବୁଲ ଘଡାଇଙ୍କ ପୁଅ ସଞ୍ଜୟ ଘଡାଇ। ପୁଲିସ ଯୁବକ ଜଣକୁ ଥାନାକୁ ନେଇ ଆସିଥିଲା। ଥାନାରେ ତାକୁ ପଚରାଉଚରା ପରେ ଜଣାପଡ଼ିଥିଲା ଯେ ଯୁବକ ଜଣକ ଭୋଗରାଇ ଥାନା ଓ ତାଳସାରି ମେରାଇନ ଥାନା ଅଞ୍ଚଳର ଆଠରୁ ଦଶ ଜଣ ଲୋକଙ୍କ କାର୍ଡ ବଦଳାଇ ଏଟିଏମ୍‌ରୁ ଟଙ୍କା ଲୁଟ୍ କରିଛି। ଭୋଗରାଇ ଥାନା ଅଧିକାରୀ ସୁଦୀପ୍ତ କୁମାର ସାହୁ ସମ୍ପୃକ୍ତ ଯୁବକଙ୍କ ନାମରେ ମାମଲା ରୁଜୁ କରି କୋର୍ଟଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲ୍ ପଠାଯାଇଛି।

# ବାଇକ୍ ଧକ୍କାରେ ବୃଦ୍ଧା ମୃତ

ଭୋଗରାଇ, ୧୬।୧୨(ସମିସ): ଭୋଗରାଇ ବ୍ଲକ ଦେହୁର୍ଦ୍ଦା ପଞ୍ଚାୟତ ଅନ୍ତର୍ଗତ ଅନନ୍ତପୁରସ୍ଥିତ ୫୭ ନମ୍ବର ରାଜ୍ୟ ରାଜପଥରେ ଆଜି ସନ୍ଧ୍ୟାରେ ଏକ ବାଇକ୍ ଧକ୍କାରେ ୬୦ ବର୍ଷୀୟ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକଜଣକ ହେଲେ ଅନନ୍ତ ପୁର ଗ୍ରାମର ଦେବେନ୍ଦ୍ର ବେହେରାଙ୍କ ସ୍ତ୍ରୀ ସ୍ୱର୍ଣ୍ଣଲତା ବେହେରା (୬୦)। ଧକ୍କା ଦେଇଥିବା ବାଇକ୍ ଚାଳକ ହେଲେ ସେହି ଗ୍ରାମର କାର୍ତ୍ତିକ ଦାସଙ୍କ ପୁଅ ଜଗନ୍ନାଥ ଦାସ। ଦେବେନ୍ଦ୍ର ଓ ତାଙ୍କର ସ୍ତ୍ରୀ ସ୍ୱର୍ଣ୍ଣଲତା ଗୋରୁ ନେଇ ଘରକୁ ଯାଉଥିବା ସମୟରେ ହଠାତ୍ ଏକ ବାଇକ୍ ଆସି ବୃଦ୍ଧାଙ୍କୁ ଧକ୍କା ଦେଇଥିଲା। ସଙ୍ଗେ ସଙ୍ଗେ ବୃଦ୍ଧାଙ୍କ ସ୍ୱାମୀ ଓ ଗ୍ରାମର କିଛି ଯୁବକ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଆସିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ବାଲେଶ୍ୱର ଡାକ୍ତରଖାନାରେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିଲା। ଘଟଣା ନେଇ ବୃଦ୍ଧାଙ୍କ ସ୍ୱାମୀ ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଭୋଗରାଇ ପୁଲିସ ତଦନ୍ତ ଚଳାଇଛି।

# ୧୯ରେ ହେବ ଝୋଟି ପ୍ରତିଯୋଗିତା

ବାଲେଶ୍ୱର, ୧୬।୧୨(ସମିସ): ସ୍ଥାନୀୟ ନୃତ୍ୟ ସଂଗୀତ କଳାମନ୍ଦିର ପରିସରରେ ଉତ୍କଳୀୟ ଝୋଟି ପ୍ରତିଷ୍ଠାନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱରର ସମସ୍ତ ମହିଳାମାନଙ୍କୁ ସଚେତନ କରିବା ସହ ଓଡ଼ିଆ ପରମ୍ପରାକୁ ରକ୍ଷା କରିବା ଉଦ୍ଦେଶ୍ୟରେ ମାର୍ଗଶୀର ମାସରେ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ମଧ ଏହି ଝୋଟି ପ୍ରତିଯୋଗିତା ଆସନ୍ତା ୧୯ ତାରିଖ ଗୁରୁବାର ଦିନ ଅନୁଷ୍ଠିତ ହେବ। ଚଳିତ ବର୍ଷ ଏହି ପ୍ରତିଯୋଗିତାକୁ ପୁଲିସ ଲାଇନ ଛକ ଠାରୁ ଆଇଟିଆଇ ଛକ ପର୍ଯ୍ୟନ୍ତ କରାଯିବାକୁ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସହମତି ପ୍ରଦାନ କରିଛନ୍ତି। ପ୍ରତିଷ୍ଠାନର ସଭାନେତ୍ରୀ ଅଞ୍ଜଳୀ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ସାଧାରଣ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଉପଦେଷ୍ଟା କେଶୁ ଦାସ, ଉପ ସଭାନେତ୍ରୀ ଗିରିଜା ମିଶ୍ର, ଉର୍ମିଳା ଦାସ, କୋଷାଧକ୍ଷ ସସ୍ମିତା ମିଶ୍ରଙ୍କ ସମେତ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଜୟଶ୍ରୀ ସାହୁ, ବାଣୀ ଦାସ, ମିନତୀ ସେଠୀ, ସୁନାମଣୀ ଜେନା, ଅପର୍ଣ୍ଣା ପରିଡ଼ା, ସୁବ୍ରତା ମହାନ୍ତି, ସରସ୍ୱତୀ ପଣ୍ଡା, ସଞ୍ଜୁଲତା ବେହେରା, ସୁଧାକର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

● ଜିଲ୍ଲା ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ

# କ୍ରୀଡ଼ା ଛାତ୍ରାବାସ ଚାମ୍ପିଅନ



ବାଲେଶ୍ୱର, ୧୬।୧୨(ସମିସ): ଜିଲ୍ଲା କ୍ରୀଡା ସଂଘ ଆନୁକୂଲ୍ୟରେ ବାର୍ଷିକ ଭଲିବଲ ପ୍ରତିଯୋଗିତା ସ୍ଥାନୀୟ ପରମିଟ୍ ପଡ଼ିଆଠାରେ ଉଦଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା କ୍ରୀଡା ସଂଘ ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା ସଭାପତିତ୍ୱ କରିଥିଲେ। କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ବାଲେଶ୍ୱର ଜିଲ୍ଲାକୁ ଭଲିବଲ ଖେଳରେ ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ ପ୍ରେରଣା ଦେଇଥିଲେ। ଏହି ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ପ୍ରଧାପକ ଡ. ସଞ୍ଜୟ କୁମାର ଦେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡା ସଂଘ ଯୁଗ୍ମସମ୍ପାଦକ (ଭଲିବଲ) ଜନ୍ମେଜୟ ଦେ ପ୍ରତିଯୋଗିତା ପରିଚାଳନା କରିଥିଲେ। ଉପସଭାପତି ଜଗଦିଶ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଖେଳରେ ଚାମ୍ପିଅନ ବାଲେଶ୍ୱର କ୍ରୀଡା ଛାତ୍ରାବାସ ଦଳ ଏବଂ ରନର୍ସଅପ ଜାମକୁଣ୍ଡା ଦଳକୁ ଟ୍ରଫି ସହିତ ନଗଦ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଖେଳ ପରିଚାଳନା କରିବା ପାଇଁ ଧନଞ୍ଜୟ ତ୍ରିପାଠୀ, କମଳାକାନ୍ତ ବେହେରା, ଚାରୁଚନ୍ଦ୍ର ନାୟକ, ମାନସ ରଂଜନ ମିଶ୍ର, କାମିନୀକାନ୍ତ ଜେନା, ରବୀନ୍ଦ୍ର ନାଥ ଖଟୁଆ, ହିମାଦ୍ରୀ ମଣ୍ଡଳ, ଅବିନାଶ ଜେନା, ରଂଜନ କୁମାର ସାହୁ, ବସୁମତୀ ଭୂୟାଙ୍କୁ ଜିଲ୍ଲା କ୍ରୀଡା ସଂଘ ତରଫରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲ।

## ବାବା ମୁକ୍ତେଶ୍ୱର ସର୍ବଭାରତୀୟ କ୍ରିକେଟ

# ଝାଡ଼ଖଣ୍ଡକୁ ହରାଇ ଗଞ୍ଜାମ ଚାମ୍ପିଅନ

ସୋର, ୧୬।୧୨(ସମିସ)




ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଗୁଠୁଣା ପଡ଼ିଆରେ ବାବା ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସପ୍ତମ ମୁକ୍ତେଶ୍ୱର କପ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚରେ ଟାଟା ଜାମସେଦପୁର ଇଲେଭେନ, ଝାଡ଼ଖଣ୍ଡକୁ ହରାଇ ୟୁନାଇଟେଡ୍ ଇଲେଭେନ ଗଞ୍ଜାମ ଚାମ୍ପିଅନ ହୋଇଛି। ଝାଡ଼ଖଣ୍ଡ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୫ ଓଭର୍‌ରେ ୯ ୱିକେଟ ହରାଇ ୧୫୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅମନ କୁମାର ୨୨ ଟି ବଲ ଖେଳି ୨୯ ରନ ଏବଂ କଲେଶ୍ୱର ଗୋପୀ ୨୬ ଟି ବଲ ଖେଳି ୨୭ ରନ ସଂଗ୍ରହ କରିଥିଲେ। ଜବାବରେ ଗଞ୍ଜାମ ଦଳ ୧୮.୫ ଓଭରରେ ୬ ୱିକେଟ ହରାଇ ୧୫୮ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଦଳ ପକ୍ଷରୁ ଚକ୍ରଧର ୨୬ ବଲରେ ୩୪ ରନ, ପ୍ରବୀନ କୁମାର ୩୯ ବଲରେ ୫୬ ରନ ସଂଗ୍ରହ କରିଥିଲେ। ପ୍ରବୀନ କୁମାରଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଗଞ୍ଜାମର ଅଲରାଉଣ୍ଡର ପ୍ରକାଶ ବାରିକଙ୍କୁ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଘୋଷଣା କରାଯାଇଥିଲା। ଏଥି ସହିତ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ବୋଲର ଭାବେ ଝାଡ଼ଖଣ୍ଡର ବୋଲର ଶିବମ କ୍ରିଷ୍ଣା, ଶ୍ରେଷ୍ଠ ବ୍ୟାଟର ଭାବେ ଝାଡ଼ଖଣ୍ଡ ଟିମ୍‌ର ଅମନ କୁମାର ଏବଂ ଶ୍ରେଷ୍ଠ ଫିଲଡର ଭାବେ ଗଞ୍ଜାମର ତାପସ ରାଉତଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା, ସମ୍ମାନିତ ଅତିଥିଭାବେ ସରପଞ୍ଚ ଗଦାଧର ମହାପାତ୍ର, ପୂର୍ବତନ ସରପଞ୍ଚ ଗଜେନ୍ଦ୍ର ପ୍ରସାଦ ନାୟକ, ବାଗୁଡ଼ି ହସ୍ପିଟାଲର ଡାକ୍ତର ଲକ୍ଷ୍ମୀ ପ୍ରସାଦ ରାଉତ, ସୋର ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର, ବାଗୁଡ଼ି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ବେହେରା, ବିଶିଷ୍ଟ ଶିଳ୍ପପତି ସଂଗ୍ରାମ କେଶରୀ ପଟ୍ଟନାୟକ, ଗଜେନ୍ଦ୍ର ପ୍ରଧାନ ଏବଂ ଆଦିକନ୍ଦ ନାୟକ, ପ୍ରଦୀପ୍ତ ପାଳ ଯୋଗଦେଇ ପୁରସ୍କାର ପ୍ରଦାନ କରିଥଲେ। ଆଜିର ମ୍ୟାଚକୁ ଓସିଏ ପ୍ୟାନେଲ ଅମ୍ପାୟାର ରାଜୀବ ପାତ୍ର ଏବଂ ଅଶ୍ୱିନୀ ସାମଲ ପରିଚାଳନା କରିଥିଲେ। ସ୍କୋରର ଭାବେ ଥିଲେ ନରେଶ ନାୟକ, ରାକେଶ ରାଉତ, ଦିବ୍ୟଜ୍ୟୋତି ନାୟକ ଏବଂ ସନ୍ତୋଷ ମହାନ୍ତି ଓ ଭାଷ୍ୟକାର ଥିଲେ ଯଦୁନାଥ ନାୟକ, କାସିମ ଖାନ ଏବଂ ରସିଦ ଖାନ। ମୁକ୍ତେଶ୍ୱର କ୍ଲବର ସଦସ୍ୟ ସୁଶାନ୍ତ ସାହୁ, ବିଶ୍ୱରଂଜନ ପ୍ରଧାନ, ସୁରେନ୍ଦ୍ର ବେହେରା, ଗୋପୀନାଥ ପ୍ରଧାନ, ରମେଶ ବେହେରା, ହରିଚନ୍ଦ୍ର ଜେନା, ରଞ୍ଜନ ମହାନ୍ତି, କୈଳାସ ପ୍ରଧାନ, ଯୋଗେନ୍ଦ୍ର ମହାନ୍ତି, ଶ୍ରୀକାନ୍ତ ସାହୁ, ମାନସ ଜେନା ଓ ଗଦାଧର ବିଶ୍ୱାଳ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

ବରୀ ବ୍ଲକରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୭୦ଟି ଅଭିଯୋଗର ତତ୍କାଳ ସମାଧାନ

ଯାଜପୁର, ୧୬ ।୧୨(ସମିସ)



ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ବରୀ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ଏହି ଅଭିଯୋଗ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି, ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ଶିବିରରେ ୭୦ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଛି।

ଆଜି ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି ଶିବିରରେ ମୋଟ ୧୦୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରେ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୦ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୩ ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୫୪ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏଥିରୁ ୭୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଯଶପ୍ରତାପ ଶ୍ରୀମାଲ୍, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ଅଶୋକ କୁମାର ବେହୁରିଆ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଶିବାଶିଷ ମହାରଣା, ଉପଜିଲ୍ଲାପାଳ ଅଂଶୁମାନ ଶତପଥୀ, ବରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

୨୦୧୮ ରେ କ୍ୟାବିନେଟ୍ ମଞ୍ଜୁରୀ, ୨୦୨୧ରେ ଅନୁମୋଦନ

# ଚଣ୍ଡୀଖୋଲ ଭୂତଳ ପେଟ୍ରୋଲିୟମ ଭଣ୍ଡାର ବିଳମ୍ବିତ

**ଭୁବନେଶ୍ୱର, ୧୬ ।୧୨(ସମିସ) :** ଓଡ଼ିଶାର ଚଣ୍ଡୀଖୋଲ ନିକଟରେ ଭୂତଳ ପେଟ୍ରୋଲିୟମ ଭଣ୍ଡାର ସ୍ଥାପନ ପାଇଁ କେନ୍ଦ୍ରରେ ସରକାର ଗଠନର ପ୍ରଥମ ପାଳିରେ ଘୋଷଣା କରିଥିଲେ। ୨୦୧୮ ଜୁନ୍ ୨୭ ତାରିଖରେ କେନ୍ଦ୍ର କ୍ୟାବିନେଟ୍‌ରେ ଚଣ୍ଡୀଖୋଲରେ ୪ ନିୟୁତ ଟନ୍ ପେଟ୍ରୋଲିୟମ ଭଣ୍ଡାର (ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ) ସ୍ଥାପନକୁ ମଞ୍ଜୁରୀ ମିଳିଥିଲା। ସେହିପରି କର୍ଣ୍ଣାଟକରେ ଅନ୍ୟଏକ ୨.୫ ନିୟୁତ ଟନ୍ ପେଟ୍ରୋଲିୟମ ଭଣ୍ଡାର ସ୍ଥାପନ ପ୍ରସ୍ତାବ ରହିଥିଲା। ୨୦୨୧ ଜୁଲାଇ ମାସରେ ଏହି ଦୁଇ ପ୍ରକଳ୍ପକୁ ପିପିପି ମୋଡ଼ରେ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ଅନୁମୋଦନ ଦେଲେ। ମାତ୍ର କ୍ୟାବିନେଟ୍ ମଞ୍ଜୁରୀର ୬ ବର୍ଷ ଓ ପିପିପି ମୋଡ୍‌ରେ ପରିଚାଳନା ପ୍ରସ୍ତାବ ଅନୁମୋଦନର ୩ ବର୍ଷ ପରେ ମଧ୍ୟ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ। ଏହାକୁ ନେଇ ରାଜ୍ୟସଭାରେ କେନ୍ଦ୍ର ସରକାରଙ୍କଠାରୁ ଉତ୍ତର ଲୋଡ଼ିଛନ୍ତି ବିଜେଡିର ୩ ସାଂସଦ ମାନସ ମଙ୍ଗରାଜ, ଡ଼. ସସ୍ମିତ ପାତ୍ର ଓ ମୁନ୍ନା ଖାଁ। ପ୍ରକଳ୍ପର ସବିଶେଷ ବିବରଣୀ ଲୋଡ଼ିବା ସହ ଏହା ଜିଲ୍ଲାର ଅର୍ଥନୀତିକୁ କିପରି ଲାଭ ପହଞ୍ଚାଇବ ଓ ଏହାର ପରିବେଶ ପ୍ରଭାବ କ'ଣ ରହିବ ତାହାକୁ ନେଇ ସେମାନେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି।

ବିଜେଡି ସାଂସଦମାନଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ପେଟ୍ରୋଲିୟମ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ କହିଛନ୍ତି ଯେ କେନ୍ଦ୍ର ସରକାର ଦୁଇଟି ଅତିରିକ୍ତ ପେଟ୍ରୋଲିୟମ୍ ରିଜର୍ଭ ପ୍ରତିଷ୍ଠା କରିବାକୁ ଜୁଲାଇ ୨୦୨୧ରେ ଅନୁମୋଦନ ଦେଇଛନ୍ତି। ଯାଜପୁର ଜିଲ୍ଲା ଚଣ୍ଡିଖୋଲ ସ୍ଥିତ ଡଙ୍କାରୀରେ ୪ ଏମ୍ଏମ୍‌ଟି ସଂରକ୍ଷଣ କ୍ଷମତା ବିଶିଷ୍ଟ ପେଟ୍ରୋଲିୟମ୍ ରିଜର୍ଭ ସ୍ଥାପନ ପ୍ରସ୍ତାବ ରହିଛି ଓ ଏହାକୁ ପିପିପି ମୋଡ୍‌ରେ ପରିଚାଳନା କରାଯିବ। ପେଟ୍ରୋଲିୟମ୍ ରିଜର୍ଭ ପ୍ରତିଷ୍ଠା ହେବା ଦ୍ୱାରା ରାଜ୍ୟର ଜିଡିପି ଅଭିବୃଦ୍ଧି ହେବ। ଏହାର ପ୍ରକଳ୍ପରେ ୭ହଜାର କୋଟି ବ୍ୟୟ ହେବ। ଆଇଏସ୍‌ପିଆର୍‌ଏଲ୍ ପକ୍ଷରୁ ଯାଜପୁର ଜିଲ୍ଲା ଚଣ୍ଡିଖୋଲ ପ୍ରକଳ୍ପର ଡ୍ରିପିଆର ପ୍ରସ୍ତୁତି କରାଯାଇଛି। ଭାରତୀୟ ପରିବେଶ ଇଞ୍ଜିନିୟରିଂ ଅନୁସନ୍ଧାନ ଅନୁଷ୍ଠାନ(ଏନ୍ଇଇଆରଆଇ) ଏହି ପ୍ରକଳ୍ପର ପରିବେଶ ପ୍ରଭାବ ଆକଳନ କରିଛନ୍ତି। ରାଜ୍ୟ ସରକାର ଡିସେମ୍ବର ୨୦୨୨ରେ ପ୍ରକଳ୍ପ ପାଇଁ ଅନ୍ୟ ଏକ ସ୍ଥାନ ଅନୁସନ୍ଧାନ କରିବାକୁ ଆଇଏସ୍‌ପିଆର୍‌ଏଲ୍‌କୁ ଅନୁରୋଧ କରିଥିଲେ। ଏହା ଦ୍ୱାରା ପ୍ରକଳ୍ପରେ ବିଳମ୍ବ ହେବା ସମ୍ଭାବନା ଥିବାରୁ ପୂର୍ବ ଚିହ୍ନିତ ସ୍ଥାନରେ ପ୍ରକଳ୍ପ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ପ୍ରକଳ୍ପର ନିର୍ମାଣ ସମୟରେ ରାଜ୍ୟରେ ଦୈନିକ ୪ହଜାର ଓ କାର୍ଯ୍ୟକ୍ଷମ ହେଲେ ଦୈନିକ୧୫୦ ଲୋକ କାମ ପାଇବେ ବୋଲି ଶ୍ରୀ ଗୋପୀ ଉତ୍ତର ରଖିଛନ୍ତି।

**ସଂସଦରେ ଉଠିଲା ଯାଜପୁରରେ ଭୂତଳ ପେଟ୍ରୋଲିୟମ ଭଣ୍ଡାର ପ୍ରକଳ୍ପ ପ୍ରସଙ୍ଗ**

# ଯୋଗ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ



**ଯାଜପୁର, ୧୬।୧୨(ସମିସ):** ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ସ୍ୱୀକୃତିକ୍ରମେ କୁସୁମା ନିକଟସ୍ଥ ଇନ୍‌ଡୋର ଷ୍ଟାଡ଼ିୟମ୍ ପରିସରରେ ନିତ୍ୟ ଯୋଗ ସାଧନ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଯୋଗ ପ୍ରଚାର ସମିତି ସଭାପତି ସୁବାସ ଚନ୍ଦ୍ର ତ୍ରିପାଠୀ ଓ ସମ୍ପାଦକ ପ୍ରବୋଧ ନାୟକ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଆଜି ପ୍ରାତଃ ୫.୩୦ ମିନିଟ୍ ସମୟରେ ଯୋଗ ଗୁରୁ ମନ୍ମଥ ସାମଲ, ଗୋପୀନାଥ ସେଠୀ, ଇଂ ସରୋଜ ଜେନା ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସତ୍ୟ ମହାନ୍ତି, ଦେବେନ୍ଦ୍ର ପତି, ପ୍ରାଚୀ ରଥ, ମଧୁସ୍ମିତା ରଥ, ବିଜୟଲକ୍ଷ୍ମୀ ସାହୁ, ନମିତା ସାହୁ, ଅଜୟ ସାମଲ, ଆନନ୍ଦ ସାହୁ, ଦେବେନ୍ଦ୍ର ସେଠୀ, ଅନନ୍ତ ମହାରଣା, ହୃଷିକେଶ ନାଥ, ଶ୍ରୀନିବାସ ସାହୁ, ସୁରେନ୍ଦ୍ର ମିଶ୍ର, କୋବିନ୍ଦ ଭବାନୀଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଯୋଗ ପ୍ରଶିକ୍ଷଣ କେନ୍ଦ୍ରରେ ଉପସ୍ଥିତ ରହି ବ୍ୟାୟାମ, ଯୋଗ, ପ୍ରାଣାୟମ୍ ଆଦି ଅଭ୍ୟାସ କରାଇଥିଲେ। ପରେ ଗାୟତୀ ଯଜ୍ଞ ସମ୍ପନ୍ନ କରାଯାଇଥିଲା। ଏହି ଯୋଗ ପ୍ରଶିକ୍ଷଣ କେନ୍ଦ୍ର ଦୀର୍ଘବର୍ଷ ଧରି ସଂସ୍କୃତି ଭବନ ପରିସରରେ ହୋଇଆସୁଥିବାବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଗାଭ୍ୟାସ କରିବା ପାଇଁ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠ ପ୍ରଦାନ କରାଯାଇଛି।

# ଲକ୍ଷ୍ମୀନାରାୟଣ ମନ୍ଦିରର ବାର୍ଷିକ ଉତ୍ସବ ଆରମ୍ଭ

**ଶଙ୍ଖଚିଲା, ୧୬।୧୨(ସମିସ) :** କୋରାଇ ବ୍ଲକ ଅନ୍ତର୍ଗତ ଖମଣ ପଞ୍ଚାୟତସ୍ଥ ଶଙ୍ଖଚିଲା ପୋଖରୀ କୂଳରେ ଶୋଭା ପାଉଥିବା ମହାପ୍ରଭୁ ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ମନ୍ଦିରର ବାର୍ଷିକ ପୂଜା ମହୋତ୍ସବ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଧନୁ ସଂକ୍ରାନ୍ତିଠାରୁ ଆଗାମୀ ୫ ଦିନ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନିଖିଳ କେଶବ ଚନ୍ଦ୍ର ଖୁଣ୍ଟିଆ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ଶ୍ରୀଧର ଦାସ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ରାଘବ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଆଲୋକ କୁମାର ଦାଶ ମଞ୍ଚ ସଞ୍ଚାଳନ କରିଥିଲେ। ସମ୍ପାଦକ ଅନନ୍ତ ଚରଣ ମଲ୍ଲିକ ସମ୍ପାଦକୀୟ ପାଠ ସହିତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଜିର ସାଂସ୍କୃତିକ



ଉତ୍କଳ ଅଣସଙ୍ଗଠିତ ଶ୍ରମିକ ସଂଗଠନର ବିଶିଷ୍ଟ ଶ୍ରମିକ ନେତା ତଥା ରାଜ୍ୟ ସଭାପତି ବିଦ୍ୟାଧର ମହାନ୍ତି, ସମ୍ମାନିତ ଅତିଥି ରାଜ୍ୟ ମହିଳା କଂଗ୍ରେସର ପୂର୍ବତନ ସଭାପତି ତଥା ବ୍ୟାସନଗର ମ୍ୟୁନିସିପାଲଟିର ପୂର୍ବତନ ଅଧ୍ୟକ୍ଷ କୋରାଇ ବିଧାୟକ ପ୍ରାର୍ଥୀ ବନ୍ଦିତା ପରିଡ଼ା, ଓଡ଼ିଶା ଟ୍ୟାକ୍ସ ବାର୍ ଆସୋସିଏସନ୍‌ର ଯାଜପୁର ଜିଲ୍ଲା ସଭାପତି ବିବେକାନନ୍ଦ ମହାନ୍ତି, କୋରାଇ ବ୍ଲକ କଂଗ୍ରେସ କମିଟି ସଭାପତି ଅକ୍ଷୟ ଜେନା, ବିଶିଷ୍ଟ ସମାଜସେବୀ ତଥା ଛୋଟରାୟପୁର ଗ୍ରାମର ସମାଜସେବୀ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ ଗୁରୁ ବୈକୁଣ୍ଠ ନନ୍ଦଙ୍କର ଓଡ଼ିଶୀ ନୃତ୍ୟ ଦଳ ତରଫରୁ ଓଡ଼ିଶୀ ନୃତ୍ୟ ଓ ରାଧା ମାଧବ ଡ୍ୟାନ୍ସ ଗ୍ରୁପ ତରଫରୁ ଡ୍ୟାନ୍ସ ଡ୍ୟାନ୍ସ କାର୍ଯ୍ୟକ୍ରମ ହୋଇଥିଲା। ଅନୁଷ୍ଠାନର ବରିଷ୍ଠ ସଭ୍ୟ ପ୍ରଭାତ ପଥାଳ, ଅରୁଣ ସାହୁ, ରଘୁନାଥ ପାଣିଗ୍ରାହୀ, ଗଜେନ୍ଦ୍ର ମହାକୁଡ଼, ଅକ୍ଷୟ କୁମାର ଗୁରୁ, ସୁରେନ୍ଦ୍ର ନାୟକ, ଅଶୋକ କୁମାର ନାୟକ, ପ୍ରସନ୍ନ ସ୍ୱାଇଁ ପ୍ରମୁଖ ବିଶେଷ ସହଯୋଗ କରିଥିଲେ। ଶେଷରେ ଅନୁଷ୍ଠାନର ବରିଷ୍ଠ ସଭ୍ୟ ଧନେଶ୍ୱର ନାଥ ଧନ୍ୟବାଦ ଦେଇଥିଲେ।

ଚିତାଲୋ ମହାବିଦ୍ୟାଳୟରେ ଏନ୍‌ସିସିର ବାର୍ଷିକ ଉତ୍ସବ

# ଜାତୀୟ ସଂହତି ଓ ରାଷ୍ଟ୍ରୀୟ ଏକତା ବଜାୟ ରଖିବାକୁ ଆହ୍ୱାନ

**ଦଶରଥପୁର, ୧୬।୧୨ (ସମିସ):** ସମାଜ ସେବାକୁ ସ୍ୱେଚ୍ଛାକୃତ କାର୍ଯ୍ୟ ଭାବେ ଗଢ଼ିତୋଳିବାକୁ ଜାତୀୟ ସେବା ଯୋଜନା (ଏନ୍‌ସିସି)ର ଶୁଭାରମ୍ଭ ହୋଇଥିଲା। ଏନ୍‌ସିସି ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱର ବିକାଶ ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ଏହି ଯୋଜନାରେ ନିଜ ପାଇଁ ନୁହେଁ, ବରଂ ଜାତୀୟ ସଂହତି ଓ ରାଷ୍ଟ୍ରୀୟ ଏକତାରେ ସମ୍ପର୍କକୁ ଜାଣିବା, ଗଣତାନ୍ତ୍ରିକ ନେତୃତ୍ୱ ଓ ଚିନ୍ତାଧାର ସୃଷ୍ଟି କରି ରାଷ୍ଟ୍ରୀୟତା ଓ ସାମାଜିକ ଏକତା ପାଇଁ କାର୍ଯ୍ୟ କରିବା ହେଉଛି ଏହି ଯୋଜନାର ମୂଳଲକ୍ଷ୍ୟ ବୋଲି ଦଶରଥପୁର ବ୍ଲକ ଚିତାଲୋ ଡିଗ୍ରୀ ମହାବିଦ୍ୟାଳୟରେ ଅନୁଷ୍ଠିତ ମହାବିଦ୍ୟାଳୟ ସ୍ତରୀୟ ଏନ୍‌ସିସି ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।



ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଅଦୈତ ପ୍ରସାଦ ମଲ୍ଲିକ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ଭଦ୍ରକ ବାଟାଲିୟନର କାମାଣ୍ଡିଂ ଅଧିକାରୀ କର୍ଣ୍ଣେଲ ଏସଏସ୍ ରଘୁବଂଶୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଯାଜପୁର ଟାଉନ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି କର୍ଣ୍ଣାଟକେଶରୀ ଦାସ ଓ ମହାବିଦ୍ୟାଳୟ ଏନ୍‌ସିସି ଅଧିକାରୀ ପ୍ରଭାତ ରଞ୍ଜନ ଦୀକ୍ଷିତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଶୃଙ୍ଖଳିତ ତଥା ଉଜ୍ଜ୍ୱଳମୟ ଭବିଷ୍ୟତ ଗଠନରେ ଏନ୍‌ସିସିର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀ ବିଭିନ୍ନ ପ୍ରକାରର ରଣକୌଶଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବାବେଳେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିକ୍ରମାଦିତ୍ୟ ଫାଉଣ୍ଡେସନର ପୁରସ୍କାର ପ୍ରଦାନ ଉତ୍ସବ



**ଜାରକା, ୧୬ ।୧୨(ସମିସ):** ଧର୍ମଶାଳା ବ୍ଲକ ମିର୍ଜାପୁର ସରକାରୀ ହାଇସ୍କୁଲ ପରିସରରେ ସୋମବାର ଅପରାହ୍ନରେ ବିକ୍ରମାଦିତ୍ୟ ଫାଉଣ୍ଡେସନ ପକ୍ଷରୁ ପ୍ରତିଭା ଅନ୍ୱେଷଣ ଓ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ସ୍ତମ୍ଭକାର ଡଃ ପୁରୁଷୋତ୍ତମ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଡ. ଅଜୟ କୁମାର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍କୁଲର ପ୍ରଧାନଶିକ୍ଷକ ହରିହର ରଥ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ଛାତ୍ରଛାତ୍ରୀ କଠିନ ପରିଶ୍ରମ କରି ଭଲ ମଣିଷ ହୋଇପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବ୍ରଜକିଶୋର ଦାଶ, ପ୍ରସନ୍ନ ପାଣିଗ୍ରାହୀ ଓ ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ ଯୋଗଦେଇ ଫାଉଣ୍ଡେସନର କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ଆଦର୍ଶ ଶିକ୍ଷୟିତ୍ରୀ ସୟଦା ଅମ୍ବାରିନ କାଦ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସେହିପରି ଅନୁଷ୍ଠାନ ପକ୍ଷରୁ କବି ସୁଶ୍ରୀ କଳ୍ପନା ପଣ୍ଡା ଓ ଦେବାଶିଷ ମିଶ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏ ଅବସରରେ 'ଶିକ୍ଷାର ବିକାଶରେ ରାଷ୍ଟ୍ରର ବିକାଶ' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ପ୍ରିୟଦର୍ଶିନୀ ଜେନା ଓ ପ୍ରଜ୍ଞା ଜେନା ଆଲୋଚନାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିଲେ। ଏଥିସହ ସୂର୍ଯ୍ୟସେନ ଦାସମହାପାତ୍ର, ସୌମ୍ୟରଞ୍ଜନ ବେହେରା, ପ୍ରିୟଙ୍କା ପ୍ରିୟଦର୍ଶିନୀ ସିଂ, ସ୍ୱର୍ଣ୍ଣଲକ୍ଷ୍ମୀ ସାହୁ ଓ ସାଇ ସ୍ୱରୁପ ନାୟକ ପ୍ରମୁଖଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ଶ୍ରୀମତୀ କାଦ୍ରୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସ୍ମିତାରାଣୀ ମହାପାତ୍ର ବିବରଣୀ ପାଠ କରିଥିଲେ। ଛାତ୍ରୀ ପ୍ରଜ୍ଞା ଜେନା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ସ୍କୁଲର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସାମାଜିକ କର୍ମୀ ଦେବବ୍ରତ ରାଉତ ଧନ୍ୟବାଦ ଦେଇଥିଲେ।

## ବଡ଼କଇଁଚି ପଞ୍ଚାୟତରେ ଜନଶୁଣାଣି ଶିବିର

**କୁଆଖିଆ, ୧୬ ।୧୨(ସମିସ):** ରସୁଲପୁର ବ୍ଲକର ବଡ଼କଇଁଚି ପଞ୍ଚାୟତରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ ଘଟିକାରୁ ଆରମ୍ଭ ହୋଇ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ଶିବିର ଚାଲିଥିବାବେଳେ ଏଥିରେ ଆବାସ ଯୋଜନାରେ ୮୫ଟି, ଗ୍ରାମ୍ୟ ଜଳଯୋଗାଣରେ ୨୫ଟି, ରାସନ କାର୍ଡ ୨୮ ଟି ଓ ଅନ୍ୟାନ୍ୟ ସମ୍ପର୍କରେ ୨୧ଟି ଅଭିଯୋଗ ହୋଇଥିଲା। ସରପଞ୍ଚ ଅଶୋକ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଭାରପ୍ରାପ୍ତ ବିଡିଓ ନିରଞ୍ଜନ ସାହୁ, ଅତିରିକ୍ତ ବିଡିଓ ସୂର୍ଯ୍ୟକାନ୍ତୀ ମିଶ୍ର, ଯନ୍ତ୍ରୀ ସୋନାଲି ଧଳ, ଗ୍ରାମ ସେବକ ସତ୍ୟଜିତ ରାଉତ, ସମିତି ସଭ୍ୟ ସୌମ୍ୟରଞ୍ଜନ ରାଉତଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବାନରା ସେବା ଫାଉଣ୍ଡେସନ ପକ୍ଷରୁ ଶୀତବସ୍ତ୍ର ଓ ପାଠ୍ୟ ଉପକରଣ ବଣ୍ଟନ

**ସୁକିନ୍ଦା, ୧୬ ।୧୨(ସମିସ):** ସୁକିନ୍ଦାସ୍ଥ ବାନରା ସେବା ଫାଉଣ୍ଡେସନ ପକ୍ଷରୁ ସଂସାଇଲୋ ପଞ୍ଚାୟତ ଅଧୀନ ନାକଦେଇ ଗ୍ରାମର ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର, କମ୍ବଳ ଓ ଅଙ୍ଗନବାଡ଼ି ପିଲାଙ୍କୁ ପାଠ୍ୟ ଉପକରଣ ଓ ପାଠ୍ୟପୁସ୍ତକ ବଣ୍ଟନ କରାଯାଇଛି। ସମ୍ପୃକ୍ତ ଅଞ୍ଚଳ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ସେମାନଙ୍କୁ ପଢ଼ିବାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ସଂଗଠନ ପକ୍ଷରୁ ଅନେକ ପ୍ରକାରର ପ୍ରୟାସ ଜାରି ରହିଛି। ଏ ଅଞ୍ଚଳର ଅଧିବାସୀଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଶିକ୍ଷିତ ଯୁବକ/ଯୁବତୀଙ୍କୁ ପ୍ରତିରକ୍ଷା ଓ ଅଗ୍ନିକ ସେବାରେ ଚାକିରି କରାଇବା ଲକ୍ଷ୍ୟରେ ସଂଗଠନ ପକ୍ଷରୁ ସୁକିନ୍ଦା ଡିଫେନ୍ସ ଫିଜିକାଲ ଏକାଡେମୀ ନାମରେ ଏକ ତାଲିମ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଯେଉଁଠାରେ ସେମାନଙ୍କୁ ଅତି କମ୍ ମୂଲ୍ୟରେ ଖାଇବା ଓ ରହିବାର ସୁବିଧା ସହ ଶାରୀରିକ ଓ ଲିଖିତ ପରୀକ୍ଷା ପାଇଁ ତାଲିମ ପ୍ରଦାନ କରାଯାଉଛି। ଗତ ତିନିବର୍ଷ ମଧ୍ୟରେ ସେଠାରେ ରହୁଥିବା ୧୫ରୁ ଉର୍ଦ୍ଧ୍ୱରୁ ଅନ୍ତେବାସୀ ବିଭିନ୍ନ ବିଭାଗରେ ନିଯୁକ୍ତି ପାଇବାରେ ସଫଳ ହୋଇଥିବା ଜଣାପଡ଼ିଛି। ସଂଗଠନର ସଭାପତି ଜଙ୍ଗ ବାନରା, ସମ୍ପାଦକ ସାଙ୍ଗରାଏ ବାନରା, ଯୋଗେନ୍ଦ୍ର ବାନରା, ଯାଦବ ହେମ୍ବ୍ରମ, ବିଜୟ ବାନରା, ଡିବୁରୁ ହେମ୍ବ୍ରମ, ଅଙ୍ଗନବାଡ଼ି ଦିଦି ସରସ୍ୱତୀ ଜାରିକା, ସ୍ଥାନୀୟ ସରପଞ୍ଚ ମନମୋହନ ସିଂ ବାନରାଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଗଜ ଉଦ୍ଧାରଣ ପୂଜା ଆରମ୍ଭ

**ଜାରକା, ୧୬ ।୧୨( ସମିସ):** ଧର୍ମଶାଳା ବ୍ଲକ ଜାରକାଠାରେ ଆଜି ଧନୁସଂକ୍ରାନ୍ତିରେ ପ୍ରସିଦ୍ଧ ଲକ୍ଷ୍ମୀନାରାୟଣ (ଗଜ ଉଦ୍ଧାରଣ) ପୂଜା ଆରମ୍ଭ ହୋଇଛି। ପୂଜା ମଣ୍ଡପରେ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟୀ ମୂର୍ତ୍ତି ସାଙ୍ଗକୁ ବିଭିନ୍ନ ପୌରାଣିକ ମୂର୍ତ୍ତି ପ୍ରତିଷ୍ଠା କରାଯାଇ ଆଜିଠାରୁ ପୂଜା ଆରମ୍ଭ ହୋଇଛି। ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ଆୟୋଜିତ ଏହି ପୂଜାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ



ପଣ୍ଡା କର୍ତ୍ତା ଅଛନ୍ତି। ଆଜି ସକାଳୁ ନଦୀରୁ ଜଳ ଅଣାଯାଇ ମଣ୍ଡପରେ କଳସ ପ୍ରତିଷ୍ଠା କରାଯାଇ ରୀତିନୀତି ଅନୁଯାୟୀ ପୂଜା କରାଯାଇଥିଲା। ଏହି ପୂଜା ଅବସରରେ ଆସନ୍ତା ୨୫ ତାରିଖରେ ଧର୍ମଶାଳା ମହୋତ୍ସବ ଆରମ୍ଭ ହେବାକୁ ଥିବାବେଳେ ମଣ୍ଡପରେ ଠାକୁର ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ରହି ୬ ତାରିଖରେ ଭସାଣ ଉତ୍ସବ ଅନୁଷ୍ଠିତ ହେବ। ପୂଜାର ପ୍ରଥମ ସନ୍ଧ୍ୟାରେ ବଣ୍ଟୁ ଗ୍ରାମର କୀର୍ତ୍ତନମଣ୍ଡଳୀ ଭଜନ ପରିବେଷଣ କରିଥିଲେ। ସେହିପରି ୨୪ ତାରିଖ ପର୍ଯ୍ୟନ୍ତ ମଣ୍ଡପ ନିକଟରେ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପୂଜା ଅବସରରେ ମଣ୍ଡପ ସମ୍ମୁଖରେ ସୁଉଚ୍ଚ ତୋରଣ କରାଯାଇଥିବାବେଳେ ରଙ୍ଗିନ ଆଲୋକରେ ଜାରକା ବଜାର ଝଲସି ଉଠୁଛି। ତିନିଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଏହି ପୂଜା ଆସନ୍ତା ୧୮ ତରିଖ ବୁଧବାର ପୂର୍ଣ୍ଣାହୁତି କରାଯାଇ ବିସର୍ଜନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଆରମ୍ଭ ହେଲା କୁଆଖିଆ ଲକ୍ଷ୍ମୀନାରାୟଣ ପୂଜା

**କୁଆଖିଆ, ୧୬।୧୨(ସମିସ):** ରସୁଲପୁର ବ୍ଲକର କୁଆଖିଆଠାରେ ପ୍ରତିବର୍ଷ ଭଳି ଚଳିତବର୍ଷ ଲକ୍ଷ୍ମୀନାରାୟଣ ପୂଜା ଆଜିଠାରୁ ଆରମ୍ଭ ହୋଇଛି। ଅପରାହ୍ନରେ ସ୍ଥାନୀୟ ଓରାଳି ପୋଖରୀରେ ପବିତ୍ର ଘଟ କଳସ ବୁଡ଼ାଯାଇ ବିଶାଳ ଶୋଭାଯାତ୍ରାରେ କଳସ ବିମାନକୁ ପୂଜା ମଣ୍ଡପକୁ ଅଣାଯାଇଥିଲା। ସଂକୀର୍ତ୍ତନ, ଲଉଡିଖେଳ, ବାଜା, ବାଣ ପ୍ରଭୃତି



କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲା। ଆଜି ଲକ୍ଷ୍ମୀନାରାୟଣଙ୍କ ଚକ୍ଷୁଦାନ କରାଯାଇଛି। ଗତକାଲି ପୂଜା ଅଧିବାସ ସମ୍ପନ୍ନ ହୋଇଥିଲା। ଶ୍ୟାମସୁନ୍ଦର ସାହୁ କର୍ତ୍ତା ଭାବେ ଦାୟିତ୍ୱ ସମ୍ପନ୍ନ କରୁଥିବାବେଳେ ପଣ୍ଡିତ କେଶବ ଚନ୍ଦ୍ର ରଥ ଓ ବିଜୟ କେତନ ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ରଙ୍ଗୀନ ଆଲୋକ ମାଳାରେ ସମ୍ପୂର୍ଣ୍ଣ କୁଆଖିଆ ବଜାରକୁ ସଜ୍ଜିତ କରାଯାଇଛି। ପୂଜା ମଣ୍ଡପ ନିକଟରେ ସୁଦୃଶ୍ୟ ତୋରଣ ପ୍ରସ୍ତୁତ ହୋଇଛି। ଚଳିତ ବର୍ଷ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଅଧିକ ହେବ ବୋଲି ପୂଜା କମିଟି ସଭାପତି ବନୋଜ କୁମାର ସ୍ୱାଇଁ ଓ ସମ୍ପାଦକ ଅଶୋକ କୁମାର ବିଶ୍ୱାଳ କହିଛନ୍ତି।

# ଖରଡ଼ି ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ସୁକିନ୍ଦା, ୧୬ ।୧୨(ସମିସ):** ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଦ୍ୱାରା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଖରଡ଼ି ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ନିମନ୍ତେ ଶିଳାନ୍ୟାସ ହୋଇଯାଇଛି। ଏହି ପଞ୍ଚାୟତର ଦଲକି, ବରଡି ଓ ଖରଡ଼ି ବିଦ୍ୟାଳୟରେ ଶିଳାନ୍ୟାସ ହୋଇଯାଇଛି। ଶିଳାନ୍ୟାସ କାର୍ଯ୍ୟକ୍ରମ ପରେ ଖରଡ଼ି ଖେଳ ପଡ଼ିଆରେ ଅନୁଷ୍ଠିତ ସାଧାରଣ ସଭାରେ ମନ୍ତ୍ରୀ ଶ୍ରୀ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ଶିକ୍ଷାର ମାନ ବଢ଼ାଇବା ପାଇଁ ଆବଶ୍ୟକ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସୁକିନ୍ଦା ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ବିଶୁଦ୍ଧ ପାନୀୟଜଳ ଯୋଗାଣକୁ ବିଶେଷ ଗୁରୁତ୍ୱ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଆବଶ୍ୟକତା ପୂରଣ କରିବା ପାଇଁ ଏକ ଆଦର୍ଶ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଥିବା ଓ ଯଥାଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ କରାଯିବା ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

# ଶତାୟୁ ପୁରୁଷଙ୍କ ପରଲୋକ

**ବାଲିଚନ୍ଦ୍ରପୁର, ୧୬।୧୨(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଣକା ପଞ୍ଚାୟତ ଭୁଲୁକା ଗ୍ରାମର ଶତାୟୁ ପୁରୁଷ କ୍ଷୀରୋଦ ଚନ୍ଦ୍ର ଜେନା (୧୦୨)ଙ୍କ ରବିବାର ରାତିରେ ତାଙ୍କ ବାସଭବନରେ ପରଲୋକ ଘଟିଛି। ସ୍ୱର୍ଗତ ଜେନା ଦୀର୍ଘବର୍ଷ ଧରି ଘରୋଇ ଅମିନ ଭାବେ କାର୍ଯ୍ୟ କରୁଥିଲେ। ଆଜି ସକାଳେ ତାଙ୍କ ବିୟୋଗ ଖବର ପ୍ରଚାର ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ବିଧାୟକ ଅମର ନାୟକ, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, ସରପଞ୍ଚ ସମରେନ୍ଦ୍ର ମହାପାତ୍ର, ବ୍ରଜକିଶୋର ନାୟକ, ସର୍ବେଶ୍ୱର ମହାପାତ୍ର, ଗୟାଧର ମହାପାତ୍ର, ବାନାମ୍ବର ଲେଙ୍କା, ବିବେକାନନ୍ଦ ଜେନା ଓ ଈଶ୍ୱର ଚନ୍ଦ୍ର ଜେନା ପ୍ରମୁଖ ଶୋକ ପ୍ରକାଶ ପୂର୍ବକ ସ୍ୱର୍ଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ଟାଟା ଷ୍ଟିଲ୍ ଏଫ୍ଏଏମ୍‌ଡି ଏକ୍‌ଜିକ୍ୟୁଟିଭ୍ ଇନ୍‌ଚାର୍ଜଙ୍କୁ 'ନେଚର କେୟାର ଆୱାର୍ଡ'

କାଳିଆପାଣି, ୧୬ ।୧୨(ସମିସ)




ନୂଆଦିଲ୍ଲୀର କନଷ୍ଟିଚ୍ୟୁସନ କ୍ଲବ୍ ଅଫ୍ ଇଣ୍ଡିଆଠାରେ ନେଚର କେୟାର ଇନିସିଏଟିଭ୍ ପକ୍ଷରୁ ରବିବାର ଆୟୋଜିତ ଜାତୀୟ କନ୍‌କ୍ଲେଭ୍‌ରେ ଟାଟା ଷ୍ଟିଲ୍ ଫେରୋ ଆଲୟଜ୍ ଆଣ୍ଡ ମିନେରାଲ୍ ଡିଭିଜନ (ଏଫ୍ଏଏମ୍‌ଡି)ର ଏକ୍‌ଜିକ୍ୟୁଟିଭ୍ ଇନ୍‌ଚାର୍ଜ ପଙ୍କଜ ସତିଜାଙ୍କୁ ସମ୍ମାନଜନକ 'ନେଚର କେୟାର ଆୱାର୍ଡ' ସମ୍ମାନରେ ସମ୍ମାନିତ କରାଯାଇଛି। 'ଫ୍ୟୁଚର ଆର୍ଥ-ପିପୁଲ୍ସ ପାର୍ଟିସିପେସନ୍ ଇନ୍ କ୍ଲାଇମେଣ୍ଟ ରେଜିଲିଏନ୍ସ' ବିଷୟବସ୍ତୁ ଉପରେ ଆଧାରିତ ଏହି କନ୍‌କ୍ଲେଭରେ ସତିଜାଙ୍କୁ କର୍ପୋରେଟ ଲିଡର ଓ ସୋସିଆଲ ଥିଙ୍କର୍ ଭାବେ ସମ୍ମାନିତ କରାଯାଇଥିଲା। ଏହି କନ୍‌କ୍ଲେଭ୍‌ରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ କ୍ୟାବିନେଟ୍ ମନ୍ତ୍ରୀ ଭୂପେନ୍ଦର ଯାଦବ ଯୋଗଦେଇ ସତିଜାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଏ ଅବସରରେ ଲୋକସଭା ସାଂସଦ ସମ୍ବିତ ପାତ୍ର, ରାଜ୍ୟସଭା ସାଂସଦ (ନିର୍ବାଚିତ) ସୁଜିତ କୁମାର ଓ ପଦ୍ମଶ୍ରୀ ଶ୍ରୀମତୀ ଚାମି ମୁର୍ମୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏକ ସ୍ଥାୟୀ ଓ ସହନଶୀଳ ଭବିଷ୍ୟତ ପାଇଁ ଆଲୋଚନା ଓ ପଦକ୍ଷେପକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯେଉଁଥିରେ ଜଳବାୟୁ ପରିବର୍ତ୍ତନକୁ ଗ୍ରହଣ କରିବା ଓ ସମୁଦାୟିକ ସମ୍ପୃକ୍ତି ଉପରେ ସ୍ୱତନ୍ତ୍ର ଭାବେ ଗୁରୁତ୍ୱାରୋପ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପଙ୍କଜ ସତିଜା ସମ୍ମାନିତ ଅତିଥି ଓ ପ୍ୟାନେଲ୍ ବକ୍ତା ଭାବେ ଯୋଗଦେଇ ସହଯୋଗିତା ଜରିଆରେ ଜଳବାୟୁ ପରିବର୍ତ୍ତନର ମୁକାବିଲା ଓ ସ୍ଥାୟିତ୍ୱ ବୃଦ୍ଧିରେ ଶିଳ୍ପର ଭୂମିକା ଉପରେ ଆଲୋକପାତ କରିଥିଲେ। ନିଜ ଅଭିଭାଷଣରେ ଜଳାବାୟୁ ସ୍ଥାୟିତ୍ୱ ଅଭିଯାନରେ ସ୍ଥାନୀୟ ଗୋଷ୍ଠୀକୁ ସାମିଲ କରିବା ଉପରେ ସତିଜା ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ଏହି ପୁରସ୍କାର ଗ୍ରହଣ କରି ମୁଁ ଗଭୀର ଭାବେ କୃତଜ୍ଞ। ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଗ୍ରହଣ କରିବା ଦିଗରେ ସଚେତନତା ସୃଷ୍ଟି କରୁଥିବା ଭଳି କନ୍‌କ୍ଲେଭ୍ ଆୟୋଜନ କରିଥିବାରୁ ନେଚର୍ କେୟାର ଇନିସିଏଟିଭ୍‌କୁ ମୁଁ ଧନ୍ୟବାଦ ଜଣାଉଛି। ଆମ ଦେଶରେ ପାଣି ପଞ୍ଚାୟତରେ ଭଲ ସଫଳତା ଦେଖିବାକୁ ମିଳିଛି। ଶିଳ୍ପ ସମେତ ସମସ୍ତ ଅଂଶୀଦାରଙ୍କୁ ସାମିଲ କରି ଜଳବାୟୁ ପଞ୍ଚାୟତ ଓ ଶକ୍ତି ଗୋଷ୍ଠୀରେ ଆହୁରି ଭଲ ସଫଳତା ମିଳିବ ବୋଲି ମୁଁ ନିଶ୍ଚିତ। ଏହି କନ୍‌କ୍ଲେଭ୍‌ରେ ସଜ୍ଜନ ଶର୍ମା, ଶକ୍ତି ପ୍ରସାଦ ନାୟକ, ଶ୍ରୀକାନ୍ତ ଶେଖର ସାହୁ ଓ ସବନମ ଆଦେନିଙ୍କ ଭଳି ବିଶିଷ୍ଟ ପ୍ରକୃତି ପ୍ରେମୀ ଓ ପରିବେଶବିତ୍ ଭାଗ ନେଇଥିଲେ। ମିଳିତ ପଦକ୍ଷେପ ଜରିଆରେ ଜଳବାୟୁ ପରିବର୍ତ୍ତନର ସ୍ଥାୟୀ ଓ ଦୀର୍ଘକାଳୀନ ସମାଧାନ ସୃଷ୍ଟି କରିବା ମିସନରେ ସଭିଏଁ ସାମିଲ ହୋଇଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୪.୮୮ ● ପାଉଣ୍ଡ ୧୦୭.୭୭
- ୟୁରୋ ୮୯.୬୮ ● ୟେନ୍ ୦.୫୫

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା: ୭୧,୫୫୦ (ନୂଆଦିଲ୍ଲୀ)
- ରୁପା : ୯୨,୫୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୭୪୮.୦୦
- ନିଫ୍ଟି ୨୪,୬୬୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



### ସଂସଦୀୟ ସ୍ଥାୟୀ କମିଟିର ସୁପାରିସ

# ବଢ଼ିବ ଏସି ଶ୍ରେଣୀ ରେଳ ଭଡ଼ା

ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି)




ନୂଆ ବର୍ଷରୁ ରେଳ ଯାତ୍ରୀଙ୍କୁ ଲାଗିବ ଝଟ୍‌କା। କାରଣ ଜାନୁଆରୀ ପହିଲାରୁ ମହଙ୍ଗା ହେବ ରେଳ ଭଡ଼ା। ତେବେ ଶୀତତାପ ନିୟନ୍ତ୍ରିତ ଶ୍ରେଣୀ (ଏସି) ଶ୍ରେଣୀର ରେଳ ଭଡ଼ାରେ ହେବ ବୃଦ୍ଧି। ରେଳ ଉପାରେ ଗଠିତ ସଂସଦୀୟ ଷ୍ଟାଣ୍ଡିଂ କମିଟି ଏହି ପ୍ରସ୍ତାବ ଦେଇଛି। ଅପରପକ୍ଷେ ସାଧାରଣ ଶ୍ରେଣୀର ଯାତ୍ରୀ ଭଡ଼ାରେ କୌଣସି ବୃଦ୍ଧି ହେବ ନାହିଁ। ଅର୍ଥାତ୍ ଏହି ଶ୍ରେଣୀର ଭଡ଼ା ଅପରିବର୍ତ୍ତିତ ରହିବ। ଯାତ୍ରୀ ଶ୍ରେଣୀରେ ବୃଦ୍ଧି ପାଉଥିବା କ୍ଷତି ହ୍ରାସ କରିବାକୁ ଉପରୋକ୍ତ ପଦକ୍ଷେପ ଗ୍ରହଣ କରାଯାଇଛି।

ସଂସଦୀୟ ଷ୍ଟାଣ୍ଡିଂ କମିଟି ଦେଇଥିବା ପରାମର୍ଶ ଅନୁଯାୟୀ, ରେଳବାଇର ଯାତ୍ରୀ ଶ୍ରେଣୀରେ କ୍ଷତି ବଢ଼ିବାରେ ଲାଗିଛି। ଏଥିପାଇଁ ଏସି ଶ୍ରେଣୀ ଭଡ଼ାର ସମୀକ୍ଷା କରିବାକୁ କମିଟି କହିଛି। ତେବେ କମିଟି ସାଧାରଣ ବର୍ଗରେ ଯାତ୍ରୀଙ୍କୁ ସୁଲଭ ମୂଲ୍ୟରେ ଯାତ୍ରା ସୁବିଧା ଦେବାକୁ ମଧ୍ୟ କହିଛି। ବିଜେପି ସାଂସଦ ସିଏମ ରମେଶଙ୍କ ନେତୃତ୍ୱରେ ଗଠିତ ସଂସଦୀୟ କମିଟି ୨୦୨୪-୨୫ ଆର୍ଥିକବର୍ଷର ବଜେଟ୍ରେ ମାଲ ପରିବହନରୁ ଆୟ ୧.୮ ଲକ୍ଷ କୋଟି ହେବ ବୋଲି ଆକଳନ କରିଛି। ତେବେ ଏହା ତୁଳନାରେ ଯାତ୍ରୀ ଶ୍ରେଣୀରୁ ରାଜସ୍ୱ ମାତ୍ର ୮୦,୦୦୦ କୋଟି ଟଙ୍କା ହେବ। ଏଭଳିସ୍ଥିତିରେ ଏସି ଶ୍ରେଣୀରେ ଭଡା ବୃଦ୍ଧି କରିବାକୁ କମିଟି ପରାମର୍ଶ ଦେଇଛି। ଯାହାଫଳରେ ମାଲ ପରିବହନ ଏବଂ ଯାତ୍ରୀ ଶ୍ରେଣୀର ରାଜସ୍ୱରେ ଅଧିକ ଫରକ୍ ହେବ ନାହିଁ। ରେଳ ମନ୍ତ୍ରଣାଳୟ କମିଟିକୁ କହିଛି ଯେ ବର୍ତ୍ତମାନ ପ୍ରତ୍ୟେକ ଟିକଟ୍ ଉପରେ ଯାତ୍ରୀଙ୍କୁ ୪୬% ରିହାତି ମଧ୍ୟ ଦିଆଯାଉଛି। ରେଳବାଇ ଯାତ୍ରୀ ଶ୍ରେଣୀରେ ପ୍ରତିବର୍ଷ ପ୍ରାୟ ୫୬,୯୯୩ କୋଟି ଟଙ୍କାର ରିହାତି ପ୍ରଦାନ କରିଥାଏ।

**ସାଧାରଣ ଶ୍ରେଣୀର ଭଡ଼ା ଅପରିବର୍ତ୍ତିତ ରହିବ**

ଏହାକୁ ଦୃଷ୍ଟିରେ ରଖି ରେଳବାଇରେ ଯାତ୍ରୀଙ୍କ ରାଜସ୍ୱ ବୃଦ୍ଧି ପାଇଁ ବିଭିନ୍ନ ଶ୍ରେଣୀର ରେଳ ଭଡ଼ା ଉପରେ ବିସ୍ତୃତ ମୂଲ୍ୟାଙ୍କନ ଆବଶ୍ୟକ ବୋଲି କମିଟି ଗୁରୁତ୍ୱାରୋପ କରିଛି। କମିଟି ଏହା ମଧ୍ୟ ସ୍ୱୀକାର କରିଛି ଯେ ସାଧାରଣ ଶ୍ରେଣୀର ଯାତ୍ରାରେ ଲୋକଙ୍କ ପାଇଁ ସୁଲଭ ମୂଲ୍ୟରେ ଟିକଟ ଉପଲବ୍ଧ ରହିବା ଉଚିତ୍। ତେଣୁ ବରିଷ୍ଠ ନାଗରିକଙ୍କ ପାଇଁ ଉପଲବ୍ଧ ରିଆତି ପୁନଃକାର୍ଯ୍ୟକାରୀ କରିବା ଅସମ୍ଭବ। କମିଟି ରେଳବାଇର କ୍ୟାଟେରିଂ ସେବା ଭଳି ବର୍ଗରେ ଥିବା ତ୍ରୁଟି କିମ୍ବା ଅପାରଗତାକୁ ଦୂର କରିବାକୁ କମିଟି ଆହ୍ୱାନ କରିଛି। ପ୍ରତିଯୋଗିତାମୂଳକ ମୂଲ୍ୟରେ ଗୁଣାତ୍ମକ ଖାଦ୍ୟ ଯୋଗାଇବା ସହିତ କ୍ୟାଟରିଂ ସମ୍ବନ୍ଧୀୟ ସାମାଜିକ ସେବା ଦାୟିତ୍ୱବୋଧର ଆର୍ଥିକ ବୋଝ ହ୍ରାସ କରିବା ପାଇଁ କମିଟି ପରାମର୍ଶ ଦେଇଛି।

ଏହାବ୍ୟତୀତ ରେଳବାଇର ଘରୋଇକରଣକୁ ନେଇ ଲୋକସଭାରେ ତୀବ୍ର ବିତର୍କ ପରେ ସଂସଦୀୟ ଷ୍ଟାଣ୍ଡିଂ କମିଟି ପରାମର୍ଶ ଦେଇଛି ଯେ ଭାରତୀୟ ରେଳବାଇ ଏହାର ଭିତ୍ତିଭୂମିରେ ଘରୋଇ କ୍ଷେତ୍ରର ଅଂଶଗ୍ରହଣକୁ ବୃଦ୍ଧି କରିବାକୁ ଚିନ୍ତା କରୁଛି। ରେଳବାଇ ସଂଶୋଧନ ବିଲ୍ ୨୦୨୪ରେ ଏହି ପ୍ରସଙ୍ଗରେ ବିତର୍କ ଆରମ୍ଭ ହୋଇଥିଲା, ଯାହାକୁ ସାଂସଦମାନେ ତୀବ୍ର ବିରୋଧ କରିଥିଲେ। ରେଳବାଇର ଘରୋଇକରଣ ଦିଗରେ ଏହା ଏକ ଗୁପ୍ତ ପଦକ୍ଷେପ ବୋଲି ସଦସ୍ୟମାନେ ସମାଲୋଚନା କରିଥିଲେ। ତେବେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘରୋଇ କରଣ କଥାକୁ ଖଣ୍ଡନ କରିଥିଲେ।

**● ନୂଆ ବର୍ଷରୁ ଗୃହ ଋଣରେ ଆଶ୍ୱସ୍ତି**

## ସୁଧହାର ଏକ ପ୍ରତିଶତ କମିପାରେ

ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି): ଗୃହ ଋଣ ନେଇଥିବା ବ୍ୟକ୍ତିଙ୍କୁ ଚଳିତବର୍ଷ ଅଧିକ ସୁଧ ହାର ଦେବାକୁ ପଡୁଥିଲା। ତେବେ ନୂଆ ବର୍ଷରେ ସୁଧ ହାର ହ୍ରାସ ପାଇବାକୁଥିବାରୁ ଆଗକୁ ଋଣ ଶସ୍ତା ହେବ ବୋଲି ଆଶା କରାଯାଉଛି। ଫେବୃଆରୀରୁ ଏହା ଲାଗୁ ହେବାର ସମ୍ଭାବନା ରହିଛି। ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଲିକ୍ୟୁଡିଟି ସମସ୍ୟାର ସମାଧାନ ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ନଗଦ ଜମା ଅନୁପାତ ବା ସିଆର୍‌ଆର୍‌ରେ ହ୍ରାସ ଘଟାଇଛି। ଏହା ଫଳରେ ବ୍ୟାଙ୍କଗୁଡିକ ଋଣ ଦେବା ପାଇଁ ଅଧିକ ଟଙ୍କା ପାଇବାକୁ ସକ୍ଷମ ହେବେ। ଏହି ପଦକ୍ଷେପ ବଜାରରେ ଋଣ ହାର ହ୍ରାସ କରିବ ବୋଲି ଆଶା କରାଯାଉଛି। ଏହା ଗ୍ରାହକଙ୍କୁ ଋଣ ନେବାକୁ ଆହୁରି ଉତ୍ସାହିତ କରିବ, ଯାହା ଆର୍ଥିକ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବ। ଡିସେମ୍ବର ପ୍ରଥମ ସପ୍ତାହରେ ଆରବିଆଇର ମୁଦ୍ରା ନୀତି କମିଟି ବୈଠକରେ ସୁଧ ହାର ଅପରିବର୍ତ୍ତିତ ରଖାଯାଇଥିଲା। କିନ୍ତୁ ଜାପାନର ବ୍ୟାଙ୍କର ନୋମ୍ୟୁରା ଆଶା କରୁଛନ୍ତି ଯେ ସୁଧ ହାର ହ୍ରାସ ପ୍ରକ୍ରିୟା ବର୍ତ୍ତମାନ ଆରମ୍ଭ ହୋଇପାରେ। ଫେବୃଆରୀରେ ଏହା ଅତି କମ୍‌ରେ ୦.୨୫ ପ୍ରତିଶତ ହ୍ରାସ ପାଇବ ବୋଲି ଆଶା କରାଯାଉଛି।



### ପାଇକାରୀ ମୁଦ୍ରାସ୍ଫୀତି ୧.୮୯%କୁ ହ୍ରାସ

# ଖୁଚୁରା ବଜାରରେ ଦର ଯେଉଁଠି ସେଇଠି

ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି)



ଖସିଛି ପାଇକାରୀ ମୁଦ୍ରାସ୍ଫୀତି। ସୋମବାର ଜାରି ସରକାରୀ ତଥ୍ୟ ଅନୁଯାୟୀ, ନଭେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତି ୧.୯୮%କୁ ହ୍ରାସ ଘଟିଛି। ଖାଦ୍ୟ ସାମଗ୍ରୀ, ବିଶେଷକରି ପନିପରିବା ଦାମରେ ହ୍ରାସ କାରଣରୁ ପାଇକାରୀ ମୁଦ୍ରାସ୍ଫୀତିରେ ହ୍ରାସ ଦେଖିବାକୁ ମିଳିଛି। ଏହା ପୂର୍ବରୁ ଅକ୍ଟୋବରରେ ପାଇକାରୀ ମୁଦ୍ରାସ୍ଫୀତି ୨.୩୬% ରହିଥିଲା। ଯେତେବେଳେ କି ୨୦୨୩ ନଭେମ୍ବରରେ ଏହା କେବଳ ୦.୩୯% ରହିଥିଲା। ମୁଦ୍ରାସ୍ଫୀତି ତଥ୍ୟରେ ଦାମ୍‌ରେ ହ୍ରାସ କାରଣରୁ ପାଇକାରୀ ମୁଦ୍ରାସ୍ଫୀତିରେ ଏଭଳି ହ୍ରାସ ହୋଇଥିବା କୁହାଯାଉଛି। ହେଲେ ବାସ୍ତବ ତଥ୍ୟ ଭିନ୍ନ। ଯଦିବା ପାଇକାରୀ ବଜାରରେ ଦର କମୁଛି ହେଲେ ଖୁଚୁରା ବଜାରରେ ଦର ଯେଉଁଠି ସେଇଠି ରହିଛି। ପାଇକାରୀ ବଜାରରେ ସାମଗ୍ରୀର ଦର ହ୍ରାସର ପ୍ରଭାବ ଖୁଚୁରା ବଜାରରେ ଅନୁଭୂତ ହେଉନାହିଁ। ଯାହା ଫଳରେ ଖାଉଟିଙ୍କୁ ସାମଗ୍ରୀ ଉପରେ କୌଣସି ପ୍ରକାର ଆଶ୍ୱସ୍ତି ମିଳୁନାହିଁ

ତଥ୍ୟ ଅନୁଯାୟୀ, ଖାଦ୍ୟ ସାମଗ୍ରୀର ଦରବୃଦ୍ଧି ନଭେମ୍ବରରେ ୮.୬୩%କୁ ଖସିଆସିଛି, ଯାହା ଅକ୍ଟୋବରରେ ୧୩.୫୪% ରହିଥିଲା। ପନିପରିବା ଦରବୃଦ୍ଧିରେ ହ୍ରାସ ଦେଖିବାକୁ ମିଳିଥିବାବେଳେ ଏବେ ଏହା ୨୮.୫୭%ରେ ରହିଛି। ଅକ୍ଟୋବରରେ ପନିପରିବାର ମୁଦ୍ରାସ୍ଫୀତି ୬୩.୦୪% ରହିଥିଲା। ତେବେ ପାଇକାରୀ ମୁଦ୍ରାସ୍ଫୀତିରେ ହ୍ରାସ ହୋଇଥିଲେ ବି ବଜାରରେ ଆଳୁ ଓ ପିଆଜ ଦର ଏବେ ବି ମହଙ୍ଗା ରହିଛି। ଆଳୁର ମୁଦ୍ରାସ୍ଫୀତି ହାର ୮୨.୭୯%ରେ ରହିଛି।

- ସରକାରୀ ତଥ୍ୟରେ ନଭେମ୍ବରରେ ଖାଦ୍ୟ ସାମଗ୍ରୀ ଦର କମିଛି
- ଆଳୁ ଓ ପିଆଜ ଏବେ ବି ମହଙ୍ଗା

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସରକାରୀ ତଥ୍ୟରେ ପାଇକାରୀ ମୁଦ୍ରାସ୍ଫୀତିରେ ହ୍ରାସ ଘଟିଛି। ଖାଦ୍ୟ ସାମଗ୍ରୀ ଏବଂ ବିଶେଷକରି ପନିପରିବା

### ଭାରତୀୟ ଧନୀଙ୍କୁ ଝଟ୍‌କା

# ଶହେ ବିଲିୟନ୍ ଡଲାର କ୍ଲବ୍‌ରୁ ଅମ୍ବାନୀ, ଆଦାନୀ ବାହାର

ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି)



ଭାରତର ସବୁଠାରୁ ଧନୀ ବ୍ୟକ୍ତିଙ୍କ ସହ କିଛି ବଡ଼ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଛି। ବିଶ୍ୱ ଧନୀ ତାଲିକାର ଶହେ ବିଲିୟନ୍ ଡଲାର କ୍ଲବ୍‌ରୁ ବାଦ୍ ପଡିଛନ୍ତି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମୁଖ୍ୟ ମୁକେଶ ଅମ୍ବାନୀଏବଂ ଆଦାନୀ ଗ୍ରୁପ୍ ଅଧ୍ୟକ୍ଷ ଗୌତମ ଆଦାନୀ। ଉଭୟ ଅମ୍ବାନୀ ଏବଂ ଆଦାନୀ ବ୍ଲୁମବର୍ଗର ୧୦୦ ବିଲିୟନ ଡଲାର (ପ୍ରାୟ ୮.୪୯ ଲକ୍ଷ କୋଟି) ଧନୀ ତାଲିକାରୁ ବାଦ ପଡିଛନ୍ତି। ଏହା ସହିତ ଏହି ଦୁଇ ବିଲିୟନେୟାରଙ୍କୁ 'ଏଲିଟ୍ ସେଣ୍ଟି ବିଲିୟନେୟାର କ୍ଲବ୍'ରୁ ବାଦ ଦିଆଯାଇଛି, ଯାହା ୧୦୦ ବିଲିୟନ ଡଲାରରୁ ଅଧିକ ସମ୍ପତ୍ତି ଥିବା ଲୋକଙ୍କ ପାଇଁ ଗଠନ କରାଯାଇଛି।

ଚଳିତବର୍ଷ ଜାନୁଆରୀ ପରଠାରୁ ଭାରତର ଶ୍ରେଷ୍ଠ ୨୦ ଧନୀ ବ୍ୟକ୍ତିଙ୍କ ସମ୍ପତ୍ତିରେ ୬୭.୨ ବିଲିୟନ ଡ଼ଲାରରେ ବୃଦ୍ଧି ଘଟିଛି। ଏଥିରେ ସର୍ବାଧିକ ସମ୍ପତ୍ତି ବୃଦ୍ଧି ଆଇଟି ଟାଇକୁନ୍ ଶିବ ନାଦର ୧୦.୮ ବିଲିୟନ ଡଲାର ଏବଂ ସାବିତ୍ରୀ ଜିନ୍ଦଲ ୧୦.୧ ବିଲିୟନ ଡଲାର। ବ୍ଲୁମବର୍ଗ ଅନୁଯାୟୀ, ଯେତେବେଳେ କମ୍ପାନୀର ଖୁଚୁରା ଏବଂ ଶକ୍ତି ବିଭାଗ ଖରାପ ପ୍ରଦର୍ଶନ କଲା ସେତେବେଳେ ଅମ୍ବାନୀଙ୍କ ସମ୍ପତ୍ତି ହ୍ରାସ ପାଇଲା। ଏସିଆର ସବୁଠାରୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନୀଙ୍କ ନାମ 100 ବିଲିୟନ ଡଲାର ଅର୍ଥାତ୍ ୫ ଲକ୍ଷ 49 ହଜାର କୋଟିରୁ ବାହାରିଛି। ସାଂପ୍ରତିକ ସମୟରେ ଘଟିଥିବା ବ୍ୟବସାୟିକ ସମସ୍ୟା ଯୋଗୁଁ ଏହି ଦୁଇ ଶିଳ୍ପପତିଙ୍କ ସମ୍ପତ୍ତି ହ୍ରାସ ପାଇଛି। ଯେତେବେଳେ ତାଙ୍କ ପୁଅ ଅନନ୍ତ ଅମ୍ବାନୀ ଜୁଲାଇରେ ବିବାହ କରିଥିଲେ, ସେତେବେଳେ ଅମ୍ବାନୀଙ୍କର ସମ୍ପତ୍ତି ୧୨୦.୮ ବିଲିୟନ ଡ଼ଲାରରୁ ଅଧିକ ହୋଇଥିଲା ଅର୍ଥାତ୍ ୧୦ ଲକ୍ଷ କୋଟି ଟଙ୍କା। ହେଲେ ବର୍ତ୍ତମାନ ଅର୍ଥାତ୍ ଡିସେମ୍ବର ୧୩ ସୁଦ୍ଧା ଏହା ୯୬.୭ ବିଲିୟନ ଡ଼ଲାରରେ ପହଞ୍ଚିଛି ଅର୍ଥାତ୍ ୮ ଲକ୍ଷ ୨୧ ହଜାର କୋଟି ଟଙ୍କା। ଏହି ହ୍ରାସ କମ୍ପାନୀର ଋଣ ବୃଦ୍ଧି ଏବଂ ବ୍ୟବସାୟିକ ସମସ୍ୟା ଯୋଗୁ ହୋଇଛି। ଏହାକୁ ନେଇ ନିବେଶକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି।

**ସମ୍ପତ୍ତି ୧୦୦ ବିଲିୟନ୍ ଡଲାର ତଳକୁ ଖସିଲା**
**ବିଶ୍ୱର ଅନେକ ଧନୀଙ୍କ ସ୍ଥିତି ଏମିତି**
**ବ୍ଲୁମ୍‌ବର୍ଗ ରିପୋର୍ଟ**

ଏହାଛଡା ଶେର ଅନ୍ୟତମ ଧନୀ ବ୍ୟକ୍ତି ଗୌତମଆଦାନୀଙ୍କ ଅବସ୍ଥା ଆହୁରି ଗୁରୁତର ହେଲା ଯେତେବେଳେ ଆମେରିକାର ନ୍ୟାୟ ବିଭାଗ ଦ୍ୱାରା ହୋଇଥିବା ଅନୁସନ୍ଧାନ ଖବର ଆସିଲା। ଏହା ତାଙ୍କ ଗ୍ରୁପ ପାଇଁ ଏକ ପ୍ରମୁଖ ଆହ୍ୱାନ ପାଲଟିଛି, ଯାହା ତାଙ୍କ ବ୍ୟବସାୟ ସାମ୍ରାଜ୍ୟର ଅଗ୍ରଗତିକୁ ବନ୍ଦ କରିପାରେ। ହିଣ୍ଡେନବର୍ଗ ରିସର୍ଚ୍ଚ ରିପୋର୍ଟ ଏବଂ ଋଣ ଜାଲିଆତି ଅଭିଯୋଗ ଆଦାନୀଙ୍କୁ ବଡ଼ ଅସୁବିଧାରେ ପକାଇଛି। ଏହି କାରଣରୁ ତାଙ୍କ ସମ୍ପତ୍ତି ଚଳତବର୍ଷ ଜୁନ୍ ମାସର ୧୨୨.୩ ବିଲିୟନ ଡ଼ଲାରରୁ ନଭେମ୍ବରରେ ୮୨.୧ବିଲିୟନ ଡ଼ଲାରରେ ପହଞ୍ଚିଛି। ଅର୍ଥାତ୍ ତାଙ୍କ ସମ୍ପତ୍ତିରେ ପ୍ରାୟ ୭ଲକ୍ଷ କୋଟି ଟଙ୍କାକୁ ଖସିଆସିଛି। ଏହି କାରଣରୁ, ଆଦାନୀ ଆଉ ବ୍ଲୁମବର୍ଗର "ସେଣ୍ଟିବିଲିଅନେୟାର କ୍ଲବ" ରେ ନାହାଁନ୍ତି।

### ଦେଶର ଶୀର୍ଷ ୧୦୦ କମ୍ପାନୀ ବୋର୍ଡ

# ବଢ଼ିଛି ମହିଳାଙ୍କ ପ୍ରତିନିଧିତ୍ୱ

ନୂଆଦିଲ୍ଲୀ, ୧୬।୧୨(ଏଜେନ୍ସି)

**ସର୍ଭେ ରିପୋର୍ଟ**



ଦେଶରେ ବିଭିନ୍ନ କ୍ଷେତ୍ରରେ ବର୍ତ୍ତମାନ ମହିଳାମାନଙ୍କର ଯୋଗଦାନ ବଢ଼ିବାରେ ଲାଗିଛି। ଏମିତିକି ଭାରତର ଶୀର୍ଷ ୧୦୦ କମ୍ପାନୀଙ୍କ ନିର୍ଦ୍ଦେଶକ ମଣ୍ଡଳୀ (ବୋର୍ଡ)ରେ ମହିଳାଙ୍କ ପ୍ରତିନିଧିତ୍ୱ ଗତ ୪ ବର୍ଷ ମଧ୍ୟରେ ବେଶ୍ ଭଲ ବୃଦ୍ଧି ହୋଇଛି। ସୋମବାର ପ୍ରକାଶିତ ଏକ ସର୍ଭେକ୍ଷଣ ରିପୋର୍ଟରୁ ଏହା ଜଣାପଡିଛି।

ରିପୋର୍ଟ ଅନୁସାରେ ଚଳିତବର୍ଷ ମାର୍ଚ୍ଚ ମାସ ପର୍ଯ୍ୟନ୍ତ କେବଳ ୫ଟି କମ୍ପାନୀରେ ମହିଳା ସ୍ୱତନ୍ତ୍ର ନିର୍ଦ୍ଦେଶକ (ଆଇଡି)ଙ୍କ ଅଭାବ ରହିଛି। 'ଏକ୍ସିଲେନ୍ସ ଏନାବଲର୍ସ'ର ପଞ୍ଚମ ବାର୍ଷିକ କର୍ପୋରେଟ ପ୍ରଶାସନ ସର୍ଭେକ୍ଷଣ ନିଫ୍ଟି-୧୦୦ କମ୍ପାନୀର ବାର୍ଷିକ ରିପୋର୍ଟ ଏବଂ ୱେବସାଇଟରେ ଦିଆଯାଇଥିବା ସୂଚନା ଅନୁସାରେ ପ୍ରସ୍ତୁତ କରାଯାଇଛି। ସର୍ଭେକ୍ଷଣ ଅନୁସାରେ ୨୦୨୪ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ୪ ସାର୍ବଜନୀନ କ୍ଷେତ୍ରର କମ୍ପାନୀ (ପିଏସୟୁ) ଓ ଏକ ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କ (ପିଏସବି) ସହିତ ୫ କମ୍ପାନୀଙ୍କ ବୋର୍ଡରେ ଜଣେ ବି ମହିଳା ସ୍ୱତନ୍ତ୍ର ନିର୍ଦ୍ଦେଶିକା (ଆଇଡି) ନ ଥିଲେ। ସର୍ଭେକ୍ଷଣ ଅନୁସାରେ ବର୍ଷ ୨୦୨୦-୨୧ ପର୍ଯ୍ୟନ୍ତ ଏହି ସ୍ଥିତି ୨୧ଟି କମ୍ପାନୀରେ ଦେଖିବାକୁ ମିଳିଥିଲା। ହେଲେ ବର୍ତ୍ତମାନ ଆଉ ସେହି ସ୍ଥିତି ନାହିଁ। ଏସବୁ କମ୍ପାନୀ ବୋର୍ଡରେ ମହିଳାଙ୍କମାନଙ୍କ ଅଂଶୀଦାରିତାରେ ବୃଦ୍ଧି ସେମାନଙ୍କର ପ୍ରତିନିଧିତ୍ୱରେ ସୁଧାରକୁ ଦର୍ଶାଉଛି। ସର୍ଭେକ୍ଷଣ ଅନୁସାରେ କମ୍ପାନୀ ଅଧିନିୟମ ୨୦୧୩ର ଧାରା ୧୪୯ ଓ ସେବିପକ୍ଷରୁ ଜାରି ନିୟାମକ ବ୍ୟବସ୍ଥା ଅନୁସାରେ ବୋର୍ଡରେ ଜଣେ ମହିଳା ସ୍ୱତନ୍ତ୍ର ନିର୍ଦ୍ଦେଶିକା (ଆଇଡି) ରହିବା ବାଧ୍ୟତାମୂଳକ, ତେବେ ମହିଳା ଅଧିକାରୀଙ୍କୁ ଏହି ପଦରେ ପଦୋନ୍ନତି ସୁନିଶ୍ଚିତ କରିବା ପାଇଁ ଦେଶରେ କୌଣସି ବ୍ୟବସ୍ଥା ମଧ୍ୟ ନାହିଁ। ଶୀର୍ଷ ନେତୃତ୍ୱ ଭୂମିକାରେ ମହିଳାଙ୍କ ପ୍ରତିନିଧିତ୍ୱ କମ୍ ହେଲେ ବି ଏଥିରେ ଏବେ ସୁଧାରର ସଂକେତ ଦେଖାଯାଇଛି।

ମହିଳା ପ୍ରବନ୍ଧ ନିର୍ଦ୍ଦେଶକ (ଏମଡି) ଥିବା କମ୍ପାନୀଙ୍କ ସଂଖ୍ୟା ୨୦୨୦-୨୧ ଓ ୨୦୨୧-୨୨ରେ ୨ରୁ ବଢ଼ି ୨୦୨୨-୨୩ରେ ଓ ୨୦୨୩-୨୪ ଆର୍ଥିକବର୍ଷରେ ୫ ହୋଇଛି। ଏହାଛଡା ବିଭିନ୍ନ କମ୍ପାନୀରେ ଅଧ୍ୟକ୍ଷା ପଦରେ ମହିଳାଙ୍କ ପ୍ରତିନିଧିତ୍ୱ ମଧ୍ୟ ବଢ଼ିଛି। ୨୦୨୩-୨୪ ଆର୍ଥିକବର୍ଷରେ ବିଭିନ୍ନ କମ୍ପାନୀରେ ମହିଳା ଅଧ୍ୟକ୍ଷାଙ୍କ ସଂଖ୍ୟା ୫ ରହିଛି।

## ଏଏମ୍/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ପାଠ୍ୟ ଉପକରଣ ବଣ୍ଟନ



ଭୁବନେଶ୍ୱର,୧୬।୧୨(ସମିସ)

ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ଏହାର ସିଏସ୍ଆର୍ କାର୍ଯ୍ୟକ୍ରମ 'ପଢ଼େଗା ଭାରତ' ଜରିଆରେ ବଡ଼ବିଲ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ସେଣ୍ଟ ମେରି ଓଡ଼ିଆ ହାଇସ୍କୁଲ୍ ଏବଂ ସାଗାସାହିର କଳମଗଂ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ଯୋଗାଇ ଦିଆଯାଇଛି। ଗ୍ରାମରେ ଛାତ୍ରଛାତ୍ରୀଙ୍କ ଶିକ୍ଷା ଦକ୍ଷତାକୁ ସୁଦୃଢ଼ କରିବା ପାଇଁ ଏକ ବୃହତ ପଦକ୍ଷେପ ନେଇଛି। ବିଦ୍ୟାଳୟର ପ୍ରାୟ ୧୯୮ ଜଣ ଛାତ୍ରଛାତ୍ରୀଙ୍କୁ ଟେଷ୍ଟପେପର୍ (ନମୁନା ପତ୍ର) ପ୍ରଦାନ କରାଯାଇଛି ଯାହା ସେମାନଙ୍କୁ ଦଶମ ବୋର୍ଡ ପରୀକ୍ଷା ପ୍ରସ୍ତୁତି ପାଇଁ ସହାୟକ ହେବ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ମହନ୍ତ, କୋଇଡା ବ୍ଲକ ଶିକ୍ଷା କାର୍ଯ୍ୟାଳୟର କ୍ଲଷ୍ଟର ରିସୋର୍ସ କମ୍ୟୁନିଟି ସଂଯୋଜକ (ସିଆରସିସି) ପ୍ରଶାନ୍ତ କୁମାର ପରିଡ଼ା, ଘୋରାବୁରାଣୀ ସାଗାସାହି ଲୁହାପଥର ଖଣିର ଖଣି ପରିଚାଳକ ସତ୍ୟକାମା ଦାସ, ଏଏମ୍/ଏନ୍ଏସ୍ ଇଣ୍ଡିଆର ଠାକୁରାଣୀ ଖଣି କଲ୍ୟାଣ ଅଧିକାରୀ ପ୍ରମୋଦ ଆଚାର୍ଯ୍ୟ, କଳମଗଂ ହାଇସ୍କୁଲର ପ୍ରଧାନ ଶିକ୍ଷକ ଭିନସେଣ୍ଟ ନାୟକ ଓ ବଡ଼ବିଲସ୍ଥିତ ସେଣ୍ଟ ମେରି ଓଡ଼ିଆ ହାଇସ୍କୁଲର ପ୍ରଧାନ ଶିକ୍ଷକ ଲମ୍ବୋଦର ମହାନ୍ତି ପ୍ରମୁଖଙ୍କ ଉପସ୍ଥିତରେ ବଡ଼ବିଲର ୨ ନମ୍ବର ୱାର୍ଡର ପୂର୍ବତନ କାଉନସେଲର ଲକ୍ଷ୍ମଣ ମହନ୍ତ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ। ଏହି ପଦକ୍ଷେପକୁ ପ୍ରଶଂସା କରି ଶ୍ରୀ ଲକ୍ଷ୍ମଣ ମହନ୍ତ କହିଛନ୍ତି ଯେ, ଏଭଳି ଗୁଣାତ୍ମକ ପାଠ୍ୟ ଉପକରଣ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପ୍ରସ୍ତୁତିରେ ସହାୟକ ହେବ।

## ଟିପିସିଓଡିଏଲ୍ ପକ୍ଷରୁ ଗୁଣବତ୍ତା ମାସ ପାଳିତ



ଭୁବନେଶ୍ୱର, ୧୬।୧୨ (ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଗୁଣବତ୍ତା ମାସ-୨୦୨୪ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ହେଉଛି 'କ୍ୱାଲିଟି: ଫ୍ରମ୍ କମ୍ପ୍ଲାଏନ୍‌ସ ଟୁ ପରଫରମାନ୍ସ'। ମାସେ ବ୍ୟାପୀ ଚାଲିଥିବା ଏହି ଅଭିଯାନରେ ପ୍ରକ୍ରିୟା ଉତ୍କର୍ଷ, ନିରନ୍ତର ଉନ୍ନତି, ଉନ୍ନତ କର୍ମକ୍ଷେତ୍ର ପରିଚାଳନା ଓ ଦକ୍ଷତା ଗଠନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି କ୍ଷେତ୍ରରେ ପ୍ରମୁଖ ସଫଳତାଗୁଡ଼ିକ ମଧ୍ୟରେ ଦୈନିକ ପରିଚାଳନା ପାଇଁ ଟିକ୍ୟୁଏମ୍ ୱାର୍କବୁକର ଶୁଭାରମ୍ଭ, କ୍ୱାଲିଟି ସର୍କଲ ଗଠନ, ୫ଏସ ମେଡଲ୍ ଲୋକେସନ (ସ୍ଥାନ) ଚିହ୍ନଟ ଓ ବାର୍ଷିକ କ୍ୟୁସିସି ଓ ପ୍ରୟାସ ପ୍ରତିଯୋଗିତାରେ ୭୨ ପ୍ରୟାସ ଓ ୧୪ କ୍ୟୁସିସି ଟିମ୍ ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱରର ମ୍ୟାନେଜମେଣ୍ଟ ଡେଭଲପମେଣ୍ଟ ସେଣ୍ଟରର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଇଓ ତଥା ଟିକ୍ୟୁଏମ୍ କୋର୍ କମିଟିର ଅଧ୍ୟକ୍ଷ ଅରଭିନ୍ଦ ସିଂହ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

### ଫୁଡ୍ ଡେଲିଭରୀ ଅପରେଟର୍‌ଙ୍କୁ ଏଫ୍ଏସ୍ଏସ୍ଏଆଇର କଡ଼ା ନିର୍ଦ୍ଦେଶ

# ୪୫ ଦିନରୁ କମ୍ ଏକ୍ସପାଏରୀ ଖାଦ୍ୟ ଡେଲିଭରୀ କରନାହିଁ

ନୂଆଦିଲ୍ଲୀ,୧୬।୧୨(ଏଜେନ୍ସି)

ଏଣିକି ଖାଦ୍ୟ ବ୍ୟବସାୟ ସହ ଜଡିତ ଅପରେଟରମାନେ କେବଳ ସେହି ଖାଦ୍ୟ ସାମଗ୍ରୀ ଗ୍ରାହକଙ୍କୁ ପ୍ରଦାନ କରିବା ଉଚିତ ଯାହାର ଏକ୍ସପାଏରୀ ଅର୍ଥାତ୍ ସମାପ୍ତି ତାରିଖ ଅତି କମ୍‌ରେ ୪୫ ଦିନ ରହିଥିବ। ଯଦି ଖାଦ୍ୟ ସାମଗ୍ରୀର ଏକ୍ସପାଏରୀ ୪୫ ଦିନରୁ କମ୍ ରହିଛି, ତାହାକୁ ଡେଲିଭରୀ ନ କରିବାକୁ ଖାଭାରତୀୟ ଦ୍ୟ ନିରାପତ୍ତା ଏବଂ ମାନକ ପ୍ରାଧିକରଣ (ଏଫଏସ୍ଏସ୍ଏଆଇ) କହିଛି। ଏଫଏସ୍ଏସ୍ଏଆଇ ଅନ୍‌ଲାଇନ୍‌ରେ କାର୍ଯ୍ୟ କରୁଥିବା ଫୁଡ୍ ବିଜନେସ୍ ଅପରେଟର୍ସ (ଏଫ୍‌ବିଓ)ଗୁଡିକୁ ଏହି ପ୍ରସଙ୍ଗରେ କଡ଼ା ନିର୍ଦ୍ଦେଶ ଦେଇଛି। ଏଜେନ୍ସି କହିଛି ଯେ ଫୁଡ୍ ବିଜନେସ୍ ଅପରେଟରମାନେ ଲେବଲିଂ ଏବଂ ଡିସ୍‌ପ୍ଲେ ନିୟମ ଅନୁପାଳନ କରିବା ଉଚିତ୍।

ଉପଭୋକ୍ତାମାନଙ୍କ ଉର୍ଦ୍ଦେଶ୍ୟରେ ଏଫଏସ୍ଏସ୍ଏଆଇ ଏହା ମଧ୍ୟ କହିଛି ଯେ, ଯଦି ଆପଣ ଖାଦ୍ୟ ସାମଗ୍ରୀ ଅନ୍‌ଲାଇନ୍‌ରେ ଅର୍ଡର କରୁଥାନ୍ତି ତେବେ ସତର୍କ ରୁହନ୍ତୁ। ଏହି ସମୟରେ ଆପଣ ଏହା ନିଶ୍ଚିତ ହେବାକୁ ପଡିବ ଯେ ଅର୍ଡର ହୋଇଥିବା ଖାଦ୍ୟ ବ୍ୟବହାର ପାଇଁ ଉପଯୁକ୍ତ। ଯଦି ସେହି ଖାଦ୍ୟ ପଦାର୍ଥର ଏକ୍ସପାଏରୀ ୪୫ ଦିନରୁ କମ୍ ରହିଥାଏ ତେବେ ଏହାକୁ ଗ୍ରହଣ କରନ୍ତୁ ନାହିଁ। ଏମକ୍ସପାଏରୀ ଖାଦ୍ୟ ମିଳିଥିଲେ ଉପଭୋକ୍ତା ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣରେ ଏ ନେଇ ଅଭିଯୋଗ ଦାଖଲ କରିପାରିବେ। କେତେକ



ପରିସଂଖ୍ୟାନରୁ ଜଣାପଡିଛି ଯେ, ସମ୍ପ୍ରତି ସାରା ଦେଶରେ ଉପଭୋକ୍ତା କୋର୍ଟ ଏବଂ ଆନୁଷଙ୍ଗିକ ଫୋରମ୍‌ଗୁଡିକରେ ଏ ସମ୍ପର୍କରେ ୫ ଲକ୍ଷରୁ ଅଧିକ ଅଭିଯୋଗ ଦାଖଲ କରାଯାଇଛି। କିନ୍ତୁ ବିଭିନ୍ନ କାରଣରୁ ଏହି ମାମଲାଗୁଡ଼ିକ ବିଚାରାଧୀନ ରହିଛି। ଏସବୁ ବାଦ୍ ଉପଭୋକ୍ତାମାନଙ୍କ ପାଇଁ ଇ-ଜାଗୃତି ପୋର୍ଟାଲ ଜରିଆରେ ମାମଲାଗୁଡ଼ିକର ସମାଧାନ ସହଜ ହେବ ଏବଂ ଗ୍ରାହକମାନେ ସେମାନଙ୍କର ଅଧିକାର ବିଷୟରେ ସଚେତନ ହେବେ।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗରେ ଆଗକୁ ବଢ଼ିବେ। ମାନସମ୍ମାନ ବୃଦ୍ଧି ପାଇବ।

**ସିଂହ:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ଅଚାନକ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**ବିଛା:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ଧନୁ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଯୋଜନା ମୁତାବକ କାମ କଲେ ଭଲ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ବିଶେଷ କାର୍ଯ୍ୟରୁ ଲାଭ ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

## ଆଜିର ଇତିହାସ

- ୧୬୪୫- ମୋଗଲ ସମ୍ରାଟ୍ ଜାହାଙ୍ଗୀରଙ୍କ ପତ୍ନୀ ନୂରଜହାଁଙ୍କ ଦେହାନ୍ତ।
- ୧୯୦୨- ମାର୍କୋନି ପ୍ରଥମ ଥର ରେଡିଓ ଷ୍ଟେସନ୍ ନିର୍ମାଣ କଲେ।
- ୧୯୭୧- ଭାରତ-ପାକ୍ ଯୁଦ୍ଧ ସମାପ୍ତ।
- ୧୯୯୬- ନ୍ୟାସନାଲ୍ ଫୁଟବଲ ଲିଗ୍‌ର ଶୁଭାରମ୍ଭ।
- ୨୦୦୨- ତୁର୍କୀ କାଶ୍ମୀର ପ୍ରସଙ୍ଗରେ ଭାରତର ସମର୍ଥନ କଲା।
- ୨୦୦୮- ଶୀଲା ଦୀକ୍ଷିତ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ।

## ଆଜି ଆସିଥିଲେ

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ



ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ୧୮୭୦ ମସିହା ଡିସେମ୍ବର ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ୧୮୯୨ ଅଗଷ୍ଟରେ ସେ ସିଂହାସନରେ ବସିଥିଲେ ଏବଂ କ୍ରମେ ଜଣେ ପ୍ରଜାବତ୍ସଳ ରାଜା ରୂପେ ପ୍ରସିଦ୍ଧି ଅର୍ଜନ କରିଥିଲେ। ସେ ଶିକ୍ଷା, କୃଷି, ଶାସନ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆଣିଥିଲେ। ତାଙ୍କର ରାଜତ୍ୱ କାଳରେ ମୟୂରଭଞ୍ଜ ଏକ ଆଦର୍ଶ ରାଜ୍ୟ ପାଲଟିଥିଲା। ପିଲାବେଳୁ ସେ ପାଠ ପଢ଼ିବାକୁ ଭଲ ପାଉଥିଲେ। ମୟୂରଭଞ୍ଜରୁ ସେ ପ୍ରାଥମିକ ଶିକ୍ଷା ଲାଭ କରିଥିଲେ। ତାଙ୍କୁ ମାତ୍ର୯ ବର୍ଷ ହୋଇଥିବାବେଳେ ତାଙ୍କ ପିତା ପ୍ରାଣ ହରାଇଥିଲେ। ରାଜ୍ୟ ଶାସନଭାର ଗ୍ରହଣ କରିବାକୁ ପଡ଼ିବାରୁ ସେ ପାଠପଢ଼ା ଛାଡ଼ି ଦେଇଥିଲେ। ଏହାପରେ ସେ କଟକ ଯାଇ ବ୍ରେଟାମ୍ କିଡେଲ୍ ସାହେବଙ୍କ ପାଖରେ ରହି ୧୨ ବର୍ଷ ଶିକ୍ଷାଲାଭ କରିବା ପରେ ୧୮୮୮ ମସିହାରେ ରେଭେନ୍ସା କଲିଜିଏଟ୍ ସ୍କୁଲରୁ ଏଣ୍ଟ୍ରାନ୍ସ ପାସ୍ କରିଥିଲେ। ବି.ଏ. ପଢୁଥିବା ସମୟରେ ସେ ସାବାଳକ ହୋଇ ରାଜଗାଦିରେ ବସିବାରୁ ପରୀକ୍ଷା ଦେଇ ପାରି ନ ଥିଲେ। ୧୮୯୬ରେ ସେ ଲକ୍ଷ୍ମୀ କୁମାରୀଙ୍କୁ ବିବାହ କରିଥିଲେ। ୧୯୦୩ ମସିହା ଡିସେମ୍ବର ୩୦ ତାରିଖରେ କଟକ ଇଦ୍‌ଗା ମୈଦାନରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ସେ ସମସ୍ତଙ୍କ ସହ ତଳେ ବସି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ରାଜକୋଷର ଅର୍ଥକୁ ସେ ଲୋକଙ୍କ କଲ୍ୟାଣରେ ବିନିଯୋଗ କରୁଥିଲେ। ବିଳାସବ୍ୟସନ, ଚାକଚକ୍ୟ ପ୍ରତି ତାଙ୍କର କୌଣସି ଆଗ୍ରହ ନ ଥିଲା। ରାଜପ୍ରାସାଦର ଏକ ସାଧାରଣ କୋଠରିରେ ସେ ରହୁଥିଲେ। ଅନୁଚରଙ୍କୁ ନ ନେଇ ଏକୁଟିଆ ରେଳରେ ଯାତ୍ରା କରୁଥିଲେ। ଶ୍ରୀରାମ ଚନ୍ଦ୍ରଦେଓଙ୍କ ଦାନରେ ହିଁ କଟକରେ ପ୍ରଥମ ମେଡିକାଲ ସ୍କୁଲ ସ୍ଥାପିତ ହୋଇଥିଲା। ଯାହା ଏବେ ମେଡିକାଲ କଲେଜ ଓ ହସ୍ପିଟାଲରେ ପରିଣତ ହୋଇଛି। କବିବର ରାଧାନାଥ ରାୟ, ସ୍ୱଭାବ କବି ଗଙ୍ଗାଧର ମେହେର ଓ ବ୍ୟାସକବି ଫକୀରମୋହନ ସେନାପତିଙ୍କ ସହିତ ତାଙ୍କର ଭଲ ବନ୍ଧୁତା ଥିଲା। ତାଙ୍କ ପୃଷ୍ଠପୋଷକତାରୁ ବାରିପଦାରୁ 'ଉତ୍କଳପ୍ରଭା' ନାମକ ସାହିତ୍ୟ ପତ୍ରିକା ପ୍ରକାଶ ପାଇଥିଲା। ରେଭେନ୍ସା କଲେଜ ପାଇଁ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଅନେକ ଅବଦାନ ରହିଛି। ସେ ଏହି କଲେଜର ବିଜ୍ଞାନ ବିଭାଗ ଖୋଲିବାରେ ସାହାଯ୍ୟ କରିଥିଲେ। ମହାରାଜାଙ୍କ ଶାସନକାଳ ୧୮୯୨ରୁ ୧୯୧୨ ଥିଲା ଭଞ୍ଜବଂଶ ଶାସନର ସୁବର୍ଣ୍ଣଯୁଗ। ସୁଶାସନ ପାଇଁ ତତ୍‌କାଳୀନ ବ୍ରିଟିଶ୍ ସରକାର ତାଙ୍କୁ 'ମହାରାଜା' ଉପାଧିରେ ଭୂଷିତ କରିଥିଲେ। ୧୯୧୨ ମସିହା ଫେବ୍ରୁଆରୀ ୨୨ ତାରିଖରେ ତାଙ୍କର ପରଲୋକ ଘଟିଥିଲା।

# ୨୦୨୬ରେ 'ମର୍ଦ୍ଦାନୀ-୩'



ଯଶରାଜ ଫିଲ୍ମସ୍‌ର ସୁପରହିଟ୍ ଫ୍ରାଞ୍ଚାଇଜ୍ 'ମର୍ଦ୍ଦାନୀ' ବିଗତ ୧୦ ବର୍ଷ ହେଲାଣି ଦର୍ଶକଙ୍କ ମନ ଜିଣିବାରେ ସଫଳ ହୋଇଛି। ଇତିମଧ୍ୟରେ ଏହି ଫ୍ରାଞ୍ଚାଇଜ୍‌ର ତୃତୀୟ ଫିଲ୍ମ ବିଷୟରେ ଘୋଷଣା କରାଯାଇଛି। ବଲିଉଡ୍ ଅଭିନେତ୍ରୀ ରାନୀ ମୁଖାର୍ଜୀ ପୁଣି ଥରେ 'ମର୍ଦ୍ଦାନୀ' ହୋଇ ବଡ଼ ପରଦାକୁ ଫେରୁଛନ୍ତି। ପୁଣି ଥରେ ରାନୀ, ପୁଲିସ୍ ଅଫିସର୍ ଶିବାନୀ ଶିବାଜୀ ରାୟ ଭୂମିକାରେ ନଜର ଆସିବେ। ଯଶରାଜ୍ ବ୍ୟାନର୍ ପକ୍ଷରୁ ଇନ୍‌ଷ୍ଟାଗ୍ରାମ୍‌ରେ 'ମର୍ଦ୍ଦାନୀ-୩'ର ଘୋଷଣା କରାଯାଇ ଲେଖାଯାଇଛି, 'ଅପେକ୍ଷାର ଅନ୍ତ ହେଲା, ରାନୀ ମୁଖାର୍ଜୀ 'ମର୍ଦ୍ଦାନୀ-୩'ରେ ପୂର୍ବ ଭୂମିକାରେ ଫେରୁଛନ୍ତି। ୨୦୨୬ରେ ଏହା ସିନେମା ହଲ୍‌କୁ ଆସିବ।' ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଭିରାମ ମୀନାବାଲା ଅଛନ୍ତି। ଯଶରାଜ ବ୍ୟାନର୍ ଏହାର ନିର୍ମାଣ ଦାୟିତ୍ୱରେ ଅଛନ୍ତି। ଆସନ୍ତା ବର୍ଷ ଏପ୍ରିଲ୍‌ରୁ ଏହାର ସୁଟିଂ ଆରମ୍ଭ ହେବ।

## ଦୁଇ ଘଣ୍ଟାରେ ଗୀତା ଆବୃତ୍ତି



ଲକ୍ଷ୍ନୌର ନଅ ବର୍ଷ ବୟସର ବାଳିକା ଆର୍ଯ୍ୟମା ଶୁକ୍ଳା ସଂପୂର୍ଣ୍ଣ ଭଗବତ ଗୀତା ଶ୍ଳୋକକୁ ଦୁଇ ଘଣ୍ଟାରେ ଆବୃତ୍ତି କରିଛନ୍ତି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଗୀତା ଜୟନ୍ତୀ ଉତ୍ସବରେ ସେ ନିଜର ଏହି ପ୍ରତିଭା ପ୍ରଦର୍ଶନ କରିଛନ୍ତି। ସେହିପରି ତାଙ୍କର ଏହି କାର୍ଯ୍ୟ ପାଇଁ ସେ ଚାରିଆଡୁ ପ୍ରଶଂସା ସାଉଁଟୁଛନ୍ତି। ତେବେ ଶ୍ଳୋକ ଆବୃତ୍ତି ସମୟରେ ସେ ଆଦୌ ଗୀତାକୁ ଦେଖି ନ ଥିଲେ। ସମ୍ପୂର୍ଣ୍ଣ ଶ୍ଳୋକ ଆବୃତ୍ତି ସେ ଦୁଇ ଘଣ୍ଟା ୧୦ ମିନିଟ୍‌ରେ ପୂର୍ଣ୍ଣ କରିଛନ୍ତି। ସେହିପରି ସେ ତାଙ୍କ ଶ୍ଳୋକ ଗାୟନ ପୂର୍ବରୁ ସେଠାରେ ଉପସ୍ଥିତ ଥିବା ଲୋକଙ୍କୁ ପ୍ରଥମେ ଗୀତା ବହି ବାଣ୍ଟିଥିଲେ। ଏହା ପରେ ସେ ଗୀତା ଆବୃତ୍ତି କରିଥିଲେ। ତାଙ୍କର ଏହି ପ୍ରତିଭା ତଥା ଦକ୍ଷତା ତାଙ୍କ ପିଢ଼ି ପିଲାଙ୍କ ଲାଗି ପ୍ରେରଣା ହେବ ବୋଲି ଅନ୍ୟମାନେ କହିଛନ୍ତି। କେବଳ ସେ ଗୀତା ଶ୍ଳୋକ ଅଭ୍ୟାସ ପ୍ରତିଦିନ କରି ନ ଥାନ୍ତି, ମନ୍ତ୍ର ଶିଖିବାରେ ମଧ୍ୟ ସେ ତାଙ୍କ ସମୟ ଅତିବାହିତ କରନ୍ତି। ଅନ୍ୟପଟେ ତାଙ୍କ ଘରେ କେହି ସଂସ୍କୃତରେ କଥା କହିବା କିମ୍ବା ସଂସ୍କୃତ ବୁଝୁ ନ ଥିଲା ବେଳେ ଆର୍ଯ୍ୟମା ଦୁର୍ଗାସପ୍ତଶତୀ ଶିଖିଛନ୍ତି ଏବଂ ଅନ୍ୟ ମନ୍ତ୍ର ମଧ୍ୟ ଜାଣିଛନ୍ତି।

## ଅଭିଶପ୍ତ ହୋଟେଲ



ଉତ୍ତର କୋରିଆ ତା'ର ଅଜବ ନିୟମ ପାଇଁ ବେଶ୍ ଜଣାଶୁଣା। ଏଠାରେ ଲୋକଙ୍କୁ ପ୍ରତ୍ୟେକ କାମ କରିବା ପୂର୍ବରୁ ସରକାରଙ୍କ ଅନୁମତି ନେବାକୁ ପଡ଼େ। ଏହିକ୍ରମରେ ଏବେ ଏଠାରେ ଥିବା ଏକ ହୋଟେଲକୁ ନେଇ ଚର୍ଚ୍ଚା। ଉତ୍ତରକୋରିଆର ରାଜଧାନୀ ପାୟୋଙ୍ଗୟାଙ୍ଗ୍‌ରେ ପିରାମିଡ୍ ଆକାରର ଏକ ସୁଉଚ୍ଚ ହୋଟେଲ ରହିଛି। ଏହି ହୋଟେଲ ୟୁ-କ୍ୟୁଙ୍ଗ୍ ନାମରେ ପରିଚିତ। ୩୩୦ ମିଟର ଉଚ୍ଚ ଏହି ହୋଟେଲରେ ସମୁଦାୟ ୧୦୫ଟି କୋଠରି ରହିଛି। ବାହାରୁ ସୁନ୍ଦର ଦେଖାଯାଉଥିବା ଏହି ହୋଟେଲଟିକୁ ଅଭିଶପ୍ତ ବୋଲି କୁହାଯାଏ। କିଛି ବର୍ଷ ପୂର୍ବେ ଆମେରିକାର ଏକ ମାଗାଜିନ୍ ଏହି ହୋଟେଲକୁ ମାନବ ଇତିହାସର ସବୁଠାରୁ ଖରାପ ହୋଟେଲ ବୋଲି କହିଥିଲା। ଏହାର ନିର୍ମାଣରେ ୭୫୦ ମିଲିୟନ୍ ଡଲାର ଟଙ୍କା ଖର୍ଚ୍ଚ ହୋଇଛି। ମାତ୍ର ଆଜି ପର୍ଯ୍ୟନ୍ତ ଏହାର କାମ ଶେଷ ହୋଇପାରିନାହିଁ। ଏହାର ନିର୍ମାଣ କାର୍ଯ୍ୟ ୧୯୮୭ ମସିହାରେ ଆରମ୍ଭ ହୋଇଥିଲା। ୨ ବର୍ଷ ମଧ୍ୟରେ ଶେଷ ହେବ ବୋଲି ଆଶା କରାଯାଉଥିଲା, ମାତ୍ର ତାହା ହୋଇପାରିଲା ନାହିଁ। ୧୯୯୨ରେ ଏହାର ନିର୍ମାଣ କାର୍ଯ୍ୟକୁ ଅଧାରୁ ବନ୍ଦ କରିଦିଆଗଲା। କାରଣ ଉକ୍ତ ସମୟରେ ଉତ୍ତର କୋରିଆର ଆର୍ଥିକସ୍ଥିତି ସେତେଟା ଭଲ ନ ଥିଲା। ୨୦୦୮ରେ ପୁଣି ଥରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ୨୦୧୨ରେ ଶେଷ ହେବ ବୋଲି ଉତ୍ତର କୋରିଆ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲା। ମାତ୍ର ତାହା ସମ୍ଭବ ହୋଇନାହିଁ। ଆଜି ପର୍ଯ୍ୟନ୍ତ ଏହି ହୋଟେଲ ପୂର୍ବବତ୍ ରହିଛି। ତେବେ ଏହି ହୋଟେଲ ଏହାର ନିର୍ଜନତା କାରଣରୁ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି। ଅପରପକ୍ଷରେ ଯଦି ଏହି ହୋଟେଲ ଠିକ୍ ସମୟରେ ଏହାର ନିର୍ମାଣ କାର୍ଯ୍ୟ ଶେଷ କରିଥାନ୍ତା ତେବେ ଏହା ବିଶ୍ୱର ସପ୍ତମ ଉଚ୍ଚତମ ଅଟ୍ଟାଳିକା ଭାବେ ସ୍ଥାନ ପାଇଥାନ୍ତା।






## ରସୁଣ ଚାଷ ପାଇଁ ଜମି ପ୍ରସ୍ତୁତି

**ରସୁଣ ଚାଷ ପାଇଁ ମୃତ୍ତିକାର ଜଳଧାରଣ ଶକ୍ତି ଅଧିକ ଥିବା ଆବଶ୍ୟକ। ମାଟିର ଅମ୍ଳତା ୬.୦ରୁ ୭.୦ ରହିଲେ ରସୁଣ ଅମଳ ଭଲ ହୁଏ। ତେଣୁ ରସୁଣ ଚାଷ ପାଇଁ କିପରି ଜମି ପ୍ରସ୍ତୁତ କରିବେ, ଜାଣନ୍ତୁ।**

ଉର୍ବର, ନିଗିଡ଼ା, ଦୋରସା ମାଟି ରସୁଣ ଚାଷ ପାଇଁ ଉପଯୁକ୍ତ। ହେଲେ ବାଲିଆ ମାଟି ଅଧିକ ଜଳସେଚନ ଆବଶ୍ୟକ କରେ। ଫସଲକୁ ଶୀଘ୍ର ଅମଳ ଉପଯୋଗୀ କରେ। ଟାଣ ମାଟିରେ ରସୁଣର ଆକାର ଠିକ୍ ରହେ ନାହିଁ ଏବଂ ଫସଲ ଅମଳ କରିବା ପାଇଁ ଅସୁବିଧା ସୃଷ୍ଟି ହୁଏ। ତେଣୁ ରସୁଣ ମଞ୍ଜି ବୁଣିବାର ୧୦ ଦିନ ପୂର୍ବରୁ ଜମିରେ ଜଳ ସିଞ୍ଚନ କାମ ସାରନ୍ତୁ। ପୂର୍ବ ଫସଲର ଅବଶେଷକୁ ଭଲ ଭାବେ ସଫା କରିବା ଦ୍ୱାରା ରସୁଣ ଗଛ ଭଲଭାବେ ବଢ଼ିଥାଏ। ଏଥିପାଇଁ ଜମିରେ ୨୦ ଟନ୍ ପ୍ରତି ହେକ୍ଟର ସଢ଼ା ଗୋବର ପକାଇ ମାଟିରେ ଭଲଭାବେ ମିଶାଇ ଦିଅନ୍ତୁ। ଜମିରେ ପଟାଳି କରିବା ଭଲ। ସର୍ବଦା ଉନ୍ନତ ଗୁଣବତ୍ତା ବିହନ ବ୍ୟବହାର କରନ୍ତୁ। ଧାଡ଼ିକୁ ଧାଡ଼ି ୧୫ ସେମି, ଗଛକୁ ଗଛକ ୭.୫ ସେମି ଓ ୫ ସେମି ଗଭୀରରେ ରସୁଣ ପୋତିବାକୁ ହୁଏ। ମାଟିର ଆର୍ଦ୍ରତାକୁ ମାପି ଜଳସିଞ୍ଚନ କରିବା ଦ୍ୱାରା ୬ମାସରେ ଫସଲ ପ୍ରସ୍ତୁତ ହୁଏ।

## ଉପକାରୀ ଜୀବାଣୁ ସାର

**ଜୀବାଣୁ ସାର କହିଲେ, ସାଧାରଣତଃ କେତେକ ଅଣୁଜୀବ, ଯାହାଙ୍କୁ ମାଟିରେ ସିଧାସଳଖ ଭାବେ ହେଉ ଅବା ବିହନ, ଚେର ଦ୍ୱାରା ଉପଚାର କରାଯାଇଥାଏ। ଏହି ଅଣୁଜୀବମାନେ ମୁଖ୍ୟତଃ ବାୟୁମଣ୍ଡଳର ଯବକ୍ଷାରଜାନକୁ ମାଟି ତଥା ଗଛର ଚେରରେ ବିବନ୍ଧିତ କରିଥାନ୍ତି। ମାଟିରେ ରହୁଥିବା ଅଦ୍ରବଣୀୟ ଫସ୍‌ଫରସ୍‌କୁ ଦ୍ରବୀଭୂତ କରି ଗଛକୁ ଯୋଗାଇଥାନ୍ତି। ଏହାଦ୍ୱାରା ଗଛର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟି ଗଛକୁ ସୁସ୍ଥ ରହେ।**



ରାଇଜୋବିୟମ୍ ଡାଲିଜାତୀୟ ଫସଲ ଯଥା- ମୁଗବିରି, କୋଳଥ, ହରଡ଼, ଗୁଆଁର, ତୈଳବୀଜ ଫସଲ ଯଥା – ଚିନାବାଦାମ ପାଇଁ ଜୀବାଣୁ ସାର ଭାବରେ ବ୍ୟବହାର କରାଯାଏ। ଏହା ଏହି ସବୁ ଗଛ ସହିତ ସହ ବନ୍ଧନରେ କାର୍ଯ୍ୟକ୍ଷମ ହୋଇ ଯବକ୍ଷାରଜାନ ପୋଷକତତ୍ତ୍ୱ ଫସଲକୁ ଯୋଗାଇଥାନ୍ତି। ବିଭିନ୍ନ ପ୍ରକାରର ଫସଲ ପାଇଁ ଏହା ଭିନ୍ନ ଭିନ୍ନ ହୋଇଥାଏ।

ଆଜୋଟୋବ୍ୟାକ୍ଟର ଓ ଆଜୋସ୍ପିରିଲମ ଜୀବାଣୁ ସାର ପ୍ରତ୍ୟେକ ଅଣଡାଲିଜାତୀୟ ଫସଲରେ ବ୍ୟବହାର କରାଯାଇପାରେ। ଏହି ଜୀବାଣୁମାନେ ଗଛର ଚେରରେ ଓ ଚେର ଚାରିପାଖେ ମାଟିରେ ମୁକ୍ତ ଭାବରେ ରହି ବାୟୁମଣ୍ଡଳର ଯବକ୍ଷାରଜାନକୁ ଆମୋନିଆରେ ପରିଣତ କରି ନିଜ କୋଷରେ ବିବନ୍ଧିତ କରିଥାନ୍ତି। ଜୀବାଣୁ ମରିଗଲେ, ସେହି ଯବକ୍ଷାରଯାନ ଗଛକୁ ମିଳିଥାଏ।

ଫସ୍‌ଫୋବ୍ୟାକ୍ଟର- ପ୍ରକୃତିରେ କେତେକ ଜୀବାଣୁ ଓ ଫିମ୍ପି,ଯେଉଁମାନେ କି ମୃତ୍ତିକାର ଅଦ୍ରବଣୀୟ ଫସ୍‌ଫରସକୁ ଦ୍ରବୀଭୂତ କରି ନିଜର ଆବଶ୍ୟକତା ପୂରଣ କରିବା ସହ ଫସଲକୁ ମଧ୍ୟ ଯୋଗାଇଥାନ୍ତି।

**ଏସିଟୋବ୍ୟାକ୍ଟର:** ଏହି ଜୀବାଣୁ ଚିନିଜାତୀୟ ଫସଲ ଯଥା- ଆଖୁ, ବିଟ, କନ୍ଦମୂଳ, ମିଠାଜୁଆର, ଫସଲରେ ଯବକ୍ଷାରଜାନ ବିବନ୍ଧନ କରିଥାନ୍ତି।

ପଟାସ ବ୍ୟାକ୍ଟେରିଆ କଲଚର ପ୍ରସ୍ତୁତି କରି ଫସଲରେ ପଟାସ ଅଭାବ ଦୂର କରିବା ପାଇଁ ବ୍ୟବହାର ହୋଇଥାଏ।

ଗନ୍ଧକ ଦ୍ରବୀଭୂତ କରିପାରୁଥିବା ଅଣୁଜୀବ ଅଦ୍ରବୀୟ ଜୈବିକ ଗନ୍ଧକ ଆକାରରେ ଫସଲକୁ ଯୋଗାଇଥାନ୍ତି। ଏମାନଙ୍କୁ ଗନ୍ଧକ ଅଣୁଜୀବ କୁହାଯାଏ।

**ଜୀବାଣୁ ସାର ବ୍ୟବହାରରେ ସାବଧାନତା:** ନିର୍ଦ୍ଦିଷ୍ଟ ଗଛରେ ନିର୍ଦ୍ଦିଷ୍ଟ ରାଇଜୋବିୟମ୍ ଜୀବାଣୁ ଗଣ୍ଠି ସୃଷ୍ଟି କରୁଥିବାରୁ ଠିକ୍ ରାଇଜୋବିୟମ ବ୍ୟବହାର କରନ୍ତୁ। ପ୍ୟାକେଟ୍ ଉପରେ ଲିଖିତ ନିର୍ଦ୍ଦିଷ୍ଟ ଦିନ ପୂର୍ବରୁ ବ୍ୟବହାର କରନ୍ତୁ। ଏହାକୁ ଟାଣ ଖରା ତଥା ଗରମରୁ ଦୂରରେ କୌଣସି ଏକ ଛାଇ ଓ ଥଣ୍ଡା ସ୍ଥାନରେ ରଖନ୍ତୁ। ଯଦି ବିହନ ବିଶୋଧନ କରିବାକୁ ହୁଏ, ଟ୍ରାଇକୋଡର୍ମା କବକ କଲଚର ଦ୍ୱାରା କରାଯିବା ଉଚିତ। ଜୀବାଣୁ ସାର ଉପଚାରର ୬ଘଣ୍ଟା ଭିତରେ ଉପଚାରିତ ବିହନ ବୁଣିବା ଆବଶ୍ୟକ।

**ରାସାୟନିକ ସାର ତୁଳନାରେ ଉପଯୋଗୀ:** ଏହାର ପ୍ରୟୋଗ ଦ୍ୱାରା ଫସଲକୁ ହେକ୍ଟର ପ୍ରତି ରାଇଜୋବିୟମ୍ କ୍ଷେତ୍ରରେ ୩୦-୭୦ କିଗ୍ରା ଯବକ୍ଷାରଜାନ, ଆଜୋଟୋବ୍ୟାକ୍ଟର ଓ ଆଜୋସ୍ପିରିଲମ୍ କ୍ଷେତ୍ରରେ ୧୦ରୁ ୨୫ କିଗ୍ରା ଯବକ୍ଷାରଜାନ ଓ ଫସ୍‌ଫୋବ୍ୟାକ୍ଟରରୁ ୨୦ରୁ ୩୦ କିଗ୍ରା ଫସ୍‌ଫରସ୍ ମିଳିଥାଏ। ଏହାଦ୍ୱାର ଶତକଡ଼ା ୧୫ରୁ ୪୦ ଭାଗ ଅଧିକ ଅମଳ ମିଳିଥାଏ। ଏହା ଗଛର ଶାଖା ପ୍ରଶାଖା ତଥା ଚେରର ବୃଦ୍ଧିରେ ସାହାଯ୍ୟ କରେ। ଏହାଦ୍ୱାରା ଯବକ୍ଷାରଜାନ ବ୍ୟତୀତ କେତେକ ବିଶେଷ ହରମୋନ ଓ ଖାଦ୍ୟସାର, ଭିଟାମିନ୍ ଗଛକୁ ମିଳେ। ଯାହାଦ୍ୱାରା ଅଙ୍କୁରୋଦ୍‌ଗମ କ୍ଷମତା ବୃଦ୍ଧି ପାଇବା ସହ ଗଛର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏହା ପରିବେଶ ଅନୁକୂଳ। ରାସାୟନିକ ସାର ତୁଳନାରେ ଅଧିକ ଉପଯୋଗୀ।

## ଉନ୍ନତ ଛେଳି ପ୍ରଜାତି

**ଆମ ରାଜ୍ୟରେ ବହୁଲୋକ ପଶୁପାଳନ କରନ୍ତି। ଯଦି ଛେଳି ପାଳନ କରୁଥାନ୍ତି, ତେବେ ଏହାର ଉନ୍ନତ ପ୍ରଜାତି ବିଷୟରେ ଜାଣିରଖନ୍ତୁ।**

**ରାଇଗର ଛେଳି:** କୋରାପୁଟ, ନବରଙ୍ଗପୁର, ଛତିଶଗଡ଼ ଆଦି ଜିଲ୍ଲାରେ ରାଇଗର ଛେଳି ଅଧିକ ଦେଖିବାକୁ ମିଳେ। ଏହା ବାଦାମୀ ଓ ଧୂସର ରଙ୍ଗର। କମ୍ ଉଚ୍ଚର ହୋଇଥିବାବେଳେ ଏହାର ମୁଣ୍ଡରେ ୨ଟି ଚାନ୍ଦି ଥାଏ, ଓଜନ ୨୫ରୁ ୩୫ କେଜି ହୁଏ। ୨ରୁ ୩ଟି ଛୁଆ ବହୁତ ସମୟରେ ଜନ୍ମ କରେ। ଏହି ଛେଳିର ପ୍ରଥମ ପ୍ରଜନନ ବୟସ ୨୮ ରୁ ୩୦ ମାସ।

**ସିରୋହୀ ଛେଳି:** ଏହି ପ୍ରଜାତିର ଛେଳି ରାଜସ୍ଥାନ ଓ ଗୁଜରାଟର କିଛି ସ୍ଥାନରୁ ଅଣାଯାଇଥାଏ। ବୟସ୍କ ବୋଦାର ଓଜନ ୪୫ରୁ ୫୦ କେଜି ହୋଇଥିବାବେଳେ ମାଈ ଛେଳିର ଓଜନ ୩୫ରୁ ୪୦ କେଜି। ପ୍ରଥମ ପ୍ରଜନନ ବୟସ ୨୦ ମାସ ହୋଇଥାଏ। ଏହି ଛେଳିର ଦୁଇଟି ପ୍ରଜନନରେ ବ୍ୟବଧାନ ୮ ମାସ। ୧ରୁ ୨ଟି ଛୁଆ ଦେଇଥାଏ।

ବିଟଲ୍: ପଞ୍ଜାବ, ସିଆଲକୋଟ୍, ହରିୟାଣାର ଏହି ପ୍ରଜାତି ଛେଳିକୁ ଆମ ରାଜ୍ୟର ଲୋକେ ପାଳନ କରି ଲାଭ ପାଉଛନ୍ତି। ଏହା ନାଲି, କଳା ଧୂସର ରଙ୍ଗର ହୋଇଥାଏ। ଅଣ୍ଡିରା ବୋଦା ୫୦ରୁ ୬୦ କେଜି ହୋଇଥିବାବେଳେ ମାଈ ୩୫ରୁ ୪୦ କେଜି। ପ୍ରଥମ ପ୍ରଜନନ ବୟସ ୨୬ ମାସ।



**ବେଙ୍ଗଲ ଛେଳି:** ଏହି ପ୍ରଜାତି ଛେଳି ଓଡ଼ିଶା, ପଶ୍ଚିମବଙ୍ଗ ଓ ବିହାରରେ ଦେଖାଯାନ୍ତି। ଗୋଟିଏ ବୟସ୍କ ବୋଦାର ଓଜନ ୨୫ରୁ ୩୦ କେଜି ଓ ମାଈର ଓଜନ ୨୦ରୁ ୨୨କେଜି। ସେହିପରି ୧୬ରୁ ୧୭ ମାସରେ ଏହା ପ୍ରଥମ ପ୍ରଜନନ ବୟସ ହୋଇଥିବାବେଳେ ଏହା ୨ରୁ ୩ଟି ଛୁଆ ଦେଇଥାଏ।

**ଗଞ୍ଜାମ ଛେଳି:** ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ପୁରୀ ଆଦି ଅଞ୍ଚଳରେ ଏହି ପ୍ରଜାତି ଛେଳି ପାଳନ କରାଯାଏ। ଏହାର ରଙ୍ଗ ବାଦାମୀ, କଳା ଓ କସରୀ। ଅଣ୍ଡିରା ଛେଳି ୪୪ କେଜି ହୋଇଥିବାବେଳେ ମାଈଛେଳି ୩୧ କେଜି। ଏହାର ଜନ୍ମ କରିବାର ବ୍ୟବଧାନ ହେଉଛି ୧୨ ମାସ। ଗଞ୍ଜାମ ଛେଳି ଥରକେ ଗୋଟିଏ ଛୁଆ ଜନ୍ମ ଦିଏ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ରବି ପନିପରିବାରେ ଘାସବାଛି କୋଡ଼ାଖୋସା କରନ୍ତୁ।
- ବର୍ତ୍ତମାନ କମ୍ ତାପମାତ୍ରା ଓ କୁହୁଡ଼ିଆ ପାଗ ରହୁଥିବାରୁ ଟମାଟୋରେ ପତ୍ରପୋଡ଼ାରୋଗ ଲାଗିବାର ସମ୍ଭାବନା ରହିଛି। ରୋଗର ନିୟନ୍ତ୍ରଣ ପାଇଁ ମେଟାଲାକ୍ସିଲ + ମାଙ୍କୋଜେବ ୪୦୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଗେଣ୍ଡୁରେ ଉକୁଣିଆ ପୋକ ନିୟନ୍ତ୍ରଣ ପାଇଁ ପ୍ରତି ୧ ଲିଟର ପାଣିରେ ୪ ମିଲି ଫିପ୍ରୋନିଲ ୫% ଏସ୍.ସିକୁ ମିଶ୍ରଣ କରି ସିଞ୍ଚନ୍ତୁ। ଏକର ପ୍ରତି ୮ ଟି ନୀଳ ରଙ୍ଗର ଯନ୍ତା ଲଗାନ୍ତୁ।
- ଶୀତଋତୁରେ କୁକୁଡ଼ାମାନଙ୍କୁ ଅଧିକ ପରିମାଣର ଖାଦ୍ୟ ଓ ପାଣି ଦିଅନ୍ତୁ। ତାପମାତ୍ରା ନିୟନ୍ତ୍ରଣ ପାଇଁ କୁକୁଡ଼ା ଗୃହରେ ୨୦୦ ୱାଟ୍‌ର ବଲ୍‌ବ ଲଗାନ୍ତୁ। କୁକୁଡ଼ାମାନଙ୍କୁ ଉଚିତ ସମୟରେ ଟିକାକରଣ କରନ୍ତୁ।



# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

## ୱେଷ୍ଟଇଣ୍ଡିଜରେ ବାଂଲାର ପ୍ରଥମ ବିଜୟ

କିଙ୍ଗସଟାଉନ, ୧୬ ।୧୨(ଏଜେନ୍ସି): ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟି-୨୦ ମ୍ୟାଚ୍‌ରେ ବାଂଲାଦେଶ ୭ ରନରେ ବିଜୟ ହାସଲ କରିଛି । ଟସ୍ ହାରି ବାଂଲାଦେଶ ୬ ୱିକେଟ ହରାଇ ୧୪୭ ରନ ସଂଗ୍ରହ କରିଥିଲା । ଜବାବରେ ୱେଷ୍ଟଇଣ୍ଡିଜ୍ ୧୯.୫ ଓଭରରେ ୧୪୦ ରନରେ ଅଲଆଉଟ ହୋଇ ବିଜୟଠାରୁ ୮ ରନ ଦୂରରେ ରହିଯାଇଥିଲା । ଏଥିସହ ବାଂଲାଦେଶ ୱେଷ୍ଟଇଣ୍ଡିଜ ମାଟିରେ ପ୍ରଥମ ଟି-୨୦ ବିଜୟ ହାସଲ କରିଛି । ୱେଷ୍ଟଇଣ୍ଡିଜର ରୋଭମାନ ପାୱେଲ୍ ୬୦, ରୋମାରିଓ ଶେଫର୍ଡ ୨୨ ଓ ଜନସନ ଚାର୍ଲ୍ସ ୨୦ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନଥିଲେ । ବାଂଲାଦେଶର ସୌମ୍ୟ ସରକାର ୪୩, ଜାକେର ଅଲି ୨୭, ମେହେଦି ହାସନ ୨୬, ଶାମିମ ହୋସେନ ୨୭ ରନ ସଂଗ୍ରହ କରିଥିଲେ । ବୋଲିଂରେ ୱେଷ୍ଟଇଣ୍ଡିଜର ଅକିଲ ହୋସେନ ଓ ଓବେଡ ମ୍ୟାକକୟ ୨ଟି ଲେଖାଏ ଅକ୍ତିଆର କରିଥିଲେ ।

### ନଗେଶ ଟ୍ରଫି ଦୃଷ୍ଟିହୀନ କ୍ରିକେଟ

## ୟୁପି, ଏମ୍‌ପିର ବୃହତ୍ ବିଜୟ

ଭୁବନେଶ୍ୱର, ୧୬।୧୨(ସମିସ): ଜାତୀୟ ଦୃଷ୍ଟିହୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ଖେଳାଯାଇଥିବା ଦୁଇଟି ଗ୍ରୁପ୍-ସି' ଲିଗ୍ ମ୍ୟାଚ୍‌ରେ ୟୁପି, ଏମ୍‌ପି ବୃହତ୍ ବିଜୟ ହାସଲ କରିଛନ୍ତି । ଆଜିର ପ୍ରଥମ ମ୍ୟାଚ୍‌ରେ ୟୁପି ୯ ୱିକେଟରେ ଚଣ୍ଡିଗଡ଼କୁ ଓ ଏମ୍‌ପି ୧୩୦ ରନ୍‌ରେ ତ୍ରିପୁରାକୁ ପରାସ୍ତ କରିଛି । ୟୁପିର ରବି ବର୍ମାଙ୍କୁ ଓ ୭୪ ବଲ୍‌ରେ ୧୨୫ ରନ୍ କରିଥିବା ଏମ୍‌ପିର ରାମପାଲ ଉଇକେଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । କ୍ରମାଗତ ୩ଟି ମ୍ୟାଚ୍ ଜିତି ସୁପର-୮'ରେ ପ୍ରବେଶ କରିସାରିଥିବା ଓଡ଼ିଶା ତାହାର ଶେଷ ଲିଗ୍ ମ୍ୟାଚ୍‌ରେ ଆସନ୍ତାକାଲି ଏମ୍‌ପିକୁ ଭେଟିବ ।

## ଆଜି ଫିଟ୍ ଇଣ୍ଡିଆ ସାଇକ୍ଲିଂ

କଟକ, ୧୬।୧୨(ସମିସ): 'ଫିଟ୍ ଇଣ୍ଡିଆ ସାଇକ୍ଲିଂ ଟ୍ୟୁଜଡେ' ମଙ୍ଗଳବାର ଦିନ ଭାରତର ଏକହଜାର ସ୍ଥାନରେ ଆୟୋଜନ ହେବ । କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଡଃ ମନସୁଖ ମାଣ୍ଡଭିୟ ଦିଲ୍ଲୀରେ ପତାକା ହଲାଇ ଏହି ପ୍ରତିଯୋଗିତାର ଶୁଭାରମ୍ଭ କରିବେ । ଏହି ପରିପ୍ରେକ୍ଷୀରେ ଜଗତପୁରସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଉତ୍କର୍ଷ କେନ୍ଦ୍ର ଆନୁକୂଲ୍ୟରେ ମଧ୍ୟ ଫିଟ୍ ଇଣ୍ଡିଆ ସାଇକ୍ଲିଂ ଟ୍ୟୁଜଡେ ଆୟୋଜନ ହେବ । ବାରବାଟୀ ଦୁର୍ଗରୁ ପ୍ରତିଯୋଗିତା ଆରମ୍ଭ ହେବ । ପ୍ରତିଯୋଗୀମାନେ ସମାଜ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ପୁଣି ଦୁର୍ଗ ନିକଟକୁ ଫେରିବେ ।

## ସୋସାଇଟି ପ୍ରିମିୟର ଲିଗ୍ ଆରମ୍ଭ

ଭୁବନେଶ୍ୱର, ୧୬ ।୧୨(ସମିସ): ଷ୍ଟ୍ରଙ୍ଗର ଟୁଗେଦର ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ସ୍ଥାନୀୟ ସେଞ୍ଚୁରିଅନ ବିଦ୍ୟାଳୟ ପରିସରରେ ସୋସାଇଟି ପ୍ରିମିୟର ଲିଗ୍ (ଏସ୍‌ପିଏଲ୍) ର ୫ମ ସଂସ୍କରଣ ଆରମ୍ଭ ହୋଇଛି । ଏହି ଲିଗ୍‌ରେ ବଡ଼ବଡ଼ ହାଉସିଂ ସୋସାଇଟି ଟ୍ରାଇଡେଣ୍ଟ ଗ୍ୟାଲାକ୍ସି, ଟାଟା ଏରିନା, ବିପୁଲ ଗାର୍ଡେନ୍ସ, ଆଲିସାନ ଇନ୍‌ଫିନିଆ, କସ୍ମୋପଲିସ୍, ଫାଲକନ କ୍ରେଷ୍ଟ, ରୟାଲ ଲାଗୁନ୍ ଓ ତାମାରିଣ୍ଡ ଟେରାସେସ୍ ଦଳ ଭାଗ ନେଇଛନ୍ତି । ଟ୍ରାଇଡେଣ୍ଟ ଗାଲାକ୍ସିଆନ ଓ ଆରିଆନ ଷ୍ଟ୍ରାଇକର୍ସ ଦୁଇଟି ଲେଖାଏ ମ୍ୟାଚ୍ ଜିତି ପଏଣ୍ଟ ଟେବଲର ଶୀର୍ଷରେ ରହିଛନ୍ତି । ଆସନ୍ତା ୨୨ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ । ଉତ୍ସବରେ ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର କୁଳପତି ସୁପ୍ରିୟା ପଟ୍ଟନାୟକ, କ୍ରୀଡ଼ା ନିର୍ଦ୍ଦେଶକ ରବିନାରାୟଣ ରାଉତ, ମୋତୱାନୀ କନଷ୍ଟ୍ରକସନର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ମୋତୱାନୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ ।

### ବ୍ରିସ୍‌ବେନ୍ ଟେଷ୍ଟ: ଅଷ୍ଟ୍ରେଲିଆ ୪୪୫; ଭାରତ ୫୧/୪

# ବ୍ୟାଟିଂ ବିପର୍ଯ୍ୟୟ ପରେ ବର୍ଷା



ବ୍ରିସ୍‌ବେନ୍, ୧୬।୧୨(ଏଜେନ୍ସି): ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିର ଏଠାରେ ଚାଲିଥିବା ତୃତୀୟ ଟେଷ୍ଟର ବର୍ଷା ବାଧାପ୍ରାପ୍ତ ତୃତୀୟ ଦିନରେ ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ୪୪୫ ରନ୍‌ରେ ଆଉଟ ହେବା ପରେ ଭାରତ ବ୍ୟାଟିଂ ଆରମ୍ଭ କରି ୧୭ ଓଭରରେ ୪ ୱିକେଟ ହରାଇ ୫୪ ରନ୍ କରିଛି । ବାରମ୍ବାର ବର୍ଷା ଯୋଗୁଁ ଭାରତର ଇନିଂସ ବାଧାପ୍ରାପ୍ତ ହେବା ପରେ ତୃତୀୟ ଦିନର ଖେଳକୁ ବନ୍ଦ ରଖାଯାଇଛି । କିନ୍ତୁ ଭାରତ ଯଶସ୍ୱୀ ଜୟସ୍ୱାଲଙ୍କୁ ୪, ଶୁବମାନ ଗିଲ୍‌ଙ୍କୁ ୧, ବିରାଟ କୋହଲିଙ୍କୁ ୩ ଓ ଭରସାଯୋଗ୍ୟ ଋଷଭ ପନ୍ତଙ୍କୁ ୯ ରନ୍‌ରେ ହରାଇବା ପରେ ଦଳ ସଂକଟର ସମ୍ମୁଖୀନ ହୋଇଛି । ବର୍ଷା ଯୋଗୁଁ ଖେଳ ବନ୍ଦ ହେଲା ବେଳକୁ ଲୋକେଶ ରାହୁଲ ୬୪ଟି ବଲ୍ ଖେଳି ୩୩ ଓ ନଂ-୬ରେ ବ୍ୟାଟିଂ କରିବାକୁ ଆସି ଅଧିନାୟକ ରୋହିତ ଶର୍ମା ୬ ବଲ୍‌ର ସମ୍ମୁଖୀନ ହୋଇ ବିନା ରନ୍‌ରେ ବ୍ୟାଟିଂ କରୁଥିଲେ । ଆସନ୍ତାକାଲି ଚତୁର୍ଥ ଦିନ ଖେଳରେ ଅଧିକ ବର୍ଷା ହେବର ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଆଜି ଭଳି ବର୍ଷା ହେବା ଓ ଛାଡ଼ିବା ମଧ୍ୟରେ ଭାରତ ବ୍ୟାଟିଂ କଲେ ଦଳ ଲାଗି ଘାତକ ସାବ୍ୟସ୍ତ ହେବାର ଯଥେଷ୍ଟ ଆଶଙ୍କା ରହିଛି । ଭାରତ ପକ୍ଷରୁ ଜୟସ୍ୱାଲ ପ୍ରଥମ ଟେଷ୍ଟରେ ଶତକ ହାସଲ କରିବା ପରେ ଅଷ୍ଟ୍ରେଲିଆରେ କିପରି ବ୍ୟାଟିଂ କରିବାକୁ ହେବ ତାହା ଭୁଲି ଯାଇଛନ୍ତି । ଗିଲ ଓ କୋହଲି ମଧ୍ୟ ଅନାବଶ୍ୟକ ଭାବେ ଅଫ୍ ଷ୍ଟମ୍ପ ବାହାର ବଲ୍‌କୁ ଖେଳିବାକୁ ଯାଇ କ୍ୟାଚ୍ ଆଉଟ ହୋଇଛନ୍ତି । ଋଷଭ ମଧ୍ୟ ଅଯଥାରେ ସଟ ମାରିବାକୁ ଯାଇ କଟ୍ ବିହାଇଣ୍ଡ ହୋଇଥିଲେ । ଏମାନଙ୍କ ଅପରିଣାମଦର୍ଶୀ ବ୍ୟାଟିଂ ଯୋଗୁଁ ଭାରତ କ୍ରାଗତ ଦ୍ୱିତୀୟ ଟେଷ୍ଟରେ ବିପଦରେ ପଡ଼ିଛି । ଏଭଳି ପ୍ରଦର୍ଶନ ବଜାୟ ରହିଲେ ଭାରତ ଯେ କ୍ରମାଗତ ଦ୍ୱିତୀୟ ଟେଷ୍ଟରେ ପରାଜିତ ହେବାର ସମ୍ଭାବନାକୁ ଏଡ଼ାଇ ଦେଇ ହେବ ନାହିଁ । ଅଷ୍ଟ୍ରେଲିଆ ପକ୍ଷରୁ ୩ଜଣ ଯାକ ପେସ୍ ବୋଲର ସଫଳତା ପାଇଛନ୍ତି । ସେମାନଙ୍କ ମଧ୍ୟରୁ ଜୟସ୍ୱାଲ ଓ ଗିଲ୍‌ଙ୍କୁ ମିଚେଲ ଷ୍ଟାର୍କ, କୋହଲିଙ୍କୁ ହାଜ୍‌ଲେଉଡ୍ ଓ ପନ୍ତଙ୍କୁ କମିନ୍ସ ଆଉଟ କରିଛନ୍ତି । ଏମାନଙ୍କ ଶୃଙ୍ଖଳିତ ପ୍ରଦର୍ଶନ ଭାରତ ଲାଗି ଅଡୁଆ ପରିସ୍ଥିତି ସୃଷ୍ଟି କରିଛି ।

ପୂର୍ବରୁ ଅଷ୍ଟ୍ରେଲିଆ ତାହାର ଅସମାପ୍ତ ପ୍ରଥମ ଇନିଂସ ୭ ୱିକେଟରେ ୪୦୫ ରନ୍‌ରୁ ଖେଳ ଆରମ୍ଭ କରି ୪୪୫ ରେ ଅଲଆଉଟ ହୋଇଥିଲା । ପୂର୍ବଦିନର ଅପରାଜିତ ବ୍ୟାଟର ଆଲେକ୍ସ କ୍ୟାରୀ ୭୦ ଓ ଷ୍ଟାର୍କ ୧୮ ରନ୍ କରିଥିଲେ । ଦ୍ୱିତୀୟ ଦିନରେ ଷ୍ଟିଭେନ୍ ସ୍ମିଥ୍ ୧୦୧ ଓ ଟ୍ରାଭିସ୍ ହେଡ୍ ୧୫୨ ରନ୍ କରି ଭାରତ ନିକଟରୁ ନିୟନ୍ତ୍ରଣ ନେଇଯାଇଥିଲେ । ଏହି ଇନିଂସରେ ଭାରତର ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ସର୍ବାଧିକ ୬ ୱିକେଟ ଅକ୍ତିଆର କରିଥିଲେ । କିନ୍ତୁ ଏଥିଲାଗି ସେ ଓଭରପ୍ରତି ୨.୭୦ ହାରରେ ୭୬ ରନ୍ ବ୍ୟୟ କରିଥିଲେ । ମହମ୍ମଦ ସିରାଜଙ୍କୁ ୨ଟି, ଆକାଶ ଦୀପ ଓ ନୀତୀଶ ରେଡ୍ଡୀଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା ।

### ୱିଲିୟମ୍‌ସନ୍‌ଙ୍କ ଶତକ

## ନ୍ୟୁଜିଲାଣ୍ଡ ବିଜୟ ଆଡ଼କୁ ଅଗ୍ରସର

ହାମିଲଟନ, ୧୬ ।୧୨(ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ତଥା ଅନ୍ତିମ ଟେଷ୍ଟରେ ଇଂଲଣ୍ଡ ବ୍ୟାକ୍‌ଫୁଟ୍‌କୁ ଯାଇଛି । ପ୍ରଥମ ପାଳିରେ ନ୍ୟୁଜିଲାଣ୍ଡ ୨୦୪ ରନ୍‌ର ଅଗ୍ରଣୀ ହାସଲ କରିବାପରେ ଦ୍ୱିତୀୟ ପାଳିରେ ୧୦୧.୪ ଓଭରରେ ୪୫୩ ରନକରି ଅଲ୍ ଆଉଟ ହୋଇଥିଲା । ଫଳରେ ଇଂଲଣ୍ଡ ସମ୍ମୁଖରେ ୬୫୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଜବାବରେ ଇଂଲଣ୍ଡ ଦ୍ୱିତୀୟ ପାଳି ଆରମ୍ଭ କରି ସୋମବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୬ ଓଭରରେ ୨ ୱିକେଟ ହରାଇ ୧୮ ରନ ସଂଗ୍ରହ କରି ବିପଦରେ ପଡ଼ିଛି । ଷ୍ଟମ୍ପ ଅପସାରଣ ବେଳକୁ ଜ୍ୟାକବ ବେଥେଲ ୯ ଓ ଅଭିଜ୍ଞ ଜୋ ରୁଟ୍ ବିନା ସ୍କୋରରେ ଅପରାଜିତ ରହିଛନ୍ତି । ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୩୬/୩ରୁ ଖେଳ ଆରମ୍ଭ କରି ନ୍ୟୁଜିଲାଣ୍ଡ ଅଲଆଉଟ ହୋଇଥିଲା । ଓଭରନାଇଟସ୍କୋର ୫୦ରୁ ଖେଳଆରମ୍ଭ କରି କେନ୍ ୱିଲିୟମସନ ୧୫୬ ରନର ବୃହତ୍ ଶତକୀୟ ପାଳି ଖେଳିଥିଲେ ।

## ସ୍ୱଦେଶ ଫେରିଲେ ବିଶ୍ୱ ଚେସ୍ ଚାମ୍ପିଅନ୍ ଗୁକେଶ




ଚେନ୍ନଇ, ୧୬ ।୧୨(ଏଜେନ୍ସି): ସର୍ବକନିଷ୍ଠ ଖେଳାଳି ଭାବେ ବିଶ୍ୱ ଚେସ୍ ଚାମ୍ପିଅନସିପ୍‌ରେ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଥିବା ଗୁକେଶ ଦୋମ୍ମାରାଜୁ ସୋମବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି । ସିଙ୍ଗାପୁରରୁ ପ୍ରତ୍ୟାବର୍ତ୍ତନ କରି ଗୁକେଶ ଚେନ୍ନାଇରେ ପହଞ୍ଚିଛନ୍ତି । ତାଙ୍କୁ ସ୍ୱାଗତ କରିବା ପାଇଁ ଚେନ୍ନାଇ ବିମାନ ବନ୍ଦରରେ ଶହ ଶହ ପ୍ରଶଂସକ ଉପସ୍ଥିତ ଥିଲେ । ଗୁକେଶ ଗତ ୧୨ ତାରିଖରେ ସିଙ୍ଗାପୁରରେ ଚୀନ୍‌ର ଡିଙ୍ଗ ଲିରେନଙ୍କୁ ୭.୫-୬.୫ ପଏଣ୍ଟ ପରାସ୍ତ କରି ବିଶ୍ୱ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲେ । ବିଶ୍ୱନାଥନ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ଖେଳାଳି ଭାବେ ୧୮ ବର୍ଷୀୟ ଗୁକେଶ ବିଶ୍ୱ ଚାମ୍ପିଅନ ହୋଇଥିଲେ । ଆନନ୍ଦ ୨୦୧୨ରେ ବିଶ୍ୱ ଚାମ୍ପିଅନ ହୋଇ ଏହି ସଫଳତା ହାସଲ କରିଥିଲେ । ପୂର୍ବରୁ ଗୁକେଶ ୧୭ ବର୍ଷରେ ଫିଡେ କ୍ୟାଣ୍ଡିଡେଟ୍ ଚେସ୍ ଟୁର୍ଣ୍ଣାମେଣ୍ଟ ଜିତିଥିଲେ । ବିଶ୍ୱ ଚାମ୍ପିଅନ ଭାବେ ତାଙ୍କୁ ୧୧ କୋଟି ୪୫ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ମିଳିଥିଲା ।

### ସନ୍ତୋଷ ଟ୍ରଫି ଫାଇନାଲ ରାଉଣ୍ଡ

## ପ୍ରଥମ ଲିଗ୍‌ରେ ଓଡ଼ିଶା ପରାସ୍ତ

କଟକ, ୧୬।୧୨(ସମିସ): ୭୮ତମ ବରିଷ୍ଠ ପୁରୁଷ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡ ଆରମ୍ଭ ହୋଇଛି । ଆଜି ହାଇଦ୍ରାବାଦର ଡେକାନ ଏରେନାରେ ଓଡ଼ିଶା ପ୍ରଥମ ଲିଗ୍ ମ୍ୟାଚ୍‌ରେ ଦିଲ୍ଲୀକୁ ଭେଟିଥିଲା । ପ୍ରଥମରୁ ହିଁ ଦଳକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି । ଦିଲ୍ଲୀ ଏହି ମ୍ୟାଚ୍ ୨-୦ ଗୋଲରେ ଜିତିଥିଲା । ଖେଳର ପ୍ରଥମାର୍ଦ୍ଧରେ ଦିଲ୍ଲୀ ପକ୍ଷରୁ ୨ଟି ଯାକ ଗୋଲ ସ୍କୋର ହୋଇଥିଲା । ୮ମ ମିନିଟରେ ଜୟଦୀପ ସିଂହ ଏବଂ ୪୩ତମ ମିନିଟରେ ରୋହିମ ଥାଙ୍ଗା ଗୋଟିଏ ଲେଖାଏ ଗୋଲ ଦେଇଥିଲେ । ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ଖେଳାଳିମାନେ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ ।

### ■ ଜାତୀୟ ମହିଳା ଫୁଟ୍‌ବଲ୍

## ସେମିଫାଇନାଲ୍ ଆଶାରେ ଓଡ଼ିଶା



ମାଳତୀ ମୁଣ୍ଡା

କଟକ, ୧୬।୧୨(ସମିସ): ୨୯ତମ ବରିଷ୍ଠ ମହିଳା ଜାତୀୟ ଫୁଟବଲ ଚାମ୍ପିଅନସିପ ଜିଜାବାଇ ଟ୍ରଫିରେ ସୋମବାର ଖେଳାଯାଇଥିବା ତାମିଲନାଡୁ ବିପକ୍ଷ ମ୍ୟାଚ୍‌କୁ ଓଡ଼ିଶା ଡ୍ର ରଖିଛି । ଛତିଶଗଡ଼ର ଆରକେଏମ ଆଶ୍ରମ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍ ୧-୧ ଗୋଲରେ ଶେଷ ହୋଇଥିଲା । ଉଭୟ ଦଳ ପ୍ରଥମାର୍ଦ୍ଧରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ । ୧୨ ମିନିଟରେ ତାମିଲନାଡୁର ସନ୍ଧ୍ୟା ରଙ୍ଗନାଥନ ଗୋଲ ଦେଇଥିଲେ । ଓଡ଼ିଶାର ଫରୱାର୍ଡ ମାଳତୀ ମୁଣ୍ଡା ୨୪ତମ ମିନିଟରେ ଗୋଲ ଦେଇ ମ୍ୟାଚ୍ ବରାବର କରିଥିଲେ । ଦ୍ୱିତୀୟାର୍ଦ୍ଧ ଗୋଲ ଶୂନ୍ୟ ରହିବା ଯୋଗୁଁ ଉଭୟ ଦଳ ମଧ୍ୟରେ ପଏଣ୍ଟ ଭାଗ ହୋଇଛି । ତେବେ ଏହି ଫଳାଫଳ ସହ ଓଡ଼ିଶା ଫାଇନାଲ ରାଉଣ୍ଡ ଗ୍ରୁପ-ଏ ଟେବଲର ୨ୟ ସ୍ଥାନକୁ ଉନ୍ନୀତ ହୋଇଛି । ୪ଟି ମ୍ୟାଚ୍‌ରୁ ୨ଟି ବିଜୟ, ଗୋଟିଏ ଲେଖାଏ ପରାଜୟ ଏବଂ ଅମୀମାଂସିତ ଫଳାଫଳ ସହ ଦଳ ୭ ପଏଣ୍ଟ ପାଇଛି । ଗ୍ରୁପରେ ଅନ୍ୟ ଦଳର ମ୍ୟାଚ୍ ବଳକା ଥିବା ସତ୍ତ୍ୱେ ଓଡ଼ିଶା ନିମନ୍ତେ ସେମି ଫାଇନାଲ ଆଶା ଦୃଢ଼ୀଭୂତ ହୋଇଛି ।

### ■ ବାହାରିନ ପାରା ବ୍ୟାଡ୍‌ମିଣ୍ଟନ୍

## ଦୀପ୍‌ରଞ୍ଜନଙ୍କୁ ରୌପ୍ୟ, ଶୁଭ୍ରଜିତଙ୍କୁ କାଂସ୍ୟ



ଭୁବନେଶ୍ୱର, ୧୬ ।୧୨(ସମିସ): ମଧ୍ୟପ୍ରାଚ୍ୟ ଦେଶ ବାହାରିନର ମାନାମାରେ ଅନୁଷ୍ଠିତ ବାହାରିନ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଆ ଖେଳାଳିମାନେ ଦୁଇଟି ପଦକ ଜିତିଛନ୍ତି । ଗତ ୧୦ରୁ ୧୫ ତାରିଖ ମଧ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ଦୀପରଞ୍ଜନ ବିଶୋଇ ରୌପ୍ୟ ଓ ଶୁଭ୍ରଜିତ ମହାରଣା କାଂସ୍ୟ ହାସଲ କରିଛନ୍ତି । ପୁରୁଷ ଯୁଗଳ ଏସ୍‌ଏଲ୍ ୩- ଏସ୍‌ଏଲ୍ ୪ ବର୍ଗରେ ରନର୍ସଅପ ହୋଇ ରୌପ୍ୟ ହାସଲ କରିଛନ୍ତି । ସେ ମନୋଜ ସରକାରଙ୍କ ସହ ସାଥି ହୋଇ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିଲେ । ଫାଇନାଲରେ ଏହି ଯୋଡି ଇଣ୍ଡୋନେସିଆର ଫ୍ରେଡି ସେତିୱାନ ଓ ଦ୍ୱିୟୋକୋ ଦିୟୋକୋଙ୍କଠାରୁ ୧୪-୨୧, ୧୮-୨୧ରେ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲେ । ସେହିପରି ଏହି ଇଭେଣ୍ଟରେ ଓଡ଼ିଶାର ଶୁଭ୍ରଜିତ ମହାରଣା ଓ ଜଗଦୀଶ ଦିଲି ୧୪-୨୧, ୧୪-୨୧ରେ ଦୀପରଞ୍ଜନ ଓ ମନୋଜଙ୍କଠାରୁ ପରାସ୍ତ ହୋଇ କାଂସ୍ୟ ଜିତିଛନ୍ତି ।

### ବରିଷ୍ଠ ମହିଳା ଏକଦିବସୀୟ କ୍ରିକେଟ

## ହାଇଦ୍ରାବାଦକୁ ହରାଇ ଓଡ଼ିଶାର ଅଭିଯାନ ଶେଷ




କଟକ, ୧୬।୧୨(ସମିସ): ବରିଷ୍ଠ ମହିଳା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି । ଲିଗ୍ ପର୍ଯ୍ୟାୟରେ ୭ଟି ମ୍ୟାଚ୍‌ରୁ ୪ଟି ବିଜୟ ୩ଟି ପରାଜୟ ସହ ୧୬ ପଏଣ୍ଟ ହାସଲ କରି ଓଡ଼ିଶା ଗ୍ରୁପ-ବି ଟେବଲର ୪ର୍ଥ ସ୍ଥାନରେ ରହିଛି । ଏହି ଗ୍ରୁପରେ ମୁମ୍ବାଇ ଶୀର୍ଷ ସ୍ଥାନରେ ରହି ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିଛି । ସୋମବାର ଖେଳାଯାଇଥିବା ଅନ୍ତିମ ଲିଗ୍‌ରେ ଓଡ଼ିଶା ୫୬ରନରେ ହାଇଦ୍ରାବାଦକୁ ପରାସ୍ତ କରିଥିଲା । ଅହମ୍ମଦାବାଦର ମୋଟେରା ଷ୍ଟାଡିୟମରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୮ ୱିକେଟ ବିନିମୟରେ ୧୯୯ରନ କରିଥିଲା । ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ସର୍ବାଧିକ ୫୭ରନ ଏବଂ ଜାନକୀ ରେଡ୍ଡୀ ୪୨ରନ କରିଥିଲେ । ହାଇଦ୍ରାବାଦର ଗୌହର ସୁଲତାନ ୨ଟି ୱିକେଟ ଅକ୍ତିଆର କରିଥିଲେ । ଜବାବରେ ହାଇଦ୍ରାବାଦ୍ ୧୪୩ରନରେ ଅଲଆଉଟ ହୋଇଛି । କୁଞ୍ଜଳ ନୀତିଶା ୩୨ରନର ସଂଘର୍ଷପୂର୍ଣ୍ଣ ପାଳି ଖେଳିଥିଲେ । ବିଜୟୀ ଓଡ଼ିଶା ତରଫରୁ ଜାନକୀ ୩ଟି ଏବଂ ସୁଶ୍ରୀ ୨ଟି ୱିକେଟ ଦଖଲ କରିଥିଲେ ।

### ଓଡ଼ିଶା ଓପନ୍ ଜିଏମ୍ ଚେସ୍ ମହୋତ୍ସବ

## କାଟାଗୋରୀ-ବି' ମିଳିତ ଶୀର୍ଷରେ ୫ ଓଡ଼ିଆ

ଭୁବନେଶ୍ୱର, ୧୬।୧୨(ସମିସ): ଓଡ଼ିଶା ଓପନ ଗ୍ରାଣ୍ଡମାଷ୍ଟର ଚେସ୍ ଟୁର୍ଣ୍ଣାମେଣ୍ଟର ସୋମବାର ଦ୍ୱିତୀୟ ରାଉଣ୍ଡ ଖେଳ ଶେଷ ହୋଇଛି । ଦ୍ୱିତୀୟ ରାଉଣ୍ଡ ପରେ ୩୧ଜଣ ଖେଳାଳି ୨ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି । ଏମାନଙ୍କ ମଧ୍ୟରେ ଓଡ଼ିଶାର ପ୍ରିଂଶ ଦାସ, ଉତ୍କଳରଞ୍ଜନ ସାହୁ, ସମ୍ବିତ ପଣ୍ଡା ଓ ରାକେଶ ନାୟକ ଅଛନ୍ତି । ଦ୍ୱିତୀୟ ରାଉଣ୍ଡରେ ଜିଏମ୍ ବୋରିସ୍ ସାଭଚେଙ୍କୋଙ୍କ ସହ ତୁର୍କମେନିସ୍ତାନର ଆଲାୟର ଶିର୍ଲିୟେଭ୍, କଲମ୍ବିଆ ଜିଏମ୍ ରିଓସ ଗୋମେଜ୍‌ଙ୍କ ସହ କ୍ୟାଣ୍ଡିଡେଟ୍ସ ମାଷ୍ଟର ମାଧବେନ୍ଦ୍ର ପ୍ରତାପ, ଆଇଏମ୍ ଶୁଭାୟନ କୁଣ୍ଡୁ (ରେଟିଂ-୨୩୯୫)ଙ୍କ ସହ ୨୧୪୯ ରେଟିଂପ୍ରାପ୍ତ ଓଡ଼ିଶାର ବୈଭବ ମିଶ୍ର ମ୍ୟାଚ୍ ଡ୍ର ରଖି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ।

ସୋମବାର ସୁଦ୍ଧା କାଟାଗୋରୀ-ବି'ର ୫ ରାଉଣ୍ଡ ଖେଳ ଶେଷ ହୋଇଛି । ଏହି ୫ ରାଉଣ୍ଡରୁ ୪.୫ ପଏଣ୍ଟ ଲେଖାଏଁ ହାସଲ କରି ୮ ଜଣ ଖେଳାଳି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି । ଏହି ୮ଜଣଙ୍କ ମଧ୍ୟରେ ୫ଜଣ ଓଡ଼ିଆ ଖେଳାଳି ରହିଛନ୍ତି । ସେମାନେ ହେଲେ ସୁଧୀର କୁମାର ବେହେରା, ସୃଜନ ପ୍ରଣୟୀ ରାୟ, ପ୍ରତ୍ୟୁଷ ନାୟକ, ସ୍ଥିତପ୍ରଜ୍ଞ ସାହୁ ଓ ବିଶ୍ୱପ୍ରୀତ୍ ରାୟ । ଅନ୍ୟ ରାଜ୍ୟର ୩ଜଣ ଖେଳାଳି ଯଥା ମହାରାଷ୍ଟ୍ରର ଓମ୍‌କାର କାଦଭ, ଝାଡ଼ଖଣ୍ଡର ବିଭାସ କୁମାର ସିହ୍ନା, ତେଲଙ୍ଗାନାର ପି. କାର୍ଯ୍ୟଶିଳ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି । ଏମାନଙ୍କ ପଛକୁ ୧୭ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଓଡ଼ିଶାର ୧୦ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି । ୧୦ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟ ଡିସେମ୍ବର ୧୮ରେ ଶେଷ ହେବ ।



### ରାଜ୍ୟ ଓପନ୍ ସ୍କୁଲ ଚେସ୍

## ତ୍ରିଦେବଙ୍କୁ ଟାଇଟଲ୍




ଭୁବନେଶ୍ୱର, ୧୬।୧୨(ସମିସ): କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ର ଛାତ୍ର ତ୍ରିଦେବ ତୀର୍ଥଙ୍କର ଓମ୍ ଗୁରୁକୂଳ ପବ୍ଲିକ୍ ସ୍କୁଲ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ରାଜ୍ୟ ଓପନ ସ୍କୁଲ ଚେସ୍‌ରେ ଟାଇଟଲ ବିଜୟୀ ହୋଇଛନ୍ତି । ସେ ୫ ରାଉଣ୍ଡରୁ ୫ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଥିଲେ । କଟକର ସତ୍ୟମ ସ୍ୱରୂପ ସାହୁ, ସାଇରଞ୍ଜନ ମିଶ୍ର, ଜଟଣୀର ହିମାଂଶୁ ଶେଖର ସାହୁ ଓ ବିଜେବି ନଗରର ଆଦି ଆୟୁଷ୍ମାନ ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି । ଏହି ପ୍ରତିଯୋଗିତାକୁ ଓମ୍ ଗୁରୁକୂଳ ସ୍କୁଲ୍‌ର ଏମ୍‌ଡି ଲକ୍ଷ୍ମୀଧର ବେହେରା ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ଅଧ୍ୟକ୍ଷ ମନୋରଞ୍ଜନ ବିଶ୍ୱାଳ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ଯୋଗ ଦେଇଥିଲେ । କନୋଜ ବେହେରା ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଥିଲାବେଳେ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ ।

ନନ୍ଦିଘୋଷ

**'ନନ୍ଦିଘୋଷ ଟିଭି'**

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି । ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ ।

| ପଦବୀ | ଅଭିଜ୍ଞତା |
|---|---|
| ୧) ଭିଡିଓ ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |
| ୪) ଆସିଷ୍ଟାଣ୍ଟ ମ୍ୟାନେଜର (ସେଲ୍ସ) | ଏମ୍.ବି.ଏ. ଡିଗ୍ରୀ ସହିତ ୩ ରୁ ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୨୨ ଡିସେମ୍ବର ୨୦୨୪ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS